# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୩୦/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, April 30/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୧୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 155 | ମୂଲ୍ୟ ₹୭/-








## ଧର୍ମ ନୁହେଁ ଚାଷ

ଓଡ଼ିଶାର ବିକାଶର ମହତ୍ୱପୂର୍ଣ୍ଣ ଦିଗ ଥିଲା ଚାଷ। ଜମିଚାଷ ସହିତ ଗୋଚାଷ, ମତ୍ସ୍ୟ ଚାଷ ତା' ସହିତ ଜଡ଼ିତ ଥିଲା। ତେଣୁ ସମାଜର ଅର୍ଥନୈତିକ ବିକାଶ ପାଇଁ ଚାଷକୁ ନେଇ ବହୁ ପୁଣ୍ୟ/ପର୍ବ/ ଉତ୍ସବ ପ୍ରଭୃତି ଗଢ଼ି ଉଠିଥିଲା। ଚାଷ ଓ ଚାଷୀ ଉଭୟଙ୍କ ପାଇଁ ସମର୍ପିତ ଭାବ ଏବଂ ଚାଷ ପାଇଁ ନିଷ୍ଠା ଦୁଇଟି ଯାକ ମୂଳ ଆଧାର ଥିଲା।

ଚାଷୀ ଚାଷ ଅନୁକୂଳ କରି ବୀଜ ବପନ କରୁଥିବା ତିଥି 'ଅକ୍ଷୟ ତୃତୀୟା' ଯେବେ ଧାନ ଗର୍ଭଧାରଣ କରୁଥିଲା, ଚାଷୀର ସ୍ୱପ୍ନ ସାକାର ହେଉଥିଲା। ତାହା ବି ଆମର ପରମ୍ପରାରେ 'ଗର୍ଭଣା ସଂକ୍ରାନ୍ତି' ଭାବରେ ବିଦିତ। ସେ ଦିନ ବି ଚାଷ ଜମି ପାଖରେ ସ୍ୱତନ୍ତ୍ର କୃତଜ୍ଞତାର ସହିତ ସମର୍ପଣ ଭୋଗ ହୋଇଥାଏ। ଏହା ପୂର୍ବରୁ ଏକ ସଂକ୍ରାନ୍ତି ଆମର ପ୍ରସିଦ୍ଧ। ରଜ ସଂକ୍ରାନ୍ତି। ଚାଷୀ ବିଶ୍ୱାସ କରେ ଧରିତ୍ରୀ ସେହି ଦିନ ରଜବତୀ ହୁଏ। ତାହା ତିନିଦିନ ଧରି ପାଳନ କରୁଥିଲା। ଶସ୍ୟ ଫଳିବା ପରେ ପ୍ରଥମ ଶସ୍ୟକୁ ନେଇ ଯେପରି ନୂଆଁଖାଇ ପାଳିତ ହୁଏ ସେହିପରି ଗୁରୁବାର ମାଣବସା। ଏସବୁ ପର୍ବ ମୁଖ୍ୟତଃ ଚାଷକୁ ନେଇ ହୋଇଥିଲେ ବି ଧାର୍ମିକ ଆଖ୍ୟା ଦିଆଯିବା ଦେଖାଯାଏ। ପ୍ରକୃତପକ୍ଷେ ଚାଷ ପ୍ରତି ମନନଶୀଳତା ହିଁ ଉପରୋକ୍ତ ପର୍ବ ସୃଷ୍ଟିର ମୂଳ।

**- ଡ. ସୁରେନ୍ଦ୍ର କୁମାର ମିଶ୍ର,** ଐତିହ୍ୟ ବିଶାରଦ, ପୁରୀ



## ଅକ୍ଷୟ ତୃତୀୟାର ବିଶେଷତ୍ୱ

ବୈଶାଖ ଶୁକ୍ଳ ତୃତୀୟା, 'ଅକ୍ଷୟ ତୃତୀୟା' ଭାବେ ପରିଚିତ। ଏହି ଦିନଟି କୃଷି ପ୍ରଧାନ ରାଜ୍ୟ ଓଡ଼ିଶା ଏବଂ ରାଜ୍ୟର କୃଷକଙ୍କ ପାଇଁ ବିଶେଷ ଗୁରୁତ୍ୱ ବହନ କରିଥାଏ। ଏହିଦିନକୁ ଔପଚାରିକ ଭାବେ ସରକାରୀ ସ୍ତରରେ 'କୃଷକ ଦିବସ' ରୂପେ ମଧ୍ୟ ପାଳନ କରାଯାଉଛି। ଅକ୍ଷୟ ତୃତୀୟାକୁ ନେଇ ଚାଷୀ ପରିବାରର ପ୍ରତିଟି ସଦସ୍ୟଙ୍କ ଭିତରେ ରହିଥାଏ ଉତ୍ସାହ ଓ ଆନନ୍ଦ। ଘରର ମୁଖ୍ୟ ଚାଷୀ ନିଜ ସ୍ତ୍ରୀଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣି(ଭୁଗୁଲି)କୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ଘର ତିଆରି ପିଠାପଣା, ଫୁଲ, ଫଳ ଧରି ହଳ ଲଙ୍ଗଳ ସହ ନିଜ କ୍ଷେତ (ଚାଷ ଜମି)କୁ ଯାଇଥାନ୍ତି। ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା ସହ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରିର ଈଶାଣ କୋଣରେ ପୋତି ହଳ ବୁଲାଇଥାନ୍ତି। ଏହାପରେ ମୁଠା ମୁଠା ଧାନ ବିହନ(ଅଖିମୁଠି) ଚାଷଜମିରେ ବୁଣି ମା' ଲକ୍ଷ୍ମୀଙ୍କୁ ସ୍ମରଣକରି ଜମିରେ ମୁଣ୍ଡିଆ ମାରିଥାନ୍ତି। କେହି କେହି ସାଷ୍ଟାଙ୍ଗ ପ୍ରଣାମକରି ଜମିରେ ମାଟି ମୁଣ୍ଡରେ ବୋଳି ଚାଷର ସଫଳତା କାମନା କରିଥାନ୍ତି। ସଧବା ସ୍ତ୍ରୀମାନେ ଏ ଦିନ 'ଷଠିଦେବୀ'ଙ୍କ ପୂଜାକରି ମା' ମାଟିରୁ ନିଜର ଜୀବନ ଧାରଣର ଅବଶିଷ୍ଟ ଆୟୁଷ ର ପ୍ରାର୍ଥନା କରିଥାନ୍ତି।

ଅନ୍ୟପକ୍ଷରେ ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ସହ କୃତ୍ତିକା ବା ରୋହିଣୀ ନକ୍ଷତ୍ର ଯୁକ୍ତ ହେଲେ ମହାଫଳ ପ୍ରାପ୍ତିହୁଏ ବୋଲି ଲୋକ ବିଶ୍ୱାସ ରହିଛି। ଫଳରେ ଏହାକୁ ବର୍ଷ ବର୍ଷ ଧରି ବ୍ରତ ରୂପେ ପାଳନ କରାଯାଇ ଆସୁଛି। ବ୍ରତୀମାନେ ଶୁଦ୍ଧକାଳରେ ଏହି ବ୍ରତକୁ ଆରମ୍ଭକରି ୮ବର୍ଷରେ ଉଦ୍ୟାପନ କରିଥାନ୍ତି। ଏପରିକି ଏହିଦିନ ଜଳଦାନ କଲେ ପୁଣ୍ୟଫଳ ମିଳିଥାଏ। ପୌରାଣିକ କିମ୍ବଦନ୍ତୀ ସହ ଅକ୍ଷୟ ତୃତୀୟାର ଆହୁରି କିଛି ବିଶେଷତ୍ୱ ମଧ୍ୟ ରହିଛି। ଏହିଦିନ କିଛି ସ୍ୱତନ୍ତ୍ର ଜିନିଷ କିଣିବା ଦ୍ୱାରା ମା'ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ହୋଇଥାଏ ବୋଲି ଜନଶ୍ରୁତି ରହିଛି। ଅକ୍ଷୟ ତୃତୀୟା ଦିନ ଜିନିଷ କିଣିବାର ଶୁଭ ମୁହୂର୍ତ୍ତ ମଧ୍ୟ ରହିଥାଏ। ଚଳିତ ବର୍ଷ କିଣାକିଣି ପାଇଁ ପଣ୍ଡିତମାନେ ଶୁଭ ମୁହୂର୍ତ୍ତ ଧାର୍ଯ୍ୟ କରିଛନ୍ତି। ଅକ୍ଷୟ ତୃତୀୟାରେ କିଣାକିଣିର ପ୍ରଥମ ଶୁଭ ମୁହୂର୍ତ୍ତ ସକାଳ ୫ଟା ୩୩ରୁ ଆରମ୍ଭ ହୋଇ ସକାଳ ୧୦ ଟା ୩୭ ପର୍ଯ୍ୟନ୍ତ ରହିବ। ଏହାପରେ ୨ୟ ଶୁଭ ମୁହୂର୍ତ୍ତ ୧୨ ଟା ୧୮ରୁ ଖରାବେଳ ୧ଟା୫୯ ପର୍ଯ୍ୟନ୍ତ ରହିବ ବୋଲି ପଣ୍ଡିତମାନେ କହିଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ପାଇଁ ଉଦ୍ଦିଷ୍ଟ ରଥ ନିର୍ମାଣ କାର୍ଯ୍ୟ ଏହି ଅକ୍ଷୟ ତୃତୀୟାରୁ ହିଁ ଆରମ୍ଭ ହୋଇଥାଏ। ଏପରିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚନ୍ଦନଯାତ୍ରାର ଶୁଭାରମ୍ଭ ଏହିଦିନ ହୋଇଥାଏ। ବଳଦେବଜୀଉ ମନ୍ଦିରରେ କୃଷିର ଆରାଧ୍ୟ ଦେବତା ହଳାୟୁଧ ବଳରାମଙ୍କର ରେବତୀଙ୍କ ସହ ଅକ୍ଷୟ ତୃତୀୟା ଦିନରେ ହିଁ ବିବାହୋତ୍ସବ ଅନୁଷ୍ଠିତ ହୋଇଥାଏ। ଏପରିକି ପର୍ଶୁରାମ ଓ ଜୟଦେବଙ୍କ ଜୟନ୍ତୀ ଏହି ଦିନରେ ହିଁ ପାଳନ କରାଯାଇଥାଏ। ସମ୍ବଲପୁରରେ ହେଉଥିବା ଶୀତଳଷଷ୍ଠୀ ଯାତ୍ରାର ଶୁଭାରମ୍ଭ (ଥାଳ ଉଠା ବିଧି) ଏହି ଅକ୍ଷୟ ତୃତୀୟା ଦିନଠୁ ହିଁ ଅନୁକୂଳ ହୋଇଥାଏ।

**– ଡା. ରାଜାରାମ ଷଡ଼ଙ୍ଗୀ,** ସମ୍ବଲପୁର
ମୋ:୯୪୩୭୪ ୦୫୪୫୫

## ଏମାନେ ଯାହା କୁହନ୍ତି...

### ଏହି ଦିନଟିକୁ ଅପେକ୍ଷା ଥାଏ



ଅକ୍ଷୟତୃତୀୟା ଦିନଟି ଚାଷୀକୁଳ ପାଇଁ ଏକ ପବିତ୍ର ଦିନ। ଏହିଦିନ ନୂଆ ବସ୍ତ୍ର ପରିଧାନ କରି ବସୁମାତାଙ୍କୁ ପୂଜାର୍ଚ୍ଚନା କରୁ। ତା'ପରେ ଜମିରେ ହଳ କରି ମୁଠା ମୁଠା କରି ତିନିଥର ଅଖିମୁଠି ପକାଇଥାଉ। ଏହିଦିନଠାରୁ ଚାଷ କାମ ଆରମ୍ଭ ହୋଇଥାଏ। ସତ କହିବାକୁ ଗଲେ ଦିନଟିକୁ ଅପେକ୍ଷା କରିଥାଉ। ଏହିଦିନରେ ଯେ କୌଣସି କାର୍ଯ୍ୟ କଲେ ତାହା ଶୁଭ ହୁଏ ଏବଂ କ୍ଷୟ ନ ହୋଇ ଅକ୍ଷୟ ହୋଇଥାଏ।

**- ନାରାୟଣ ସାହୁ, ଡିଏନ୍‌କେ, ଉମରକୋଟ**

### ପ୍ରଥମେ ଚାର ବିହନ ମାଟି ମା'କୁ ଦେବୁ



ଅକ୍ଷୟତୃତୀୟା ଦିନ ଭୋରରୁ ପରିବାରର ମହିଳା ନିତ୍ୟକର୍ମ ସାରି ଘର ସମ୍ମୁଖରେ ଜଳପୂର୍ଣ୍ଣ କଳସ ସ୍ଥାପନ କରନ୍ତି। ସେହିପରି ମୁଁ ମଧ ନିତ୍ୟକର୍ମ ସାରି ଏହାପରେ ଶୁଭ ମୁହୂର୍ତ୍ତରେ ଗୋବର ଲେପ ଦିଆଯାଇଥିବା ବାଉଁଶରେ ନିର୍ମିତ ଏକ ପାତ୍ର(ଭୁଗଲି)ରେ ଚାର, ଧାନ ବିହନ ସହିତ ପୂଜା ସାମଗ୍ରୀ, ହଳ, ଲଙ୍ଗଳ ଧରି କ୍ଷେତକୁ ଯାଏ। ପୂର୍ବଦିଗକୁ ମୁହଁ କରି କ୍ଷେତରେ ଜଳପୂର୍ଣ୍ଣ କଳସ ଏବଂ ଦୀପ ଜାଳି ଧରିତ୍ରୀ ମା'କୁ ପୂଜା କରେ। ଏହାପରେ ଜମିରେ ହଳ କରି ପ୍ରଥମେ ଚାର ଏବଂ ପରେ ଧାନ ବିହନ ବୁଣେ। ପ୍ରତିବର୍ଷ ଏଭଳି ଭାବେ ଅଖିମୁଠି ଅନୁକୂଳ କରି ଆସୁଛି। ବୁଧବାର ଅକ୍ଷୟତୃତୀୟାରେ ଅଖିମୁଠି ଅନୁକୂଳ ପାଇଁ ପ୍ରସ୍ତୁତି ସରିଯାଇଛି। ଅଖି ମୁଠି ଅନୁକୂଳ ଦିନ କୌଣସି ତେଲ ଦେହରେ ମାଖି ନ ଥାଉ କିମ୍ବା ରୋଷେଇରେ ତେଲ ବ୍ୟବହାର କରି ନ ଥାଉ। ଏହି ଦିନ କେବଳ ଖିରି ଖାଇଥାଉ।

**- ତୁଳାରାମ ଭୋଇ, ବିଲାସପୁର, ଝାରବନ୍ଧ, ବରଗଡ଼**

### ପୂର୍ବ ଦିନରୁ ପ୍ରସ୍ତୁତ ହୋଇଥାଏ



ଅକ୍ଷୟତୃତୀୟା, ଅନୁକୂଳର ତିଥି, ମୁଠି ଛୁଆଁ ପର୍ବ ରୂପେ ପରିଚିତ। ଶାସ୍ତ୍ର ମତରେ ଏହି ଦିବସରେ ବିଶ୍ୱ ଜନଜୀବନ ବଞ୍ଚିବା ଉଦ୍ଦେଶ୍ୟରେ ଦେବତାମାନେ ମାନବ ଜଗତକୁ ଶସ୍ୟ ବୀଜଦାନ କରିଥିଲେ। ତେବେ ଅକ୍ଷୟତୃତୀୟା ପୂର୍ବଦିନ କୃଷକ ଅକ୍ଷିମୁଠି ଅନୁକୂଳ କରିବା ପାଇଁ ନିଜକୁ ପ୍ରସ୍ତୁତି କରିଥାଏ। ନିଜର ଘର, ଦ୍ୱାର, ଭୂମି, ଶସ୍ୟ, ବିହନ ଆଦି ପରିଷ୍କାର କରିଥାଏ। ଗୋଟିଏ ଚାଷ ଜମି କର୍ଷଣ କରି କ୍ଷେତକୁ ପରିଚ୍ଛନ୍ନ କରି ରଖିଥାଏ। ପୁଣି ନାଲି ମାଟିରେ ଲିପା ହୋଇଥିବା ଚିତାପକା ନୂଆ ବୋଝକୁ ପ୍ରସ୍ତୁତି କରି ରଖେ। ଅକ୍ଷୟତୃତୀୟା ଦିବସର ପ୍ରାତଃ କାଳରେ କୃଷକ ନାଲି କପଡା, ହଳଦୀ, ଚନ୍ଦନ, ସିନ୍ଦୂର, ପୂଜା ଉପକରଣ ନଡ଼ିଆ, କଦଳୀ, ଖଜୁରି କୋଳି, ତାଳସଜ, ଅଷାଢୁଆ ପଳାସପତ୍ରରେ ସୁସଜ୍ଜିତ ବୋଝ ଅଥବା ମାଣରେ ବିହନ ରଖି ଶଙ୍ଖ ହୁଳହୁଳି ଧ୍ୱନି ମଧ୍ୟରେ ଚୟନ କରିଥିବା କ୍ଷେତର ଉତ୍ତର ପୂର୍ବ କୋଣରେ ମହାଲକ୍ଷ୍ମୀଙ୍କର ପୂଜା କରି ବିହନ ବୁଣିଥାଏ। ପାରମ୍ପରିକ ରୀତିରେ ଏହିଭଳି ପ୍ରତିବର୍ଷ ମୁଁ ଅକ୍ଷୟ ତୃତୀୟାରେ ଧାନ ବୁଣେ।

**- ଜୟକୃଷ୍ଣ ଜେନା, କୋଶକା, ନୟାଗଡ଼**

### ପୂର୍ବଭଳି ଅନୁକୂଳ କାର୍ଯ୍ୟ ହେଉଛି



ଆସନ୍ତାକାଲି ଅଖିମୁଠି ଅନୁକୂଳ ହେବ। ଏଥିପାଇଁ ଘରୁ ଗାଧୋଇ ପାଧୋଇ ଚାଷୀମାନେ ବୁରୁଣି ( ଅର୍ଥାତ୍ ଯେଉଁ ଧାନ ବା ବିହନ ବୁଣାଯିବ)କୁ ଏକ ଡାଲାରେ ଧରି ବିଲକୁ ଯାଉ। ସେଠାରେ ମାଟି ମା' ପୂଜା କରାଯିବା ସହ ବଳଦ, ଲଙ୍ଗଳ ଆଦିରେ ସିନ୍ଦୂର, ଫୁଲ ଦେଇ ପୂଜା କରାଯାଏ। ଏହା ପରେ ଗୋଟିଏ ବିଲରେ ଧାନ ବୁଣା ସହ ହଳ ମାଧମରେ ଚାଷ ଅନୁକୂଳ ହୋଇଥାଏ। ପୂର୍ବରୁ ଯେଉଁଭଳି କରାଯାଉଥିଲା, ଏବେ ମଧ ସେଭଳି ଚାଲି ଆସିଛି। ଟ୍ରାକ୍ଟର ବା ମେଶିନ ଦ୍ୱାରା ଆଜିକାଲି ଚାଷ ହେଉଥିଲେ ହେଁ ଗାଁ ଗଣ୍ଡାରେ ଏବେ ବି ହଳ ଲଙ୍ଗଳ ରହିଛି। ଏଣୁ ସମାନ ଭାବେ ପୂଜା କରାଯାଉଛି। ସେହିପରି ଜଳବାୟୁରେ ପରିବର୍ତ୍ତନ ଯୋଗୁ ଅକ୍ଷିମୁଠି ଅନୁକୂଳ ହେଉଥିଲେ ହେଁ ଚାଷ କାର୍ଯ୍ୟ ବିଳମ୍ବ ହୋଇଯାଉଛି।

**- ବିନୋଦ ବିହାରୀ ନାୟକ, ରସ ବନ୍ତଳା,ଝୁମ୍ପୁରା, କେନ୍ଦୁଝର**

### ଅମୃତବେଳାରେ ହଳ ବୁଲାଇଥାଉ



ଅକ୍ଷୟ ତୃତୀୟା ଦିନଟିକୁ ଶୁଭ ବୋଲି ମାନ୍ୟ କରାଯାଇଥାଏ। ଓଡ଼ିଶାରେ ଏହି ଦିନଠାରୁ ଖରିଫ ଚାଷ ଆରମ୍ଭ ହୁଏ। ମାଟି ମା'ଙ୍କୁ ପୂଜାକରି ଆମେ କୃଷକମାନେ କ୍ଷେତରେ ଅଖିମୁଠି ଅନୁକୂଳ କରିଥାଉ। କୃଷକମାନେ ହଳଦୀ, ଚନ୍ଦନ ଓ ସିନ୍ଦୂରବୋଳା ଧାନ ବିହନର ଗଉଣି ସହିତ ପିଠା ଓ ବିଭିନ୍ନ ଭୋଗସାମଗ୍ରୀ ଧରି କ୍ଷେତକୁ ଯାଉ। ସେଠାରେ ମହାଲକ୍ଷ୍ମୀଙ୍କ ପୂଜା କରିବା ପରେ ଅମୃତବେଳାରେ କ୍ଷେତରେ ହଳ ବୁଲାଇଥାଉ। ଏହିଦିନ ଅଖିମୁଠି ଅନୁକୂଳ କରି ଧାନକ୍ଷେତରେ ଚାଷ କଲେ ପ୍ରଚୁର ଧାନ ଫଳିଥାଏ ଏବଂ ବର୍ଷସାରା ତାଙ୍କର ଧନସମ୍ପଦର ଅଭାବ ରହେନାହିଁ ବୋଲି ବିଶ୍ୱାସ ରହିଛି।

**- ନବକିଶୋର ଦାସ, କୃଷକ**

### ଚାଷ ଅନୁକୂଳ ପରେ ଘରେ ପିଠା, ଖିରି ହୁଏ



ସବୁ କାର୍ଯ୍ୟରେ ଏକ ଶୁଭ ଅନୁକୂଳ ଥାଏ। ସେମିତି ଚାଷୀଙ୍କ ଚାଷ କାର୍ଯ୍ୟର ଅନୁକୂଳ ଦିନ ହେଲା ଅକ୍ଷୟ ତୃତୀୟା। ସବୁ ବର୍ଗର ଚାଷୀ ଏହି ଦିନକୁ ଅପେକ୍ଷା କରିଥାନ୍ତି। ସୂର୍ଯ୍ୟ ଉଦୟ ପୂର୍ବରୁ ନୂଆ ଟୋକେଇରେ ନୂଆ ବସ୍ତ୍ର ଘୋଡ଼ାଇ ସେଥିରେ ଧାନ ବିହନ ନେଇ କ୍ଷେତକୁ ଯାଇ ସେଠାରେ ମା'ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର ଫୁଲ, ଧୂପ ଦୀପ ଓ ଭୋଗ ଲଗାଯାଇ ପୂଜାର୍ଚ୍ଚନା କରାଯାଇ ଧାନ ବିହନ ବୁଣାଯାଇ ଭଲ ଶସ୍ୟ ଉତ୍ପାଦନ ପାଇଁ ମା'ଙ୍କୁ ପ୍ରାର୍ଥନା କରାଯାଇଥାଏ। ପରେ ଘରେ ହୋଇଥିବା ପିଠା, ମିଠା, ଖିରି ଆଦି ସପରିବାରେ ଭୋଜନ କରାଯାଏ।

**- ଦୁଷ୍ମନ୍ତ କୁମାର ନନ୍ଦ, ଆଳତୁମା, କାମାକ୍ଷାନଗର, ଢେଙ୍କାନାଳ**

## ରଥ ଅନୁକୂଳ ଓ ଶ୍ରୀମନ୍ଦିରରେ ବିଶେଷ ନୀତି



ଶ୍ରୋତୀୟ ବ୍ରାହ୍ମଣଙ୍କ ଦ୍ୱାରା ରଥ କାଠ ଅନୁକୂଳ କରାଯାଉଛି।

ରଥ ସଂହିତା ଅନୁଯାୟୀ ବୈଶାଖ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟ ତୃତୀୟା ଅବସରରେ ରଥ ନିର୍ମାଣ କାର୍ଯ୍ୟର ଶୁଭ ଅନୁକୂଳ ନୀତି ସମ୍ପନ୍ନ ହୋଇଥାଏ। ମହାପ୍ରଭୁଙ୍କ ସକାଳ ଧୂପ ପରେ ଯାତ୍ରାଙ୍ଗୀ ମହାସ୍ନାନ ହୁଏ। ପରେ ପୂର୍ବଦିନରୁ ଅଧିବାସ ହୋଇ ରହିଥିବା ପ୍ରାୟ ୭ କି.ଗ୍ରା.ଚନ୍ଦନକୁ ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର, ମୁଦିରସ୍ତ ଏବଂ ୩ ଜଣ ପାଳିଆ ପୁଷ୍ପାଳକ ଭୋଗମଣ୍ଡପ ଘରଠାରୁ ବେଢ଼ାକୁ ନେଇ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ତିନିଘେରା ପରିକ୍ରମା କରାଇବା ପରେ ସର୍ବାଙ୍ଗ ଲାଗି ହୋଇଥାଏ। ପରେ ୬ ମୂର୍ତ୍ତି ଅଳଙ୍କାର, ଅଳକା, ଚଉସରା, ଗୁଣା, ଝୁମ୍ପା ସହ ବେଶ ଅନୁଷ୍ଠିତ ହୋଇଥାଏ। ମୁଦିରସ୍ତ ପ୍ରସାଦ ଲାଗି କରିଥାନ୍ତି। ପାଳିଆ ପୂଜାପଣ୍ଡା ମଧ୍ୟାହ୍ନ ଧୂପ ଷୋଡ଼ଶ ଉପଚାରରେ ଭୋଗ ସମାପନ ସହ ଯାତଭୋଗ ସମ୍ପନ୍ନ ହୋଇ ନକ୍ଷେତ୍ର ବନ୍ଦାପନା ନୀତି ହୋଇଥାଏ। ଭୋଗ ବନ୍ଦାପନା ଶେଷହେବା ପରେ ଶ୍ରୀରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ପାଲିଙ୍କି ଓ ବିମାନକୁ ବିଜେ କରିଥାନ୍ତି।

ଅପରପକ୍ଷରେ ରଥ କାର୍ଯ୍ୟ ଅନୁକୂଳ ପାଇଁ ୩ ବାଡ଼ରୁ ୩ ଜଣ ପୂଜାପଣ୍ଡା ଆଜ୍ଞାମାଳ ଧରି ଆଗରେ ଏବଂ ବିଜେ ପ୍ରତିମା ପଟୁଆରରେ ଶ୍ରୀନଅର ନିକଟ ରଥଖଳା ନିକଟକୁ ବିଜେ କରିଥାନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ବିଧି ଅନୁଯାୟୀ ଧୂଆହୋଇ ରଖାଯାଇଥାଏ। ଶ୍ରୀମନ୍ଦିରରୁ ୩ଜଣ ପୂଜାପଣ୍ଡା ଆଜ୍ଞାମାଳ ଧରି ଆସିଥିବାବେଳେ ପଟ୍ଟଯୋଶୀ ମହାପାତ୍ରଙ୍କ ଉପସ୍ଥିତିରେ ରଥ ନିର୍ମାଣକାରୀ ବିଶ୍ୱକର୍ମା ମହାରଣା, ରୂପକାର, ଓଝା ଏବଂ ଭୋଇ ସେବକଙ୍କ ଶାଢ଼ିବନ୍ଧା ନୀତି ଦେଉଳକରଣ ସମାପନ କରିଥାନ୍ତି। ପରେ ରଥତ୍ରୟ ନିର୍ମାଣର ଶୁଭାନୁକୂଳ ନିମନ୍ତେ ପୂଜା ପାଇଁ ରଖାଯାଇଥିବା ୩ଟି ଧଉରା କାଠରେ ଆଜ୍ଞାମାଳ ଲାଗି କରାଯାଇଥାଏ। ତିନିରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ଅନୁକୂଳ ନୀତି ସମ୍ପନ୍ନ ହୋଇଥାଏ।

### ଘଡ଼ି ପଥୁଲି ପୂଜା

ଅକ୍ଷୟ ତୃତୀୟା ଅବସରରେ ଶ୍ରୀକ୍ଷେତ୍ରରେ ଘଡ଼ି ପଥୁଲି ପୂଜା ଦେଖିବାକୁ ମିଳିଥାଏ। ବିଶେଷ କରି ମା'ମାନେ ନିଜ ସନ୍ତାନଙ୍କ ମଙ୍ଗଳ କାମନାକରି ଏହି ପୂଜା କରିଥାନ୍ତି। ଶ୍ରୀକ୍ଷେତ୍ରରେ ବାସ କରୁଥିବା ସେବକ, ବ୍ରାହ୍ମଣ ଏବଂ ଅନେକ ଗୃହସ୍ଥ ପରିବାରରେ ଘଡ଼ି ପଥୁଲି ପୂଜା କରାଯାଏ। ମା' ଷଷ୍ଠୀଦେବୀଙ୍କ ନକଟରେ ଘଡ଼ି ପଥୁଲି ପୂଜା ହେବା ପରେ ଉକ୍ତ ଘଡ଼ି ପଥୁଲିଗୁଡ଼ିକୁ କୁନି କୁନି ପିଲାମାନଙ୍କ ମଧ୍ୟରେ ବଣ୍ଟାଯାଇଥାଏ। ଅକ୍ଷୟ ତୃତୀୟା ଦିନ ଘରର ଠାକୁରଙ୍କ ଘରେ ପଞ୍ଚ ମୁରୁଜରେ କୋଷ୍ଠି କଟାଯାଇ ତା' ମଧ୍ୟରେ ଘଡ଼ି ପଥୁଲିଗୁଡ଼ିକୁ ରଖାଯାଏ। ଏହି ଘଡ଼ି ପଥୁଲିରେ ଚୁଡ଼ାଭଜା, ଖଇ, ନଡ଼ିଆ, ଆମ୍ବ, ତାଳ ଖଣ୍ଡଘୋଡ଼ା, ବିଭିନ୍ନ ପ୍ରକାର ଫଳ ଏବଂ ଖେଳନା କଣ୍ଢେଇ ରଖାଯାଇ ମା' ଷଷ୍ଠୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଏ। ପୂଜା ହୋଇଥିବା ଉକ୍ତ ଘଡ଼ି ପଥୁଲିଗୁଡ଼ିକୁ କୁନି କୁନି ପିଲାମାନଙ୍କୁ ବଣ୍ଟନ କରାଯାଏ।

## ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ

ପବିତ୍ର ଅକ୍ଷୟ ତୃତୀୟାଠାରୁ ୨୧ ଦିନ ବ୍ୟାପୀ ବାହାର ଚନ୍ଦନଯାତ୍ରା ଆରମ୍ଭ ହୋଇଥାଏ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ଶ୍ରୀବିଗ୍ରହଙ୍କଠାରୁ ୩ଟି ଆଜ୍ଞାମାଳ ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ରଥଖଳାକୁ ବିଜେ ହୋଇଥାଏ। ଘଣ୍ଟ, ଛତା, କାହାଳି ଏବଂ ସେବାୟତଙ୍କ ଗହଣରେ ବିମାନବଡୁ ସେବକମାନେ ଠାକୁର ଠାକୁରାଣୀଙ୍କୁ ଶ୍ରୀନଅର ସମ୍ମୁଖକୁ ନେଇଥାନ୍ତି। ରଥ ନିର୍ମାଣ ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହେବା ପରେ ରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଭାବେ ପରିଚିତ ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଏବଂ ଶ୍ରୀନୀଳକଣ୍ଠ ଚନ୍ଦନଯାତ୍ରା ଲାଗି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଶୋଭାଯାତ୍ରାରେ ଯାଇଥାନ୍ତି। ଠାକୁର ନରେନ୍ଦ୍ର ପୁଷ୍କରିଣୀରେ ପହଞ୍ଚିବା ପରେ ଭିତରଚ୍ଛ ମହାପାତ୍ର ଜଳଲାଗି କରିଥାନ୍ତି। ଠାକୁରମାନଙ୍କୁ ଦୁଇ ଚାପ ଡଙ୍ଗାରେ ବିଜେ କରାଯାଇଥାଏ। ନରେନ୍ଦ୍ର ପୁଷ୍କରିଣୀରେ ଗୋଟିଏ ଘେରା ବୁଲିବା ପରେ ଚନ୍ଦନଘର ନିକଟରେ ଚାପ ଲାଗିଥାଏ। ରାମକୃଷ୍ଣ ଓ ମଦନମୋହନଙ୍କ ଚାପକୁ ବିଜେ ହୋଇଥାନ୍ତି। ସେଠାରେ ରାଜ ବନ୍ଦାପନା ଓ ଆଲଟ ଚାମର କରାଯାଇଥାଏ। ପରେ ଠାକୁରମାନେ ଜଗତି ଉପରକୁ ବିଜେ ପରେ ଚନ୍ଦନକୁଣ୍ଡରେ ପ୍ରବେଶ କରିଥାନ୍ତି। ମାଣ୍ଡୁଅ ଭୋଗ ଓ ବିଡ଼ିଆ ମଣୋହି ପରେ ଠାକୁରମାନେ ରାତି ଚାପ ଖେଳି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାନ୍ତି।

- ଅଜିତ୍ ମହାନ୍ତି, ପୁରୀ

## ଅକ୍ଷୟ ତୃତୀୟାରେ ଅଳଙ୍କାର କିଣା



### ରୁପା କିମ୍ବା ଅନ୍ୟ ଦ୍ରବ୍ୟ କିଣିବାକୁ ଆଶା ରଖିଛି

ଅକ୍ଷୟ ତୃତୀୟା ଦିନ ସୁନା କିଣିଲେ ଧନପ୍ରାପ୍ତି ସହ ସୁଖ, ସମୃଦ୍ଧି ଆସିଥାଏ ବୋଲି ବିଶ୍ୱାସ ରହିଛି। ମାତ୍ର ସୁନା ଅଳଙ୍କାରର ଅହେତୁକ ଦର ବୃଦ୍ଧି ଘଟି ଏବେ ୧୦ ଗ୍ରାମ୍ ପ୍ରତି ଦର ୯୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ରହିଛି। ଫଳରେ ଏହା କିଣିବା ସମ୍ଭବପର ନୁହେଁ। ସୁନା ବ୍ୟତୀତ ରୁପା, ଲୁଣ, ମାଟିପାତ୍ର, ଯଅ, ହଳଦିଆ ସୋରିଷ କିମ୍ବା କଉଡ଼ି ଆଦି କିଣି ମା' ଲକ୍ଷ୍ମୀଙ୍କ କୃପା ପାଇବାର ଆଶା ରଖିଛୁ।

**- ପୂଜା ପ୍ରଧାନ, ବାଲେଶ୍ୱର ସହର**

### ଚଢ଼ା ଦର ପାଇଁ ସୁନା କିଣିବା କଷ୍ଟକର

ଅକ୍ଷୟ ତୃତୀୟାରେ ଘରକୁ ସୁନା କିଣି ଆଣିଲେ ଶୁଭ ହୁଏ ବୋଲ ଅନେକେ କୁହନ୍ତି, ତେଣୁ ପ୍ରତିବର୍ଷ ମୁଁ ଗହଣା କିଣିଥାଏ। ହେଲେ ଚଳିତ ବର୍ଷ ସୁନାର ଦାମ୍ ବଢ଼ିଥିବାରୁ ଆମ ଭଳି ମଧବିତ୍ତ ପରିବାରର ମହିଳାଙ୍କ ପାଇଁ ସୁନା ଗହଣା କିଣିବା କଷ୍ଟକର। ଅନ୍ୟପଟେ ୨୨ କ୍ୟାରେଟ ଓ ୨୪ କ୍ୟାରେଟ ସୁନାରେ ମଧ ଠକେଇ ହେଉଛି। ଯାହାଫଳରେ ସୁନା କିଣିବା ପାଇଁ ଭୟ ଲାଗି ରହୁଛି। ଏହାବ୍ୟତୀତ ସହରରେ ଦିନକୁ ଦିନ ବଢୁଥିବା ଛିନ୍‌ତାଇ ଓ ଚୋରି କାରଣରୁ ସୁନା କିଣିବା ବଦଳରେ ରିଏଲ ଇଷ୍ଟେଟରେ ଅର୍ଥ ବିନିଯୋଗ କରିବା ଭଲ।

**- ଶୁଭ୍ରା ପଣ୍ଡା, ବ୍ରାହ୍ମଣ ସାହି, ରାୟଗଡ଼ା**

### ଲକ୍ଷ୍ମୀଙ୍କ ପ୍ରତିକୃତି ଅଳଙ୍କାର କିଣିବି

ସମାଜରେ ଲୋକଙ୍କ ବିଶ୍ୱାସ ରହିଛି, ଅକ୍ଷୟ ତୃତୀୟାରେ ସୁନା କିଣିଲେ ଘରକୁ ଲକ୍ଷ୍ମୀ ଆସନ୍ତି। ତେଣୁ ଏଥିପ୍ରତି ଗୁରୁତ୍ୱ ଦେଇ ଘରର ଗୃହିଣୀମାନେ ସୁନା ହେଉ କିମ୍ବା ରୂପା ସାମଗ୍ରୀ ଏହି ସମୟରେ କିଣିଥାନ୍ତି। କେବଳ ସେତିକି ନୁହେଁ ଏହି ଦିବସରେ ଲକ୍ଷ୍ମୀଙ୍କ ପ୍ରତିକୃତି ଥିବା ପଦାର୍ଥ ମଧ କିଣିବା ଉଚିତ ବୋଲି ମୁଁ ଭାବେ।


**- ସଂଯୁକ୍ତା କୁମାରୀ ସାହୁ, ଗଜପତିନଗର, ବ୍ରହ୍ମପୁର**

### ଦର ଦେଖି ଭୟ ଲାଗୁଛି, ହେଲେ କିଣିବି

ଅକ୍ଷୟ ତୃତୀୟାରେ ସୁନା ମୁଁ ପ୍ରତ୍ୟେକବର୍ଷ କିଣିଥାଏ ଏବଂ ଚଳିତବର୍ଷ ମଧ୍ୟ ସୁନା କିଣିବି। ଦର ଶୁଣି ଭୟ ତ ଲାଗୁଛି, ହେଲେ ସୁନା କିଣିବି ବୋଲି ସ୍ଥିର କରିଛି। ସୁନା, ରୂପା ଭଳି ଅନ୍ୟ କିଛି ସାମଗ୍ରୀ ଅଛି ଯାହାକି ଅକ୍ଷୟ ତୃତୀୟାରେ କିଣିଲେ ଶୁଭ ମନାଯାଏ। କିନ୍ତୁ ସୁନା କିଣିଲେ ଅଧିକ ଶୁଭଲାଭ ହୁଏ ବୋଲି ଶୁଣିଛି।

**-ଶୁଭଲକ୍ଷ୍ମୀ ସ୍ୱାଇଁ, ଶଙ୍କରପୁର, କଟକ**

ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ବୁଧବାର, ଏପ୍ରିଲ ୩୦/୨୦୨୫ | Bhubaneswar, Wednesday, April 30/2025 | ପୃଷ୍ଠା-୧



## ମେ ୨୨ରେ 'କ୍ରିମିନାଲ ଜଷ୍ଟିସ୍ ୪'

ଅଭିନେତା ପଙ୍କଜ ତ୍ରିପାଠୀଙ୍କ ୱେବ୍‌ସିରିଜ୍ 'କ୍ରିମିନାଲ ଜଷ୍ଟିସ୍ ୪'ର ଟିଜର ମଙ୍ଗଳବାର ରିଲିଜ୍ ହୋଇଛି। ଆସନ୍ତା ମେ' ୨୨ରୁ ଏହି ସିରିଜ୍ ଓଟିଟି ପ୍ଲାଟ୍‌ଫର୍ମ ଜିଓ ହଟଷ୍ଟାରରେ ଷ୍ଟ୍ରିମିଂ ହେବ।

୦୮

୧୩

## ସ୍ନେହ ରାଣା ପ୍ଲେୟର ଅଫ୍ ଦି ମ୍ୟାଚ

ଦକ୍ଷିଣ ଆଫ୍ରିକା ବିପକ୍ଷ ମହିଳା ତ୍ରିରାଷ୍ଟ୍ରୀୟ ଦିନିକିଆ କ୍ରିକେଟ ସିରିଜ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଭାରତୀୟ ବୋଲର ସ୍ନେହ ରାଣା।



## ଜଷ୍ଟିସ୍ ବି.ଆର୍. ଗଭାଇ ୫୨ତମ ସିଜେଆଇ ନିଯୁକ୍ତ



ନୂଆଦିଲ୍ଲୀ,୨୯।୪(ପି.ଟି.)


ଜଷ୍ଟିସ୍ ଭୂଷଣ ରାମକ୍ରିଷ୍ଣା ଗଭାଇ ମଙ୍ଗଳବାର ଭାରତର ୫୨ତମ ପ୍ରଧାନ ବିଚାରପତି (ସିଜେଆଇ) ରୂପେ ନିଯୁକ୍ତି ପାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଗଭାଇଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ମେ' ୧୪ରେ ସେ ବର୍ତ୍ତମାନର ସିଜେଆଇ ସଞ୍ଜୀବ ଖାନ୍ନାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବେ ବୋଲି ଆଇନ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ପ୍ରଚଳିତ ପରମ୍ପରା ଅନୁସାରେ ଜଷ୍ଟିସ୍ ଖାନ୍ନା ଗତ ୧୬ରେ ଜଷ୍ଟିସ୍ ଗଭାଇଙ୍କ ନାମ ସୁପାରିସ କରିଥିଲେ। ୨୦୧୯ ମେ' ୨୪ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିବା ଜଷ୍ଟିସ୍ ଗଭାଇ ଶୀର୍ଷ ଅଦାଲତର ଦ୍ୱିତୀୟ ବରିଷ୍ଠତମ ବିଚାରପତି। ସେ ୨୦୨୫ ଡିସେମ୍ବର ୨୩ରେ ଅବସର ନେବେ।

ଆଜିର ସମ୍ପାଦକୀୟ
ସମାପ୍ତି ହେଉନାହିଁ

# ସୁରକ୍ଷା ଦୃଷ୍ଟିରୁ ସ୍ପାଏୱେର ବ୍ୟବହାର ଭୁଲ୍ ନୁହେଁ

## ନାଗରିକଙ୍କ ପ୍ରିଭେସି ବଜାୟ ରହୁ: ସୁପ୍ରିମକୋର୍ଟ

**ଦେଶର ନିରାପତ୍ତା ଦୃଷ୍ଟିରୁ ଆତଙ୍କବାଦୀଙ୍କ ବିରୋଧରେ ସ୍ପାଏୱେର ବ୍ୟବହାର କରାଯିବାରେ କିଛି ଭୁଲ୍ ନାହିଁ। ସୁରକ୍ଷା ଓ ସାର୍ବଭୌମତ୍ୱ ସମ୍ପର୍କିତ କୌଣସି ରିପୋର୍ଟକୁ ସାର୍ବଜନୀନ ହେବାକୁ ଦିଆଯିବ ନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଶୀର୍ଷ ଅଦାଲତ କହିଛନ୍ତି, ନାଗରିକଙ୍କ ପ୍ରିଭେସି ଅଧିକାର ମଧ୍ୟ ବଜାୟ ରହିବା ଉଚିତ। ବ୍ୟକ୍ତିଗତ ସ୍ତରରେ କାହାରି ଅନ୍ତରଙ୍ଗ ବା ଗୋପନୀୟ ତଥ୍ୟ ପ୍ରଘଟ ହୋଇ ପ୍ରିଭେସି ଉଲ୍ଲଂଘନ ହେଲେ ସେନେଇ ବିଚାର କରାଯାଇପାରେ। ଇସ୍ରାଏଲୀ ସ୍ପାଏୱେର 'ପେଗାସସ୍' ବ୍ୟବହାର କରି ଖବରଦାତା, ମାନବାଧିକାର କର୍ମୀ ଓ ବିରୋଧୀ ନେତାମାନଙ୍କ ବିରୋଧରେ କେନ୍ଦ୍ର ସରକାର ଗୁପ୍ତଚରଗିରି କରୁଥିବା ଅଭିଯୋଗ ଆଣି ତଦନ୍ତ ଦାବିରେ ଦାଖଲ ଏକାଧିକ ଆବେଦନର ଶୁଣାଣି କରି ଦୁଇଜଣିଆ ଖଣ୍ଡପୀଠ ଏହା କହିଛନ୍ତି। ତେବେ ସିଭିଲ୍ ସୋସାଇଟିର କେଉଁ ସଦସ୍ୟମାନଙ୍କ ପ୍ରିଭେସି ବଜାୟ ରହିବ ଏବଂ ସୁରକ୍ଷା ଦୃଷ୍ଟିରୁ କେଉଁମାନଙ୍କ ବିରୋଧରେ ସ୍ପାଏୱେର ବ୍ୟବହାର କରାଯିବ ତାହା ଅଦାଲତ ନିର୍ଦ୍ଦିଷ୍ଟ ଭାବେ ସ୍ପଷ୍ଟ କରିନାହାନ୍ତି।**



ନୂଆଦିଲ୍ଲୀ,୨୯।୪

ଦେଶର ସୁରକ୍ଷା ଉଦ୍ଦେଶ୍ୟରେ ସ୍ପାଏୱେର ବ୍ୟବହାର କରାଗଲେ କିଛି ଭୁଲ୍ ନାହିଁ, ତେବେ ସିଭିଲ୍ ସୋସାଇଟି ସଦସ୍ୟମାନଙ୍କର ପ୍ରିଭେସି ଅଧିକାର ରହିଛି, ଯାହା ସମ୍ବିଧାନ ଦ୍ୱାରା ସୁରକ୍ଷିତ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଆତଙ୍କବାଦୀମାନଙ୍କ ବିରୋଧରେ ସ୍ପାଏୱେର ବ୍ୟବହାରରେ ଭୁଲ୍ କେଉଁଠି ବୋଲି ସର୍ବୋଚ୍ଚ ଅଦାଲତ ବିସ୍ମୟ ପ୍ରକାଶ କରିଛନ୍ତି।

ସ୍ପାଏୱେର ରଖିବା ଭୁଲ୍ ନୁହେଁ, କିନ୍ତୁ କାହା ବିରୋଧରେ ଏହାକୁ ବ୍ୟବହାର କରାଯାଉଛି, ତାହା ହେଉଛି ପ୍ରଶ୍ନ। ଆପଣ ଦେଶର ସୁରକ୍ଷାକୁ ଜଳାଞ୍ଜଳି ଦେଇପାରିବେ ନାହିଁ କିମ୍ବା ଏହା ସହ ସାଲିସ କରିପାରିବେ ନାହିଁ ବୋଲି ଖଣ୍ଡପୀଠ ପେଗାସସ୍ ବିବାଦ ସମ୍ପର୍କିତ କେତେକ ପିଟିଶନ୍‌ର ଶୁଣାଣି କରି କହିଛନ୍ତି। ଖବରଦାତା, ବିଚାରପତି, ସାମାଜିକ କର୍ମୀ, ରାଜନେତା ଓ ଅନ୍ୟମାନଙ୍କ ବିରୋଧରେ ଗୁପ୍ତଚରଗିରି ପାଇଁ କେନ୍ଦ୍ର ସରକାର ଇସ୍ରାଏଲୀ ସଫ୍ଟୱେର ପେଗାସସ୍‌କୁ ବ୍ୟବହାର କରୁଥିବା ଅଭିଯୋଗ ଆସିଥିଲା। ଏହାର ସବିଶେଷ ତଦନ୍ତ ପାଇଁ ନିବେଦନ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିଲା। ଲୋକଙ୍କ ବ୍ୟକ୍ତିଗତ ଚିନ୍ତାକୁ ଦୂର କରାଯିବା ଆବଶ୍ୟକ, କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଉପରେ ରାସ୍ତାଘାଟରେ ଆଲୋଚନା ହୋଇପାରିବ ନାହିଁ। ଦେଶର ସୁରକ୍ଷା ଓ ସାର୍ବଭୌମତ୍ୱ ସହ ଜଡ଼ିତ ବିଷୟ ସର୍ବସାଧାରଣରେ ପ୍ରକାଶ କରା ନ ଯାଉ ବୋଲି ଖଣ୍ଡପୀଠ କହିଛନ୍ତି। ବୈଷୟିକ କମିଟି ରିପୋର୍ଟକୁ କେତେଦୂର ସର୍ବସାଧାରଣରେ ଶେୟାର କରାଯାଇପାରିବ, ତାହା ଅନୁଧ୍ୟାନ କରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ପ୍ରକୃତରେ ସରକାରଙ୍କ ପାଖରେ ସ୍ପାଏୱେର ଥିଲା ଏବଂ ଏହାକୁ ବ୍ୟବହାର କରୁଥିଲେ କି ବୋଲି ଜଣେ ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଦୀନେଶ ଦ୍ୱିବେଦୀ ପ୍ରଶ୍ନ କରିଥିଲେ। ଯଦି ତାହା ଥାଆନ୍ତା, ତେବେ ଆଜି ପର୍ଯ୍ୟନ୍ତ ତାହାକୁ ବ୍ୟବହାର କରିବାରେ କେହି ରୋକିପାରି ନ ଥାନ୍ତେ ବୋଲି ଦ୍ୱିବେଦୀ କହିଥିଲେ। ସାମ୍ବାଦିକ ପରଞ୍ଜୟ ଗୁହା ଠାକୁର୍ତ୍ତାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଆମେରିକା ଜିଲା ଅଦାଲତଙ୍କ ରାୟର ଉଦାହରଣ ରଖିଥିଲେ। ହ୍ୟାକ୍ ହେଉଥିବାର ହ୍ୱାଟ୍ସଆପ୍ ନିଜେ ହିଁ ପ୍ରମାଣ, ଯାହାକି ସେତେବେଳେ ଅଦାଲତ ଦର୍ଶାଇ ନ ଥିଲେ କି ବିଶେଷଜ୍ଞମାନେ ମଧ୍ୟ କହି ନ ଥିଲେ ବୋଲି ସିବଲ କହିଛନ୍ତି। ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ଆତଙ୍କବାଦୀଙ୍କ ବିରୋଧରେ ସ୍ପାଏୱେରର ବ୍ୟବହାର ଭୁଲ୍ ନୁହେଁ। ସେମାନେ ପ୍ରିଭେସି ଅଧିକାର ଦାବି କରିପାରିବେ ନାହିଁ। ଅନ୍ୟପକ୍ଷରେ ବୈଷୟିକ କମିଟି ରିପୋର୍ଟକୁ କାଟଛାଣ୍ଟ ନ କରି ଏହାକୁ ପ୍ରକାଶ କରାଯିବା ଉଚିତ ବୋଲି ବରିଷ୍ଠ ଆଇନଜୀବୀ ଶ୍ୟାମ ଦିଭାନ କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୩୦ରେ ହେବ।

ପେଗାସସ୍‌ର ବେଆଇନ ବ୍ୟବହାର ସମ୍ପର୍କରେ ତଦନ୍ତ ଲାଗି ସୁପ୍ରିମକୋର୍ଟ ୨୦୨୨ ଅଗଷ୍ଟ ୨୫ରେ ବୈଷୟିକ କମିଟି ଗଠନ କରିଥିଲେ। ଯାଞ୍ଚ କରାଯାଇଥିବା ୨୯ଟି ସେଲ୍‌ଫୋନ୍‌ରୁ ୫ଟିରେ ମାଲୱେର ବ୍ୟବହୃତ ହୋଇଥିବା ଜଣାପଡ଼ିଥିଲେ ମଧ୍ୟ ପେଗାସସ୍ ବ୍ୟବହୃତ ହୋଇଥିବା ନେଇ ନିଷ୍କର୍ଷ ବାହାରିପାରି ନ ଥିଲା।

# ୧ମ, ୨ୟ ଶ୍ରେଣୀ ପିଲାଙ୍କୁ ମିଳିବ ଯାଦୁପେଡ଼ି କିଟ୍



ଭୁବନେଶ୍ୱର, ୨୯।୪
(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନଠାରେ ଶିଶୁବାଟିକା ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଯାଦୁପେଡ଼ି ଦେଖିଛନ୍ତି। ନୂତନ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ଅନୁଯାୟୀ ଛୋଟ ପିଲାମାନଙ୍କ ପାଇଁ ଏହି ଯାଦୁପେଡ଼ିର ପରିକଳ୍ପନା କରାଯାଇଛି। ଏହାକୁ ଏନ୍‌ସିଇଆର୍‌ଟି ଦ୍ୱାରା ପ୍ରସ୍ତୁତ କରାଯାଇଛି। ଶିଶୁବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କ ପାଇଁ ଏହି କିଟ୍ ପ୍ରଦାନ କରାଯିବ। ପ୍ରତ୍ୟେକ କିଟ୍ ପାଇଁ ପ୍ରାୟ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ରାଜ୍ୟର ୪୫ ହଜାର ସ୍କୁଲରେ ଏହାକୁ ଆବଣ୍ଟନ କରାଯିବ ଏବଂ ସମୁଦାୟ ୯୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାସହ ପିଲାମାନଙ୍କ ପାଇଁ ଏହାର ଉପଯୋଗିତା ବିଷୟରେ ପଚାରି ବୁଝିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଯାଦୁପେଡ଼ି ଭିତରେ ଥିବା ବିଭିନ୍ନ ସାମଗ୍ରୀ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ଅବସରରେ ଅବଗତ କରାଇଛନ୍ତି। ମୁଖ୍ୟମନ୍ତ୍ରୀ ଏହି ପେଡ଼ି ଭିତରେ ଥିବା ସାମଗ୍ରୀ ଦେଖି ଖୁସି ବ୍ୟକ୍ତ କରି କହିଛନ୍ତି, ଛୋଟ ପିଲାମାନେ ନିଜ ପାରିପାର୍ଶ୍ୱିକ ଅଞ୍ଚଳରେ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଏହାର ଉପଯୋଗିତା ବିଷୟରେ ଏହି ଯାଦୁପେଡ଼ିରେ ଥିବା ଖେଳନାରୁ ଶିଖି ପାରିବେ। ଶିଶୁମାନଙ୍କୁ ଏହି ଯାଦୁପେଡ଼ିର ଖେଳନାଗୁଡ଼ିକ ଶିଖିବା ସହିତ ପାଠ ପ୍ରତି ମଧ୍ୟ ଆକର୍ଷିତ କରିବ।

- ■ ଶିଶୁମାନଙ୍କୁ ଆକର୍ଷିତ କରିବ କିଟ୍: ମୁଖ୍ୟମନ୍ତ୍ରୀ
- ■ ୪୫ ହଜାର ସ୍କୁଲ ଲାଗି ୯୦ କୋଟି ଖର୍ଚ୍ଚ

DSPL-47

ପବିତ୍ର ଅକ୍ଷୟ ତୃତୀୟା ଅବସରରେ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ





ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଖରିଫ୍ ୨୦୨୫-୨୬

ସି ଏମ୍ କିଷାନ ସହାୟତା

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ
ସହାୟତା ରାଶି ହସ୍ତାନ୍ତର

୫୦ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାର ଉପକୃତ

୧୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ହସ୍ତାନ୍ତର



୩୦ ଏପ୍ରିଲ ୨୦୨୫ । ଶୈକ୍ଷିକ କୃଷି ଫାର୍ମ ଓୟୁଏଟି, ବରମୁଣ୍ଡା, ଭୁବନେଶ୍ୱର



କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-01102/13/0022/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମନୀଷ ସ୍ମାରକୀ ନିର୍ଭୟ ଯୁବ ପୁରସ୍କାର, ସ୍ଥାନ: ହୋଟେଲ ମେ' ଫେୟାର କନ୍‌ଭେନ୍‌ଶନ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଜୟଦେବ ଜୟନ୍ତୀ ଉପଲକ୍ଷେ ଭଜନ ସମାରୋହ ଓ ପଦଯାତ୍ରା, ସ୍ଥାନ: ଶିଶୁ ଅନନ୍ତ ପୀଠ, ବାଲିପାଟଣା, ସମୟ: ସମୟ: ଅପରାହ୍ନ ୧ଟା।
- ନ୍ୟାଶନାଲ ଓମେନ୍ସ ବିଜିନେସ ମେଳା ୨.୦ର ଉଦ୍‌ଘାଟନ, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ସାମୂହିକ ବ୍ରତୋପନୟନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖେଳ ପଡ଼ିଆ, ସୁବୁଦ୍ଧିପୁର, କଳିଙ୍ଗ ବିହାର, ସମୟ: ସନ୍ଧ୍ୟା ୭ଟା।

## କଟକ

- ତିଗିରିଆ ବିଜୁ କୃଷକ ଜନତା ଦଳ ତରଫରୁ ଅକ୍ଷୀମୁଠି ଅନୁକୂଳ, ସ୍ଥାନ: ପୁରୁଣା ତିଗିରିଆ ପଞ୍ଚାୟତ ସ୍ଥିତ ଶ୍ରୀଶ୍ରୀ ଶଙ୍କର୍ଷଣଙ୍କ ମନ୍ଦିର ନିକଟ, ସମୟ: ସକାଳ ୭ଟା।
- ପିଏମ୍‌ଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ବିଦ୍ୟାଳୟ ପରିସର, ନୂଆପାଟଣା, ତିଗିରିଆ, ସମୟ: ସକାଳ ୮ଟା।
- ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ ଅକ୍ଷୟ ତୃତୀୟା ମହୋତ୍ସବ ଓ ପୁରସ୍କାର ପ୍ରଦାନ ସମାରୋହ, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ସମୟ: ଅପରାହ୍ନ ୫ଟା ୨୫।
- ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କ ୨୧ ଦିନିଆ ପ୍ରସିଦ୍ଧ ବଡ଼ମ୍ବା ଚନ୍ଦନ ଯାତ୍ରା ଶୁଭାରମ୍ଭ, ସ୍ଥାନ: ବଡ଼ମ୍ବା ଗାନ୍ଧୀଛକ ସ୍ଥିତ ଚନ୍ଦନ ପୋଖରୀ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀଶ୍ରୀ ସିଂଘନାଥ ଦେବଙ୍କ ଅକ୍ଷୟ ତୃତୀୟା ମହୋତ୍ସବ ଶୁଭାରମ୍ଭ, ସ୍ଥାନ: କୃପାସିନ୍ଧୁ ହାଇସ୍କୁଲ ପରିସର, ବଡ଼ମ୍ବା, ସମୟ- ସନ୍ଧ୍ୟା ୭ଟା।

## ପୁରୀ

- ନିମାପଡ଼ା ସାରସ୍ୱତ ସଂଘର ବାର୍ଷିକ ଅକ୍ଷୟ ତୃତୀୟା ଉତ୍ସବ, ପ୍ରାର୍ଥନା ସଭା ଓ ଆଲୋଚନା ଚକ୍ର, ସ୍ଥାନ: ନିମାପଡ଼ା ଆସନ ମନ୍ଦିର, ସମୟ: ସକାଳ ୮ଟା।
- ଅଖିମୁଠି ଅନୁକୂଳ, ସ୍ଥାନ: ବନମାଳିଡିପି, ସାକ୍ଷୀଗୋପାଳ, ସମୟ: ସକାଳ ୮ଟା।
- ସଙ୍ଗମ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅକ୍ଷୟ ମିଳନ ସାହିତ୍ୟ ଉତ୍ସବ ଓ ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସ୍ଥାନ: ଓଲମରା ତ୍ରିନାଥ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସାକ୍ଷୀଗୋପାଳଙ୍କ ଚନ୍ଦନ ଯାତ୍ରା ଓ ଚାପଖେଳ, ସ୍ଥାନ: ଚନ୍ଦନ ପୋଖରୀ, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା

- ବନମାଳୀ ଶତପଥୀ ପାଠାଗାର ପକ୍ଷରୁ ବନମାଳୀ ଶତପଥୀଙ୍କ ୧୧୧ତମ ଜୟନ୍ତୀ ଉତ୍ସବ, ସ୍ଥାନ: ୱାର୍ଡ ନଂ.୮, ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ସ୍ମାରକୀସ୍ଥଳ, ଜଟଣୀ ସମୟ: ସକାଳ ୮ଟା।
- ମଦନମୋହନ ଦେବଙ୍କ ୩୬ତମ ଜନ୍ମବାର୍ଷିକ ଉତ୍ସବ, ସ୍ଥାନ: ମଦନମୋହନ ଦେବ ମନ୍ଦିର ପରିସର, ପାତ୍ରପଡ଼ା, ଜଟଣୀ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଶ୍ରୀ ଜୟଦେବ ଜୟନ୍ତୀ ସମାରୋହ, ସ୍ଥାନ: ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ପଦୁଆଁପଦା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ହାତିମଶାହା ପୀରବାବାଙ୍କ ୭୬ତମ ବାର୍ଷିକ ଉତ୍ସବ, ସ୍ଥାନ: ରାଉତପଡ଼ା ପୀରବାବାଙ୍କ ପୀଠସ୍ଥଳୀ, ରୂପସା, ସମୟ: ଦିବସବ୍ୟାପୀ।
- ଶ୍ରୀ ଶ୍ରୀ ରାଧା ମଦନମୋହନ ଜୀଉଙ୍କର ୧୦ମ ବାର୍ଷିକ ବ୍ରହ୍ମୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ରାଧା ମଦନମୋହନ ମନ୍ଦିର ପରିସର, ବାଲିଆପାଳ, ସମୟ: ଦିବସବ୍ୟାପୀ।
- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଉତ୍ସବ ଓ କୃଷକ ଦିବସ, ସ୍ଥାନ: ସରକାରୀ ସିଡ୍ ଫାର୍ମ, ଶେରଗଡ଼, ବାଲେଶ୍ୱର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ କବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଅଖି ମୁଠି ଅନୁକୂଳ ଉତ୍ସବ, ସ୍ଥାନ: ଓଲନ୍ଦାସାରଗାଁ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷତା ନିର୍ମାଣ ସମ୍ପର୍କରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ବିବିସିସି ବ୍ୟାଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଶିଶୁ ନାଟକ ଉତ୍ସବ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀ ଜୟଦେବ ଜୟନ୍ତୀ ସମାରୋହ, ସ୍ଥାନ: ନୃତ୍ୟସଙ୍ଗୀତ କଳା ମନ୍ଦିର, ଟାଉନହଲ ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳନ, ସ୍ଥାନ: ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର, ଭଦ୍ରକ, ସମୟ: ସକାଳ ୮ଟା।
- ଖଡ଼ିସିଙ୍ଗା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ତାରିଣୀ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ, ସ୍ଥାନ: ରହଣିଆ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଜୟଦେବ ଜୟନ୍ତୀ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଶାରଦା ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।
- ସୌରଭ ସମ୍ମାନ ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- ଜଳେଶ୍ୱର ନାଟ୍ୟ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଜଳହରି, ଭଣ୍ଡାରିପୋଖରୀ, ସମୟ: ରାତି ୯ଟା।

## କେନ୍ଦୁଝର

- ମା' ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବର ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡୀପାଠ, ଠାକୁରାଣୀଙ୍କ ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୂତୀ, ସ୍ଥାନ: ଅସିଆ, ଛେନାପଦି, ସମୟ: ସକାଳ ୮ଟା।
- ଗ୍ରାମ ଦେବତୀ ପତିରିଆଣୁଣୀଙ୍କ ନିକଟରେ ପୂଜାର୍ଚ୍ଚନା, ସ୍ଥାନ: ବାଲିବରେଇ, ଛେନାପଦି, ସମୟ: ସକାଳ ୮ଟା।
- ୭୦ ତମ ବାଦୀପାଲା ମହୋତ୍ସବରେ ପାଲା କଳାକାରଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ପାଟଣା ବ୍ଲକ୍ ସାମ ଶାସନ ପାଲାମଣ୍ଡପ, ସମୟ: ରାତି ୧୦ଟା।

## ମୟୂରଭଞ୍ଜ

- ରାଇରଙ୍ଗପୁର ସହିତ ବିସିଏ ଟିମ୍‌ର କ୍ରିକେଟ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ:ସକାଳ ୭ଟା।
- ନୂତନ ବଡ଼ାମ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ, ସ୍ଥାନ: ଉଦଳା ବ୍ଲକ୍ ଅଧୀନ ପାଟପୁର ଗ୍ରାମ ପଡ଼ିଆ,ସମୟ:ସକାଳ ୭ ଟା୩୦।
- ଶ୍ରୀ ଶ୍ରୀ ଦଧିବାମନ ଚନ୍ଦ୍ର ବୃନ୍ଦାବନ ଚନ୍ଦ୍ର ଜୀଉଙ୍କ ନବ ନିର୍ମିତ ମନ୍ଦିରର ରତ୍ନମୁଦ ଓ ଖରେଶ୍ୱର ମହାଦେବଙ୍କ ଭୂମି ପୂଜନ ଉତ୍ସବ, ସ୍ଥାନ: ଦେଉଳିଆ, ବଡ଼ସାହି ବ୍ଲକ,ସମୟ: ସକାଳ ୮ଟା।
- ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅବସରରେ କଳସଯାତ୍ରା, ସ୍ଥାନ: ସାନକେରକୋ, ବଡ଼ସାହି,ସମୟ: ସକାଳ ୮ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଅକ୍ଷୟ ତୃତୀୟ ଉତ୍ସବ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର-୧ ଶାମାଖୁଣ୍ଟା,ସମୟ: ସକାଳ ୮ଟା।
- ଅକ୍ଷୟ ତୃତୀୟା ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ରଥଖଳାରେ ଅଖ-ଚକ ଲାଖି, ସ୍ଥାନ:ଉଦଳା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା ୩୦।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ମା' ମନଷା ଦେବୀ ପୀଠ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାଘଡାରୋଡ୍, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଅକ୍ଷୟ ତୃତୀୟାରେ ରଥ ଅଖରେ ଚକ ଲାଗି କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେ ରଥ ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଭାଜପା ଜିଲା କାର୍ଯ୍ୟାଳୟ ଉଦଘାଟନ, ସ୍ଥାନ: ନେହେରୁ ପାର୍କ ନିକଟ,ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ରାଧାକୃଷ୍ଣ ମନ୍ଦିର ନିର୍ମାଣ ଲାଗି ଭୂମି ପୂଜନ, ସ୍ଥାନ: ଛତ୍ରପୁର ଶାନ୍ତି ନଗର,ସମୟ: ପୂର୍ବାହ୍ନ ୧୦ଟା।
- ଭଗବାନ ଭେଙ୍କେଟେଶ୍ୱରଙ୍କ ବିବାହ ଉତ୍ସବ, ସ୍ଥାନ:ମା'ରାମାୟଣମ୍ମା ସୌଭାଗ୍ୟ କଲ୍ୟାଣ ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ପାରାଦୀପ ଆଦର୍ଶଥାନା ପରିସରରେ ଥିବା ତ୍ରିନାଥ ଦେବଙ୍କ ୨୧ତମ ବାର୍ଷିକ ଉତ୍ସବ ଓ ଯଜ୍ଞ, ସ୍ଥାନ: ଥାନା ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା କ୍ରେଡ଼ିଟ କୋ ଅପରେଟିଭ ସୋସାଇଟି ପକ୍ଷରୁ ଚାଷୀ ସଚେତନତା ସମାବେଶ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା।
- ମା'ଶାରଳା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ଚଣ୍ଡିଯଜ୍ଞ, ସ୍ଥାନ: ତରାପୁର, ଚକ୍ରୋଡା, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ମା' ତାରିଣୀଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଧରପୁର ପାଟଣା, ମହାକାଳପଡ଼ା, ସମୟ: ସକାଳ ୭ଟା।
- ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସାଇନଗର, ସାନବଡ଼ ଗୋପାଳପୁର, ରାଜନଗର, ସମୟ: ସକାଳ ୯ଟା।
- ମନ୍ଦିର କମିଟି ପକ୍ଷରୁ ମା'ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଅକ୍ଷୟ ତୃତୀୟାରେ କଂଗ୍ରେସ୍ କମିଟି ପକ୍ଷରୁ ଜିଲାସ୍ତରୀୟ ଅଖିମୁଠି ଅନୁକୂଳ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ନରସିଂହପୁର-ବଳଭଦ୍ରପାଟଣା ମୌଜା, ସମୟ: ସକାଳ ୯ଟା।
- ଅକ୍ଷୟ ତୃତୀୟାରେ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ଅଖିମୁଠି ଅନୁକୂଳ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଗଙ୍ଗାଧରପୁର ପଞ୍ଚାୟତ, ସମୟ: ସକାଳ ୯ଟା।
- ମହାଲକ୍ଷ୍ମୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ସୂର୍ଯ୍ୟପୂଜା, ଗୋପୂଜା ଓ ଗୁରୁପୂଜା, ସ୍ଥାନ : କୋରେଇ ବ୍ଲକ ପଛିକୋଟଗଡ ଗ୍ରାମ, ସମୟ : ସକାଳ ୭ଟା।
- ଜିଲାସ୍ତରୀୟ କୃଷକ ଦିବସ ଓ ଅକ୍ଷୟ ତୃତୀୟା ପାଳନ, ସ୍ଥାନ : ଯାଜପୁର ବ୍ଲକ୍ ପଣାସ ଗ୍ରାମ, ସମୟ : ସକାଳ ୮ଟା।
- ରାଜ୍ୟସ୍ତରୀୟ ବିରଜା କ୍ଷେତ୍ର ଫେଷ୍ଟିଭାଲ ଉଦ୍‌ଯାପିତ, ସ୍ଥାନ : ଯାଜପୁର ସଂସ୍କୃତି ଭବନ, ସମୟ : ଅପରାହ୍ନ ୫ଟା।
- ଶ୍ରୀ ଜଗନ୍ନାଥ ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ : ଯାଜପୁର ରୋଡ୍ ବଳଦିଆ ମଠ, ସମୟ : ସନ୍ଧ୍ୟା ୬ଟା।

## ନୟାଗଡ଼

- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ସାଂସ୍କୃତିକ ଆସର, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଅକ୍ଷୟ ତୃତୀୟାରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ନୟାଗଡ଼ ବ୍ଲକ ମୁକ୍ତାପୁରର ମା'ଆରାଧ୍ୟ ଦେବୀ ଶାଳଭଞ୍ଜୀ ଠାକୁରାଣୀଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ପୌରାଣିକ ନାଟକ ମଣିମାଳା ହରଣ, ସ୍ଥାନ:ନୟାଗଡ ବ୍ଲକ ମୁକ୍ତାପୁରର ମା ଆରାଧ୍ୟ ଦେବୀ ଶାଳଭଞ୍ଜୀ ଠାକୁରାଣୀଙ୍କ ପୀଠ, ସମୟ: ଅପରାହ୍ନ ୨ଟା।
- ବୈଷ୍ଣବ ଦେବୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ:ଖଣ୍ଡପଡା ବ୍ଲକ ମୁଣ୍ଡିଆ ହନୁମାନ ପୀଠ, ସମୟ: ସକାଳ ୭ଟା।
- ହନୁମାନ ଦେବଙ୍କ ମନ୍ଦିର ବିଗ୍ରହ ପ୍ରତିଷ୍ଠା, ସ୍ଥାନ:ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତ ଗୋପିନାଥପୁର, ସମୟ: ସକାଳ ୭ଟା।
- ଅକ୍ଷୟ ତୃତୀୟାରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ଭାପୁର ବ୍ଲକ ମାଧପୁର ଯଜ୍ଞପଦା, ସମୟ: ସକାଳ ୮ଟା।
- ଅକ୍ଷୟ ତୃତୀୟାରେ ଚନ୍ଦନଯାତ୍ରା ଆରମ୍ଭ, ସ୍ଥାନ:କର୍ଣ୍ଣିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଅକ୍ଷୟ ତୃତୀୟା ଉତ୍ସବ ପାଳନ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି, ସମୟ: ପୂର୍ବାହ୍ନ ୯ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଆରମ୍ଭ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ଆରମ୍ଭ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଆରମ୍ଭ, ସ୍ଥାନ:ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରା ଆରମ୍ଭ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ହନୁମାନ ଜୀଉଙ୍କ ବିଗ୍ରହ ପ୍ରତଷ୍ଠା ଉତ୍ସବରେ ଅଷ୍ଟ ପ୍ରହରୀ ଓ ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ଓଡଗାଁ ବ୍ଲକ କୁରାଳ ବେଙ୍ଗେଇସାହି, ସମୟ:ପୂର୍ବାହ୍ନ ୮ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ମହୋତ୍ସବର ଶୁଭାରମ୍ଭ, ସ୍ଥାନ: ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ସାଢ଼େ ୭ଟା।

## ରାୟଗଡ଼ା

- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଅବସରରେ ଭୂମି ପୂଜା ଏବଂ ଅଖି ମୁଠି ଅନୁକୂଳ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଗୁଣୁପୁର, ସମୟ: ସକାଳ ୮ ଟା।
- ମା' ଠାକୁରାଣୀଙ୍କ ଘଟ ପର୍ବ ନିମନ୍ତେ ଆଜ୍ଞମାଳ ଅଣାଯିବ, ସ୍ଥାନ: ମାଣିକେଶ୍ୱରୀ ଗଡ଼, ଗୁଡାରି, ସମୟ: ସକାଳ ୮ଟା ୫୫।
- ୯ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ, ସ୍ଥାନ: ମୀନାଖୋଲାସ୍ଥିତ ଜନ କଲ୍ୟାଣ ଆଶ୍ରମ, ଚନ୍ଦ୍ରପୁର ବ୍ଲକ୍, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ନବରଙ୍ଗପୁର

- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଉପଲକ୍ଷେ ଭୂମି ପୂଜନ, ଅଖିମୁଠି ଅନୁକୂଳ,
- ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ମିରଗାନଗୁଡ଼ା, ସମୟ: ସକାଳ ୯ଟା।
- ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ, ସମୟ: ସକାଳ ୯ଟା।
- ଚାଷକାର୍ଯ୍ୟ ଶୁଭାରମ୍ଭ, ସ୍ଥାନ: ଉମରକୋଟ, ସମୟ ପୂର୍ବାହ୍ନ ୧୧ଟା।
- ପେଣ୍ଡରାଣୀ ଗୁଡ଼ି ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ଅପରାହ୍ନ ୨ଟା।

## କୋରାପୁଟ

- ରାମ ମନ୍ଦିରର ପ୍ରତିଷ୍ଠା ନେଇ ଅଷ୍ଟପ୍ରହରୀ, ସ୍ଥାନ: ନୂତନ ରାମ ମନ୍ଦିର ପରିସର, କୋରାପୁଟ, ସମୟ: ସକାଳ ୭ଟା।
- ଅଖି ମୁଠି ଶୁଭାରମ୍ଭ, ସ୍ଥାନ: ପଣସପୁଟ ବାଗ୍ରା, ଜୟପୁର, ସମୟ: ସକାଳ ୯ଟା।
- ଅକ୍ଷୟ ତୃତୀୟା ପାଳନ, ସ୍ଥାନ: ଆଗ୍ରଗାମୀ ଅନୁଷ୍ଠାନ, ଦଶମନ୍ତପୁର, ସମୟ: ୯ଟା ୩୦।
- ରଥ ଅନୁକୁଳ, ସ୍ଥାନ: ରଘୁନାଥ ମନ୍ଦିର ପରିସର, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରଥ କାଠ ଅନୁକୂଳ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର ପରିସର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା ୨୦।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଶ୍ରୀଶ୍ରୀ ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ ବିଶାଳଖିଣ୍ଡା ଗ୍ରାମ, ସମୟ : ସକାଳ : ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ : ବୁଦ୍ଧ ହିଲ ରାମ ମନ୍ଦିର, ସମୟ : ସକାଳ ୮ଟା।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ବୈଦ୍ୟନାଥ ଛକ ସ୍ଥିତ ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତିସ୍ଥଳ, ସମୟ : ସକାଳ ୮ଟା।
- ଶ୍ରୀପର୍ଶୁରାମ ଜନ୍ମୋତ୍ସବ ସମିତି ପକ୍ଷରୁ ଆଧ୍ୟାତ୍ମିକ ଶୋଭାଯାତ୍ରା ଶୁଭାରମ୍ଭ, ସ୍ଥାନ : ବୈଦ୍ୟନାଥ ଛକ, ସମୟ : ସକାଳ ୮ଟା।
- ବୁଢ଼ାରଜା ମହାଦେବଙ୍କ ଶୀତଳଷଷ୍ଠୀ ଯାତ୍ରର ଥାଳ ଉଠାପର୍ବ, ସ୍ଥାନ : ବୁଢ଼ାରଜା ପାହାଡ ସ୍ଥିତ ଶୈବ ପୀଠ, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରର ଥାଳ ଉଠାପର୍ବ, ସ୍ଥାନ : ନନ୍ଦପଡା ଶୈବ ପୀଠ, ସମୟ : ଅପରାହ୍ନ ୪ଟା।
- ଶ୍ରୀପର୍ଶୁରାମ ଜନ୍ମୋତ୍ସବ ସମାରୋହ ସମିତି, ସ୍ଥାନ: ବୈଦ୍ୟନାଥ ଛକ, ସମୟ : ଅପରାହ୍ନ ୪ଟା।
- ଶ୍ରୀଶ୍ରୀ ଲୋକନାଥ ବାବାଙ୍କ ଶୀତଳଷଷ୍ଠୀ ଯାତ୍ରର ଥାଳ ଉଠାପର୍ବ, ସ୍ଥାନ : ଝାଡୁଆପଡା ଶୈବ ପୀଠ, ସମୟ : ଅପରାହ୍ନ ୫ଟା।
- ଶ୍ରୀଶ୍ରୀ ସୋମନାଥ ବାବାଙ୍କ ଶୀତଳଷଷ୍ଠୀ ଯାତ୍ରର ଥାଳ ଉଠାପର୍ବ, ସ୍ଥାନ : ବାଲିବନ୍ଧା ଶୈବ ପୀଠ, ସମୟ : ଅପରାହ୍ନ ୫ଟା ୧୫।
- ଶ୍ରୀଶ୍ରୀ ଶିତଳେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରର ଥାଳ ଉଠାପର୍ବ, ସ୍ଥାନ : ବଡବଜାର ଶୈବ ପୀଠ, ସମୟ : ସନ୍ଧ୍ୟା ୬ଟା।
- ଶ୍ରୀଶ୍ରୀ ଜାଗେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରର ଥାଳ ଉଠାପର୍ବ, ସ୍ଥାନ : ମୁଦିପଡା ଶୈବପୀଠ, ସମୟ : ସନ୍ଧ୍ୟା ୬ଟା ୩୦।
- ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରର ଥାଳ ଉଠାପର୍ବ, ସ୍ଥାନ : ଠାକୁରପଡା ଶୈବ ପୀଠ, ସମୟ : ରାତି ୮ଟା ୩୦।

## ବଲାଙ୍ଗୀର

- ଶ୍ରୀପର୍ଶୁରାମଙ୍କ ଜନ୍ମ ମହୋତ୍ସବ, ସ୍ଥାନ: ମାନସ ଭବନ, କଣ୍ଟାବାଞ୍ଜି, ସମୟ: ସକାଳ ୮ଟା।

## ରାଉରକେଲା

- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ଛେଣ୍ଡ, କଳିଙ୍ଗ ବିହାର, ସମୟ: ସକାଳ ୬ଟା ୩୦।
- ଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଉଦିତନଗର ପଞ୍ଚଦେବ ଟ୍ରଷ୍ଟ, ସମୟ: ରାତି ୧୦ଟା ୩୦।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ଜିଲା ସ୍ତରୀୟ ଅକ୍ଷୟ ତୃତିୟା (କୃଷକ ଦିବସ) ଅକ୍ଷି ମୁଠି ଅନୁକୂଳ ଓ ଭୂମି ପୂଜନ ଶୁଭ କାର୍ଯ୍ୟକ୍ରମ, ସ୍ଥାନ:କୃଷି ବିଜ୍ଞାନ କେନ୍ଦ୍ର, କିରେଇ,ସୁନ୍ଦରଗଡ଼, ସମୟ: ସକାଳ ୭ଟା।

## ବରଗଡ଼

- ପର୍ଶୁରାମ ଜୟନ୍ତୀ ଅବସରରେ ଅତାବିରା ବ୍ରାହ୍ମଣ ସମାଜ ପକ୍ଷରୁ ଦୁର୍ଗା ମଣ୍ଡପରୁ ଧର୍ମଶାଳା ପର୍ଯ୍ୟନ୍ତ ଶୋଭାଯାତ୍ରା ଏବଂ ବରିଷ୍ଠ ବ୍ରାହ୍ମଣ ପୂଜନ, ସ୍ଥାନ: ଅତାବିରା, ସମୟ: ସକାଳ ୭ଟା ୩୦।

## କଳାହାଣ୍ଡି

- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳନ, ସ୍ଥାନ: ଭବାନୀପାଟଣା କୃଷି ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଗଡ଼ ଉପଖଣ୍ଡସ୍ତରୀୟ କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଧର୍ମଗଡ଼ ସନ୍ଧିକୁଲିହାରି ମହାଭାରତ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳନ, ସ୍ଥାନ: ପାଲଝାର, ବଘିଆପଡା, ସମୟ: ସକାଳ ୭ଟା।
- ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ଷଷ୍ଠ ଦିନ ବିଗ୍ରହ ସ୍ଥାପନ ଓ ଅଷ୍ଟପ୍ରହର ନାମଯଜ୍ଞ,ସ୍ଥାନ:ମା' ଭୈରବୀଙ୍କ ପ୍ରାଙ୍ଗଣ ପୁରୁଣା କଟକ, ସମୟ: ସକାଳ ୯ ଟା।

## ଦେବଗଡ଼

- ଅକ୍ଷୟ ତୃତୀୟା ଅବସରରେ କୃଷକ ଦିବସ ପାଳନ,ସ୍ଥାନ: ରିଆମାଳ ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଦିବସ ପାଳନ ଅବସରରେ ଅଖିମୁଠି ଅନୁକୂଳ ଓ ଭୂମିପୂଜା, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ସକାଳ ୭ଟା।
- ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ଅଖିମୁଠି ଅନୁକୂଳ, ସ୍ଥାନ: ତରଭା ବ୍ଲକର ମାଳିପାଲି, ସମୟ: ସକାଳ ୭ଟା ୩୦।
- ଜିଲା କୃଷକ ସଂଗଠନ ପକ୍ଷରୁ ଅଖିମୁଠି ଅନୁକୂଳ, ସ୍ଥାନ: ସୋନପୁର ବ୍ଲକର ବଡଝିଙ୍କି, ସମୟ: ସକାଳ ୮ଟା।
- ତରଭା ଅନ୍ତର୍ଡା ମନ୍ଦିର ପ୍ରତିଷ୍ଠା ପାଇଁ ନାମଯଜ୍ଞ ଆରମ୍ଭ, ସ୍ଥାନ: ଗ୍ରାମସ୍ଥିତ କୀର୍ତ୍ତନ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଡୁଙ୍ଗୁରିପାଲି ପହଣ୍ଡି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲିଙ୍ଗରାଜ ରଣାଙ୍କ ଅବସର ଗ୍ରହଣ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ନୂଆପଡ଼ା

- ବୀର ବିକ୍ରମ ବହୁଭାଷୀ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ଅଗ୍ରେସନ ଭବନ ଖଡିଆଳ, ସମୟ: ରାତି ୯ଟା।
- ଅଷ୍ଟପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ବଙ୍ଗାମୁଣ୍ଡା ଗାଁ, ସମୟ: ସକାଳ ୯ଟା।

## ଝାରସୁଗୁଡ଼ା

- ଅକ୍ଷୟ ତୃତୀୟା ପାଳନ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସିଏମ୍ କିଷାନ କାର୍ଯ୍ୟକ୍ରମର ଭିଡ଼ିଓ କନ୍‌ଫେରେନ୍ସି କାର୍ଯ୍ୟକ୍ରମ, ସ୍ଥାନ: ବଡ଼ମାଳ କେଭିକେ କ୍ୟାମ୍ପସ, ସମୟ: ସକାଳ ୭ଟା ୩୦।
- ପର୍ଶୁରାମ ଜୟନ୍ତୀ ପାଳନ, ସ୍ଥାନ: ଝଣ୍ଡା ଛକ, ସମୟ: ସକାଳ ୮ଟା।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

| | |
|---|---|
| **ଭୁଞ୍ଜି ଗିଳ ଖା ମଣୋହି, ଯୋଗାଣ ଠା'।** | **ଭାଲୁଆ ମୁହଁକୁ ଗାଲୁଆ ଧରିଛି ଖାଲୁଆ ହୋଇଛି ପେଟ, ଭୋଜନ ପାଇଲେ ଯୋଜନ ଦଉଡେ ମିଛକୁ ବହିଛି ଜଟା।** |
| ବିଷୟବସ୍ତୁ ଏକ, ମାତ୍ର ପ୍ରକାଶଭଙ୍ଗୀ ଭିନ୍ନ। କାମ ଏକା ସତ, ମାତ୍ର ସ୍ଥାନ, କାଳ ଏବଂ ପାତ୍ର ଅନୁସାରେ ବ୍ୟବହାର ଯୋଗେ ଯାହା ପ୍ରଭେଦ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି। | ସାଧାରଣତଃ ଖାଦ୍ୟ ନ ପାଇଲେ କେହି ଗତିଶୀଳ ହୁଅନ୍ତି ନାହିଁ। ଖାଦ୍ୟ ପ୍ରତି ସମସ୍ତଙ୍କର ଲୋଭ ଥାଏ। ମିଛକୁ ଜଟାଧାରୀ ଓ ନିରାହାରୀ ସନ୍ନ୍ୟାସୀ ବୋଲାଉଥିବା ବ୍ୟକ୍ତିଟିର ଖାଦ୍ୟ ପ୍ରତି ଥିବା ଲାଳସାଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି। |

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପୂର୍ବ ପରିକଳ୍ପିତ ଯୋଜନା ଆରମ୍ଭ ସକାଶେ ମନ ବଳାଇ କୃତକାର୍ଯ୍ୟ ହେବେ। ପାରିବାରିକ ଅଶାନ୍ତି ଲାଗି ରହିଥିଲେ ମଧ୍ୟ ମନକୁ ବୁଝାଇ ରହିବାକୁ ବାଧହେବେ। ପରିବାରରେ ସ୍ୱଦସ୍ୟମାନଙ୍କ ସହ ମତପାର୍ଥକ୍ୟଜନିତ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ଅଶ୍ୱିନୀ ନକ୍ଷତ୍ରର ମନ ଅନୁଯାୟୀ କାମ ନ ହେବା କାରଣରୁ କ୍ରୋଧିତ ହୋଇପାରନ୍ତି।

**ବୃଷ** ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ ହେବେ। ରୋହିଣୀ ନକ୍ଷତ୍ର କଳା, ସାହିତ୍ୟରେ ଉନ୍ନତି କରିବା ସହ ପ୍ରଶଂସିତ ହେବେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତ କହି ବିରୋଧୀ ହୋଇପାରନ୍ତି। ଆର୍ଥିକ ସ୍ଥିତି ଦୁର୍ବଳଜନିତ ଆବଶ୍ୟକ ଉପକରଣ କ୍ରୟ କରିବେ।

**ମିଥୁନ** କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ସାହାଯ୍ୟ ଏବଂ ପଡ଼ୋଶୀଙ୍କ ସହୃଦୟତା କାମ ହାସଲରେ ସହାୟକ ହେବ। ପଡ଼ୋଶୀମାନେ କଅଁଳ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିପାରନ୍ତି। ମୁହଁରେ ମିଠାକଥା କହି ପଛରେ ଶତ୍ରୁତା ଓ ସମାଲୋଚନା କରୁଥିବା ଲୋକଙ୍କ ପ୍ରତି ସତର୍କ ରହନ୍ତୁ।

**କର୍କଟ** କର୍ମକ୍ଷେତ୍ରରେ କଥାର ଓଜନ ବଢ଼ିବା ଫଳରେ ଯାହାକୁ ଯାହା କହିବେ ସେ ଆଜ୍ଞାଧୀନ ଭାବରେ କାମ କରିବେ। ଦୂରଯାତ୍ରାର ପ୍ରତ୍ୟାବର୍ତ୍ତନ ପଥରେ କଷ୍ଟ ସ୍ୱୀକାର କରିବେ। ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବିଚଳିତ ହୋଇପାରନ୍ତି। ଅଶ୍ଲେଷା ନକ୍ଷତ୍ର ବାଣିଜ୍ୟ,ବ୍ୟବସାୟରେ ଲାଭବାନ୍ ହେବା ସାଙ୍ଗକୁ ନୂତନ ଯୋଜନା କରିପାରନ୍ତି।

**ସିଂହ** ଆପଣଙ୍କ ଲୋକପ୍ରିୟତା ପୂର୍ବପରି ଅକ୍ଷୁଣ୍ଣ ରହିବ ଏବଂ ଚେଷ୍ଟା କରୁଥିବା କାମରେ ସବୁଜ ସଙ୍କେତ ପାଇବେ । ପୂର୍ବାଫାଲଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆତ୍ମୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣ ହେବେ। ପରିବାରରେ ଆର୍ଥିକ ଅନଟନ କାରଣରୁ ମନ ବିଚଳିତ ରହିବ।

**କନ୍ୟା** ଆଜି ଚିତ୍ରା ନକ୍ଷତ୍ର ସକାଶେ କୌଣସି କାମ ସହଜରେ ହାସଲ କରିବା କଷ୍ଟକର ହୋଇପଡ଼ିବ। ସ୍ଥଗିତ କାମରେ ସାହାଯ୍ୟ କରିବା ସକାଶେ ପ୍ରିୟ ବନ୍ଧୁଙ୍କର ପ୍ରତିଶ୍ରୁତି କାମରେ ଆସି ନ ପାରେ। ଆନୁଷ୍ଠାନିକ କାମ, ନିର୍ମାଣ ଓ ମଙ୍ଗଳଜନକ କାମରେ ଉତ୍ସାହିତ ହୋଇ କାମ କରିବେ। ଆଜିର ଯାତ୍ରା, ବାଣିଜ୍ୟ, ଲୋକସମ୍ପର୍କ ଏବଂ ପାରିବାରିକ ସ୍ଥିତି ଭଲ ରହିବ।

**ତୁଳା** କର୍ମକ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ ହେଲେ ମଧ୍ୟ ସମସ୍ୟାବଳୟରୁ ବାଦ୍ ପଡ଼ିବେ ନାହିଁ। ପାରିବାରିକ ଜୀବନ ଉତ୍ତମ ବୁଝାମଣା ମଧ୍ୟରେ ସୁପ୍ରତିଷ୍ଠିତ ହେବ। ସ୍ୱାତୀ ନକ୍ଷତ୍ର ସକାଶେ କେତେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବା ଆଶଙ୍କା ପୂର୍ଣ୍ଣ ମାତ୍ରାରେ ଦେଖାଦେବ ।

**ବିଛା** ଆଜି ଆପଣଙ୍କ ଚିନ୍ତାଧାରା ଓ ମନ ଚାହୁଁଥିବା ପ୍ରକାରେ ସମସ୍ତ କାମ ଯଥାବିଧି ସମ୍ପନ୍ନ ହେବ। ଅନୁରାଧା ନକ୍ଷତ୍ର ସାଙ୍ଗସାଥୀଙ୍କ ସହ ନୂଆ ସ୍ଥାନକୁ ପରିଦର୍ଶନରେ ଯାଇ ପାରନ୍ତି। ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ କରିପାରନ୍ତି।

**ଧନୁ** ଆଜି ଆପଣ ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ ସଫଳତା ପାଇବେ । ଉତ୍ତରାଷାଢ଼ା ନକ୍ଷତ୍ର ପରିବାରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେଇପାରନ୍ତି। ଆର୍ଥିକ ଅନଟନ ଲାଗି ରହିବା କାରଣରୁ କାମଗୁଡ଼ିକ ଅଧାପନ୍ତରିଆ ରହିଯିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆପଣଙ୍କ କାମକୁ ସମାଲୋଚନା କରିପାରନ୍ତି।

**ମକର** ଦୂରଦର୍ଶିତା ଓ ବୁଦ୍ଧିମତ୍ତା ପ୍ରଭାବରୁ ପ୍ରତ୍ୟେକ ସମସ୍ୟା ସମାଧାନ କରିବେ । ପରିବାରରେ ଓଲଟା ବୁଝାମଣା କାରଣରୁ ଭଲ କଥା କହିଲେ ମଧ୍ୟ ଭୁଲ୍ ଧାରଣା ସୃଷ୍ଟି ହେବ। ଶ୍ରବଣା ନକ୍ଷତ୍ରର କାର୍ଯ୍ୟହାନି ହେତୁକ ବନ୍ଧୁଙ୍କ କାମକୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ସାହିତ୍ୟ, ଗବେଷଣା, ଅଦାଲତ ଓ ସାମ୍ବାଦିକତା କ୍ଷେତ୍ର ମଧ୍ୟମ ପ୍ରକାର ରହିବ।

**କୁମ୍ଭ** ଶତଭିଷା ନକ୍ଷତ୍ରର ଆଜିର କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ତଥାପି ପାରିବାରିକ ଅଶାନ୍ତି ସାଙ୍ଗକୁ ବନ୍ଧୁଙ୍କ ସହ ମତାନ୍ତର ହେତୁ ମନ ଭଲ ରହି ନ ପାରେ। ସାମାଜିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। ଯାତ୍ରା ସମୟରେ ବନ୍ଧୁ ସମ୍ପର୍କ ସ୍ଥାପନହେବା ସାଙ୍ଗକୁ ବୈବାହିକ ସମ୍ପର୍କର ଆଲୋଚନା ସ୍ଥାନ ପାଇପାରେ।

**ମୀନ** କର୍ମକ୍ଷେତ୍ରରେ ସାମାନ୍ୟ ଅସୁବିଧା ଦେଖାଦେଲେ ମଧ୍ୟ ପର କ୍ଷଣରେ ସବୁ ଠିକ୍ ହୋଇଯିବ। ଉତ୍ତରଭାଦ୍ରପଦ ନକ୍ଷତ୍ରର କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ପ୍ରକୃତ ଘଟଣା ନ ବୁଝି ସହକର୍ମୀ ରାଗରେ ଗରଗର ହୋଇପାରନ୍ତି। ଦେବ ଦର୍ଶନ, ସତ୍‌ସଙ୍ଗ, ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ।

ଆଜି ଏପ୍ରିଲ ୩୦ ତାରିଖ, ବୈଶାଖ ଶୁକ୍ଳପକ୍ଷର ଅକ୍ଷୟତୃତୀୟା ବୁଧବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ, ରଥ ନିର୍ମାଣ ଅନୁକୂଳ,ରେବତୀ ବିବାହ ଉତ୍ସବ,କବି ଜୟଦେବଙ୍କ ଜୟନ୍ତୀ। ରାଶିନକ୍ଷତ୍ର- ରୋହିଣୀ/ବୃଷ, ତୃତୀୟାର ଏକୋଦ୍ଦିଷ୍ଟ ଏବଂ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ଗୃହାରମ୍ଭ, ଗୃହପ୍ରବେଶ, ଦେବତା ପ୍ରତିଷ୍ଠାଦି କର୍ମ ସକାଶେ ଶୁଭଦିନ। ସକାଳ ଘ.୦୫।୨୨ ଗତେ, ଘ.୦୭।୦୦ ମଧ୍ୟେ, ଘ.୧୦।୦୮ ଗତେ, ଘ.୧୧।୧୮ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୧।୪୩ ଗତେ, ଘ.୦୧।୧୯ ମଧ୍ୟେ ରାହୁକାଳ ।

# ସୁନାମି ପାଇଁ ୬ ଜିଲ୍ଲାରୁ ଚିହ୍ନଟ ହେବ ୧୦୦ରୁ ଊର୍ଦ୍ଧ୍ୱ ଗାଁ

ଭୁବନେଶ୍ୱର,୨୯।୪
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ସୁନାମି ପ୍ରସ୍ତୁତି ଚିହ୍ନଟ ପାଇଁ ରାଜ୍ୟର ୬ଟି ଉପକୂଳବର୍ତ୍ତୀ ଜିଲାରୁ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମ ଚିହ୍ନଟ କରାଯିବ। ଏଥିପାଇଁ ଆଇ୍ଏନ୍‌ସିଓଆଇଏସ୍ ପକ୍ଷରୁ ବୈଷୟିକ ସହାୟତା ନିଆଯିବ ବୋଲି ବିପର୍ଯ୍ୟୟ ମୁକାବିଲା ଲାଗି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର ଦ୍ୱିତୀୟ ବୈଠକରୁ ଜଣାଯାଇଛି।

ବୈଠକର ସୂଚନା ଅନୁଯାୟୀ, ଜଳବାୟୁର ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ପ୍ରାକ୍ ପ୍ରସ୍ତୁତି କରାଯିବ। ଏହିକ୍ରମରେ ସୁନାମି ଭଳି ବିପର୍ଯ୍ୟୟ ଆସିବା ପୂର୍ବରୁ ରାଜ୍ୟ ସରକାର କିଭଳି ଜାଣିବେ ଏବଂ ଏହାର ମୁକାବିଲା ଦିଗରେ ଠୋସ୍ ପଦକ୍ଷେପ ନେଇପାରିବେ ସେଥିପାଇଁ ଭିତ୍ତିଭୂମି ସୁଦୃଢ଼ କରାଯିବ। ୟୁନେସ୍କୋ-ଆଇଓସି ପକ୍ଷରୁ ସୁନାମି ରେଡୀ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ୬ ଉପକୂଳ ଜିଲାରୁ ୧୦୦ ଗାଁ ଚିହ୍ନଟ କରାଯିବ ବୋଲି ବୈଠକରୁ ଜଣାଯାଇଛି।

ସେହିପରି ବିପର୍ଯ୍ୟୟ ମୁକାବିଲା ଜନସଚେତନତା କାର୍ଯ୍ୟକ୍ରମ 'ସତର୍କ'କୁ ବ୍ୟାପକ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ପ୍ଲାଟଫର୍ମକୁ ବିପର୍ଯ୍ୟୟ ମୁକାବିଲା ଲାଗି ବିକଶିତ କରାଯିବ। ଏହା ମାଧ୍ୟମରେ ସମସ୍ତ ପ୍ରକାର ଜଳବାୟୁ ଓ ପାଣିପାଗ ବିଷୟରେ ଲୋକେ ଯେପରି ଆଗତୁରା ସୂଚନା ପାଇପାରିବେ ସେହିଭଳି ବ୍ୟବସ୍ଥିତ କରାଯିବ ବୋଲି ଜଣାଯାଇଛି।

ସେହିପରି ଅଂଶୁଘାତ ମୁକାବିଲା ଲାଗି ରାଜ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ। ଏଥିପାଇଁ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମର ଉପଯୋଗ କରାଯାଇପାରିବ। ଆବଶ୍ୟକସ୍ଥଳେ କାନ୍ଥ ବାଡ଼ରେ ସଚେତନତା ବାର୍ତ୍ତା ପ୍ରଦର୍ଶିତ ହେବ। ଏହି ଅବସରରେ ମୁଖ୍ୟଶାସନ ସଚିବ ରାଜ୍ୟ ସରକାରଙ୍କ ୨୦୩୬ ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ୨୦୪୭ର ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଟିପ୍ପଣୀ ଦେଇଥିଲେ।

- 'ସତର୍କ'କୁ ବ୍ୟାପକ କରାଯିବ
- ବିପର୍ଯ୍ୟୟରେ କାର୍ଯ୍ୟକାରୀ ହେବ ବିକଶିତ ଓଡ଼ିଶା-୨୦୩୬

ଭିଜନ ବିକଶିତ ଓଡ଼ିଶା-୨୦୩୬କୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବିପର୍ଯ୍ୟୟ ପ୍ରତିରୋଧୀ ସ୍କୁଲ କୋଠା, ଅଙ୍ଗନୱାଡି, ଡାକ୍ତରଖାନା କୋଠା ନିର୍ମାଣକୁ ପ୍ରାଧାନ୍ୟ ଦିଆଯିବ । ରାଜ୍ୟର ସମସ୍ତ ଫାୟାର ଷ୍ଟେଶନରେ ଆବଶ୍ୟକୀୟ ଉପକରଣ ଉପଲବ୍ଧ କରାଇବା ଦ୍ୱାରା ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟର ତତ୍କ୍ଷଣାତ୍ ମୁକାବିଲା କରାଯାଇ ପାରିବ । ସେହିଭଳି ଉଦ୍ଧାର ପ୍ରକ୍ରିୟାର ପରିଚାଳନା ପାଇଁ ରାଜ୍ୟସ୍ତରୀୟ ସେଣ୍ଟର ଏବଂ ରାଜ୍ୟର ୧୦ଟି ସ୍ଥାନରେ ଉଦ୍ଧାରକାରୀ କୁକୁର ନିୟୋଜିତ ରଖିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କମାଣ୍ଡ ସେଣ୍ଟର ଭାବେ କାର୍ଯ୍ୟ କରିବା ପାଇଁ ଗୋଟିଏ ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ ଆପାତ୍‌କାଳୀନ ପରିଚାଳନା ସେଣ୍ଟର ନିର୍ମାଣ କାର୍ଯ୍ୟ ଜାରି ରହିଛି । ଏଥିଲାଗି କେନ୍ଦ୍ର ସରକାରଙ୍କ ସହ ରାଜ୍ୟର ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି ।

ବୈଠକର ସୂଚନା ଅନୁଯାୟୀ, ରାଜ୍ୟରେ ପ୍ରାକୃତିକ ଏବଂ ସିବିଆର୍‌ଏନ୍ (କେମିକାଲ ବାୟୋଲୋଜିକାଲ ରେଡିଓଲୋଜିକାଲ ଏବଂ ନ୍ୟୁକ୍ଲିୟର) ବିପର୍ଯ୍ୟୟ ମୁକାବିଲା ଲାଗି ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏଥିନେଇ ସମ୍ପୃକ୍ତ ବିଭାଗଗୁଡ଼ିକ ପାଇଁ ଏକ ଷ୍ଟାଣ୍ଡାର୍ଡ ଅଫ୍ ପ୍ରୋସିଡ୍ୟୁଅର(ଏସ୍‌ଓପି) ପ୍ରସ୍ତୁତ କରାଯିବ । ଏହାକୁ ନେଇ କେନ୍ଦ୍ର ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଅଧ୍ୟକ୍ଷତାରେ ଗଠିତ ଏକ ଆନ୍ତଃସରକାରୀ ସଂଗଠନ ଆର୍‌ଆଇଏମ୍‌ଇଏସ୍(ରିଜିଓନାଲ୍ ଇଣ୍ଟିଗ୍ରେଟେଡ୍ ମଲ୍ଟି-ହାଜାର୍ଡ ଏରଲୀ ୱାର୍ନିଂ ସିଷ୍ଟମ) ସହଭାଗିତାରେ ଓସ୍‌ଡମା ପକ୍ଷରୁ ଏକୀକୃତ କମାଣ୍ଡ କଣ୍ଟ୍ରୋଲ୍ ସିଷ୍ଟମ୍ (ୟୁସିସିଏସ୍) ଆପ୍ଲିକେଶନ କାର୍ଯ୍ୟକାରୀ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି । ୟୁସିସିଏସ୍ ବିପର୍ଯ୍ୟୟ ପରିଚାଳନା ସମୟରେ ତଥ୍ୟ ସଂଗ୍ରହ, କ୍ଷୟକ୍ଷତି ଆକଳନ ଏବଂ ସ୍ଥିତି ଅନୁଧ୍ୟାନ ଭଳି କାର୍ଯ୍ୟକୁ ସୁଗମ କରିବ । ଏହି ବ୍ୟବସ୍ଥା ରାଜ୍ୟ, ଜିଲା ଏବଂ ବ୍ଲକସ୍ତରୀୟ ଜରୁରିକାଳୀନ କେନ୍ଦ୍ରର ତଥ୍ୟକୁ ଏକୀକୃତ କରିବାରେ ସହଯୋଗ ହେବ ବୋଲି ବୈଠକରୁ ଜଣାଯାଇଛି। ବୈଠକରେ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ଓ ଏସ୍‌ଆର୍‌ସି ଡି. କେ. ସିଂହ ଓ ସଂପୃକ୍ତ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିପର୍ଯ୍ୟୟର ସମ୍ମୁଖୀନ ଲାଗି ବିଭାଗଗୁଡ଼ିକ ଭିତରେ ସମନ୍ୱୟ ରଖ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୨୯।୪ (ସୁନିତ୍ ମିଶ୍ର)

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପ୍ରାକ୍ ବାତ୍ୟା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ୨୦୧୯ ମେ ମାସରେ ଗ୍ରୀଷ୍ମକାଳୀନ ବାତ୍ୟା 'ଫନୀ'ର ଅଭିଜ୍ଞତାକୁ ଭିତ୍ତିକରି ରାଜ୍ୟରେ ଗ୍ରୀଷ୍ମକାଳୀନ ବାତ୍ୟା ପରିଚାଳନା ନେଇ ବୈଠକରେ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଛି। ସ୍ଥାନୀୟ ଲୋକସେବା ଭବନସ୍ଥିତ ୨ୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ସମୀକ୍ଷା କରି ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ପ୍ରସ୍ତୁତି କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ବାତ୍ୟା ନେଇ କୌଣସି ସୂଚନା ନ ଥିବାବେଳେ ଯେକୌଣସି ବିପର୍ଯ୍ୟୟର ସମ୍ମୁଖୀନ କରିବା ପାଇଁ ପ୍ରତି ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ସେ କହିଛନ୍ତି। ଏହାସହ ବାତ୍ୟା ସୂଚନା ତଳ ସ୍ତରରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ଖୁବ୍‌ଶୀଘ୍ର ପହଞ୍ଚାଇବା ପାଇଁ ରହିଥିବା ବ୍ୟବସ୍ଥାକୁ ସୁଦୃଢ କର। ପ୍ରାରମ୍ଭରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ସେହିଭଳି ଅଗ୍ନିଶମ ସେବାର ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ବିଭାଗର ପ୍ରସ୍ତୁତି ସମ୍ପର୍କରେ ପ୍ରକାଶ କରିବା ସହ ବାତ୍ୟା ସମୟରେ ଟେଲି ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସମ୍ଭାବ୍ୟ ବାତ୍ୟା ସମୟରେ ମୋବାଇଲ୍ ଟାୱାର ସୁଦୃଢ଼ୀକରଣ ଓ ତ୍ୱରିତ ବିଦ୍ୟୁତ ସଂଯୋଗ ଆଦି ଉପରେ ବୈଠକରେ ଆଲୋଚନା ହୋଇଛି।


ସୂଚନା ଏବଂ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଦେବପ୍ରସାଦ ଦାଶଙ୍କୁ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ ଅବସରରେ ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ଏବଂ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ମାର୍କେଟିଂ ଡାଇରେକ୍ଟର ବରୋଦା ମହାନ୍ତି।

# ୨୦୨୬ ସୁଦ୍ଧା ମିଳିମିଳା-ରୁବେଲାମୁକ୍ତ

- ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ: ସ୍ୱାସ୍ଥ୍ୟମନ୍ତ୍ରୀ
- ୯୦.୫% ଟିକାକରଣ ସହ ଓଡ଼ିଶା ଦେଶରେ ଶୀର୍ଷ

ଭୁବନେଶ୍ୱର, ୨୯।୪
(ବନ୍ଦନା ସେଠୀ)

୨୦୨୬ ସୁଦ୍ଧା ମିଳିମିଳା ଏବଂ ରୁବେଲାକୁ ସମ୍ପୂର୍ଣ୍ଣ ରୂପେ ପରାହତ କରିବା ପାଇଁ ଓଡ଼ିଶା ସଂକଳ୍ପବଦ୍ଧ। ସେହିପରି ଟିକାକରଣ କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍-୫) ଅନୁଯାୟୀ ଓଡ଼ିଶା ୯୦.୫% ଟିକାକରଣ କଭରେଜ୍ ହାସଲ କରିପାରିଛି। ଏହା ଭାରତର ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବାଧିକ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ମଙ୍ଗଳବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ସ୍ୱାସ୍ଥ୍ୟମନ୍ତ୍ରୀ ରାଜ୍ୟରେ ମିଳିମିଳା ଏବଂ ରୁବେଲା (ଏମ୍‌ଆର୍) ନିରାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ବିସ୍ତୃତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ସାମଗ୍ରୀର ଉନ୍ମୋଚନ କରିଛନ୍ତି। ଟିକାକରଣ କ୍ଷେତ୍ରରେ ଏହି ମାଇଲଖୁଣ୍ଟ ସ୍ୱାସ୍ଥ୍ୟକର୍ମୀଙ୍କ ସମର୍ପିତ ମନୋଭାବ, ଗୋଷ୍ଠୀ ସମର୍ଥନ ଏବଂ ଠିକ୍ ଅନ୍ତଃବିଭାଗୀୟ ସମନ୍ୱୟର ପ୍ରମାଣ। ଟିକାକରଣ ଦ୍ୱାରା ପ୍ରତିରୋଧ କରିହେଉଥିବା ରୋଗଠାରୁ ଶିଶୁମାନଙ୍କୁ ଦୂରେଇ ରଖିବା ସହ ଶାରରିକ ଅସୁସ୍ଥତା ଓ ମୃତ୍ୟୁହାର ହ୍ରାସ କରିବା ନିମନ୍ତେ ରାଜ୍ୟରେ ସର୍ବଦା ମହିଳା ଓ ଶିଶୁଙ୍କ ଟିକାକରଣକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରାଯାଇଛି। ରାଜ୍ୟର କୌଣସି ଶିଶୁ ଯେପରି ଟିକାକରଣରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦିଆଯାଉଥିବା ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଏହାବାଦ୍ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସୂଚନା ଓ ଲୋକସମ୍ପର୍କ ଭଳି ଏକାଧିକ ସରକାରୀ ବିଭାଗର ପରସ୍ପର ସହଯୋଗୀ ଆଭିମୁଖ୍ୟ ଉପରେ ଏମ୍‌ଆର୍ ନିରାକରଣ ମିଶନର ସଫଳତା ନିର୍ଭର କରେ ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଉତ୍ସବରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ରାଜ୍ୟ ଟିକାକରଣ ଅଧିକାରୀ ଡା. ତାପସ କୁମାର ପାତ୍ର, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ବିନୋଦ ବିହାରୀ ଦାସଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଟିକାକରଣ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ପାଇଁ ୧୯୭୭ରେ ଭାରତରୁ ବସନ୍ତ ରୋଗର ବିଲୋପ, ୨୦୧୪ ମାର୍ଚ୍ଚରୁ ଭାରତ ପୋଲିଓମୁକ୍ତ ଏବଂ ୨୦୧୫ ମେ'ରୁ ମାତୃ ଓ ନବଜାତ ଶିଶୁ ଟିଟାନସ୍‌ମୁକ୍ତ ଘୋଷଣା କରାଯାଇଛି।




# ଓଆଇଏସ୍‌ଏଫ୍ ଭ୍ୟାନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ତାଳଚେର,୨୯।୪
(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକ ବଲଣ୍ଡା ଅଞ୍ଚଳରେ ମଙ୍ଗଳବାର ସକାଳେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ଓଆଇଏସ୍‌ଏଫ୍)ର ଏକ ଭ୍ୟାନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗୁରୁଦ୍ୱାର ଅଞ୍ଚଳର ସୁଶାନ୍ତ ସାହୁ (୪୦)। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ସେମାନେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ସୂଚନା ଅନୁଯାୟୀ, ଗୁରୁଦ୍ୱାର ଅଞ୍ଚଳର ସୁଶାନ୍ତ ସକାଳେ ପରିବା କିଣିବାକୁ ବଲଣ୍ଡା ବଜାରକୁ ଆସିଥିଲେ। ଏହି ସମୟରେ ସମ୍ମୁଖ ପଟୁ ଆସୁଥିବା ଓଆଇଏସ୍‌ଏଫ୍‌ର ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ହୋଇଯିବା ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଉପଯୁକ୍ତ କ୍ଷତିପୂରଣ ସହ ଦୋଷୀଙ୍କୁ ଦଣ୍ଡ ଦାବିରେ ରାସ୍ତାରୋକୋ କରିଥିଲେ। ଫଳରେ କିଛି ସମୟ ପାଇଁ ବଲଣ୍ଡା ବଜାର ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ କଲିୟାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଦେବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ଶାଳଚୁଆରେ ଦନ୍ତା ହାତୀର ମୃତ୍ୟୁ

ଠାକୁରମୁଣ୍ଡା(ତାରାକାନ୍ତ ପଟ୍ଟନାୟକ)/ଆନନ୍ଦପୁର, ୨୯।୪(ସୁଶାନ୍ତ କୁମାର ସାହୁ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ସାତକୋଶିଆ ବନ୍ୟପ୍ରାଣୀ ବନ୍ୟାଞ୍ଚଳର ଶାଳଚୁଆ ଗ୍ରାମ ନିକଟରେ ମଙ୍ଗଳବାର ସକାଳେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଠାକୁରମୁଣ୍ଡା ପ୍ରାଣୀ ଚିକିତ୍ସାଳୟର ଚିକିତ୍ସକ ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ଅପରାହ୍ନରେ ବାରିପଦାରୁ ଏକ ବିଶେଷଜ୍ଞ ଟିମ୍ ପହଞ୍ଚି ତଦନ୍ତ କରୁଛି। କରଞ୍ଜିଆ ଡିଏଫଓ ଶ୍ରୀକାନ୍ତ ନାୟକ, ଏସିଏଫ୍ ମଦନମୋହନ ମହାନ୍ତ, ସାତକୋଶିଆ ରେଞ୍ଜର ରବୀନ୍ଦ୍ରନାଥ ମହାନ୍ତଙ୍କ ସମେତ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର କାରଣ ଖୋଜୁଛନ୍ତି। ମୃତ ଦନ୍ତା ହାତୀର ବୟସ ପାଖାପାଖି ୧୦ ବର୍ଷ ହେବ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବନ ବିଭାଗ କହିଛି। ସୂଚନା ଅନୁଯାୟୀ, ଦନ୍ତା ହାତୀଟି କିଛି ଦିନ ହେବ ଏକୁଟିଆ ଶାଳଚୁଆ ଜଙ୍ଗଲରେ ବୁଲୁଥିଲା। ସ୍ଥାନୀୟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପଛପଟରେ ଥିବା ଏକ ପୋଖରୀକୁ ମଙ୍ଗଳବାର ସକାଳ ପ୍ରାୟ ୭ଟା ବେଳେ ପାଣି ପିଇବାକୁ ଆସିଥିଲା। କିନ୍ତୁ ସକାଳ ୯ଟା ସମୟରେ ପୋଖରୀଠାରୁ କିଛି ଦୂରରେ ହାତୀଟି ମରିପଡ଼ିଥିବା ଦେଖି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ତେବେ ହାତୀଟି ସୁସ୍ଥ ଅବସ୍ଥାରେ କିଛି ଦିନ ହେବ ବିଚରଣ କରୁଥିବା ବେଳେ ହଠାତ୍ ତା'ର ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

## ହାତୀ ଆକ୍ରମଣରେ ଚାଷୀ ମୃତ

ମୋରଡ଼ା,୨୯।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ସୋମବାର ରାତି ୧୦ଟାରେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ହେମନ୍ତ କୁମାର ଜେନା(୫୦)। ସ୍ଥାନୀୟ ଲୋକଙ୍କ ସହିତ ସେ ଧାନ ବିଲ ଜଗିବାକୁ ଯାଇଥିଲେ। ୬ଟି ହାତୀ ବିଲରେ ପଶି ଉପଦ୍ରବ ଚଳାଇଥିଲେ। ସେମାନଙ୍କୁ ଘଉଡ଼ାଇବା ସମୟରେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ପଠାଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ହେମନ୍ତଙ୍କ ପରିବାରକୁ ୬୦ ହଜାର ଟଙ୍କାର ସହାୟତା ମିଳିବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୫ ଲକ୍ଷ ୪୦ ହଜାର ଟଙ୍କାର ସହାୟତା ମିଳିବ ବୋଲି ରେଞ୍ଜର ଘନଶ୍ୟାମ ସିଂ କହିଛନ୍ତି।


ଶାଳଚୁଆ ଗ୍ରାମ ନିକଟରେ ମୃତ ଦନ୍ତା ହାତୀ






ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ- ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। -ଶ୍ରୀମା

-ଅକ୍ଷୟ ତୃତୀୟା,
ଚନ୍ଦନ ଯାତ୍ରାରମ୍ଭ,
ପର୍ଶୁରାମ ଜୟନ୍ତୀ

# ସମାପ୍ତି ହେଉନାହିଁ

ଦକ୍ଷିଣ ବମ୍ବେର ବାଲାର୍ଡ ଇଷ୍ଟେଟରେ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବିଲ୍ଡିଂ ଗତ ଦଶନ୍ଧିରେ ଚର୍ଚ୍ଚାର କେନ୍ଦ୍ରରେ ରହି ଆସିଛି। ଅନେକ ଗୁରୁତ୍ୱପୂର୍ଣ୍ଣ ବା ହାଇ ପ୍ରୋଫାଇଲ ବ୍ୟକ୍ତିଙ୍କୁ ସମ୍ପୃକ୍ତ କରି ହୋଇଥିବା ମାମଲାଗୁଡ଼ିକର ତଦନ୍ତକୁ ନେଇ ବହୁ ସମୟରେ ଏହା ବିବାଦୀୟ ବିତର୍କକୁ ଉଜାଗର କରିଛି। ଏପ୍ରିଲ ୨୭ରେ ବାଲାର୍ଡ ଇଷ୍ଟେଟସ୍ଥିତ ଇଡି ଅଫିସ୍‌ରେ ଅଗ୍ନିକାଣ୍ଡ ଯୋଗୁ ଏହା ପୁନର୍ବାର ଖବର ପାଲଟିଛି। ଇଡି ଜୋନ୍(୧) କାର୍ଯ୍ୟାଳୟରେ ନିଆଁ ଲାଗି ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜଳିଯାଇଛି। ଏହି ନିଆଁକୁ ଆୟତ୍ତ କରିବାକୁ ୧୦ ଘଣ୍ଟା ଲାଗିଯାଇଥିଲା ଓ ଏଥିରେ କେହି ମୃତାହତ ହୋଇନାହାନ୍ତି। କୌତୂହଳର ବିଷୟ ଯେ ଦୀର୍ଘ ସମୟ ବିଲ୍ଡିଂ ଜଳିଥିଲେ ମଧ୍ୟ କେହି ବ୍ୟକ୍ତି ଆହତ ନ ହେବା ସବୁକିଛି ଷଡ଼ଯନ୍ତ୍ର ଦିଗକୁ ସୂଚିତ କରୁଛି। ଫଳରେ ହାଇ ପ୍ରୋଫାଇଲ ମାମଲାଗୁଡ଼ିକର ଦସ୍ତାବିଜ ଉପରେ ପ୍ରଶ୍ନ ଉଠିଛି। ଉଲ୍ଲେଖଯୋଗ୍ୟ, ନଷ୍ଟ ହୋଇଯାଇଥିବା ଫାଇଲଗୁଡ଼ିକ ମଧ୍ୟରେ ପଳାତକ ବ୍ୟବସାୟୀ ମେହୁଲ ଚୋକ୍‌ସୀ, ନୀରବ ମୋଦି ଏବଂ ଭାଜପାକୁ ସମର୍ଥନ କରୁଥିବା ଅଜିତ ପାୱାରଙ୍କର ଏନ୍‌ସିପି ଗୋଷ୍ଠୀର ନେତା ଛଗନ ଭୁଜବଳଙ୍କ ତଦନ୍ତ ରେକର୍ଡ ସବୁ ରହିଛି। ଏହାସହ କମ୍ପ୍ୟୁଟର, ଡକ୍ୟୁମେଣ୍ଟେଶନ ସମେତ କାର୍ଯ୍ୟାଳୟର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବାରୁ ତଦନ୍ତ ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଅନ୍ୟପକ୍ଷରେ ଇଡି ପକ୍ଷରୁ କୁହାଯାଇଛି, ଫାଇଲଗୁଡ଼ିକ ଡିଜିଟାଲି ସଂରକ୍ଷିତ ହୋଇ ରହିଥିବାରୁ ତଦନ୍ତ ଓ ବିଚାର ପ୍ରକ୍ରିୟା ପ୍ରଭାବିତ ହେବ ନାହିଁ। କିନ୍ତୁ ମହାରାଷ୍ଟ୍ରର ବିରୋଧୀ ଦଳଗୁଡ଼ିକ ଅଗ୍ନିକାଣ୍ଡକୁ ଦୁର୍ଘଟଣା ଭାବେ ଗ୍ରହଣ କରୁନାହାନ୍ତି, ବରଂ ଏହା ଏକ ଷଡ଼ଯନ୍ତ୍ର ବୋଲି କହୁଛନ୍ତି। ମହାରାଷ୍ଟ୍ର କଂଗ୍ରେସ ମୁଖ୍ୟ ହର୍ଷବର୍ଦ୍ଧନ ସପ୍‌କାଲ କହିଛନ୍ତି, ଇଡି ଅଧିକାରୀମାନେ ଜାଣିଶୁଣି କାର୍ଯ୍ୟାଳୟରେ ନିଆଁ ଲଗାଇଦେଇଛନ୍ତି। ଏହାସହ ଗତ ଏକ ଦଶନ୍ଧି ମଧ୍ୟରେ ଇଡିକୁ ବିରୋଧୀ ନେତାମାନଙ୍କୁ ଜେଲରେ ରଖିବାଠାରୁ ଆରମ୍ଭ କରି ଅନେକ ରାଜନେତାଙ୍କୁ ଡରାଇ ଦଳ ପରିବର୍ତ୍ତନ କରିବାରେ ବ୍ୟବହାର କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଦେଖିବାକୁ ଗଲେ ନିକଟ ବର୍ଷଗୁଡ଼ିକରେ କେବଳ ମହାରାଷ୍ଟ୍ରରେ ବିଭାଜନ ପୂର୍ବରୁ ଏନ୍‌ସିପିରେ ଥିବା ନେତା ଛଗନ ଭୁଜବଳ, ସମୀର ଭୁଜବଳ, ନୱାବ ମଲିକ ଏବଂ ଅନିଲ ଦେଶମୁଖଙ୍କ ସହ ଶିବସେନା (ଉଦ୍ଧବ ଠାକ୍‌ରେ) ନେତା ସଞ୍ଜୟ ରାଓତଙ୍କୁ ଇଡି ଗିରଫ କରିଥିଲା। ଏହା ବ୍ୟତୀତ ମହାରାଷ୍ଟ୍ରର ଆହୁରି ଅନେକ ନେତା ଇଡି କାର୍ଯ୍ୟାଳୟରୁ ଡକରା ପାଇ ଯାଇଛନ୍ତି ଓ ସେଠାରୁ ଫେରିବା ପରେ ସେମାନଙ୍କ ଦୃଷ୍ଟିକୋଣ ବଦଳାଇଛନ୍ତି। ଏହାର ଏକ ଉଦାହରଣ ହେଉଛନ୍ତି ମହାରାଷ୍ଟ୍ର ନବନିର୍ମାଣ ସେନା(ଏମ୍‌ଏନ୍‌ଏସ୍)ର ମୁଖ୍ୟ ରାଜ୍ ଠାକ୍‌ରେ। ୨୦୧୯ରେ ଲୋକ ସଭା ନିର୍ବାଚନ ଶୋଭାଯାତ୍ରାରେ ଭାଜପାକୁ କଟାକ୍ଷ କରିଥିବାରୁ ନିର୍ବାଚନ ପରେ ଏକ ବହୁ ପୁରୁଣା ମାମଲାକୁ କେନ୍ଦ୍ରକରି ତାଙ୍କୁ ଇଡିରୁ ସମନ ଜାରି କରାଯାଇଥିଲା। ଇଡିରୁ ଫେରି ରାଜ ଠାକ୍‌ରେ ଭାଜପାକୁ ସମାଲୋଚନା କରିବା ବନ୍ଦ କରିଦେଇଥିଲେ। ପରେ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ନିଃସର୍ତ୍ତ ସମର୍ଥନ କରିଥିଲେ। ଏହା ଏବେ ଏବକାର ଇଡିର ମୁଖ୍ୟ କର୍ତ୍ତବ୍ୟ ହୋଇଯାଇଛି ବୋଲି ବିରୋଧୀ ରାଜନେତାମାନେ ଦୋଷାରୋପ କରୁଛନ୍ତି।

ଇଡି ମୁଖ୍ୟତଃ ମନି ଲଣ୍ଡରିଂ (ଆର୍ଥିକ ହେରଫେର) ଏବଂ ବୈଦେଶିକ ବିନିମୟ ନିୟମ-୧୯୯୯ ଉଲ୍ଲଂଘନର ତଦନ୍ତ କରିଥାଏ। ଏହାର ମୁଖ୍ୟାଳୟ ଦିଲ୍ଲୀରେ ଥିବାବେଳେ ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ଓ ସ୍ଥାନୀୟ କାର୍ଯ୍ୟାଳୟ ରହିଛି। ଏଣୁ ଇଡିକୁ ଆର୍ଥିକ ଅପରାଧର ତଦନ୍ତ ଓ ବିଚାର କରିବାରେ ବ୍ୟାପକ ବ୍ୟବସ୍ଥା ଅଛି। କିନ୍ତୁ ଏବେ ଇଡି ପାଇଁ ମଞ୍ଜୁରିପ୍ରାପ୍ତ ଅଧିକାରୀ ପଦବୀଗୁଡ଼ିକରୁ ୫୬ ପ୍ରତିଶତ ଖାଲି ପଡ଼ିଛି ଏବଂ ଏଥିରେ ଏହାକୁ କାର୍ଯ୍ୟ କରିବାକୁ ହେଉଛି। ଫଳରେ ସବୁ ତଦନ୍ତରେ ବିଳମ୍ବ ହେବା ସହିତ କୌଣସି ମାମଲାର ସମାପ୍ତି ହୋଇପାରୁନାହିଁ।

ଇଡିକୁ ଆର୍ଥିକ ଅପରାଧର ତଦନ୍ତ ଓ ବିଚାର କରିବାରେ ବ୍ୟାପକ ବ୍ୟବସ୍ଥା ଅଛି। କିନ୍ତୁ ଏବେ ଇଡି ପାଇଁ ମଞ୍ଜୁରିପ୍ରାପ୍ତ ଅଧିକାରୀ ପଦବୀଗୁଡ଼ିକରୁ ୫୬ ପ୍ରତିଶତ ଖାଲି ପଡ଼ିଛି ଏବଂ ଏଥିରେ ଏହାକୁ କାର୍ଯ୍ୟ କରିବାକୁ ହେଉଛି। ଫଳରେ ସବୁ ତଦନ୍ତରେ ବିଳମ୍ବ ହେବା ସହିତ କୌଣସି ମାମଲାର ସମାପ୍ତି ହୋଇପାରୁନାହିଁ।

# ଦୁଇ ସମାନ୍ତର ସରଳରେଖା-ଚେତନା ଓ ଚାତୁର୍ଯ୍ୟ



ବ୍ରଜମୋହନ ମିଶ୍ର

ଯିଏ ଆମ କଥା ଗ୍ରାହ୍ୟ କରିବେ ଆମେ ତାଙ୍କ ମୁଣ୍ଡରେ ସୁନାକଳସ ଢାଳିବୁ, ଆମ ହାତୀ ଉପରେ ସେ ହିଁ ବସିବ, ଆମେ ତାଙ୍କୁ ରାଜ୍ୟପତି କରିଦେବୁ, କୁଳପତି କରିଦେବୁ, ଛତ୍ରପତି କି ଶିକ୍ଷାପତି ବନେଇ ଦେବୁ, ଯେତେ କମିଟି ଥିବ ସେଥିରେ ସେ ହେବେ କାରପଟଦାର। ସେ ଯାହା ହୋଇଥିଲେ ଆମର କ'ଣ ଅଛି ? ସେ ନପୁଂସକ ହୋଇଥିଲେ ଆମେ ତାଙ୍କୁ ପୁରୁଷପୁଙ୍ଗବ ବୋଲି ପ୍ରମାଣ କରିଦେବୁ। ସେ ଅଜ୍ଞ ହୋଇଥିଲେ ଆମେ ତାଙ୍କୁ ବିଜ୍ଞ ପ୍ରମାଣ କରିଦେବୁ। ସେ ଅକାର୍ଯ୍ୟକର୍ତ୍ତା ହୋଇଥିଲେ ସେ ଯେ ସୁକାର୍ଯ୍ୟଦକ୍ଷ ତାହା ପ୍ରମାଣ କରିବାକୁ ପ୍ରୟାସ କରିବାରେ ଆଦୌ ପଶ୍ଚାଦପଦ ହେବୁ ନାହିଁ। ଆମ ପାଇଁ ଏପରି କ୍ରିୟାଯୋଗ ଭିନ୍ନ ଏକ ଆତ୍ମପ୍ରସାଦ ଅନ୍ୟ ଏକ ମରମିକଥା। ଏଥିପାଇଁ ଆମେ ଦୁଃସାହସୀ ଏବଂ ଯେ ଯେତେ ଠିକ୍ କଥା କହିଲେ ମଧ୍ୟ ଆମେ ସେ ସବୁକୁ ନସ୍ୟାତ୍ କରିଦେବୁ। ରାସ୍ତା କରିବା ପାଇଁ ଯେପରି ବୁଲ୍‌ଡୋଜର ମଡ଼ାଯାଏ, ସେହିପରି ଆମ କ୍ଷମତା ରାସ୍ତା ନିର୍ମାଣ ପାଇଁ ଆମେ ଆମ ମର୍ଜିର ବୁଲ୍‌ଡୋଜର ମଡ଼ାଇବାକୁ କାହିଁକି ପରାଙ୍ମୁଖ ହେବୁ ? ଏ ସଂସାରରେ 'ସର୍ଭାଇଭାଲ ଅଫ୍ ଦି ଫିଟେଷ୍ଟ' ବା ଯୋଗ୍ୟତମର ବଞ୍ଚିରହିବାର ଅଧିକାର ଅଛି ବୋଲି ବୈଜ୍ଞାନିକ ସିଦ୍ଧାନ୍ତଟିଏ ଦିଆଯାଇ ନାହିଁକି କେଉଁକାଳରୁ ଡାର୍‌ଉଇନଙ୍କ ପରି ପ୍ରଖ୍ୟାତ ବୈଜ୍ଞାନିଙ୍କ ଦ୍ୱାରା ? ଆମେ ଯାହା କରୁଛୁ, କେବଳ ସେଇ ମହାତ୍ମାଙ୍କ ସାଧୁବାଣୀ ଅବଲମ୍ବନରେ କରୁଛୁ। ତାଙ୍କ ବକ୍ତବ୍ୟକୁ ବେଦର ମନ୍ତ୍ର ପରି ଗ୍ରହଣ କରି ଶୋଷି ନେଇଛୁ।

ଏବେ ଆମେ ତ କେବଳ ଯୋଗ୍ୟତମ। ତା' ନ ହୋଇଥିଲେ ଜନତାଙ୍କ ଜନାର୍ଦ୍ଦନ ହୋଇପାରି ନ ଥାନ୍ତୁ। କେତେକେତେ ମୁଣ୍ଡିଆଳ ଥାଉ ଥାଉ ଏଇ ସମୂହ ଆମକୁ କାହିଁକି ଇଚ୍ଛିଲେ, ତେଣୁ ବରିଲେ ? ଯେକୌଣସି କନ୍ୟା ତା'ର ଇଚ୍ଛା ଅନୁସାରେ ବରଟିଏ ପାଇବାକୁ ଚାହେଁ ନାହିଁ କି ? ଏଇ ଜନତାରୂପୀ କନ୍ୟା ତା'ର ଇଚ୍ଛାନୁରୂପ ବର ବୋଲି ଆମକୁ ଘେନିଲା ଏବଂ ସ୍ୱୟମ୍ବରରେ ବହୁ ବହୁ ଯୋଗ୍ୟଥିବାବେଳେ ଆମେ ଯୋଗ୍ୟତମ ବୋଲି ତାଙ୍କ ଦ୍ୱାରା ବରଣମାଳା ପ୍ରାପ୍ତ ହେଲୁ। କେବଳ ଯୋଗ୍ୟତମ ବୋଲି । ଆମେ ଆମକୁ ଯୋଗ୍ୟତମ କହିବାରେ କିଛି କ'ଣ ଭୁଲ ଅଛି ନା ସେଥିପାଇଁ ଆମର ସାମାନ୍ୟ ଶୋଚନା ଅଛି ? କାରଣ ଆମେ ସିନା ଅବାଟରେ ଯାଇଥିଲେ ଭୁଲ କରିଥାନ୍ତୁ। ଆମର ଯୋଗ୍ୟତା ହେଉଛି ଯେ ଆମେ ଯୋଗ୍ୟତମ। ଡାରଉଇନଙ୍କ 'ଯୋଗ୍ୟତମ' ଅନୁସାରେ ଆମେ ଯୋଗ୍ୟତମ।



ସେ ହିଁ ଯୋଗ୍ୟତମ ଯେ ଅନ୍ୟମାନଙ୍କୁ ମାଡ଼ିମକଚି ନିଜକୁ କଳେବଳେ କୌଶଳେ ଜାହିର କରିପାରେ। ସମସ୍ତେ କ'ଣ ପରିବେଶ ଓ ପରିସ୍ଥିତିର ଆହ୍ୱାନକୁ ମୁକାବିଲା କରିପାରନ୍ତି। କେବଳ ଯୋଗ୍ୟତମ ହିଁ ସେହି ଅସାଧାରଣ କ୍ରିୟା ସମ୍ପାଦନ କରିପାରେ। ତେଣୁ ଯୋଗ୍ୟତମ ସାଧାରଣ ମାନବ ନୁହଁ, ଅବା ନୁହେଁ ମାମୁଲି ପ୍ରାଣୀଟିଏ। ତା'ର ପ୍ରାଣ ଅଛି ହଁ, ଅନ୍ୟ ପ୍ରାଣୀ ଏପରି କି ତା'ର ପ୍ରଜାପତିର ମଣିଷମାନଙ୍କ ପରି। କିନ୍ତୁ ଅନ୍ୟ ମଣିଷମାନେ ସେହି ମହାର୍ଘ ଗୁଣ ଅର୍ଜନ କରି ନ ଥାନ୍ତି ଯାହା ଆମେ ଅର୍ଜନ କରିଛୁ ବୋଲି ଯୋଗ୍ୟତମ ବୋଲାଉଛୁ। ଏପରି ଉପାଧି ଆମକୁ ବି ମିଳିଛି କାହା କାହା ଦ୍ୱାରା। ହେଲେ ଯେଉଁମାନେ ଆମକୁ ଏପରି ମର୍ଯ୍ୟାଦା ପ୍ରଦାନ କରିଛନ୍ତି ସେମାନେ ଜାଣିନାହାନ୍ତି ଯେ ଆମେ ଯୋଗ୍ୟତମ ହେବା ମୂଳରେ କେଉଁ ଉପାଦନ ବିହିତ। ସତ ତଥା ଦୃଢ଼କରି କହିଲେ ତାହା ହେଉଛି ଆମର ଚାତୁର୍ଯ୍ୟ ଅବା ଚତୁରପଣିଆ।

ଆମେ ଜାଣିଛୁ, ବେଶ୍ ଭଲକରି ଜାଣିଛୁ କେବଳ ଚତୁରମାନେ ଏ ସଂସାରରେ ତିଷ୍ଠିବେ, କାରଣ ସେଇମାନେ ହିଁ ଯୋଗ୍ୟତମ । ଆଉ ଯେଉଁ ମୂର୍ଖକୁବିନ୍ଦମାନେ ଚେତନା କଥା ବାରମ୍ବାର ଓଗାଳିଛନ୍ତି ସେମାନେ କେତେ ତିଷ୍ଠିଛନ୍ତି ତାହା ବିଚାର୍ଯ୍ୟ। ହଁ, ସେମାନଙ୍କୁ କଦବା କେହି କେହି ସ୍ମରଣକୁ ଆଣନ୍ତି ଓ ମାନନ୍ତି। କିନ୍ତୁ ଚତୁରମାନେ ପ୍ରୟୋଗବାଦୀ ତଥା ବାସ୍ତବବାଦୀ ହୋଇଥିବାରୁ ସେମାନେ ବିଜ୍ଞାନୀ କୈବର୍ତ୍ତମାନଙ୍କ ଦ୍ୱାରା ଆଦୃତ ହୁଅନ୍ତି। ଚେତନା କ'ଣ ବାସ୍ତବ ଜୀବନର ଆବଶ୍ୟକତା ପୂରଣ କରିପାରେ ? ପାଞ୍ଚଜଣ ଧାଡ଼ିରେ ଅଛନ୍ତି ଟିକଟ କାଟିବାକୁ। ଚେତନା କହିବ, ''ତୋ ପାଳି ଆସିଲେ, ତୁ ଟିକଟ କାଟିବୁ। ତେଣୁ ମୁଁ ଧସେଇ ପଶେନାହିଁ। ହେଲେ ପକ୍ଷାନ୍ତରରେ ଚତୁରମାନେ ଏପରି ଅବିମୃଶ୍ୟକାରିତାକୁ ନାପସନ୍ଦ କରନ୍ତି। ତାଙ୍କ କାମଟି ଯେକୌଣସି ପ୍ରକାରେ ହେବା ଦରକାର। ତାଙ୍କ ପାଇଁ ଲକ୍ଷ୍ୟ ହାସଲ ବଡ଼, ପନ୍ଥା ବଡ଼ ନୁହଁ, ଟିକଟ ହାସଲ କରିବା ଦରକାର। ତେଣୁ ପଛରେ ଥିଲେ ଧସ୍ତାଧସ୍ତି କରି ଜବରଦସ୍ତି ଆଗକୁ ଯାଇ ସେ ଖଣ୍ଡିକ ହାସଲ କରିବାରେ କେଉଁ ପ୍ରଣବ ଅଶୁଦ୍ଧ ହୋଇଯିବ ? ଏ ତ ହେଉଛି ଯଥାର୍ଥ ପ୍ରୟୋଜକବାଦର ନିଆରା ଦୃଷ୍ଟାନ୍ତ। ଏଥିପାଇଁ ଚତୁର କେତେ ମାତବର ! କେତେ ଯଥାଯଥ ! କେତେ ବାସ୍ତବ ! କ'ଣ ହେବ ଆଦର୍ଶର ଅନୁଧାବନ କରି ? ନିର୍ବାଚନରେ ଜିତିବାକୁ ଚତୁରତା ଦରକାର, ଚେତନା ନୁହଁ। ଚେତନା ତ ଚେତେଇ ଦିଏ, ଭଲ, ମନ୍ଦ ଦେଖେଇ ଦିଏ। ବନ୍ଧୁପରି ହାତଧରି ପାପରୁ ନିବୃତ୍ତ କରାଇ ହିତରେ ଲଗାଇ ଦିଏ। ପକ୍ଷାନ୍ତରେ ଚାତୁର୍ଯ୍ୟ ଯାହା ତତ୍କାଳିକତା ଦ୍ୱାରା ଅନୁପ୍ରେରିତ ଓ ନିୟନ୍ତ୍ରିତ, ତାହା କାର୍ଯ୍ୟ ହାସଲ ପାଇଁ ପାପ କି ଅନ୍ୟାୟ ବି ପ୍ରଚୋଦିତ କରେ। ମୋତେ ନିର୍ବାଚନରେ ଜିତିବାକୁ ହେଲେ ଯାହା ନିଶ୍ଚୟ କରିବା କଥା ତାହା ମୁଁ କରିବାକୁ ଆଦୌ କୁଣ୍ଠାବୋଧ କରିବି ନାହିଁ। ନିର୍ବାଚନ ଜିତିବାକୁ 'ରୁପିଆ'' ଖର୍ଚ୍ଚ କରିବାକୁ ହେବ। କହି ନାହାନ୍ତି କି ବିଶିଷ୍ଟ ବକ୍ତା ''ଟାକା ନିତେ ହବେ, ଟାକା ଦିତେ ହବେ, ଟାକା ରାଖତେ ହବେ'' -(ଜୀବନର ପଥପ୍ରାନ୍ତେ ଦିଗନ୍ତର ଦୃଶ୍ୟ- ପ୍ରଫେସର ମନ୍ମଥନାଥ ଦାସ)। ତେଣୁ ଲକ୍ଷ୍ୟକଲେ ବେଶ୍ ଧରିହୁଏ ଚେତନମାନେ ନୁହନ୍ତି, ଚତୁରମାନେ ନିର୍ବାଚନ ବୈତରଣୀ ଭିନ୍ନ ଏକ ନାବରେ ଭିନ୍ନ ଏକ ନାଉରୀ ଦ୍ୱାରା ପାରିହୋଇ ଯାଆନ୍ତି। ଆଉ ଯେ ଚେତନ ସେ ଭକୁଆ ମାରେ ମାରେ ଚିତ୍‌ପଟାଙ୍ଗ ମାନେ ସେ ହୁଏ ଭଗଜାନୁ ଖାରବେଳ ଏକ ଅସଫଳ ସତ୍ତା, ନିର୍ମୂଳିଲତା, କବିବର ଗୁରୁ ମହାନ୍ତିଙ୍କ 'ଗୋବର ଗଣେଶ'। ସେ କେବେ ବି ଯୋଗ୍ୟତମ ହୋଇପାରେନା ଯଦିଓ ବହୁ ଯୋଗ୍ୟତାରେ ସେ ଝଲସୁଥାଏ। ତା'ପାଖରେ ଥାଏ ଜ୍ଞାନ, ଥାଏ କର୍ମ, ଥାଏ ଭକ୍ତି ଏବଂ ଥାଏ ଯୋଗ ଏବଂ ତା'ର ନିରନ୍ତର ପ୍ରାର୍ଥନା ଥାଏ, ''ଯୁକ୍ତ କରୋ ହେ ସବାର ସଙ୍ଗେ ମୁକ୍ତ କରୋ ହେ ବନ୍ଧ''। ହେଲେ ଅଜ୍ଞାନ, ଅଭକ୍ତି ଓ ଦୁଷ୍କର୍ମ ଦ୍ୱାରା ସେ ବିଯୁକ୍ତ ହୋଇଯାଏ। ତା'ସତ୍ତ୍ୱେ ସେ କାଳକାଳକୁ ଭୀମ ଭୋଇଙ୍କ ବିହନ ହୋଇ ରହେ ଆଉ ଯୋଗ୍ୟତମ ବାପୁଡ଼ା କବିଙ୍କ ଓଜିମାଣ୍ଡିଆର ଦୁଃସ୍ଥିତିରେ ହୁଏ ପ୍ରପୀଡ଼ିତ।

ଯେଉଁ ଆଗଚଲା, କଥାକୁହା କପିଳାମାନେ ଆପଣାକୁ ଯୋଗ୍ୟତର ଭାବି, ଅହଂକାରରେ ଫୁଲି ଉଠି, ''ମହୀମଣ୍ଡଳେ ନାହିଁ ଏମନ୍ତ ଜନ / ମୋ ଅଧିକାରେ ଯେହୁ କରିବ ଛିନ୍ନ'' ସ୍ପର୍ଦ୍ଧା ଫୁଟାଉଛନ୍ତି, ସେମାନେ ଦୟାକରି ଅନ୍ତତଃ ଥରେ ଶୁଣନ୍ତୁ, ''ରେ ଆତ୍ମନ, ନିଦ୍ରା ପରିହରି ଫେଡ଼ି ଚିନ୍ତାର ଲୋଚନ, କର କର ନିରୀକ୍ଷଣ, ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି, ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରି।

**ଅବସରପ୍ରାପ୍ତ ପ୍ରାଧ୍ୟାପକ, ଭଦ୍ରକ**
**ମୋ:୮୦୧୮୦୮୭୮୩୧**

# ବୁଦ୍ଧି ନ ଦିଶଇ ଘରକୁ



ରାଧାଶ୍ୟାମ ରାଉଳ

ଆଜ୍ଞା, କଥାରେ ଅଛି ''କହିଦେଉଥାଏ ପରକୁ, ବୁଦ୍ଧି ନ ଦିଶଇ ଘରକୁ !'' ଏ ଉକ୍ତିର ଅର୍ଥ ହେଲା ପର ବା ଅନ୍ୟମାନେ ଆପଣଙ୍କ କଥା ଶୁଣୁଥିବା, ବୁଝୁଥିବା ବେଳେ ଘରଲୋକମାନେ ତାହାକୁ ଠିକ୍ ଭାବରେ ଶୁଣନ୍ତି ନାହିଁ କି ବୁଝନ୍ତିନାହିଁ। ଅନ୍ୟମାନେ ଆପଣଙ୍କୁ ଆଦର୍ଶ, ମାର୍ଗଦର୍ଶକ ଭାବେ ଗ୍ରହଣ କରି ଆପଣଙ୍କ କଥାକୁ ଗୁରୁତ୍ୱ ଦେଇ ତାହାକୁ କାର୍ଯ୍ୟରେ ରୂପାନ୍ତରିତ କରିବା ସହ ଆପଣଙ୍କ ବ୍ୟକ୍ତିତ୍ୱ, ସାଧନା, ପ୍ରତିଭାକୁ ସୀକୃତି ଓ ସମ୍ମାନ ଦେଉଥିବା ବେଳେ, ଘରଲୋକ ଆପଣଙ୍କ କଥାକୁ ଗୁରୁତ୍ୱ ନ ଦେବା ଭାଗ୍ୟର ବିଡମ୍ବନା ନିଶ୍ଚୟ ! ଅନ୍ୟମାନଙ୍କ ପାଖରୁ ଆପଣ ସଫଳତା ସାଉଣ୍ଟୁଥିବା କିମ୍ବା ବିଜୟ ହାସଲ କରୁଥିବାବେଳେ ଘରେ ପରିବାରରେ ନିଜଲୋକମାନଙ୍କ ପାଖରେ ଆପଣଙ୍କୁ ବିଫଳତା ଓ ପରାଜୟବରଣ କରିବାକୁ ପଡୁଛି !

ସ୍ୱଭାବରେ ସଂଯମୀ, ବିନୟୀ, ସମୟାନୁବର୍ତ୍ତୀ, ସତ୍ୟନିଷ୍ଠ, ନୀତିନିଷ୍ଠ, କର୍ତ୍ତବ୍ୟନିଷ୍ଠ ହେବା ଆମେ ଆମ ଗୋସବାପା,ଜେଜେବାପା,ବାପା ଓ ଅନ୍ୟାନ୍ୟ ଗୁରୁଜନଙ୍କ ପାଖରୁ ଶିଖିଆସିଛୁ। ବଂଶାନୁକ୍ରମିକ ନ୍ୟାୟରେ ଏସବୁ ଭଲ ଗୁଣ। ଉତ୍ତମ ସ୍ୱଭାବ, ଶୃଙ୍ଖଳା, ସଦାଚାର, ସଂସ୍କାରର ଉତ୍ତରାଧିକାରୀ ଆମେ ହୋଇଆସୁଥିବା ବେଳେ ଆମର ପରବର୍ତ୍ତୀ ପିଢ଼ି ଏସବୁର କିଛି ଧାର ଧାରନ୍ତି ନାହିଁ। ପାଠ ପଢି ଉଚ୍ଚଶିକ୍ଷିତ ହେଉଛନ୍ତି ସତ ସ୍ୱପ୍ନ, ସମ୍ଭାବନା, ସଂଯମତା, ସଚେତନତା, ଲକ୍ଷ୍ୟ, ଯୋଜନା, ସାଧନା, ସୃଜନଶୀଳତା ଏବଂ ସର୍ବୋପରି ପ୍ରତ୍ୟୁତ୍ପନ୍ନମତିତାକୁ ନେଇ ଭବିଷ୍ୟତ ଜୀବନ ଗଢ଼ିବା କ୍ଷେତ୍ରରେ ଏମାନେ ପ୍ରାୟ ଉଦାସୀନ,ବୀତସ୍ପୃହ ହେଉଛନ୍ତି। ଏକ ନିୟନ୍ତ୍ରିତ ଓ କ୍ରିୟାଶୀଳ ଜୀବନ ବିତେଇବାକୁ ଏମାନେ ଆଦୌ ଆଗ୍ରହୀ ନୁହନ୍ତି। ଅଧିକନ୍ତୁ ବେପରୁଆ ଜୀବନ ଜିଇବାକୁ ଏମାନେ ସତେଯେମିତି ଗୋଟାପଣେ ଆଗ୍ରହୀ।

ଏବେ ବଂଶାନୁକ୍ରମିକ ସମ୍ପର୍କ ବା ପିଢ଼ି ସମନ୍ୱୟ ରହୁନାହିଁ। ଆମ ପିଢ଼ି କିମ୍ବା ପୂର୍ବ ପିଢ଼ିର ବ୍ୟକ୍ତିମାନଙ୍କୁ ବର୍ତ୍ତମାନ ପିଢ଼ିର ବ୍ୟକ୍ତିମାନେ ମାନିବାକୁ ପ୍ରସ୍ତୁତ ନୁହନ୍ତି। ସଦାସର୍ବଦା ବ୍ୟସ୍ତ,ବିବ୍ରତ ଓ ଅଧୈର୍ଯ୍ୟ ହେବା ବର୍ତ୍ତମାନ ପିଢ଼ିର ବ୍ୟକ୍ତିଙ୍କର ଅଭ୍ୟାସ । ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟକୁ ନେଇ ଏମାନେ ଆଦୌ ଚିନ୍ତିତ ନୁହନ୍ତି। ଦିଗଭ୍ରଷ୍ଟ, ଲକ୍ଷ୍ୟଭ୍ରଷ୍ଟ ହୋଇ ଏମାନେ ଭୁଲ୍ ରାସ୍ତାରେ ଚାଲିଛନ୍ତି।

ପରକୁ ବା ଅନ୍ୟକୁ କିଛି କହିବା ପୂର୍ବରୁ ନିଜେ ଭାବିବା ଉଚିତ ଯେ, ଯାହା ଅନ୍ୟକୁ କହିବାର କଥା, ତାହା ଅନ୍ୟଦ୍ୱାରା କେତେଦୂର ଗ୍ରହଣଯୋଗ୍ୟ ହେବ ? କାରଣ 'ପର' ବା 'ଅନ୍ୟ' ଆତ୍ମୀୟ ନୁହନ୍ତି,ସମ୍ପୂର୍ଣ୍ଣ ଅନାତ୍ମୀୟ। ଆତ୍ମୀୟଙ୍କୁ ଯେଉଁ କଥା କହିବା ଦରକାର, ତାକୁ ଅନାତ୍ମୀୟଙ୍କୁ କହିବା ଦରକାର ନାହିଁ। ସେହିପରି ଅନାତ୍ମୀୟଙ୍କୁ ଯେଉଁ କଥା କହିବାକୁ ଅଛି ତାକୁ ଆତ୍ମୀୟଙ୍କୁ କହିବା ଅନୁଚିତ। ତେବେ ଅନ୍ୟମାନେ ସମସ୍ତେ ଯେ ଆମ କଥାକୁ ଆଗ୍ରହର ସହ ଶୁଣିବେ କିମ୍ବା ଆମ କଥାକୁ ଭୁଲ୍ ଅର୍ଥରେ ବୁଝିବେନାହିଁ, ଏମିତି କିଛି ମାନେ ନାହିଁ। କେହିକେହି ଆମ କଥାକୁ ଓଲଟା ବୁଝି ହୁଏତ ଆମ ବିରୋଧରେ ଶବ୍ଦାସ୍ତ୍ର ପ୍ରୟୋଗ କରିପାରନ୍ତି ,'ହୁଁ, ଦେଖ ହୋ, କହିଦେଉଥାଏ ପରକୁ, ବୁଦ୍ଧି ନ ଦିଶଇ ଘରକୁ !'



ଅନେକ କ୍ଷେତ୍ରରେ ଦେଖାଯାଏ, ସମାଜରେ ଆମେ ସମ୍ମାନଜନକ ପଦପଦବୀରେ ଥାଇ, ହାତରେ ପ୍ରଶାସନିକ, ଆର୍ଥିକ, ନ୍ୟାୟିକ କ୍ଷମତା ଥାଇ ମଧ୍ୟ ନିଜଘରକୁ ଠିକ୍ ଭାବରେ ପରିଚାଳନା ଏବଂ ଘରର ସଦସ୍ୟମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା, ସୁନ୍ଦର ସମନ୍ୱୟ ରକ୍ଷାକରିବା କ୍ଷେତ୍ରରେ ଆମେ ବିଫଳ ହେଉଛୁ। ଜଣେ ବିଚାରକ, ପ୍ରଶାସକ ଭାବରେ ନାନା ସମସ୍ୟା ଓ ମାମଲାର ସମାଧାନ କରି ଅନ୍ୟମାନଙ୍କୁ ନ୍ୟାୟ ପ୍ରଦାନ କରୁଥିବା ବେଳେ, ଆମ ନିଜ ଘରେ ଆତ୍ମୀୟସ୍ୱଜନ ପ୍ରିୟ ପରିଜନଙ୍କ ପାଖରେ ଆମର ବିଚାର, ନିଷ୍ପତ୍ତି, ଆଦେଶ, ଉପଦେଶ,ପରାମର୍ଶ କାମ କରେନାହିଁ। ଭାବିଦେଖିଲେ, ଆମେ ଆମ ଘରେ କେତେ ଅସହାୟ ସତରେ!

ଅବଶ୍ୟ ଏକଥା ମଧ୍ୟ ସତ୍ୟ ଯେ, ଆମ ଭିତରୁ ଅନେକେ ଦୋମୁହାଁ ନୀତିର ଧାରକ, ଛଦ୍ମବେଶୀ, ପ୍ରତାରକ ! ବାହାରେ ସଂସ୍କାରକ, ସମାଜସେବୀ, ବୁଦ୍ଧିଜୀବୀ, ସମ୍ଭ୍ରାନ୍ତ, ସଜ୍ଜନ, ମହାରାଜ, ମାନ୍ୟବର ବୋଲାଉଥିବା ବେଳେ ଘରେ ପ୍ରତୀୟମାନ ହୁଅନ୍ତି ଅସଲ ସ୍ୱରୂପରେ ! ସଭାମଞ୍ଚରେ ଆଦର୍ଶ ଘରର ବ୍ୟାଖ୍ୟା କରିବାକୁ ଯାଇ 'ବୈକୁଣ୍ଠ ସମାନ ଆହା ଅଟେ ସେଇ ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର'ର ବକ୍ତବ୍ୟ ରଖୁଥିବା ବ୍ୟକ୍ତିଙ୍କ ଘରେ ଘଟୁଛି ଅଭାବନୀୟ ଓ ଅପ୍ରୀତିକର ପରିସ୍ଥିତ। ସ୍ନେହ, ଶ୍ରଦ୍ଧା, ସମ୍ମାନ, ପ୍ରେମ, ମମତା ପରିବର୍ତ୍ତେ ଘରେ ପରସ୍ପର ପ୍ରତି ଘୃଣା, ହିଂସା, ଈର୍ଷା, ସନ୍ଦେହ, ବିଦ୍ୱେଷ, ଅସହିଷ୍ଣୁତା ବୃଦ୍ଧିପାଉଛି। ବାହାରେ କହୁଛନ୍ତି, ସୁଖମୟ ଦାମ୍ପତ୍ୟର ସଫଳ ସୂତ୍ର। ଘରେ କିନ୍ତୁ ଦାମ୍ପତ୍ୟରେ ମୁଣ୍ଡ ଟେକୁଛି ସନ୍ଦେହ, ବିବାଦ ଏବଂ ସୃଷ୍ଟି ହେଉଛି ଝଡ଼, ବିସମ୍ବାଦ ! ବାହାରେ ଅନୁଗତ,ସମର୍ଥକ,ପ୍ରଶଂସକମାନଙ୍କ ଗହଣରେ ଚାଲୁଥିବା ବ୍ୟକ୍ତି ନିଜ ଘରେ କିନ୍ତୁ ଅଖୋଜା, ଅଲୋଡ଼ା କୋଣଠେସା । ବିଡମ୍ବନା ଓ ହାସ୍ୟାସ୍ପଦର ବିଷୟ ଏହିକି ଯେ, ବାହାର ଦୁନିଆରେ ଆମେ ଯେତେମାତ୍ରାରେ ଚର୍ଚ୍ଚିତ, ବା ଆଦୃତ ହେଉଛୁ, ନିଜ ଘରେ ଘରଲୋକ ଓ ଆତ୍ମୀୟସ୍ୱଜନଙ୍କ ପାଖରେ ସେତେମାତ୍ରାରେ ଚର୍ଚ୍ଚିତ, ଆଦୃତ ହୋଇପାରୁନାହୁଁ। କେଉଁଠି ନା କେଉଁଠି ପାରସ୍ପରିକ ସମ୍ପର୍କ, ବୁଝାମଣା, ସ୍ନେହ, ଆଦର, ଭଲପାଇବା ଓ ଭାବ ବିନିମୟ କ୍ଷେତ୍ରରେ ଅଭାବ ରହିଯାଉଛି ପାରିବାରିକ ଜୀବନରେ।

ତେବେ ଏକଥା ସତ୍ୟ ଯେ,'ପର' ବା ଅନ୍ୟମାନେ କଦାପି ଘରଲୋକ ହୋଇପାରିବେ ନାହିଁ ଏବଂ ଘରଲୋକଙ୍କୁ କେବେ ପର ଭାବି ହେବନାହିଁ। ଅତଏବ ପରକୁ କହିବା ମନା ନାହିଁ କିନ୍ତୁ ଘରକୁ ବି ଦେଖିବାକୁ ଅଛି, ସଜାଡ଼ିବାର ଅଛି। ଆଗ ଘର, ତା ପଛକୁ ପର। ନିଜ ଘରକୁ ନ ସଜାଡି, ନ ସମ୍ଭାଳି, ପରକୁ କହିବାର ଅର୍ଥ ; ''କହିଦେଉଥାଏ ପରକୁ, ବୁଦ୍ଧି ନ ଦିଶଇ ଘରକୁ'' ନୁହେଁ କି ?

**ମର୍କତନଗର, ସେକ୍ଟର୍ :୬,କଟକ**
**ମୋ:୯୪୩୭୦୯୦୯୮୫**

## ଏଇ ଭାରତରେ

ଗୋଟେ ମଇଁଷିର ଦାମ୍ ୧ କିମ୍ବା ୨ ଲକ୍ଷ ହେଲେ ତାହା ଦେଖିବା ଭଳି ହୋଇଥିବ ବୋଲି ଲୋକେ କହନ୍ତି। ତେବେ ଦାମ୍ ଲକ୍ଷ ଘର ଡେଇଁ କୋଟି ଘରେ ପହଞ୍ଚିଥିବା କଥା ହୁଏତ କେହି ଭାବି ନ ଥିବେ। ହେଲେ ଉତ୍ତରପ୍ରଦେଶ ମେରଟ୍‌ସ୍ଥିତ ସରଦାର୍ ବଲ୍ଲଭଭାଇ ପଟେଲ କୃଷି ବିଶ୍ୱ ବିଦ୍ୟାଳୟର ପ୍ରଦର୍ଶନୀରେ ପହଞ୍ଚିଥିବା ମଇଁଷିର ଦାମ୍ ୯ କୋଟି, ୧୦ କୋଟି କିମ୍ବା ୨୩ କୋଟି ଟଙ୍କା, ଯାହା ଅନେକଙ୍କୁ ଆଚମ୍ବିତ କରିଛି। ଏତେ ଦାମ୍ ସତ୍ତ୍ୱେ ଏହି ମଇଁଷିଙ୍କୁ ବିକ୍ରି କରାଯାଏ ନାହିଁ। ବରଂ ଖୁବ୍ ଯତ୍ନରେ ଏମାନଙ୍କ ରକ୍ଷଣାବେକ୍ଷଣ କରାଯାଏ। ବିଶ୍ୱବିଦ୍ୟାଳୟର ଅଧିକାରୀଙ୍କ କହିବା ଅନୁସାରେ ଏଠାରେ ଏହି ସବୁ ମଇଁଷିଙ୍କୁ କୃତ୍ରିମ ଗର୍ଭଧାରଣ ନିମନ୍ତେ ବ୍ୟବହାର କରାଯାଉଛି। ଏହା ବ୍ୟତୀତ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ହେଉଥିବା ପ୍ରଦର୍ଶନୀରେ ମଧ୍ୟ ଏହି ମଇଁଷି ଭାଗ ନେଇଥାନ୍ତି ଓ ଲକ୍ଷ ଲକ୍ଷ ଟଙ୍କା ରୋଜଗାର ବିକରିଥାନ୍ତି। ଏହିଅର୍ଥ ସେମାନଙ୍କ ଯତ୍ନ ନେବାରେ ଖର୍ଚ୍ଚ କରାଯାଉଛି। କାରଣ ଏମାନଙ୍କର ସିମେନ୍‌ର ଖୁବ୍ ଚାହିଦା ରହିଛି ଓ ଲୋକେ ଚଢ଼ା ଦାମ୍‌ରେ ନେବାପାଇଁ ବି ପ୍ରସ୍ତୁତ ଥାନ୍ତି। କେବଳ ଜାତୀୟ ସ୍ତରରେ ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଏହି ମଇଁଷିଙ୍କର ଏହି ସିମେନ୍‌ର ବହୁ ଚାହିଦା ରହିଛି। ସେଥିପାଇଁ ଦେଶ ବିଦେଶର ବିଭିନ୍ନ ସ୍ଥାନକୁ ଏମାନଙ୍କ ସିମେନ୍ ବିକ୍ରି କରାଯାଇଥାଏ। ଏବେ ସୁଦ୍ଧା ଏମାନଙ୍କ ଠାରୁ ହଜାର ହଜାର ସଂଖ୍ୟାରେ ଉନ୍ନତ ପ୍ରଜାତିର ମଇଁଷି ସୃଷ୍ଟି ହୋଇ ସାରିଲାଣି।

## ଚିରନ୍ତନୀ

କେବେ ବା ଆଷାଢ଼ ପହିଲା
ଦିବସେ
ତରୁଣ ତରୁଣୀ ପୀରତି ଗାଥା
ଦୂରେ ଦୂରେ ରହି ଫିଟୁଥିଲା କେତେ
ନବ ଜୀବନର ନୂତନ ଖାତା
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 8 | | | | | 3 | | | 5 |
| 9 | | | | 7 | | 1 | | |
| 6 | | | | | | | | 4 |
| | | | 8 | | 5 | 4 | | |
| | | 5 | | | | | | 8 |
| | | | | 2 | 1 | | | |
| | 8 | | | | 6 | 9 | 5 | |
| | 2 | | | | 8 | | | |
| | | 4 | | 9 | | | 3 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 6 | 5 | 3 | 9 | 1 | 8 | 2 |
| 2 | 3 | 1 | 4 | 6 | 8 | 5 | 9 | 7 |
| 8 | 5 | 9 | 2 | 7 | 1 | 6 | 3 | 4 |
| 7 | 4 | 3 | 8 | 5 | 2 | 9 | 1 | 6 |
| 1 | 6 | 8 | 7 | 9 | 4 | 2 | 5 | 3 |
| 5 | 9 | 2 | 3 | 1 | 6 | 7 | 4 | 8 |
| 6 | 8 | 5 | 9 | 2 | 3 | 4 | 7 | 1 |
| 9 | 2 | 4 | 1 | 8 | 7 | 3 | 6 | 5 |
| 3 | 1 | 7 | 6 | 4 | 5 | 8 | 2 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ନେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ

ମହାଶୟ,
ପ୍ରତ୍ୟେକ ଜାତିର ସାଂସ୍କୃତିକ ମୂଲ୍ୟାୟନ ସାଧାରଣତଃ ଏହାର ସାଂସ୍କୃତିକ ନେତୃତ୍ୱ ଓ ଗରିମାକୁ ନେଇ ହୋଇଥାଏ। ଭାରତରେ ଏବେ ଶ୍ରୀରାମଙ୍କ ପ୍ରତି କିଛି ବର୍ଗର ଲୋକଙ୍କ ମନରେ ଅସହନଶୀଳତା ଏତେ ବଢ଼ିଛି ଯେ ତାହା ଏବର୍ଷର ରାମନବମୀ ଉତ୍ସବ ପାଳନ ବେଳେ ହିଂସାରୁ ଦେଖିବାକୁ ମିଳିଛି। ଏସବୁ ଘଟଣା ଦେଶ ପାଇଁ ଅତ୍ୟନ୍ତ ଚିନ୍ତାର ବିଷୟ। ଏ ରୀତି ଅନେକ ଦିନ ଚାଲି ଆସିଛି। ଭାରତୀୟ ସମ୍ବିଧାନରେ ସମସ୍ତଙ୍କୁ ସମାନ ଆଇନଗତ ଅଧିକାର ଦିଆଯାଇଛି । ସେଠାରେ ଧର୍ମୀୟ ସହନଶୀଳତା କାହିଁକି ପ୍ରକାଶ ପାଉଛି। କୌଣସି ଶୋଭାଯାତ୍ରା ଉପରକୁ ପଥର ଫିଙ୍ଗି ତାହାର ବାତାବରଣକୁ ଖରାପ କରିବା ପଛରେ ଯେଉଁ ନେତାମାନେ ରହୁଛନ୍ତି ସେମାନଙ୍କୁ ଚିହ୍ନଟ କରିବା ଦରକାର। ଏଭଳି ଘଟଣା ପାଇଁ ପ୍ରଥମେ ସେହି ନେତାମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ, ଯେଉଁମାନେ ପଥର ଫିଙ୍ଗାଳିଙ୍କୁ ରକ୍ଷା କରିବା ପାଇଁ ଆସୁଛନ୍ତି।

**ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଆଭ୍ୟନ୍ତରୀଣୟ ସୁରକ୍ଷା ଅପରିହାର୍ଯ୍ୟ

ବିଶ୍ୱର ଏକାଧିକ ଭବିଷ୍ୟତ ଦ୍ରଷ୍ଟା ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ବିଭିନ୍ନ ବ୍ୟାଖ୍ୟା ଏବଂ ଭବିଷ୍ୟବାଣୀ ପ୍ରକାଶ କରିଯାଇଛନ୍ତି। ଆମ୍ଭମାନଙ୍କର ଖାମଖିଆଲ ଗୁଣ ଯୋଗୁ ଆମେ ସମୟର ସଦ୍ ଉପଯୋଗ କରିପାରୁନାହାନ୍ତି। ଏହାଠାରୁ ଦୁଃଖଦ ବିଷୟ କ'ଣ ଥାଇପାରେ ? ଆମ ଦେଶ ଓ ରାଜ୍ୟର ଯୁବବନ୍ଧୁ, ଭବିଷ୍ୟତ ଦାୟାଦ ସ୍ୱସଚେତନ ସ୍ୱରୂପ ସୁକାର୍ଯ୍ୟରୁ ଦୂରେଇ ଯାଉଛନ୍ତି। କହିବା ବାହୁଲ୍ୟ ଏହା ଏକ ସୁନ୍ଦର ବିଶ୍ୱ ଗଢ଼ିତୋଳିବାରେ ଅନ୍ତରାୟ ସାଜୁଛନ୍ତି । ବଣର ସିଂହ ଯଦି ନିଦ୍ରାଗଲେ ମାଂସ କ'ଣ ଆପେ ଆପେ ତା' ଉଦରଗ୍ରସ୍ତ ହେବ ? ଆମକୁ କଠିନ ପରିଶ୍ରମ କରିବାକୁ ହେବ। ଦେଶର ଆଭ୍ୟନ୍ତରୀଣ ବ୍ୟବସ୍ଥାର ସୁରକ୍ଷା କରିବାକୁ ପଡ଼ିବ। ଏହା ହିଁ ଯୁବବର୍ଗଙ୍କ ଉପରେ ନିର୍ଭର କରେ। ସେମାନେ ଜାଗ୍ରତ ହେବା ଆବଶ୍ୟକ।

**ଆଦିକନ୍ଦ ସାହୁ, ଏକମାଣିଆ, ଆଳି, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗଞ୍ଜାମ ଅଶାନ୍ତ: କଥା କଥାରେ ହତ୍ୟା

ବ୍ରହ୍ମପୁର, ୨୯।୪(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଏବେ ଅଶାନ୍ତ ହୋଇପଡିଛି। କଥା କଥାରେ ହତ୍ୟାକାଣ୍ଡ ଘଟୁଛି । ଗତ ୫ଦିନ ଭିତରେ ୬ଜଣଙ୍କୁ ମାରି ଦିଆଯାଇଛି। ଚଳିତ ମାସରେ ଗଞ୍ଜାମ ପୋଲିସ ଜିଲାର ପାଟପୁର, ତାରସିଂ, ବେଗୁନିଆପଡ଼ା, ପୁରୁଷୋତ୍ତମପୁର ଥାନା ଓ ବ୍ରହ୍ମପୁର ପୋଲିସ ଜିଲାର କେ. ନୂଆଗାଁ ଥାନା ଅଞ୍ଚଳରେ ଏସବୁ ହତ୍ୟାକାଣ୍ଡ ଘଟିଥିବା ବେଳେ ଗତ ମାର୍ଚ୍ଚ ମାସରେ ବ୍ରହ୍ମପୁରରେ ୨, ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର, ସୋରଡ଼ା, ବୁଗୁଡ଼ା ଓ ଖଲ୍ଲିକୋଟରେ ଆଉ ୮ଜଣଙ୍କୁ ମାରି ଦିଆଯାଇଛି। ଏହି ୨ ମାସ ଭିତରେ ୧୬ଜଣଙ୍କୁ ହତ୍ୟା କରାଗଲାଣି । ସେହିପରି ୨୦୨୪ରେ ଜିଲାରେ ୯୧ ହତ୍ୟା ହୋଇଥିଲା। ସେଥିରୁ ଗଞ୍ଜାମ ପୋଲିସ ଜିଲାରେ ୬୧ ଓ ବ୍ରହ୍ମପୁର ପୋଲିସ ଜିଲାରେ ୩୦ ହତ୍ୟାକାଣ୍ଡ ଘଟିଥିବା ବିଭାଗୀୟ ସୂଚନାରୁ ଜଣାପଡିଛି। ଏଥିରୁ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲାରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଦୋହଲି ଯାଇଥିବା ସ୍ପଷ୍ଟ ହେଉଛି। ପୂର୍ବଶତ୍ରୁତା, ଅନ୍ଧବିଶ୍ୱାସ ଓ ପାରିବାରିକ ବିବାଦ ହତ୍ୟାକାଣ୍ଡଗୁଡିକର କାରଣ ବୋଲି ଜଣାପଡିଛି। ଏ ସଂକ୍ରାନ୍ତରେ ଆଇନଜୀବୀ ସୁରେନ୍ଦ୍ର ବେହେରାଙ୍କୁ ପଚାରିବାରୁ, ସଂସ୍କାର ଅଭାବରୁ ଏଭଳି କଥା କଥାରେ ହତ୍ୟା ଭଳି ଘଟଣାକୁ ଆପଣଉଛନ୍ତି। ଶିକ୍ଷା ଓ ପରିବାରରେ ସଂସ୍କାର, ସଚେତନତା ଆସିଲେ ଏହା କମିଯିବ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଗଞ୍ଜାମ ଜିଲା ବିକାଶ ମଂଚର ସଭାପତି ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, ପ୍ରଥମେ ପରିବାରରେ ସଂସ୍କାର ଆଣିବାକୁ ପଡିବ। ଯୁବପିଢ଼ି ସଂସ୍କାରିତ ହେଲେ ବିଭିନ୍ନ ଅପରାଧ ବହୁଳ ଭାବେ କମିବ ବୋଲି ସେ କହିଥିଲେ।

### ଘରୁ ଡାକିନେଇ ଯୁବକଙ୍କୁ ହତ୍ୟା

ସୋମବାର ଚିକିଟି ବ୍ଲକ କେ.ନୂଆଗାଁ ଥାନା ଧାନଘର-ବାଲକୁମାରୀ ରାସ୍ତା ପୋଖରୀ ହୁଡାରୁ ଏକ ମୃତଦେହ ଜବତ କରିଛି। ମୃତକ ହେଲେ ରାମଚନ୍ଦ୍ରପୁର ପଞ୍ଚାୟତ ରାମପୁର ଗାଁର ବଳରାମ ମହାକୁଡ। ତାଙ୍କ ପିତା ବାଲ୍ମିକୀ ମହାକୁଡ ଅଭିଯୋଗ କରିଛନ୍ତି ଯେ, ତାଙ୍କ ପୁଅକୁ ଘରୁ ଡାକି ନେଇ ହତ୍ୟା କରାଯାଇଛି। ପୋଲିସ ଘଟଣାର ଯାଞ୍ଚ କରୁଛି।

### ବାପାଙ୍କୁ ହତ୍ୟା କଲେ ୨ ପୁଅ

ଗତ ୨୮ ତାରିଖରେ ପୁରୁଷୋତ୍ତମପୁର ଥାନା କୁଶପୁର ଗ୍ରାମରେ ପାରିବାରିକ ବିବାଦକୁ ନେଇ ବାପା ଗୋପାଳକୃଷ୍ଣ ସାହୁଙ୍କୁ ତାଙ୍କ ସାନ ପୁଅ ରଞ୍ଜନ ସାହୁ ହତ୍ୟା କରିଥିଲେ। ମା'ଙ୍କୁ ବାପା ସବୁବେଳେ ନିର୍ଯାତନା ଦେଉଥିବାରୁ ପୁଅମାନେ ଏଭଳି ଘଟଣା ଘଟାଇଥିବା ସ୍ୱୀକାର କରିଛନ୍ତି। ବଡ଼ପୁଅ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ପୋଲିସ ତାଙ୍କୁ ଛାଡିଛି।

### ୨ ଭାଇଙ୍କୁ ମାରି ପୋଡ଼ିଦେଲେ

ଗତ ୨୭ ତାରିଖରେ ବେଗୁନିଆପଡା ଥାନା ସୁମଣ୍ଡଳ ପଞ୍ଚାୟତର ଶାଳବଣ ଗାଁରେ ୨ ଭାଇ ସଞ୍ଜୟ ବାରିକ ଓ ଅଜୟ ବାରିକଙ୍କୁ ହତ୍ୟା କରାଯାଇଥିଲା। ପ୍ରମାଣ ନଷ୍ଟ ପାଇଁ ମୃତଦେହ ଉପରେ ପାଳ ପକାଇ ଜାଳି ଦେଇଥିଲେ ଦୁର୍ବୃତ୍ତ। ଭାଲିଆଝର ଗାଁର ସଞ୍ଜୟ ଓ ଅଜୟ ବିଭିନ୍ନ ଅପରାଧରେ ଜଡିତ ଥିଲେ। ତେବେ ଉଭୟେ ଶାଳବଣ ଗାଁକୁ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ଯାଉଥିବାବେଳେ ସଂଘବଦ୍ଧ ଭାବେ ସେମାନଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଶାଳବଣ ଗାଁର ୩ଜଣ ଗିରଫ ହୋଇଛନ୍ତି।

### ପାରିବାରିକ ବିବାଦରୁ ଭାଇଙ୍କୁ ମାରିଲେ ଭାଇ

ଗତ ୨୬ ତାରିଖରେ ତାରସିଂ ଥାନା ବ୍ରାହ୍ମଣପଦର ଗ୍ରାମର ବଳରାମ ଗୌଡ(୩୦)ଙ୍କୁ ତାଙ୍କ ବଡ଼ଭାଇ ଓ ପୁତୁରା ଘରୋଇ ବିବାଦକୁ କେନ୍ଦ୍ରକରି ହତ୍ୟା କରିଥିଲେ। ଗାଁ ଦାଣ୍ଡରେ ସେ ଠିଆ ହୋଇଥିବାବେଳେ ଯୁକ୍ତିତର୍କ ହୋଇଥିଲା। ପରେ ବଳରାମଙ୍କୁ ଟାଣି ଏକ ଗଛରେ ବାନ୍ଧି ପିଟି ପିଟି ମାରି ଦେଇଥଲେ। ବଡ଼ଭାଇ ଶଙ୍କର ଗୌଡଙ୍କୁ ପୋଲିସ ଗିରଫ କରିଥିଲା। ନାବାଳକ ପୁତୁରାଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ପଠାଇଥିଲା।

## ୨ ମାସରେ ୧୬ ଜଣଙ୍କୁ ହତ୍ୟା

### ଶିଶୁକନ୍ୟାକୁ ବଳାତ୍କାର ପରେ ହତ୍ୟା

ଗତ ୧୮ ତାରିଖରେ ପାଟପୁର ଥାନା ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ଗ୍ରାମ ଅଜା ଘରକୁ ଆସିଥିବା ଜଣେ ୪ବର୍ଷର ଶିଶୁକନ୍ୟାକୁ ବଳାତ୍କାର ପରେ ମାରି ଦିଆଯାଇଥିଲା। ଅଭିଯୁକ୍ତ କାଳିଆ ନାହାକ(୨୭)ଙ୍କୁ ପୋଲିସ ଗିରଫ କରିଥିଲା। ସେ ଅଶ୍ଳିଳ ଭିଡିଓ ଦେଖି ଏପରି ଅମାନୁଷିକ କାଣ୍ଡ କରିଥିବା ଜଣାପଡିଥିଲା।

### ଥଟ୍ଟାମଜାରୁ ମାରିଦେଲେ

ମାର୍ଚ୍ଚ ୧ ତାରିଖରେ ଥଟ୍ଟା ମଜାରୁ ଗଣ୍ଡଗୋଳ ପରେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତକ ହେଲେ ବୁଗୁଡ଼ା ଥାନା ରାମଚନ୍ଦ୍ରପୁର ଗ୍ରାମ ଖଡାଳ ସାହିର ବଳରାମ ନାଇକ (୩୫)। ବଳରାମ ଜଣେ ସମ୍ପର୍କୀୟ ମହିଳାଙ୍କ ସହ ଥଟ୍ଟାମଜା ହେଉଥିଲେ। ନିଶାସକ୍ତ ଅବସ୍ଥାରେ ତାଙ୍କର ଆଚରଣ ସମ୍ପର୍କୀୟଙ୍କ ପାଇଁ ଅସହ୍ୟ ହେବାରୁ ସମ୍ପର୍କୀୟଙ୍କ ମିଳିତ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ କହିଛି।

### ଦାଦାଙ୍କୁ ହାଣିଲେ ପୁତୁରା

ମାର୍ଚ୍ଚ ୫ ତାରିଖ ଖଲ୍ଲିକୋଟ ଥାନା ତୁଳସୀପୁର ପଞ୍ଚାୟତ ହରିପୁର ଗ୍ରାମରେ ମଦ ବ୍ୟବସାୟରୁ ଦାଦାଙ୍କୁ ପୁତୁରାମାନେ ହାଣିଥିଲେ। ପଞ୍ଚାୟତର ନାଏବ ସରପଞ୍ଚ ମିନତି କୁମାରୀ ଦାସଙ୍କ ସ୍ୱାମୀ ରବୀନ୍ଦ୍ର ଦାସଙ୍କ ସହିତ ମଦ ବ୍ୟବସାୟଙ୍କୁ ନେଇ ୨ ପୁତୁରାଙ୍କ ସହିତ ପାରିବାରିକ ଶତ୍ରୁତା ଥିଲା। ଘଟଣାକୁ ନେଇ ରବୀନ୍ଦ୍ର ୨୦୨୪ରେ ଦୁଇ ପୁତୁରାଙ୍କ ଉପରେ ବୋମା ମାଡି କରି ଜେଲ ଯାଇଥିଲେ। ଜେଲରୁ ସେ ଆସିବା ପରେ ରବୀନ୍ଦ୍ରଙ୍କୁ ସେମାନେ ହତ୍ୟା କରିଥିବା ପୋଲିସ ତଦନ୍ତରୁ ଜଣାପଡିଥିଲା।

### ରକ୍ତରେ ଲାଲ ହେଲା ହୋଲି

ମାର୍ଚ୍ଚ ୧୫ ତାରିଖରେ ବ୍ରହ୍ମପୁର ସହରରେ ହୋଲି ଖେଳକୁ ନେଇ ସାମାନ୍ୟା ବଚସାରୁ ଜଣଙ୍କ ଜୀବନ ଯାଇଥିଲା। ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଚାଣକ୍ୟ ନଗର ଠିକାଦାର ଟି. ରାମଚନ୍ଦ୍ର ପାତ୍ର(୪୭) ସାଙ୍ଗମାନଙ୍କ ସହ ହୋଲି ଖେଳୁଥିବାବେଳେ ତାଙ୍କ ପାଖରେ କାମ କରୁଥିବା ପପୁନ ସାହୁ ଆସିଥିଲେ। ତେବେ ପୂର୍ବରୁ ସେ ଠିକାଦାରଙ୍କ ଦ୍ୱାରା ଅପମାନିତ ହୋଇଥିବାରୁ ରାମଚନ୍ଦ୍ରଙ୍କୁ ଛୁରିଭୁସି ହତ୍ୟା କରିଥିଲେ। ପପୁନଙ୍କୁ ପୋଲିସ ଗିରଫ କରିଥିଲା।

### ଗୁଣି ସନ୍ଦେହରୁ ୩ ମୁଣ୍ଡ ଗଡ଼ିଲା

ମାର୍ଚ୍ଚ ୧୮ ତାରିଖରେ ଗୁଣିଗାରେଡି ସନ୍ଦେହରୁ ରକ୍ତପାତ ହୋଇଥିଲା । ବଡ଼ଗଡ଼ ଥାନା ଖାରିପଲ୍ଲୀ ଗ୍ରାମରେ ଗୁଣିଗାରେଡିରୁ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏଥିରେ ବାପା ଖଡାଳ ବେହେରା (୬୫), ପୁଅ ରତ୍ନାକର ବେହେରା (୩୫) ଏବଂ ବିପକ୍ଷ ଗୋଷ୍ଠୀର ରମେଶ ବେହେରା (୪୦)ହତ୍ୟାର ଶିକାର ହୋଇଥିଲେ। ଆଉ ୩ ଜଣ ଆହତ ହୋଇଥିଲେ । ୫ ବର୍ଷ ଧରି ଏ ନେଇ କୁହୁଳୁଥିବା ତାତି ଶେଷରେ ରକ୍ତପାତର ରୂପ ନେଇଥିଲା।

### ବଳାତ୍କାର ପରେ ନାବାଳିକାଙ୍କୁ ଜାଳିଦେଲେ

ମାର୍ଚ୍ଚ ୨୩ ତାରିଖ ସୋରଡା ବ୍ଲକ ଗାଜଲବାଡ଼ି ନିକଟ କୋଟମଣି ଜଙ୍ଗଲରୁ ମିଳିଥିଲା ଜଣେ ନାବାଳିକାଙ୍କ କଙ୍କାଳ। ସୋରଡ଼ା ଥାନା ପୋଲିସ ନାବାଳିକାଙ୍କୁ ଜାଳି ହତ୍ୟା କରିଥିବା ତଦନ୍ତରୁ ଜାଣିପାରିଥିଲା। ନାବାଳିକାଙ୍କୁ ପ୍ରେମ କରୁଥିବା ଯୁବକ ଓ ତାଙ୍କ ସାଙ୍ଗକୁ କାବୁ କରିଥିଲା । ପ୍ରାୟ ମାସକ ପୂର୍ବରୁ ଦୁହେଁ ନାବାଳିକା ଛାତ୍ରୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ଘଟଣା ଲୁଚାଇବାକୁ ଯାଇ ଏଭଳି କାଣ୍ଡ କରିଥିବା ପୋଲିସ ଜାଣିବାକୁ ପାଇଛି।

### ଗୋଡ଼ାଇ ଗୋଡ଼ାଇ ହାଣିଲେ

ମାର୍ଚ୍ଚ ୨୯ ତାରିଖ ପୁରୁଷୋତ୍ତମପୁର ଥାନା ସମା ଛକରେ ସୁମନ୍ତ କୁମାର ମହାପାତ୍ରଙ୍କୁ ଜମିବାଡି ବିବାଦକୁ ନେଇ ଗୋଡାଇ ଗୋଡାଇ ହାଣିଥିଲେ ପ୍ରତିପକ୍ଷ ଗୋଷ୍ଠୀ। ସୁମନ୍ତ ଶିକୁଲାକୁ ରାତି ୯ଟାରେ ଫେରୁଥିବାବେଳେ ଏହି ଘଟଣା ଘଟିଥିଲା।

### ପଏଣ୍ଟ ବ୍ଲାଙ୍କରୁ ଗୁଳି କରି ହତ୍ୟା

ମାର୍ଚ୍ଚ ୩୦ ତାରିଖରେ କବିସୂର୍ଯ୍ୟନଗରର ବିଜେପି କର୍ମୀ ତଥା ଠିକାଦାର ଆଠଗଡ଼ପାଟଣା ଗ୍ରାମର ଲକ୍ଷ୍ମୀ ନାରାୟଣ ପାଇକରାୟ (କୁନା)ଙ୍କୁ ପଏଣ୍ଟ ବ୍ଲାଙ୍କରୁ ଗୁଳି କରିଥିଲେ ଦୁର୍ବୃତ୍ତ। ପଥରାପଲ୍ଲୀ ଗାଁ ମୁଖ୍ୟ ରାସ୍ତାରେ ସକାଳ ପ୍ରାୟ ୯ଟାରେ ଏହି ଘଟଣା ଘଟିଥିଲା। ଏହା ଏକ ରାଜନୈତିକ ଶତ୍ରୁତାରୁ ହୋଇଥିବା ଚର୍ଚ୍ଚା ହେଉଥିବାବେଳେ ସୁପାରି କିଲରଙ୍କ ଦ୍ୱାରା ହତ୍ୟା କରାଯାଇଥିବା ପୋଲିସ ଜାଣିବାକୁ ପାଇଥିଲା।

### ଦଣ୍ଡନାଚରେ ଛୁରି ଭୁସିଦେଲେ ବାପା-ପୁଅ

ମାର୍ଚ୍ଚ୩୦ ରାତିରେ ବ୍ରହ୍ମପୁର ଜେନା ସାହିରେ ଦଣ୍ଡ ନାଚ ଚାଲିଥିବାବେଳେ ଭୋଗଖିଆକୁ କେନ୍ଦ୍ର କରି ନାଚଦଳର ଅଧିକାରୀ ତ୍ରିନାଥ ପାଣିଗ୍ରାହୀ(୭୩) ଓ ତାଙ୍କ ପୁଅ ପ୍ରଦୀପ କୁମାର ପାଣିଗ୍ରାହୀ(୪୦) ବେଲଗାଁର ଜଗଦୀଶ ପାଣିଗ୍ରାହୀ (୩୪)ଙ୍କୁ ଛୁରୀ ଭୁସି ହତ୍ୟା କରିଥିଲେ। ବାପା ପୁଅଙ୍କୁ ପୋଲିସ ଗିରଫ କରିଥିଲା।

## ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଓଡିଆଙ୍କ ସଂଗ୍ରାମ ଲିପିବଦ୍ଧ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୨୯।୪(ସ୍ମୃତିରଂଜନ ମହାଲିକ) ଉତ୍କଳ ସମ୍ମିଳନୀ ଜିଲା ଶାଖା ଓ ଉତ୍କଳ ଗୌରବ ମଧୁସୂଦନ ଦାସ ବିଚାର ମଂଚର ମିଳିତ ଆନୁକୁଲ୍ୟରେ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ମଧୁସୂଦନ ଦାସଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ମିଳନୀ ସଭାପତି ଡ ସୁବ୍ରତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମଧୁସୂଦନ ଦାସ ବିଚାର ମଂଚର ସଭାପତି ଡ ବାୟାମନୁ ଚର୍ଚ୍ଚିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଂଚଳିକ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ ଡ ସିଦ୍ଧାର୍ଥ ଶଙ୍କର ପାଢି ମୁଖ୍ୟ ଅତିଥି ଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ ମେଜର ରମାରମଣ ପାଢି, ସମ୍ମାନନୀୟ ଅତିଥି ରୂପେ ଉତ୍କଳ ସମ୍ମିଳନୀ ସଂପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଯୋଗ ଦେଇଥିଲେ। ଇଂରେଜ କବଳରୁ ମୁକ୍ତିଲାଭ ପାଇଁ ସ୍ୱାଭିମାନୀ ଓଡିଆମାନେ ସଂଗ୍ରାମ କରିବା ସହ ନିଜର ଐକ୍ୟ ଓ ଅସ୍ମିତାକୁ ବଜାୟ ରଖିବାକୁ ଯାଇ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଯେଉଁ ଅଭୂତ ପୂର୍ବ ସଫଳତା ହାସଲ କଲେ ତାହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ବୋଲି ଅତିଥିମାନେ କହିଥିଲେ। ସମ୍ମିଳନୀର ଉପସଭାପତି ଡ ବନମାଳୀ ପାଣିଗ୍ରାହୀ, ମଂଚର ସଂପାଦକ କିଶୋର ଚନ୍ଦ୍ର ପାତ୍ର, ସମ୍ମିଳନୀର ଜିଲା କାର୍ଯ୍ୟକାରିଣୀ ସଦସ୍ୟ ନବୀନ ପଟ୍ଟନାୟକ ଓ ଡା. ସମରେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

## ଲାଞ୍ଚ ମାମଲା, ରାଜସ୍ୱ ନିରୀକ୍ଷକଙ୍କୁ ଜେଲ

ବ୍ରହ୍ମପୁର,୨୯।୪(ସୁବାସ ଚନ୍ଦ୍ର ପାଢ଼ୀ): ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁ ମଙ୍ଗଳବାର ଏକ ଲାଞ୍ଚ ଗ୍ରହଣ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଜଣେ ତତ୍କାଳୀନ ରାଜସ୍ୱ ନିରୀକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ରାଜସ୍ୱ ନିରୀକ୍ଷକ ହେଲେ ଜଗନ୍ନାଥପ୍ରସାଦ ତହସିଲ ଅନ୍ତର୍ଗତ କାଦୁଆ ରାଜସ୍ୱ ମଣ୍ଡଳର ପୂର୍ବତନ ଆରଆଇ ପ୍ରକାଶଚନ୍ଦ୍ର ଷଡଙ୍ଗୀ (୬୩)। ଜେଲ ସହ ତାଙ୍କୁ ୨୦୦୦ ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅତିରିକ୍ତ ୨ ମାସ ସଶ୍ରମ ଜେଲ ଦଣ୍ଡ ଭୋଗିବାକୁ ଜଜ ରାୟରେ ଉଲ୍ଲେଖ କରିଛନ୍ତି। ୨୦୧୬ ମାର୍ଚ୍ଚ ବେଳକୁ ଷଡଙ୍ଗୀ କାଦୁଆ ରାଜସ୍ୱ ମଣ୍ଡଳରେ କାର୍ଯ୍ୟରତ ଥିଲେ। ନୟାଗଡ ଜିଲାର ରମାରଞ୍ଜନ ଦାସ ଜଗନ୍ନାଥପ୍ରସାଦ ନିକଟ ନରେନ୍ଦ୍ରପୁରରେ ରହି ବାଲି, ମୋରମ ଓ ପଥର ବ୍ୟବସାୟ କରୁଥିଲେ। ସେହିବର୍ଷ ଫେବୃଆରୀରେ ରମାରଞ୍ଜନ ଟ୍ରାକ୍ଟରରେ ପଥର କାଦୁଆ ଗାଁକୁ ନେଉଥିବା ବେଳେ ଷଡଙ୍ଗୀ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ । ବେଆଇନ ପଥର ଚାଲାଣ କରାଯାଉଥିବାରୁ ୧୫ ହଜାର ଟଙ୍କା ଜରିମାନା ଦେବାକୁ କହିଥିଲେ। ପରେ ଏହାକୁ ରଫାଦଫା ପାଇଁ ରାଜସ୍ୱ ନିରୀକ୍ଷକ ୭୦୦୦ ଟଙ୍କା ଲାଞ୍ଚ ମାଗିଥିଲେ । ଏ ନେଇ ରମାରଞ୍ଜନ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ମାର୍ଚ୍ଚ ୪ ତାରିଖରେ ରମାରଞ୍ଜନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରଥମେ ୨ ହଜାର ଟଙ୍କା ଲାଞ୍ଚ ଦେବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ ।

## ଗୋଷାଣୀ ନୂଆ ଗାଁ ଶିଶୁ ମନ୍ଦିରରେ ସମ୍ବର୍ଦ୍ଧନା ଉତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୨୯।୪(ସ୍ମୃତିରଂଜନ ମହାଲିକ) ଗୋଷାଣୀ ନୂଆ ଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ସଭାପତି ପ୍ରଦୀପ କୁମାର ଦାସ ଓ ସଂପାଦକ ପ୍ରକାଶ ଚନ୍ଦ୍ର ପାତ୍ର ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉତ୍ତରୋତ୍ତର କାମନା କରିଥିଲେ। ଚଳିତ ଶିକ୍ଷା ବର୍ଷରେ ଶିକ୍ଷା ବିକାଶ ସମିତି ଦ୍ୱାରା ହୋଇଥିବା ପ୍ରାଦେଶିକ ମେଧା ପରୀକ୍ଷାରେ ୭ମ ଶ୍ରେଣୀର ଛାତ୍ରୀ ମିନାକ୍ଷୀ ପାତ୍ର ୭ମ ଓ ମହେଶ୍ୱରୀ ପଣ୍ଡା ୮ମ ଓ ୯ମ ଶ୍ରେଣୀର ଛାତ୍ର ନରସିଂହ ଆପଟ୍ଟ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ୭ମ ଶ୍ରେଣୀର ଛାତ୍ର ଅଭିନବ ଦାଶ ୮ମ ଓ ଆୟୁଷ ବିଶୋୟୀ ୧୦ମ ସ୍ଥାନ ଅଧିକାର କରିଛନ୍ତି। ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନାଚାର୍ଯ୍ୟ ଅତିଥି ପରିଚୟ ଦେଇଥିଲେ। ସହ ପ୍ରଧାନାଚାର୍ଯ୍ୟ ପତିତପାବନ ଶତପଥୀ ଧନ୍ୟବାଦ ଦେଇଥିଲେ।

## ଟିପିଏସଓଡିଏଲର ବିଶ୍ୱ ନବ ସୃଜନ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟମାନେ।

ବ୍ରହ୍ମପୁର,୨୯।୪ (ସ୍ମୃତିରଂଜନ ମହାଲିକ) ଟିପିଏସଓଡିଏଲ ସୋମବାର ବ୍ରହ୍ମପୁର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ବିଶ୍ୱ ନବ ସୃଜନ ଦିବସ ପାଳିଛି। ଟି ଆଣ୍ଡ ଡି ଇନୋଭେସନ କାର୍ନିଭାଲ ଶୀର୍ଷକରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଉଦଘାଟନ କରିଥିଲେ। କଂପାନୀର ନେଟୱର୍କ ଇଞ୍ଜିନିୟରିଂ ଆଣ୍ଡ ପ୍ଲାନିଂ, ସୁରକ୍ଷା ଅପରେସନ, ଟେକ୍ନୋଲୋଜି ଓ ବାଣିଜ୍ୟ ଭଳି ବିଭିନ୍ନ ବିଭାଗ ପକ୍ଷରୁ ଅଭିନବ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କର୍ମଚାରୀମାନେ ନିଜର ସୃଜନଶୀଳ ଚେତନାକୁ ପରସ୍ପର ମଧ୍ୟରେ ବାଣ୍ଟିବା ସହ ସୌର ଶକ୍ତି ତଥା ବିଜୁଳି ଯୋଗାଣ କ୍ଷେତ୍ର କିଭଳି ଅଧିକ ସୁଦୃଢ଼ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ଟିପିଏସଓଡିଏଲ ସର୍ବଦା ଅଭିନବତା ତଥା ସୃଜନଶୀଳତାକୁ ପ୍ରୋତ୍ସାହନ ଦେଉଛି ବୋଲି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିଲେ।

## ସିପିଆଇ ପକ୍ଷରୁ ଗଞ୍ଜାମ ବ୍ଲକ ଘେରାଉ

ରମ୍ଭା,୨୯।୪(ବନବାସୀ ସେଠୀ)

କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାରଙ୍କ ନୀତିନିୟମ ବର୍ହିଭୁତ କାର୍ଯ୍ୟ, ଗରିବ ଲୋକଙ୍କ ପାଇଁ କାର୍ଯ୍ୟ ନ କରି ରାଜ୍ୟ ସରକାର ପ୍ରଚାର ପ୍ରସାରରେ ଗୁରୁତ୍ୱ ଦେଉଛନ୍ତି ବୋଲି ଅଭିଯୋଗ କରି ୧୦ ଦଫା ଦାବି ନେଇ ମଙ୍ଗଳବାର ସିପିଆଇ ପକ୍ଷରୁ ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପୂର୍ବରୁ ଅନେକ ଥର ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ସୁଦ୍ଧା କିଛି ସୁଫଳ ମିଳି ନ ଥିବା ଛତ୍ରପୁର ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ କମ୍ୟୁନିଷ୍ଟ ନେତା ପୂର୍ଣ୍ଣ ରଥ, ଶିକ୍ଷକ ନେତା ନାରାୟଣ ନାୟକ, ଜୋନାଲ ସମ୍ପାଦକ ଦଣ୍ଡପାଣି ପାତ୍ର, ରମ୍ଭା ଶାଖା ସମ୍ପାଦକ କ୍ଷେତ୍ରମୋହନ ବେହେରା, ଲୋକନାଥ ପାତ୍ର, ଗୁଲୁ ପାତ୍ର, ମିଲୁ ପାତ୍ର ଓ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ। ପାଲୁର କେନାଲ ପୁନଃରୁଦ୍ଧାର, ଋଷିକୁଲ୍ୟା ନଦୀରୁ ବାଲି ଉଠାଣ ବନ୍ଦ କରିବା, ସାହେବ କେନାଲ ଓ ଖାଲିନାଳ ପୁନଃରୁଦ୍ଧାର, ଅଚଳ ନଳକୂପ ସଚଳ କରିବା, ଶୀତଳ ଭଣ୍ଡାର ନିର୍ମାଣ ସହ ସେମାନଙ୍କ ଅନ୍ୟାନ୍ୟ ଦାବି ରହିଛି।

# ମୁଖ୍ୟ ମନ୍ଦିରକୁ ବିଜେକଲେ ମା' ଠାକୁରାଣୀ

## ସରିଲା ବ୍ରହ୍ମପୁର ଠାକୁରାଣୀ ଯାତ୍ରା, ପୁଣି ୨ବର୍ଷକୁ ଅପେକ୍ଷା

ବ୍ରହ୍ମପୁର,୨୯।୪(ସ୍ମୃତିରଂଜନ ମହାଲିକ) ବ୍ରହ୍ମପୁର ପ୍ରସିଦ୍ଧ ମା' ବୁଢୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ମଙ୍ଗଳବାର ଶେଷ ହୋଇଛି। ମୁଖ୍ୟ ମନ୍ଦିରକୁ ମା' ବିଜେ କରିଛନ୍ତି। ଫୁଲ ଓ ଗହଣାରେ ସୁସଜ୍ଜିତ ଥିବା ମା'ଙ୍କୁ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି। ସନ୍ଧ୍ୟାରେ ମା'ଙ୍କ ଆଳତୀ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ସୋମବାର ରାତି ୧.୧୫ମିନିଟରେ ମା'ଙ୍କ ମୁଖ୍ୟ ଘଟ ସମେତ ୮ ପାର୍ଶ୍ୱ ଘଟ ଅସ୍ଥାୟୀ ମଣ୍ଡପରୁ ବାହାରିଥିଲେ। ମୁଖ୍ୟ ଘଟକୁ ଦେଶୀ ବେହେରାଙ୍କ ସ୍ତ୍ରୀ ମଣ୍ଡନ କରିଥିବା ବେଳେ ସହସ୍ରାକ୍ଷୀ ଘଟକୁ କୁମୁଟି ସଂପ୍ରଦାୟର ଜଣେ ମହିଳା ମଣ୍ଡନ କରିଥିଲେ। ମା'ଙ୍କ ଆଗମନକୁ ଦୃଷ୍ଟିରେ ରଖି ମୁଖ ମନ୍ଦିରକୁ ବ୍ରହ୍ମପୁର ଫୁଲ ବ୍ୟବସାୟୀ ସଂଘ ପକ୍ଷରୁ ୨ ଟନ ଫୁଲରେ ସଜ୍ଜିତ କରାଯାଇଥିଲା। ମା' ଆସିବା ସମୟରେ ହୁଳହୁଳି ଓ ବାଜା ବାଜଣାରେ ସହରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମା' ପ୍ରଥମେ ମହୁରୀ ରାଜାବାଟୀକୁ ଯାଇଥିଲେ। ରାଜାଙ୍କ ପୂଜାର୍ଚ୍ଚନା ପରେ ମା' ବଡ ବଜାର ଦେଇ ସାନ୍ତାରାଣୀ ସାହି, ମାର୍ଥାପେଟା ସାହି, କେଉଟ ସାହି, ଶଙ୍କରପୁର ସାହି, ଜେନା ସାହି, ବାଟୁବାରୀ ସାହି, କେଦାରପେଟା ସାହି, ଚନ୍ଦ୍ରମା ସାହି, ଖାସ୍ପା ସାହି ଓ ଜଉରା ସାହି ମାଉସୀ ମା' ଘରକୁ ଯାଇଥିଲେ। ସେଠାରେ ମାଙ୍କୁ ପୋଡ ପିଠା ଭୋଗ କରାଯାଇଥିଲା। ଏହାପରେ ମା' ମୁଖ୍ୟ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ମା'ଙ୍କ ଘଟ ପହଂଚିବା ପୂର୍ବରୁ ନୀତି ନିୟମ ଅନୁଯାୟୀ ସହସ୍ରାକ୍ଷୀ ଘଟ ପ୍ରଥମେ ରାତି ୩ଟା ୫୦ରେ ମୁଖ୍ୟ ମନ୍ଦିରରେ ପହଂଚିଥିଲା। ପୂଜକମାନେ ସହସ୍ରାକ୍ଷୀ ଘଟକୁ ଠାକୁରାଣୀଙ୍କ ବିଗ୍ରହ ନିକଟକୁ ନେଇ ପୂଜାର୍ଚ୍ଚନା କରିଥିଲେ। ପରେ ମା'ଙ୍କ ଘଟ ପୁଡିପେଦିରୀ ସାହି ଓ ଖୋଦ୍ରା ସାହି ହୋଇ ଭୋର ୪ଟାରେ ମୁଖ୍ୟ ମନ୍ଦିରରେ ପହଂଚିଥିଲେ। ମା'ଙ୍କ ଘଟକୁ ମନ୍ଦିରରେ ୩ ବେଢା ପରିକ୍ରମା ପରେ ବିଗ୍ରହ ନିକଟରେ ସ୍ଥାପନ କରାଯାଇଥିଲା। ଘଟରେ ଦୀର୍ଘ ୨୬ ଦିନ ଧରି ଥିବା ସତେଜ ଇଟିମଳା ଫୁଲକୁ ମା'ଙ୍କ ମସ୍ତକରେ ସ୍ଥାପନ କରାଯାଇଥିଲା। ଏହାପରେ ମା'ଙ୍କ ଯାତ୍ରା ଶେଷ ହୋଇଥିଲା। ପରେ ମା'ଙ୍କ ସହିତ ଆସିଥିବା ବିଭିନ୍ନ ସାହିର ପ୍ରାୟ ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ମାନସିକଧାରୀଙ୍କ ଘଟକୁ ମନ୍ଦିର ବେଢାରେ ବିସର୍ଜନ କରାଯାଇଥିଲା। ମଙ୍ଗଳବାର ମଧ୍ୟାହ୍ନ ଯାଏଁ ଘଟ ବିସର୍ଜନ ଜାରି ରହିଥିଲା। ଏଥିସହ ଯାତ୍ରାର ନୀତିକାନ୍ତି ପ୍ରକାରେ କୁକୁଡା ଓ ଛାଗ ବଳି ଦିଆଯାଇଥିଲା।


ମା'ଙ୍କ ମୁଖ୍ୟ ଘଟକୁ ଦେବକୀ ମୁଣ୍ଡାଇ ମୁଖ୍ୟ ମନ୍ଦିରକୁ ପ୍ରବେଶ କରୁଛନ୍ତି।

## ଗୋପାଳପୁରରେ ରାଜ୍ୟପାଳ

ଗୋପାଳପୁର,୨୯।୪
(ନବୀନ ରାଜ ଆଚାରୀ)

ମଙ୍ଗଳବାର ସନ୍ଧ୍ୟାରେ ଗୋପାଳପୁର ଜୁଡ଼ିସିଆଲ ଗେଷ୍ଟ ହାଉସ୍‌ରେ ଓଡିଶା ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି ପହଞ୍ଚିଛନ୍ତି। ୧୬ ନଂ. ଜାତୀୟ ରାଜପଥ ଆନ୍ଧ୍ର ପ୍ରଦେଶ ସୀମାବର୍ତ୍ତୀ ଗିରିଶୋଲାରୁ ପୋଲିସ କଡା ସୁରକ୍ଷା ବଳୟରେ ତାଙ୍କୁ ଗେଷ୍ଟ ହାଉସ୍‌କୁ ଆଣିଥିଲେ। ଏହି ସମୟରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଉପଜିଲାପାଳ ଦୀନା ଦସ୍ତଗିରି, ବ୍ରହ୍ମପୁର ଏସ୍‌ପି ଡା .ସର୍ବଣା ବିବେକ ଏମ୍ ଓ ଅନ୍ୟ ଅଧିକାରୀମାନେ ଗେଷ୍ଟ ହାଉସ୍‌ରେ ପହଞ୍ଚି ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ବୁଧବାର ସକାଳେ ରାଜ୍ୟପାଳ ଗୋଳନ୍ଥରା ଚଟିସ୍ଥିତ କୃଷି ବିଜ୍ଞାନକେନ୍ଦ୍ର-୨କୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସେ ଗୋପାଳପୁରରେ ଜିଲା ପ୍ରଶାସନ ସହ ସମୀକ୍ଷା ବୈଠକ କରିବାକୁ ଧାର୍ଯ୍ୟ ହୋଇଛି।

## ୪ ବର୍ଷର ଝିଅକୁ ବଳାତ୍କାର ଓ ହତ୍ୟା ଘଟଣା

# ପୋଲିସ ବିଫଳତା ରାଜ୍ୟବାସୀଙ୍କ ଚିନ୍ତାର କାରଣ ପାଲଟିଛି: ବିଜେଡି


ଖଲିଙ୍ଗି ଗ୍ରାମରେ ବିଜେଡିର ପ୍ରତିନିଧି ମଣ୍ଡଳୀ।

ଦିଗପହଣ୍ଡି, ୨୯।୪(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ବ୍ଲକର ଖଲିଙ୍ଗି ଗ୍ରାମରେ ୪ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ଓ ହତ୍ୟା ପରେ ତା'ର ମୃତ ଦେହ ନିର୍ମାଣାଧୀନ ଏକ ଅଙ୍ଗନୱାଡି କେନ୍ଦ୍ରରୁ ମିଳିବା ଘଟଣା ଜିଲା ଓ ରାଜ୍ୟବାସୀଙ୍କୁ ମର୍ମାହତ କରିଛି। ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବାପରେ ଶିଶୁ ଅପହରଣ, ନିର୍ଯାତନା, ଯୌନ ଉତ୍ପୀଡ଼ନ ଓ ହତ୍ୟା ଘଟଣା ଅହେତୁକ ବୃଦ୍ଧି ପାଇଛି। ପୋଲିସ ପ୍ରଶାସନ ଏହାକୁ ନିୟନ୍ତ୍ରଣ କରିବାରେ ଅସମର୍ଥ ହେବା ରାଜ୍ୟବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ବୋଲି ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଖଲିଙ୍ଗି ଗ୍ରାମ ଗସ୍ତ ଅବସରରେ ଅଭିଯୋଗ କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ଯାଇଥିବା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ଗଞ୍ଜାମ ଜିଲା ମହାନାଳା ଗାଁର ଛୋଟ ଝିଅଟି ତା'ର ମା, ବାପାଙ୍କ ସହିତ ସପ୍ତାହବ୍ୟାପୀ ଯାତ୍ରାରେ ଯୋଗଦେବା ପାଇଁ ଖଲିଙ୍ଗିସ୍ଥିତ ତା ମାମୁ ଘରକୁ ଯାଇଥିଲେ । ଗତ ଶୁକ୍ରବାର ମାମୁଘର ପାଖରେ ଅନ୍ୟ ପିଲାମାନଙ୍କ ସହିତ ଝିଅଟି ଖେଳୁଥିବା ସମୟରେ ତାଙ୍କୁ ଅପହରଣ କରି ବଳାତ୍କାର ପରେ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଶନିବାର ଭୋରରେ ଗାଁ ଲୋକେ ନିର୍ମାଣାଧୀନ ଏକ ଅଙ୍ଗନୱାଡ଼ି କୋଠାରୁ ଝିଅଟିର ମୃତଦେହ ପାଇଥିଲେ। ପୋଲିସ୍‌ର ଅପାରଗତା ଯୋଗୁ ଅପରାଧୀଙ୍କ ଆଇନ ପ୍ରତି ଆଉ ଭୟନାହିଁ। ଏପରି ଏକ ସମ୍ବେଦନଶୀଳ ଓ ଲଜ୍ଜାଜନକ ଘଟଣା ଜିଲା ଓ ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଛି। ଭାଜପା ସରକାରକୁ ଆସିବା ପରେ ନାବାଳିକା ଗର୍ଭବତୀ ହେବା ଓ କୋମଳମତି ଶିଶୁକନ୍ୟା ବଳାତ୍କାରର ଶିକାର ହେବା ଭଳି ହୃଦୟବିଦାରକ ଘଟଣା ଘଟିବାରେ ଲାଗିଛି ବୋଲି ସ୍ନେହାଙ୍ଗିନୀ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
LADIES OFFICE EXECUTIVE
RAHIBA GHARA FREE
Attached Bathroom
KHAIBA FREE
Salary 10000 + Bonus 50000 to 100000 annual + other benefits
PHULANAKHARA, CUTTACK
7809525452

See Career Appointment on every Wednesday & Saturday

ଡ୍ରାଇଭର ଆବଶ୍ୟକ
ଦରମା: ୨୨,୦୦୦/-
ଫୋନ୍ ନଂ: 9861925500
(ଯୋଗାଯୋଗ ସମୟ 10am To 4pm)

ଆବଶ୍ୟକ
ନିଃଶୁଳ୍କ ଲଜ୍‌ରେ ରହିବା,
ଭଲ ଖାଦ୍ୟ, ଆକର୍ଷଣୀୟ ଦରମା ସହ
ସିକ୍ୟୁରିଟି ଗାର୍ଡଙ୍କ ନିଯୁକ୍ତି ଆରମ୍ଭ,
ନାଗପୁରର ବିଭିନ୍ନ ଅଞ୍ଚଳ ପାଇଁ, 10ମ ପାସ୍
5'.8" ଉଚ୍ଚତାଧାରୀ ଗାର୍ଡ ତୁରନ୍ତ ଆବଶ୍ୟକ
ୟୁଥ୍ ଫୋର୍ସ ସିକ୍ୟୁରିଟି ସର୍ଭିସେସ୍
ନ୍ୟାଶନାଲ ଫାୟାର୍ କଲେଜ୍ ସାମ୍ନା, ରାଜନଗର, ନାଗପୁର
ମୋ. 9422313968, 8669698959



# ବୁଦାମୂଳେ ମଲା ଗୋରୁ କଟାଗୋଡ଼

ଭଞ୍ଜନଗର,୨୯।୪(ବାବୁଲା ପ୍ରଧାନ): ତାରସିଂ ଥାନା ଅନ୍ତର୍ଗତ ବଦାଙ୍ଗୀରେ ସୋମବାର ଏକ ମଲା ଗୋରୁର କଟାଗୋଡ଼ ବୁଦାମୂଳେ ପକାଇ ଅନ୍ୟ ଅଂଶକୁ କିଏ ନେଇଯାଇଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମଲା ଗୋରୁଟିକୁ କେହି ଖାଇବା ଉଦ୍ଦେଶ୍ୟରେ ନେଇଥିବା ଆଶଂକା କରାଯାଉଛି। ଏହି ଘଟଣାକୁ ଭାଜପା ନେତା ପ୍ରଦୀପ ସାହୁ ନିନ୍ଦା କରିଛନ୍ତି। ବଦାଙ୍ଗୀର ଜଣେ ବ୍ୟକ୍ତିଙ୍କ ଗୋରୁଟି ମରିଯାଇଥିବା ବେଳେ ସେ ତାହାକୁ ପୋତିଦେବା ପାଇଁ ଯୋଗାଡ଼ କରି ଗଲାବେଳକୁ ଗୋରୁ ମୃତଦେହ ନ ଥିଲା। ବୂଦାମୂଳେ କେବଳ କଟା ଗୋଡ଼ ପଡ଼ିଥିଲା। ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଉକ୍ତ ଗ୍ରାମଟି ଥିବା ବେଳେ କିଏ ଗୋରୁ ମାଂସ ନେଲେ ତାହାକୁ ନେଇ ନାନା ଆଲୋଚନା ହେଉଛି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ବିଶ୍ରାମାଗାର, ପାନୀୟ ଜଳ ବ୍ୟବସ୍ଥା

ପାରଳାଖେମୁଣ୍ଡି,୨୯।୪(ଗିରିଧାରୀ ପରିଛା):




ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ରୂପେ ପରିଚିତ ଗଜପତି ଜିଲା ଗୁମ୍ମା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ଅସୁବିଧା ଲାଗି ରହିଛି। ଏଠାକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ବିଶ୍ରାମ ନେବାକୁ ବିଶ୍ରାମାଗାରଟିଏ ନାହିଁ। ସେହିପରି ଏଠାରେ ସମ୍ପର୍କୀୟ ଓ ରୋଗୀମାନେ ପିଇବାକୁ ଖୋଜିଲେ ପାଣି ମୁନ୍ଦେ ମଧ୍ୟ ମିଳେନାହିଁ। ଏନେଇ ଜିଲା ଆଦିବାସୀ ମହାସଂଘ ଗୁମ୍ମା ବ୍ଲକ ଶାଖାର ସଭାପତି ଅନିଲ ଗମାଙ୍ଗ, ଆସିନ ଗମାଙ୍ଗ, ମସୁଲନ ରଇତ, ବୁଲୁ ରଇତ, ଅବଦୟ ଶବର, ଅକ୍ଷୟ ଗମାଙ୍ଗ ବାରମ୍ବାର ବିଡ଼ିଓ, ସିଡିପିଓ ଓ ଏମ୍‌ଓଆଇସିଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏବେ ପାରଳାଖେମୁଣ୍ଡି ଜିଲାରେ ତାପମାତ୍ରା ୪୨ ଡିଗ୍ରୀରୁ ଅଧିକ ରହୁଛି। ଏପରି ସ୍ଥଳେ ରୋଗୀ ଓ ସମ୍ପର୍କୀୟମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ପୂର୍ବରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ବିଶ୍ରାମାଗାରଟି ଗତ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲା କ୍ୟାଣ୍ଟିନ ଭାବେ ବ୍ୟବହାର ହେଉଛି। ଆଉ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକେ ଟିକେ ବିଶ୍ରାମ ନେବାକୁ ହଇରାଣ ହେଉଛନ୍ତି। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ରର ଏମଓଆଇସି ଡା. ପାର୍ଥ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ମୁଁ ଏ ସମସ୍ୟା ସମ୍ପର୍କରେ ପୂର୍ବରୁ ସିଡ଼ିଏମଓଙ୍କୁ ଅବଗତ କରାଇଥିଲି। ଖୁବ୍‌ଶୀଘ୍ର କ୍ୟାଣ୍ଟିନ କରିଥିବା ମହିଳା ସଦସ୍ୟାମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ବିଶ୍ରାମାଗାରକୁ ନୂତନ ଭାବେ କାର୍ଯ୍ୟକାରୀ କରାଯିବ। ପାନୀୟ ଜଳ ସୁବିଧା ମଧ୍ୟ କରାଯିବ ବୋଲି ଡା. ପଣ୍ଡା କହିଛନ୍ତି।

# ପଞ୍ଚାୟତର ୬ ୱାର୍ଡକୁ ହେଲା ଜଳଯୋଗାଣ



ଜଳ ଯୋଗାଣ ବେଳେ ଉପସ୍ଥିତ ସରପଞ୍ଚ ଓ ଅଧିକାରୀ।

ରାଇକିଆ,୨୯।୪(ପ୍ରଦୀପ ବେହେରା)- କନ୍ଧମାଳ ଜିଲା ରାଇକିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ଜଳ ସମସ୍ୟା ଜଟିଳ ହୋଇଛି। ବିଭିନ୍ନ ପଞ୍ଚାୟତରେ ଲୋକେ ଏ ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁଇ ବର୍ଷ ଧରି ଚାଲିଥିବା ମେଗା ଜଳ ପ୍ରକଳ୍ପର କାର୍ଯ୍ୟ କେତେକାଂଶରେ ସରିଥିବାରୁ ରାଇକିଆ ସହର ଓ ବେରେଡ଼ାକିଆ ପଞ୍ଚାୟତର କେତେକ ୱାର୍ଡ଼କୁ ପାନୀୟ ଜଳ ପହଞ୍ଚିଛି। ଏହି ପଞ୍ଚାୟତର କାଲୁମାହାଠାରୁ ବାଞ୍ଜାମହା ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହୋଇଛି। ପାଇପ ଯୋଗେ ଏହି ସବୁ ଅଞ୍ଚଳକୁ ଜଳ ଯୋଗାଣ ଆରମ୍ଭ ହୋଇଛି। ବେରେଡ଼ାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ ଓ ମେଗା ପ୍ରକଳ୍ପ ଇନଚାର୍ଜ ଶ୍ରୀନିବାସ ରାଓଙ୍କ ଉପସ୍ଥିତିରେ ଜଳଯୋଗାଣ ଆରମ୍ଭ ହୋଇଥିଲା । ମେଗା ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ପଞ୍ଚାୟତର ୬ଟି ୱାର୍ଡରେ ପାନୀୟ ଯୋଗାଣ ବ୍ୟବସ୍ଥା ହୋଇଛି। ଆଗାମୀ ୧୫ ଦିନ ମଧ୍ୟରେ ପଞ୍ଚାୟତର ଅନ୍ୟ ସମସ୍ତ ୱାର୍ଡରେ ପାନୀୟ ଜଳ ଯୋଗାଣ ହେବ ବୋଲି ସରପଞ୍ଚ ପ୍ରଧାନ କହିଛନ୍ତି ।

# ବାପାଙ୍କୁ ହତ୍ୟା ଘଟଣା, ସାନ ପୁଅ କୋର୍ଟଚାଲାଣ

ପୁରୁଷୋତ୍ତମପୁର,୨୯।୪(ସିମାଞ୍ଚଳ ମିଶ୍ର): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବାଘଲା ପଞ୍ଚାୟତ କୁଶପୁର ଗ୍ରାମରେ ବାପାଙ୍କୁ ପିଟି ହତ୍ୟା କରିବା ଅଭିଯୋଗରେ ସାନ ପୁଅ ରଞ୍ଜନ ସାହୁ(୨୮)ଙ୍କୁ ପୋଲିସ ଗିରଫ ପରେ ମଙ୍ଗଳବାର କୋର୍ଟଚାଲାଣ କରିଛି। ପରେ କୋର୍ଟ ତାଙ୍କୁ ଜେଲ ହାଜତକୁ ପଠାଇ ଦେଇଛନ୍ତି। ମୃତ ଗୋପାଳକୃଷ୍ଣ ସାହୁଙ୍କ ସ୍ତ୍ରୀ ସୀତା ସାହୁ ପୋଲିସରେ କରିଥିବା ଅଭିଯୋଗକୁ ନେଇ ନଂ ୩୨୫/୨୫ ପ୍ରକାରେ ସାନପୁଅ ରଞ୍ଜନଙ୍କୁ ଗିରଫ କରାଯାଇଥିବା ତଦନ୍ତକାରୀ ଅଫିସର ଏସଆଇ ସୁଶାନ୍ତ କୁମାର ମିଶ୍ର କହିଛନ୍ତି। ପାରିବାରିକ ଅଶାନ୍ତିକୁ ନେଇ ଗୋପାଳକୃଷ୍ଣ ତାଙ୍କ ସ୍ତ୍ରୀ ସୀତାଙ୍କୁ ସବୁବେଳେ ମାଡମାରୁଥିଲେ। ସୋମବାର ମଧ୍ୟ ସେ ମାଡ ମାରିବାକୁ ଉଦ୍ୟମ କରିବା ବେଳେ ଦୁଇ ପୁଅ ରଞ୍ଜନ ଓ ପିଣ୍ଟୁ ପ୍ରତିବାଦ କରିଥିଲେ। ହେଲେ ଗୋପାଳ କାହାରି କଥା ଶୁଣିନଥିଲେ। ମା ଉପରେ ସବୁଦିନେ ହେଉଥିବା ଏଭଳି ମାଡକୁ ପୁଅମାନେ ସହ୍ୟ କରିପାରିନଥିଲେ। ବାପାଙ୍କ ହାତରୁ ପୁଅମାନେ ଲୁହାରଡକୁ ଛଡାଇ ସେହି ରଡରେ ସାନପୁଅ ରଞ୍ଜନ ତାଙ୍କ ବାପାଙ୍କୁ ପିଟିଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

# ଆବାସ ଗୃହ କରାଇଦେବା ନେଇ ଅର୍ଥ ଆଦାୟ ଅଭିଯୋଗ



ବିଡିଓଙ୍କ ପାଖକୁ ଅଭିଯୋଗ କରିବାକୁ ଆସିଥିବା ହିତାଧିକାରୀମାନେ।

ପାତ୍ରପୁର ୨୯।୪(ଉମା ଚରଣ ନେପାକ) ପକ୍କା ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦେବାକୁ କାର୍ଯ୍ୟକାରୀ ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା। କେହି ଯେପରି ଏଥିରୁ ବାଦ୍ ନ ପଡନ୍ତି ସେଥିପାଇଁ ସର୍ଭେ କରାଯାଉଛି। ହିତାଧିକାରଙ୍କ ଘରକୁ ଯାଇ କର୍ମଚାରୀମାନେ ସର୍ଭେ କରୁଛନ୍ତି। ତେବେ ଏହାର ଫାଇଦା ଉଠାଇବାକୁ କେତେଜଣ ଜନ ପ୍ରତିନିଧି ପଛଘୁଞ୍ଚା ଦେଉନାହାନ୍ତି। ହିତାଧିକାରୀଙ୍କୁ ଏହି ଯୋଜନାରେ ପକ୍କା ଘର କରାଇ ଦେବି କହି ସେମାନେ ଅର୍ଥ ଆଦାୟ କରୁଛନ୍ତି। ଗଞ୍ଜାମ ଜିଲା ପାତ୍ରପୁର ବ୍ଲକରେ ଏପରି ଘଟଣା ନଜରକୁ ଆସିଛି। ସାମନ୍ତରାପୁର ପଞ୍ଚାୟତର କେତେଜଣ ହିତାଧିକାରୀ ସେମାନଙ୍କ ପାଇଁ ପକ୍କା ଘର କରାଇ ଦେବାକୁ ଅର୍ଥ ନିଆଯାଇଥିବା ମଙ୍ଗଳବାର ଅଭିଯୋଗ କରିଛନ୍ତି। ଲୋକଙ୍କୁ ଭୁଆଁ ବୁଲାଇ ଅର୍ଥ ଉପାର୍ଜନ କରୁଛନ୍ତି । ପଞ୍ଚାୟତର ନାଏବ ସରପଞ୍ଚ ଗୀତାଞ୍ଜଳି ଶବରଙ୍କ ସ୍ୱାମୀ ଚନ୍ଦ୍ରମଣି ସିନ୍ଧୁରପୁର ଗ୍ରାମର କେତେ ଜଣ ହିତାଧିକାରୀଙ୍କଠାରୁ ୨୪୦ ଲେଖାଏ ଟଙ୍କା ଆଦାୟ କରିଥିବା ସେମାନେ କହିଛନ୍ତି। ଏନେଇ ଗ୍ରାମର ଯଶମନ୍ତି ପ୍ରଧାନ, ଲଳିତା ଦଳେଇ, ଲକ୍ଷ୍ମୀ ଦଳେଇ, ପ୍ରକାଶ ପ୍ରଧାନ ଓ ସୀମାଞ୍ଚଳ ପ୍ରଧାନ ପାତ୍ରପୁର ବିଡ଼ିଓ ଲକ୍ଷ୍ମଣ ଚରଣ ସୋରେନଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ବିଡିଓ ସୋରେନଙ୍କୁ ପଚାରିବାରୁ ସେ କହିଲେ ଅଭିଯୋଗ ପାଇଛି। ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ। ଏ ସମ୍ପର୍କରେ ଚନ୍ଦ୍ରମଣିଙ୍କୁ ପଚାରିବାରୁ ସେ କହିଲେ, ସାମନ୍ତରାୟପୁର ଗ୍ରାମ ପାହାଡ ଉପରେ ରହିଛି। ପ୍ରଧାନମନ୍ତ୍ରୀ ଆବାସ ପାଇଁ ଆବେଦନ କରିଥିବା ହିତାଧିକାରୀମାନେ ଆବେଦନପତ୍ର ସହ ଦେଇଥିବା ପ୍ରମାଣପତ୍ର ଜେରକ୍ସ କରିବା ଲାଗି ସେମାନଙ୍କଠାରୁ ଉକ୍ତ ଅର୍ଥ ଆଣିଥିଲା। ଏ ସମ୍ପର୍କରେ ସେମାନେ ପ୍ରଶାସନ ନିକଟରେ ଅଭିଯୋଗ କରିଥିବା ଜାଣିବା ପରେ ମୁଁ ସେମାନଙ୍କଠାରୁ ହିତାଧିକାରୀଙ୍କ ପିଛା ଆଣିଥିବା ୨୪୦ ଟଙ୍କା ଫେରାଇ ଦେଇଛି ବୋଲି ଚନ୍ଦ୍ରମଣି କହିଥିଲେ।

### ଟଙ୍କା ନ ଦେବାରୁ ମହିଳାଙ୍କୁ ଆକ୍ରମଣ:

# ଯାଆ, ଦେଢ଼ଶୁର କୋର୍ଟଚାଲାଣ

ବେଲଗୁଣ୍ଠା,୨୯।୪( କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ ମରାଇପାଟ ଗ୍ରାମରେ ଗ୍ରୁପ ଲୋନ ଟଙ୍କାକୁ କେନ୍ଦ୍ର କରି ଜଣେ ମହିଳା ଏବଂ ତାଙ୍କ ମା'ଙ୍କୁ ଆକ୍ରମଣ ଅଭିଯୋଗରେ ବଡ଼ ଯାଆ ଏବଂ ଦେଢ଼ଶୁର ଗିରଫ ପରେ କୋର୍ଟଚାଲାଣ ହୋଇଛନ୍ତି। ମରାଇପାଟ ଗ୍ରାମର ବର୍ଷାରାଣୀ ନାୟକ ଏକ ମହିଳା ଗୋଷ୍ଠୀରୁ ୫୦ ହଜାର ଟଙ୍କା ଉଠାଣ କରିଥିଲେ । ବର୍ଷାଙ୍କ ବଡ଼ ଯାଆ ନାଗରୀ ନାୟକ ଏବଂ ଦେଢ଼ଶୂର ପୂର୍ଣ୍ଣଚନ୍ଦ୍ର ନାୟକ ତାଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ଉଭୟେ କାଠ ଫାଳିଆ ଏବଂ ଟାଙ୍ଗିଆ ବେଣ୍ଟରେ ଆକ୍ରମଣ କରିଥିବା ବର୍ଷା ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ଆକ୍ରମଣରେ ବର୍ଷାଙ୍କ ମା' ସୁଲୋଚନା ମଧ୍ୟ ଆହତ ହୋଇଥିବା ଏତଲାରେ ରହିଛି। ପୋଲିସ ନଂ.୨୭୨/୨୫ରେ ମାମଲା ରୁଜୁ କରି ନାଗରୀ ଏବଂ ପୂର୍ଣ୍ଣଚନ୍ଦ୍ରଙ୍କୁ କୋର୍ଟଚାଲାଣ କରିଥିବା ଗାଙ୍ଗପୁର ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ପ୍ରକାଶ କରିଛନ୍ତି।

# ସମବାୟ ବିକାଶରେ ଉତ୍କଳ ଗୌରବଙ୍କ ଭୂମିକା ଅତୁଳନୀୟ



ଫୁଲବାଣୀ, ୨୯।୪(ରାକେଶ କୁମାର ରାଉତ) ସରକାରଙ୍କ ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ଡିସେମ୍ବର ପର୍ଯ୍ୟନ୍ତ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ବର୍ଷ ବ୍ୟାପି କାର୍ଯ୍ୟକ୍ରମ ଜିଲାରେ ଅନୁଷ୍ଠିତ ହେଉଛି। ମଙ୍ଗଳବାର ଉପନିବନ୍ଧକ ସମବାୟ ସମିତି ସମୂହ ତୃପ୍ତି କଲ୍ୟାଣ ସେଠୀଙ୍କ ପୌରୋହିତ୍ୟରେ ସମବାୟ ଆନ୍ଦୋଳନରେ ମଧୁସୂଦନ ଦାସଙ୍କ ଭୂମିକା ସମ୍ପର୍କରେ ଏକ ଆଲୋଚନାଚକ୍ର ଜିଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ ମାଧ୍ୟମରେ ଗରିବ ଜନସାଧାରଣଙ୍କ ଆର୍ଥିକ ବିକାଶ ସମ୍ଭବ ବୋଲି କହିଥିଲେ। ଜିଲା ପ୍ରାଣୀ ଚିକିତ୍ସାଧିକାରୀ ସଞ୍ଜୀବ ପଟେଲ ଯୋଗଦେଇ ପ୍ରାଣୀ ପାଳନ ସମବାୟ ମାଧ୍ୟମରେ ରୋଜଗାର ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ରାମକୃଷ୍ଣ ମହାନ୍ତି ମଧୁସୂଦନଙ୍କ ଜୀବନି ଓ ସମବାୟ ଆନ୍ଦୋଳନର ଭୂମିକା ସମ୍ପର୍କରେ ବ୍ୟାପକ ଭାବେ ବକ୍ତବ୍ୟ ରଖିଥିଲେ। ଉପକୃଷି ନିର୍ଦ୍ଦେଶକ ତୁଷାର କାନ୍ତି ତୁଙ୍ଗ, ସହକାରୀ ଉପନିବନ୍ଧକ, ଲଳିତ ମାଝି, ଜିତେନ୍ଦ୍ର ମିଶ୍ର ପ୍ରମୁଖ ଏହି ଦିବସରେ ବିଭାଗୀୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରବନ୍ଧକ ସୁକାନ୍ତ କୁମାର ପାଢୀ ସଂଯୋଜନା କରିଥିବା ବେଳେ ଏସଆରସି ଗଙ୍ଗାଧର କହଁର, ଜ୍ୟୋତିର୍ମୟୀ ପ୍ରଧାନ, ସତ୍ୟଜିତ ବେହେରାଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ

ଦିଗପହଣ୍ଡି,୨୯।୪(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ ବାହାଡାଗୁଡ଼ା ଗ୍ରାମ ରାସ୍ତାକଡରୁ ମଙ୍ଗଳବାର ସକାଳେ ପାଟପୁର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ବାଙ୍ଗରଡ଼ା ଗ୍ରାମର ଆଖଣ୍ଡଳ ଚୌଧୁରୀ(୨୬)। ଆଖଣ୍ଡଳ ସୋମବାର ରାତି ପ୍ରାୟ ୧୦ ଟାରେ ଡେଙ୍ଗାଓସ୍ତା ଗ୍ରାମରୁ କାମସାରି ବୁଲେଟ (ନଂ. ଓଡ଼ି୦୭ ଏଜେ ୫୫୮୭)ରେ ଗାଁକୁ ଫେରୁଥିଲେ। ବାଟରେ ଏକ ବୁଲାଣିରେ ଭାରସାମ୍ୟ ହରାଇ ଖଜୁରୀ ଗଛରେ ପିଟି ହୋଇଥିବା ସନ୍ଦେହ କରାଯାଇଛି। ରାତି ପ୍ରାୟ ୨ ଟାରେ କେତେଜଣ ଲୋକ ଫାସିଗୁଡ଼ା ଗ୍ରାମକୁ ଯାଉଥିବା ବେଳେ ରାସ୍ତାରେ ଆଖଣ୍ଡଳ ରକ୍ତାକ୍ତ ଅବସ୍ଥାରେ ଚେତାଶୂନ୍ୟ ହୋଇ ପଡ଼ିଥିବା ଦେଖି ତାଙ୍କ ପରିବାରକୁ ଜଣାଇଥିଲେ। ଆଖଣ୍ଡଳଙ୍କ ବାପା ସୁରଥ ଚୌଧୁରୀ ପାଟପୁର ଥାନାରେ ଜଣାଇବା ପରେ ପୋଲିସ ଟିମ୍ ମୃତଦେହ ଜବତ କରିଥିଲା। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ଖଜୁରୀପଡ଼ା, ୨୯।୪( ବିଦୁର ବେହେରା ) ଯୋଗ୍ୟ ହିତାଧିକାରୀ ପାଉନାହାନ୍ତି ଆବାସ। ରାଜ୍ୟ ଓ କେନ୍ଦ୍ର ସରକାର ସମସ୍ତଙ୍କୁ ଆବାସ ପ୍ରଦାନ ନେଇ ପ୍ରତିଶ୍ରୁତି ଦେଉଥିବା ବେଳେ ପ୍ରଶାସନିକ ଉଦାସୀନତା ଯୋଗୁ ଏଥିରୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ଆବାସଟିଏ ପାଇଁ ହିତାଧିକାରୀ ବାରମ୍ବାର ବ୍ଲକ ଓ ଜିଲା କାର୍ଯ୍ୟାଳୟକୁ ଦୌଡି ମଧ୍ୟ କିଛି ସୁଫଳ ପାଉନାହାନ୍ତି। ଏପରି ଜଣେ ହତାଧିକାରୀ ହେଉଛନ୍ତି ମହେନ୍ଦ୍ର କହଁରଙ୍କ ସ୍ତ୍ରୀ ଯମୁନା କହଁର(୫୮)। ଖଜୁରୀପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ ନବଗୁବା (ଜମ୍ବୁସାହି)ର ଯମୁନା ଘରଟିଏ ଝିଅ ସ୍ୱର୍ଣ୍ଣଙ୍କୁ (୨୭) ଧରିଭଙ୍ଗାଦଦରା ଘରେ ଅତି ଦୟନୀୟ ଭାବେ ଦିନ କାଟୁଛନ୍ତି। ରହୁଥିବା ଘର ଅବସ୍ଥା ଏପରି ଯେ, ବର୍ଷା,ଶୀତ ଓ କାକରରେ ମା' ଝିଅ ସାହି ପଡିଶା, ସମ୍ପର୍କୀୟ ଲୋକଙ୍କ ଘର ପିଣ୍ଡାରେ ରହୁଛନ୍ତି। ଘର ଖଣ୍ଡେ ପାଇବାକୁ ଯମୁନା ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟରେ ଲିଖିତ ଭାବେ ଆବେଦନ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କୁ ମିଳିନି ଘର। ସରକାରୀ ସହାୟତା କହିଲେ ଚାଉଳ ୧୦ କିଲୋ ଏବଂ ବିଧବା ଭତ୍ତା ସେମାନଙ୍କ ଭରସା। ୨୦୨୦ରେ ଲଗାଣ ବର୍ଷା ପବନରେ ଯମୁନାଙ୍କ ଘରର କାନ୍ଥ ସବୁ ଭୁଶୁଡ଼ି ପଡିଥିଲା। ଖବର ପ୍ରକାଶ ପରେ ତତ୍କାଳୀନ ବିଡ଼ିଓ, ତହସିଲଦାର, ସରପଞ୍ଚ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ରାଜସ୍ୱ ନିରୀକ୍ଷକ ତାଙ୍କ ନିକଟରେ ପହଞ୍ଚି ଆବାସ ଯୋଜନାରେ ଘରଖଣ୍ଡେ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହିନୀପତିଙ୍କୁ ଜଣାଇବାରୁ ସେ କହିଲେ, କୌଣସି ଯୋଗ୍ୟ ହିତାଧିକାରୀ ଘର ପାଇବାରୁ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ବ୍ଲକ ଏବଂ ପଞ୍ଚାୟତ ପ୍ରଶାସନ ନଜର ରଖିଛି । ଯମୁନାଙ୍କ ସମସ୍ୟା ଅନୁଧ୍ୟାନ କରି ତାଙ୍କୁ ଘରଟିଏ ଯୋଗାଇ ଦେବାକୁ ବିଡିଓ କହିଛନ୍ତି । ଆବାସ ଯୋଜନାରେ ଯମୁନାଙ୍କୁ ଘର ଖଣ୍ଡେ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ନିଜ ଭଙ୍ଗାଘର ସମ୍ମୁଖରେ ଯମୁନା କହଁର।

# ବାଙ୍କେଶ୍ୱରୀ ଘାଟିରେ ଅଟୋ ଦୁର୍ଘଟଣାଗ୍ରସ୍ତ, ୯ ଆହତ

ଦିଗପହଣ୍ଡି,୨୯।୪(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ମା ନିଜ ବାଙ୍କେଶ୍ୱରୀ ଘାଟି ରାସ୍ତାର ପିଲିକାଢ଼ିଅ ଗ୍ରାମ ନିକଟ ବୁଲାଣିରେ ମଙ୍ଗଳବାର ଅପରାହ୍ନରେ ଏକ ଅଟୋ (ନଂ. ଓଡ଼ି ୦୭ ଭି – ୯୪୫୬) ଓଲଟି ପଡିବାରୁ ୯ ଯାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ଗ୍ରାମର ଭଗବାନ ପାଳ, ରଶ୍ମିତା ପାଳ, ପଙ୍କଜ ପାଳ, ଆଶିଷ ପାଳ, ପ୍ରୀୟାଂଶୁ ପାଳ, ସ୍ନେହା ପାଳ, କୃଷ୍ଣଚନ୍ଦ୍ର ପାଳ, ଓମ୍ ବିଶ୍ୱାଳ ଏବଂ ଅଟୋ ଚାଳକ ବସନ୍ତ ସେଠୀ। ଖବରପାଇ ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଏବଂ ଆମ୍ବୁଲାନ୍ସ କର୍ମଚାରୀ ମାନେ ସେମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଭଗବାନଙ୍କ ଝିଅର ମୁଣ୍ଡନ କାର୍ଯ୍ୟ ପାଇଁ ପାଳ ପରିବାରର ସଦସ୍ୟ କେରାଣ୍ଡିମାଳ ପାହାଡ଼ ଉପରେ ଥିବା ମା ନିଜ ବାଙ୍କେଶ୍ୱରୀ ମନ୍ଦିରକୁ ଯାଇଥିଲେ। ସେଠାରେ ଭୋଜି ଖାଇ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ସେହିପରି ଗଣିଆ ନାଳ ଛକ ନିକଟ ମା କୁରେଇଶୁଣି ମନ୍ଦିର ନିକଟରେ ଅନ୍ୟ ଏକ ଅଟୋ ପଛକୁ ଏକ ବୋଲେରୋ ଗାଡ଼ି ଧକ୍କା ଦେବାରୁ ୮ ଜଣ ଆହତ ହୋଇଛନ୍ତି।

# ଓଡ଼ିଶା ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ବୈଠକ

ବାଲିଗୁଡ଼ା,୨୯।୪(ସଞ୍ଜୟ କୁମାର ପାଣିଗ୍ରାହୀ) ଓଡ଼ିଶା ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷାନିରୀକ୍ଷକ ସଂଘ କନ୍ଧମାଳ ଜିଲା ଶାଖାର କାର୍ଯ୍ୟ ନିର୍ବାହୀ ସମିତି ବୈଠକ ବାଲିଗୁଡାରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ସୁରଥ ଚନ୍ଦ୍ର ମୁନି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ପରେ ବୈଠକ ଆରମ୍ଭ ହୋଇଥିଲା। ବରିଷ୍ଠ ଶିକ୍ଷକ ଉମେଶ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ଜିଲା ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ତୀର୍ଥବାସୀ ଘଡ଼ାଇ ଗତ ବୈଠକର ବିବରଣୀ ପାଠ କରିଥିଲେ। ବୈଠକରେ ଦରମା ଠିକ ସମୟରେ ନ ହେବା, ଶିକ୍ଷକଙ୍କ ସମସ୍ୟା ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କାର୍ଯ୍ୟ ନ ହେବା, ଇପିଏଫ ସମସ୍ୟା ସମାଧାନ ନ ହେବା, ହେଡ଼ ସେବକ ପଦକୁ ପଦୋନ୍ନତି, ଏମସିଟି ଗ୍ରେଡ଼େସନ, ବିଏ ବିଇଡି ଏବଂ ବିଏ ସିବିଇଡି ଗ୍ରେଡ଼େସନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ କନ୍ଧମାଳ ଜିଲା ମଙ୍ଗଳ ଅଧିକାରୀଙ୍କୁ ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସମସ୍ତ କାର୍ଯ୍ୟ ନିର୍ବାହୀ ସଦସ୍ୟାସଦସ୍ୟା ଉପସ୍ଥିତ ଥିଲେ। ସଂଘ ଉପସଭାପତି ରଞ୍ଜିତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ୧ରୁ ମା' ଶୀତଳା ଠାକୁରାଣୀଙ୍କ ଯାତ୍ରା

ଗଞ୍ଜାମ,୨୯।୪(ବିଦ୍ୟାଧର ସାହୁ) ଆସନ୍ତା ମେ ୧ରୁ ବଡ଼ କାଇଁଚପୁର ଗ୍ରାମରେ ମା' ଶୀତଳା ଠାକୁରାଣୀଙ୍କ ଯାତ୍ରା ଆରମ୍ଭ ହେବ। ୧୦ ଦିନ ଧରି ଚାଲିବାକୁ ଥିବା ଏହିଯାତ୍ରା ପାଇଁ କାଇଁଚପୁରରେ ସମସ୍ତ ପ୍ରସ୍ତୁତି ଚାଲିଛି। ପୂର୍ବରୁ ଗ୍ରାମର ରେଞ୍ଜୀସାହି ଠାରେ ପୂଜକ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମା'ଙ୍କ ଭୂମିପୂଜା ଓ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। କୈବର୍ତ୍ତ ସାହିରେ ଠାକୁର ବାୟାଧର ଏବଂ ଦଳେଇପୁଟ ସାହିରେ ମାଲୁଆଣୀ ଠାକୁରାଣୀ ଏବଂ ରେଞ୍ଜୀ ସାହିରେ ମା' ଶୀତଳାଇଙ୍କ ୩ଟି ଶୁଭଖୁଣ୍ଟି ସ୍ଥାପନ ହୋଇଥିଲା। ମଙ୍ଗଳବାର ବଡ଼ କାଇଁଚପୁର ଗ୍ରାମବାସୀଙ୍କ ପକ୍ଷରୁ କଲ୍ୟାଣପୁରସ୍ଥିତ ଋଷିକୂଲ୍ୟା ନଦୀ ରାମେଶ୍ୱର ଘାଟରୁ ପାଣିଭାର ଅଣାଯାଇଛି। ବୁଧବାର ମା' ଠାକୁରାଣୀଙ୍କୁ ଫୁଲ ଚଢ଼ା ହେବ। ମା'ଙ୍କଠାରୁ ଆଜ୍ଞା ମାଳ ଆସିବା ପରେ ଗୁରୁବାର ମା' ଶୀତଳା ଠାକୁରାଣୀଙ୍କ ଯାତ୍ରା ଆରମ୍ଭ ହେବ ବୋଲି ଯାତ୍ରା ପରିଚାଳନା କମିଟି ସଭାପତି ସନାତନ ବେହେରା କହିଛନ୍ତି। ଏହି ଅବସରରେ ଗ୍ରାମର ବିଭିନ୍ନ ସାହିରେ ମା'ଙ୍କ ଘଟ ପରିକ୍ରମା କରାଯିବ। ଯାତ୍ରା ପରିଚାଳନା କମିଟି ସଭାପତି ବେହେରା, ସମ୍ପାଦକ ଭାଗ୍ୟ ରେଞ୍ଜୀ, କୋଷାଧ୍ୟକ୍ଷ ପି. କ୍ରିଷ୍ଣା ରେଞ୍ଜୀ, ପୂର୍ବତନ ସରପଞ୍ଚ ଗୋବିନ୍ଦ ରେଞ୍ଜୀ, ଶାନ୍ତି କମିଟି ସଦସ୍ୟ କେ. ରଜନୀ ରେଞ୍ଜୀ, ରାବଣା ରେଞ୍ଜୀ, ମାସେନୁ ରେଞ୍ଜୀ, ଈଶ୍ୱର ସେଠୀ, ଶିବଶଙ୍କର ସେଠୀ, ଲୋକନାଥ ବେହେରା, ପୀତାମ୍ବର ବେହେରା, ଦଣ୍ଡ ବେହେରା, ପୂଜକ ଲଚ୍ଛମନ ରେଞ୍ଜୀଙ୍କ ସମେତ ଅନ୍ୟମାନେ ଦାୟିତ୍ୱରେ ରହିଛନ୍ତି।



ରାମେଶ୍ୱର ଘାଟରେ ପୂଜାର୍ଚ୍ଚନା କରାଯାଉଛି।

# ଜନଜାତି ସଂସ୍କୃତି ଉପରେ ଅଧିକ ଗବେଷଣା ଆବଶ୍ୟକ

## ହିଲଟପ୍ ସ୍ନାତକ କଲେଜରେ ଜାତୀୟ ପାଠଚକ୍ର




ପାଠଚକ୍ରରେ ଉପସ୍ଥିତ ଅତିଥି।

ମୋହନା,୨୯।୪(ମନ୍ମଥ ମିଶ୍ର): ମୋହନା ସ୍ଥିତ ହିଲଟପ ସ୍ନାତକ କଲେଜ ପରିସରରେ ଆଇସିଏଚଆର ନୂଆଦିଲ୍ଲୀ ଆନୁକୂଲ୍ୟରେ ଦକ୍ଷିଣ ଓଡ଼ିଶା ଜନଜାତିଙ୍କ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବିଷୟବସ୍ତୁକୁ ନେଇ ଏକ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଚାଲିଥିବା ଏହି ପାଠଚକ୍ରର ଉଦ୍‌ଘାଟନୀ ଦିବସରେ କଲେଜ ଅଧ୍ୟକ୍ଷ ଶୁଭ୍ରକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ଼ଃ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ମୁଖ୍ୟବକ୍ତା ଭାବେ ଆଇସିଏଚଆର ସଦସ୍ୟ ପ୍ରଫେସର ଡ଼. ହରିହର ପଣ୍ଡା, ସମ୍ମାନୀତ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମାଧ୍ୟମିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ଯୋଗ ଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଦକ୍ଷିଣ ଓଡ଼ିଶାର ଜନଜାତିମାନଙ୍କ ଜୀବନ ଶୈଳୀ ଉପରେ କହିବା ସହ ଶବର, କନ୍ଧ, ସୌରା, ବଣ୍ଡା ଆଦି ଜନଜାତିଙ୍କ ସାମାଜିକ, ଅର୍ଥନୈତିକ,ସଂସ୍କୃତି ଓ ପରମ୍ପରା ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସାରେ ଜୀବନ ବ୍ୟାପୀ ସାଧନା ପାଇଁ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଇତିହାସ ବିଭାଗ ପ୍ରଧାପକ ଡ. ରାମଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା କଲିକତା ପ୍ରେସିଡ଼େନସି ମହାବିଦ୍ୟାଳୟର ପ୍ରଧାପକ ଡ଼. ମୋହିତଶ ମଣ୍ଡଳ, ସମ୍ମାନୀତ ଅତିଥି ଆଇସିଏଚଆର ସଦସ୍ୟ ପଣ୍ଡା, ଅବସରପ୍ରାପ୍ତ ପ୍ରଧାପକ ତଥା ସଂସ୍କୃତି ଗବେଷକ ଡ.ଦୁର୍ଗାମାଧବ ନନ୍ଦ, ହିଲଟପ ଯୁକ୍ତ ଦୁଇ ଇତିହାସ ବିଭାଗ ବରିଷ୍ଠ ଅଧ୍ୟାପକ ଭଗବାନ ବିଷୋୟୀ ଯୋଗ ଦେଇଥିଲେ। ଦକ୍ଷିଣ ଓଡ଼ିଶାର ଜନଜାତିଙ୍କ ଅର୍ଥନୀତି, ଚିତ୍ରକଳା, ସଂସ୍କୃତି, ପରମ୍ପରା ସଂପର୍କରେ ଅଧିକା ଗବେଷଣା କରିବାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।ଏହି ଅବସରରେ ବିଶିଷ୍ଟ ଗବେଷକ ଡ. ମିଶ୍ର ଏବଂ ଡ଼. ପଣ୍ଡାଙ୍କୁ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଡ଼ଃ. ମନୋରଞ୍ଜନ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ଼ଃ. ପ୍ରଣବାନନ୍ଦ ପାଙ୍ଗୁସି ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ରୀତା କୁମାରୀ ଶତପଥୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତା ଉପରୁ ଜବରଦଖଲ ଉଚ୍ଛେଦ କଲା ଏନ୍ଏସି

ଛତ୍ରପୁର,୨୯।୪
(ସନ୍ତୋଷ ପାଢ଼ୀ):

ଛତ୍ରପୁର ଏନ୍ଏସିରେ ଜବରଦଖଲ ବୃଦ୍ଧି ପାଉଥିବାରୁ ସହରର ମୁଖ୍ୟ ରାସ୍ତାଗୁଡିକ ସଙ୍କୁଚିତ ହେବାରେ ଲାଗିଛି। ଏଥିଲାଗି ଟ୍ରାଫିକ ଓ ଗାଡି ପାର୍କିଂ ସମସ୍ୟା ଦେଖାଦେଉଛି। ଏପରିକି ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ମଙ୍ଗଳବାର ଏନ୍ଏସି ନିର୍ବାହୀ ଅଧିକାରୀ ତାଙ୍କ ଟିମ ନେଇ ରାସ୍ତା ଅବରୋଧ କରି ଦୋକାନ ଖୋଲିଥିବା ଲୋକଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଲୋୟର ବସଷ୍ଟାଣ୍ଡ ନିକଟରେ ଥିବା ଏନ୍ଏସି ଦୋକାନ ଗୃହରେ ଦୋକାନ କରିଥିବା ଲୋକେ ରାସ୍ତା ଉପରେ ଜବରଦଖଲ କରି ବେପାର କରୁଥିବାରୁ ସେମାନଙ୍କୁ ତୁରନ୍ତ ଜିନିଷ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେଗୁଡ଼ିକ ଉଚ୍ଛେଦ ହୋଇଥିଲା। ସେହିପରି ବାଲିକା ହାଇସ୍କୁଲ ରାସ୍ତାରେ ବେଆଇନ ଭାବେ ରାସ୍ତା ଉପରେ ପରିବା ଦୋକାନ ଖୋଲି ବିକ୍ରିବଟା ହେଉଥିଲା। ସେଗୁଡ଼ିକୁ ମଧ୍ୟ ଏନ୍ଏସି ପକ୍ଷରୁ ଉଚ୍ଛେଦ କରାଯାଇଛି। ଏନ୍ଏସି ପକ୍ଷରୁ ନୂତନ ପରିବା ମାର୍କେଟ ନିର୍ମାଣ କରାଯାଇଛି। ଉକ୍ତ ମାର୍କେଟରେ ବସିବା ପାଇଁ ଜାଗା ଥିବାବେଳେ ସେଠାକୁ ନ ଯାଇ ପରିବା ଦୋକାନୀ ରାସ୍ତା ଉପରେ ବ୍ୟବସାୟ କରି ଆସୁଥିଲେ। ଯଦ୍ଦ୍ୱାରା ପାର୍କିଂ ଓ ଟ୍ରାଫିକ ସମସ୍ୟା ହେଉଥିଲା ।

## ଧାରଣାରେ ବସିଲେ ପରିବା ବ୍ୟବସାୟୀ



ଛତ୍ରପୁର,(ଦିଲ୍ଲୀପ ସାମଲ): ଛତ୍ରପୁର ପରିବା ମାର୍କେଟରେ ବିଭିନ୍ନ ସମସ୍ୟା ରହିଥିବାରୁ ସମାଧାନ ଦାବି ନେଇ ବ୍ୟବସାୟୀମାନେ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ମାର୍କେଟରେ ଯେଉଁ ସେଡ୍ ତୋଳା ଯାଇଥିଲା ସେଠାରେ ବିଭିନ୍ନ ସମସ୍ୟା ରହିଥିବା ବେଳେ ତାର ସମାଧାନ ଏନ୍ଏସି କରିନଥିଲା। ସେଠାରେ ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା, ବିଦ୍ୟୁତ ସଂଯୋଗ ବ୍ୟବସ୍ଥା, ଛତ୍ରପୁର ଉଠାଦୋକାନୀ ସଂଘ ଓ ଏନ୍ଏସି ମଧ୍ୟରେ ଗୋଟିଏ ସମନ୍ୱୟ କମିଟି ଗଠନ କରିବାକୁ ସଂଘର କାର୍ଯ୍ୟକାରୀ ସଭାପତି ଅମିନ ଖାନ ଦାବି କରିଛନ୍ତି । ଏକ ପ୍ରତିନିଧି ଦଳ ଏନ୍ଏସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି।

## ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ

ଫୁଲବାଣୀ,୨୯।୪(ରାକେଶ କୁମାର ରାଉତ)

ଜଣେ ନାବାଳିକାଙ୍କ ଅଶ୍ଳୀଳ ଫଟୋ ରଖି ବ୍ଲାକମେଲିଂ କରିବା ମାମଲାରେ ଫୁଲବାଣୀ ପୋକ୍ସୋ କୋର୍ଟ ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦାୟ ସ୍ଥଳେ ଅଧିକ ୧୦ ମାସ ଜେଲ ଭୋଗିବାକୁ ରାୟରେ କୁହାଯାଇଛି। ଅଭିଯୁକ୍ତ ହେଲେ ଛତିଶଗଡ ପୁଞ୍ଜିପଥର ଥାନା ଅନ୍ତର୍ଗତ ଉଜଲପୁର ଗ୍ରାମର ଭାଗିରଥି ଦୀପ। ଭାଗିରଥି ଖଜୁରୀପଡା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଅଶ୍ଳୀଳ ଫଟୋ ରଖି ତାଙ୍କୁ ଧମକଚମକ ଦେବା ସହ ବ୍ଲାକମେଲିଂ କରୁଥିଲେ। ପୀଡ଼ିତାଙ୍କ ପରିବାର ଖଜୁରୀପଡା ଥାନାରେ ଅଭିଯୋଗ କରିଥିଲେ। ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

# ଜି.ଉଦୟଗିରିରେ ଖ୍ରୀଷ୍ଟୀୟ ସମାଜର ବାର୍ଷିକ ମହାସଭା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଜି.ଉଦୟଗିରି,୨୯।୪(ବିଜୁ କୁମାର ସେଠୀ) କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଏମ୍ଏମ୍ସି ମେଡିକାଲ ନିକଟରେ ଜି.ଉଦୟଗିରି ପାଷ୍ଟୋରେଟ୍ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଫୁଲବାଣୀ ଧର୍ମାଞ୍ଚଳ ଉତ୍ତର ଭାରତ ମଣ୍ଡଳୀ ପକ୍ଷରୁ ହୋଇଥିବା ଏହି ୮୭ତମ ବାର୍ଷିକ ମହାସଭାରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଖ୍ରୀଷ୍ଟ ସମ୍ପ୍ରଦାୟର ଧର୍ମାଧ୍ୟକ୍ଷ ଆଚାର୍ଯ୍ୟ ଭାଓଲେଟ ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ମହାସଭାରେ ମୁଖ୍ୟଅତିଥି ଭାବେ ମୋଡେରେଟର ବିଜୟ ନାୟକ, ଅନ୍ୟତମ ଅତିଥି ରୂପେ ଛତିଶଗଡ଼ ଧର୍ମାଞ୍ଚଳ ଧର୍ମାଧ୍ୟକ୍ଷ ମହାଚାର୍ଯ୍ୟ ସୁଷମା କୁମାରୀ, ଆଚାର୍ଯ୍ୟ ଡା. ବିନୋଦ ପିତର ସେନାପତି, ଆଗ୍ରା ଧର୍ମାଞ୍ଚଳ ଆଚାର୍ଯ୍ୟ ଅଭିନାସ ଚାନ୍ଦ, ଆଚାର୍ଯ୍ୟ ଆଲୋକ ପ୍ରଧାନ, ଜି.ଉଦୟଗିରି ପାଷ୍ଟୋରେଟ୍ ୟୁନିୟନ ସମ୍ପାଦକ ରାଜେନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଖ୍ରୀଷ୍ଟିଆନ ଜନକଲ୍ୟାଣ ସମାଜ ପକ୍ଷରୁ ଭୁଷି ଓ ମିଶ୍ରି ପଣା ବଣ୍ଟନ କରାଯାଇଥିଲା। ଏଥିରେ ସ୍ଥାନୀୟ ଖ୍ରୀଷ୍ଟିଆନ ଜନକଲ୍ୟାଣ ସମାଜ ସଭାପତି ପ୍ରଶାନ୍ତ ଦାସ, ଉପସଭାପତି ଆମୋଦ ଚନ୍ଦ୍ର ନାୟକ, ସମ୍ପାଦକ ଆମନ ନାୟକ, ଗଣମାଧ୍ୟମ ସଂଯୋଜକ ଗଗନ ପ୍ରଧାନ ଓ ଅନ୍ୟମାନେ ସାମିଲ ହୋଇଥିଲେ।

**PARADIP PORT AUTHORITY**
PARADIP PORT-754142, ODISHA (INDIA)
ADMINISTRATIVE DEPARTMENT
(ESTATE-WING)
No.AD/EST/GENL-01/2025/1702 Dt.21.04.2025
**e-Tender Call Notice**
An e-Tender Call Notice has been floated inviting bids for the work "Providing Field / Office Assistance for Estate Works for a period of 2 (two) years". The date of available of documents in website is from 22.04.2025 to 13.05.2025 at 16.00 hours. For details, please log on the website: http://eprocure.gov.in/eprocure/app.
Sd/- Sr. Asst. Estate Manager
Paradip Port Authority
PPA/PR/08/2025-2026 dtd.29.04.2025

# କୁଇ କୁଲ ସମିତିର ସାଂସ୍କୃତିକ ବାର୍ଷିକୋତ୍ସବ

ତୁମୁଡ଼ିବନ୍ଧ,୨୯।୪(ଦିନେଶ କୁମାର ପରାସେଠ) କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ କୁଇ କୁଲ ସମିତିର ସାଂସ୍କୃତିକ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଛି। ଏଥିରେ ତୁମୁଡିବନ୍ଧ ବ୍ଲକ କୁଇ କୁଲ ସମିତିର ମୁକ୍ତରାଜ ପାଟମାଝି, ସମ୍ପାଦକ ଦଶରଥ ମାଝି ଓ ପଞ୍ଚାୟତପ୍ରତିରୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଆଦିବାସୀ ତୁମୁଡିବନ୍ଧ ଆମ୍ବେଡକର ଛକଠାରୁ ପାରମ୍ପରିକ ଅସ୍ତ୍ର ଶସ୍ତ୍ର ଧରି ଆଦିବାସୀମାନେ ଶୋଭାଯାତ୍ରାରେ ଆଦିବାସୀ ଭବନଠାରେ ପହଞ୍ଚିଥିଲେ। ସେଠାରେ ସେମାନେ ପାରମ୍ପରିକ ପୂଜା କରିବା ସହିତ ଶୁଭଖମ୍ବ ସ୍ଥାପନ କରିଥିଲେ। ପରେ ମୁଖ୍ୟଅତିଥି ବାଲିଗୁଡା ବିଧାୟକ ଚକ୍ରମଣି କହଁର, ମୁଖ୍ୟବକ୍ତା ରୂପେ ତୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷା ବାସନ୍ତି ମାଝି, ସମ୍ମାନିତ ଅତିଥି ଭାବେ ବାଲିଗୁଡା କେନ୍ଦ୍ର ସଭାପତି ଲକ୍ଷ୍ମଣ ପ୍ରଧାନ, ପୂର୍ବତନ ବାଲିଗୁଡା କୁଇ କୁଲ ସଭାପତି ମନୋଜ ମଲ୍ଲିକ, ମନୋଜ ମଲ୍ଲିକ, ସମାଜିକ କର୍ମୀ ବୁଲୁ ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ମାଝି, ବିଶ୍ୱମୋହନ ଜାନି, ମୁଣ୍ଡିଗଡ ସରପଞ୍ଚ ଜମିତା ମଲ୍ଲିକ, କରୁଡୁପା ସରପଞ୍ଚ ବିଶେଷଣ ମାଝି, ବିଲାମାଳ ସରପଞ୍ଚ ବବିତା ମାଝି ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଆଦିବାସଙ୍କ ସାମାଜିକ ପରିବର୍ତ୍ତନ ଆଣିବାକୁ ହେଲେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ କୃଷି କ୍ଷେତ୍ରର ବିକାଶ ଜରୁରୀ ବୋଲି ମୁଖ୍ୟଅତିଥି ବିଧାୟକ କହଁର କହିଥିଲେ। ଅନ୍ୟ ଅତିଥିମାନେ ନିଜ ବକ୍ତବ୍ୟ ରଖି ଆଦିବାସୀମାନଙ୍କ ବିଭିନ୍ନ ଦାବି ପୂରଣରେ ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି କହିଥିଲେ।

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**
**अति अल्पकालीन ई-पुर्ननिविदा आमंत्रण सूचना**
**PR 334344 REO (24-25)#D**
पत्रांकः- दिनांक-
अति अल्पकालीन ई-पुर्ननिविदा संख्याः- 09/RE/2024-25/RWD/EE/RANCHI

| क्रम सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की तिथि / अवधि | टेण्डर कॉल नं0 |
|---|---|---|---|---|---|---|
| 1 | RWD/RANCHI / 26/2024-25 | राजाडेरा पंचायत में महुआडीपा पी0टी0 पथ महुवा पेड़ के समीप से भावरडीपा जतराटांड़ लुथर मिंज के घर के समीप भाया उड़याटिया तक पथ निर्माण। (ल0- 4.700 किमी0) | 47723900.00 | चार करोड़ सतहत्तर लाख तेईस हजार नौ सौ रूपये मात्र। | 18 माह | द्वितीय |

1. वेबसाईट में निविदा प्रकाशन की तिथि:-30.04.2025
2. ई-निविदा प्राप्ति की अंतिम तिथि एवं समयः-08.05.2025 अपराहन 5.00 बजे तक।
3. निविदा खोलने की तिथि एवं समयः-10.05.2025 अपराहन 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः- कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई-निविदा प्रकोष्ठ का दूरभाष संख्या:- 0651-2360137
विस्तृत जानकारी के लिये वेबसाईट jharkhandtenders.gov.in में देखा जा सकता है।
कार्यपालक अभियंता
ग्रामीण कार्य विभाग,कार्य प्रमण्डल, राँची
PR 351373 REO(25-26).D

# ବାଇକ୍ରୁ ଖସି ମହିଳାଙ୍କ ମୃତ୍ୟୁ

ଆସିକା,୨୯।୪(ସୁରେନ୍ଦ୍ର ନାଥ ସାହୁ): ଆସିକା- ଭଞ୍ଜନଗର ମୁଖ୍ୟ ରାସ୍ତାର ଆସିକା ସହର ଉପକଣ୍ଠ ଦେବଭୂମୀ ଛକ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ବାଇକ୍ରୁ ଖସିପଡି ଜଣେ ମହିଳା ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ବିରିପୁର ଗ୍ରାମର ସଂଗୀତା ନାହାକ (୩୩)। ସଙ୍ଗୀତା ତାଙ୍କର ଜଣେ ସଂପର୍କୀୟଙ୍କ ସହ ବାଇକରେ ଆସିକାରୁ ଗାଁକୁ ଫେରୁଥିବା ବେଳେ କୌଣସି ପ୍ରକାରେ ଖସି ପଡିଥିଲେ। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି।

ଫର୍ମ ନଂ. ୩
[ନିୟାମକ ୧୫(୧)(କ) ଦ୍ରଷ୍ଟବ୍ୟ]
**ଋଣ ଅସୁଲି ଆପିଲେଟ୍ ଟ୍ରିବ୍ୟୁନାଲ୍, କୋଲକାତା**
୯, ଓଲ୍ଡ ପୋଷ୍ଟ ଅଫିସ୍ ଷ୍ଟ୍ରିଟ୍, ୭ମ ମହଲା, କୋଲକାତା-୭୦୦୦୦୧
**ଆବେଦନ ନଂ. ୨୦୧୯ର ୫୨**
ଡିଆର୍‌ଟି, କଟକରେ ୨୦୧୯ ମସିହାର ଏସ୍.ଏ. ନଂ. ୪ରୁ ଉଦ୍ଭୂତ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ......ଆବେଦନକାରୀ
-ବନାମ-
ଅଂଶୁମାନ ମିଶ୍ର ଏବଂ ଅନ୍ୟମାନେ ......ପ୍ରତିବାଦୀମାନେ
ପ୍ରାପ୍ତେଷୁ,
**(୧-କ) ଅଂଶୁମାନ ମିଶ୍ର,** ବାସସ୍ଥାନ- ସା: ପରେଡ ପଡ଼ିଆ, ୱାର୍ଡ ନଂ. ୧୦, ସୂର୍ଯ୍ୟ ନିବାସ ପଛ, ପୋ/ଥାନା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ (ପ୍ରତିବାଦୀ ନଂ. ୧-କ)
**(୧-ଖ) ଆରତୀ ମିଶ୍ର,** ବାସସ୍ଥାନ- ସା: ପରେଡ ପଡ଼ିଆ, ୱାର୍ଡ ନଂ. ୧୦, ସୂର୍ଯ୍ୟ ନିବାସ ପଛ, ପୋ/ଥାନା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ (ପ୍ରତିବାଦୀ ନଂ. ୧-ଖ)
**(୧-ଗ) ଲିନୁ ମିଶ୍ର,** ବାସସ୍ଥାନ- ସା: ବ୍ରହ୍ମ ମନ୍ଦିର ସାହି, ୟୁନିଟ୍ ନଂ. ୧୦, ପୋ/ଥାନା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ (ପ୍ରତିବାଦୀ ନଂ. ୧-ଗ)
**(୧-ଘ) ଲିପି ଦାସ,** ବାସସ୍ଥାନ- ସା: ବ୍ରହ୍ମ ମନ୍ଦିର ସାହି, ୟୁନିଟ୍ ନଂ. ୧୦, ପୋ/ଥାନା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ (ପ୍ରତିବାଦୀ ନଂ. ୧-ଘ)
**(୨) ମେସର୍ସ କାମୟାବ ଟେଲିଭିଜନ ପ୍ରାଇଭେଟ୍ ଲିମିଟେଡ୍,** ଏହାକୁ ପ୍ରତିନିଧିତ୍ୱ କରୁଥିବା ପରିଚାଳନା ନିର୍ଦ୍ଦେଶକ **ଶ୍ରୀ ମନୋଜ ଦାଶ,** ସା: ୧୫୯, ଅଳକା ବିଲ୍ଡିଂ, ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ (ପ୍ରତିବାଦୀ ନଂ. ୨)
**(୩) ଶ୍ରୀ ମନୋଜ ଦାଶ,** ପିତା: ଗୌର ଚରଣ ଦାଶ, ସା: ୧୫୯, ଅଳକା ବିଲ୍ଡିଂ, ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ (ପ୍ରତିବାଦୀ ନଂ. ୩)
**(୪) ଶ୍ରୀମତୀ ଲିପି ଦାସ,** ସ୍ୱାମୀ: ଶ୍ରୀ ମନୋଜ ଦାଶ, ନିର୍ଦ୍ଦେଶକ ମେସର୍ସ କାମୟାବ ଟେଲିଭିଜନ ପ୍ରାଇଭେଟ୍ ଲିମିଟେଡ୍, ସା: ୧୫୯, ଅଳକା ବିଲ୍ଡିଂ, ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ (ପ୍ରତିବାଦୀ ନଂ. ୪)
**(୫) ଶ୍ରୀ ସୁକାନ୍ତ ନାୟକ,** ପିତା: ସ୍ୱ ସାଧୁ ଚରଣ ନାୟକ, ସା: ପ୍ଲଟ୍ ନଂ.: ୧୭୬, ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ, ଥାନା: ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୦୩ (ପ୍ରତିବାଦୀ ନଂ. ୫)
**ସମନ୍**
୧. ଯେହେତୁ ଆବେଦନକାରୀ ଏଲ୍‌ଡି. ପ୍ରିଜାଇଡିଂ ଅଫିସର୍, ଡିଆର୍‌ଟି, କଟକଙ୍କ ଦ୍ୱାରା ଜାରି କରାଯାଇଥିବା ଆଦେଶ ଏବଂ ଅନ୍ୟାନ୍ୟ ପ୍ରତିକାର ବିରୁଦ୍ଧରେ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୮ ଅନୁଯାୟୀ ଏକ ଆବେଦନ ଦାଖଲ କରିଛନ୍ତି। ଆପଣଙ୍କୁ ଦାବୀର ଉତ୍ତର ଦେବା ପାଇଁ **ତା.୧୪.୦୫.୨୦୨୫ରିଖ ପୂର୍ବାହ୍ନ ୧୦.୩୦**ରେ କିମ୍ବା ସୁବିଧା ଅନୁଯାୟୀ ତା'ପରେ ତୁରନ୍ତ ଏହି ଟ୍ରିବ୍ୟୁନାଲ ସମ୍ମୁଖରେ ହାଜର ହୋଇ ଲିଖିତ ବୟାନ ଦାଖଲ କରିବାକୁ ସମନ୍ କରାଯାଉଛି।
୨. ଯଦି ଆପଣ କୌଣସି ଡକ୍ୟୁମେଣ୍ଟ ଦାଖଲ କରିବାକୁ ଚାହୁଁଛନ୍ତି, ତେବେ ଆପଣ ଏକ ତାଲିକା ପ୍ରସ୍ତୁତ କରି ଲିଖିତ ବୟାନ ସହ ଦାଖଲ କରିପାରିବେ।
୩. ଯେତେବେଳେ ଆପଣ ଟ୍ରିବ୍ୟୁନାଲରେ ହାଜର ହେବେ, ସେତେବେଳେ ନିଜର ପଞ୍ଜିକୃତ ଠିକଣା ଓ ଏକ ମେମୋ ଅଫ୍ ଆପିୟରାନ୍ସ ଆପଣ ନିଜେ ବା ଜଣେ ନିଯୁକ୍ତ ଓକିଲ/ଆଡଭୋକେଟଙ୍କ ମାଧ୍ୟମରେ ଟ୍ରିବ୍ୟୁନାଲ ସମ୍ମୁଖରେ ଦାଖଲ କରିବା ଆବଶ୍ୟକ।
୪. ଏହି ନୋଟିସ୍ ଦ୍ୱାରା ସୂଚିତ କରାଯାଉଛି ଯେ, ଯଦି ଉପରଦର୍ଶିତ ତାରିଖରେ ଆପଣ ଉପସ୍ଥିତ ହେବେ ନାହିଁ, ତେବେ ଆପଣଙ୍କ ଅନୁପସ୍ଥିତିରେ ଏହି ମାମଲାର ଶୁଣାଣି ଓ ବିଚାର କରାଯିବ।
ଏହି ପ୍ରାଧିକରଣର ସହି ମୋହର ଏବଂ ମୋ ହସ୍ତାକ୍ଷର ଦ୍ୱାରା **ତା.୧୭.୦୪.୨୦୨୫ରିଖରେ** ଆଦିଷ୍ଟ।
ସ୍ୱା/- ରେଜିଷ୍ଟ୍ରାର
ଋଣ ଅସୁଲି ଆପିଲେଟ୍ ଟ୍ରିବ୍ୟୁନାଲ୍, କୋଲକାତା

**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** pnb punjab national bank
Together for the better
Oriental United
ମଣ୍ଡଳ ଶସ୍ତ୍ର କେନ୍ଦ୍ର, ସମ୍ବଲପୁର : ମଣ୍ଡଳ କାର୍ଯ୍ୟାଳୟ, ବାଲାଜୀ ମିଡ୍‌ଟାଉନ୍, ପ୍ରଥମ ମହଲା, ଦେହେରିପାଲି, ପୋ: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪, ଇମେଲ୍: cs8310@pnb.co.in

**[ରୁଲ ୮(୧)] ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ପକ୍ଷରୁ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ୧(ଆକ୍ଟ), ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରାଯାଇ ନିମ୍ନଲିଖିତ ବକେୟା ରାଶି ନୋଟିସ୍ ପାଇବା ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ବକେୟା ଦେୟ ପରିଶୋଧ କରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନର ଧାରା ୧୩(୪)ର ୧(ଆକ୍ଟ) ଅନୁଯାୟୀ କଥିତ ରୁଲ୍ସର ରୁଲ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ **ଦଖଲ**କୁ ନେଇଛନ୍ତି। ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସେବାବଦ ସୁଧ, ଦେୟ ଓ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ବଲାଙ୍ଗୀର ଶାଖା (୧୬୯୧୧୦) /** **ଋଣଗ୍ରହୀତା: ଶ୍ରୀ ରାମକୃଷ୍ଣ ସାହୁ,** ପିତା: ନିରଞ୍ଜନ ସାହୁ, ସା: ରାଧାରାଣୀପଡା, ପୋ: ବଲାଙ୍ଗୀର, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୦୧ / **ଜାମିନ୍‌ଦାରମାନେ: ୧) ଶ୍ରୀ ବାଳକୃଷ୍ଣ ସାହୁ,** ପିତା: ନିରଞ୍ଜନ ସାହୁ, **୨) ଶ୍ରୀ ଭରତ ସାହୁ,** ପିତା: ନିରଞ୍ଜନ ସାହୁ, **୩) ଶ୍ରୀ ଶତ୍ରୁଘନ ସାହୁ,** ପିତା: ନିରଞ୍ଜନ ସାହୁ, ସମସ୍ତଙ୍କ ଠିକଣା- ସା: ରାଧାରାଣୀପଡା, ପୋ.: ବଲାଙ୍ଗିର, ଜିଲ୍ଲା: ବଲାଙ୍ଗିର, ପିନ୍-୭୬୭୦୦୧ | ୦୪.୦୨.୨୦୨୫ / ୨୪.୦୪.୨୦୨୫ | ୨୨.୦୧.୨୦୨୫ ସୁଦ୍ଧା ଟ.୨୪,୪୧,୫୨୬.୭୬ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ରାମକୃଷ୍ଣ ସାହୁ, ବାଳକୃଷ୍ଣ ସାହୁ, ଭରତ ସାହୁ ଏବଂ ଶତ୍ରୁଘନ ସାହୁ, ସମସ୍ତଙ୍କ ପିତା: ଶ୍ରୀ ନିରଞ୍ଜନ ସାହୁ, ସା: ରାଧାରାଣୀପଡା, ବଲାଙ୍ଗୀରଙ୍କ ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୮୮/୧୧୩୬, ପ୍ଲଟ୍ ନଂ.: ୬୫୯, କ୍ଷେତ୍ର: ଏକର୦.୦୧୫ଡିସିମିଲି, ମୌଜା: ବଲାଙ୍ଗୀର "ଖ", ତହସିଲ: ବଲାଙ୍ଗୀର, ଜିଲ୍ଲା: ବଲାଙ୍ଗୀର, ଏହାର ଚରିପାର୍ଶ୍ୱରେ- ପୂର୍ବ: ଲକ୍ଷ୍ୟ ମିଶ୍ର, ପଶ୍ଚିମ: ମୁଖ୍ୟ ରାସ୍ତା, ଉତ୍ତର: ନାରଙ୍ଗସିଂ ଅଗ୍ରୱାଲ, ଦକ୍ଷିଣ: ସଂକୀର୍ତ୍ତନ ଘିଭେଲା |
| **ସୋନପୁର ଶାଖା (୪୯୮୫୦୦) /** **ଋଣଗ୍ରହୀତାମାନେ: ୧) ଶ୍ରୀ କୁଞ୍ଜ ବିହାରୀ ପ୍ରଧାନ,** ପିତା: ଶ୍ରୀ ଅକ୍ଷୟ କୁମାର ପ୍ରଧାନ, **୨) ଶ୍ରୀମତୀ ସନ୍ତୋଷିନୀ ପ୍ରଧାନ,** ସ୍ୱାମୀ: ଶ୍ରୀ ଅକ୍ଷୟ କୁମାର ପ୍ରଧାନ, ଉଭୟଙ୍କ ଠିକଣା- ସା: ସିଙ୍ଗାରୀ, ପୋ: କଳାପଥର, ଜିଲ୍ଲା: ସୋନପୁର, ଓଡ଼ିଶା, ପିନ୍-୭୬୭୦୧୭ / **ଜାମିନ୍‌ଦାରମାନେ: ୧) ପଙ୍କଜିନୀ ପ୍ରଧାନ,** ପିତା: ଶ୍ରୀ ଗୌର ପ୍ରଧାନ, **୨) ଶ୍ରୀମତୀ ସୁମିତ୍ରା ପ୍ରଧାନ,** ସ୍ୱାମୀ: ଶ୍ରୀ ଗୌର ପ୍ରଧାନ, ଉଭୟଙ୍କ ଠିକଣା- ସା: ସିଙ୍ଗାରୀ, ପୋ: କଳାପଥର, ଜିଲ୍ଲା: ସୋନପୁର, ଓଡ଼ିଶା, ପିନ୍-୭୬୭୦୧୭ | ୨୧.୧୨.୨୦୨୪ / ୨୪.୦୪.୨୦୨୫ | ୩୦.୧୧.୨୦୨୪ ସୁଦ୍ଧା ଟ.୯,୮୨,୦୬୩.୩୮ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ଶ୍ରୀମତୀ ସନ୍ତୋଷିନୀ ପ୍ରଧାନ,** ପିତା: ଶ୍ରୀ ଗୌର ପ୍ରଧାନ ଏବଂ ସ୍ୱାମୀ: ଶ୍ରୀ ଅକ୍ଷୟ କୁମାର ପ୍ରଧାନଙ୍କ ନାମରେ ରେକର୍ଡଭୁକ୍ତ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୧, ପ୍ଲଟ୍ ନଂ.: ୨୭୮ ଏବଂ ୨୭୯, କ୍ଷେତ୍ର: ଏକର୦.୦୮ଡିସିମିଲି, ମୌଜା: ସିଙ୍ଗାରୀ, ପୋ: ଏସ୍ କଳାପଥର, ଥାନା: ସୋନପୁର, ଜିଲ୍ଲା: ସୁବର୍ଣ୍ଣପୁର |
| **ଝାରସୁଗଡ଼ା ଶାଖା (୨୨୧୮୦୦) /** **ଋଣଗ୍ରହୀତାମାନେ: ୧) ଶ୍ରୀ ଧନଞ୍ଜୟ କୁମାର,** ପିତା: ଶ୍ରୀ ସ୍ୱାମୀନାଥ ସିଂହ, **୨) ଶ୍ରୀମତୀ ମମତା ଦେବୀ,** ସ୍ୱାମୀ: ଶ୍ରୀ ଧନଞ୍ଜନୟ କୁମାର, ଉଭୟଙ୍କ **ଠିକଣା-୧:** ସା: ୱାର୍ଡ ନଂ. ୨, ଲକ୍ଷ୍ମୀ ରାଇସ୍ ମିଲ୍ ନିକଟ, ଶ୍ରୀୟାବଗିଚା, ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା, ଓଡ଼ିଶା, ପିନ୍-୭୬୮୨୦୧, **ଠିକଣା-୨:** ମାଳିପଡା, ୱାର୍ଡ ନଂ. ୦୨, ଜିଲ୍ଲା: ଝାରସୁଗୁଡ଼ା, ଓଡ଼ିଶା, ପିନ୍-୭୬୮୨୦୧ | ୨୯.୦୧.୨୦୨୫ / ୨୫.୦୪.୨୦୨୫ | ୨୧.୦୧.୨୦୨୫ ସୁଦ୍ଧା ଟ.୨୬,୪୪,୩୫୦.୦୦ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ଶ୍ରୀ ଧନଞ୍ଜୟ କୁମାର,** ପିତା: ଶ୍ରୀ ସ୍ୱାମୀନାଥ ସିଂହଙ୍କ ନାମରେ ରେକର୍ଡଭୁକ୍ତ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୬୭/୪୭୧୦, ପ୍ଲଟ୍ ନଂ.: ୨୩୩୦/୧୦୧୫୯, କ୍ଷେତ୍ର: ଏକର୦.୦୬୫ ଡିସିମିଲି, ମୌଜା: ଝାରସୁଗୁଡ଼ା ୟୁନିଟ୍ ନଂ. ୧ ଏକାତାଲି, ତହସିଲ/ଜିଲ୍ଲା: ଝାରସୁଗୁଡ଼ା, ଏହାର ଚରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୨୩୩୦(ଅଂଶ), ଦକ୍ଷିଣ: ପ୍ଲଟ୍ ନଂ. ୨୩୩୦(ଅଂଶ), ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୨୩୩୦(ଅଂଶ) |
| **ଏଏନ୍‌କେ ଡିଏଭି ପବ୍ଲିକ ସ୍କୁଲ, ରାଉରକେଲା ଶାଖା (୫୨୭୮୧୦) /** **ଋଣଗ୍ରହୀତାମାନେ: ୧) ଶ୍ରୀ ଉପେନ୍ଦ୍ର କୁମାର ଦାସ,** ପିତା: ଶ୍ରୀ ସନ୍ତୋଷ କୁମାର ଦାସ, **୨) ଶ୍ରୀମତୀ ସୀତା ଦାସ,** ସ୍ୱାମୀ: ଶ୍ରୀ ସନ୍ତୋଷ କୁମାର ଦାସ, ପିତା: ରାଜରାମ ସା, ଉଭୟଙ୍କ ଠିକଣା- ସା: ଏ୫, ସିଭିଲ ଟାଉନସିପ୍, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୬୯୦୦୪ | ୦୬.୦୨.୨୦୨୫ / ୨୫.୦୪.୨୦୨୫ | ୩୧.୦୧.୨୦୨୫ ସୁଦ୍ଧା ଟ.୧୭,୭୦,୮୮୩.୦୯ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ଶ୍ରୀମତୀ ସୀତା ଦାସ,** ପିତା: ରାଜରାମ ସା ଏବଂ **ଶ୍ରୀ ଉପେନ୍ଦ୍ର କୁମାର ଦାସ,** ପିତା: ଶ୍ରୀ ସନ୍ତୋଷ କୁମାର ଦାସଙ୍କ ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୯୮/୭୦୮, ପ୍ଲଟ୍ ନଂ.: ୧୧୦୮/୧୯୯୬, କ୍ଷେତ୍ର: ଏକର୦.୦୪୦ଡିସିମିଲି, ମୌଜା: ଝାରତରଙ୍ଗ, ତହସିଲ: ଲାଠିକଟା, ଥାନା: ବ୍ରାହ୍ମଣୀତରଙ୍ଗ, ଜିଲ୍ଲା: ସୁନ୍ଦରଗଡ଼, ଏହାର ଚରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୩୨୯, ଦକ୍ଷିଣ: ପ୍ଲଟ୍ ନଂ. ୧୧୦୮/ଅଂଶ, ପୂର୍ବ: ପ୍ଲଟ୍ ନଂ.: ୧୧୦୮/ ଅଂଶ, ପଶ୍ଚିମ: ରାସ୍ତା |
| **ମାନେଶ୍ୱର ଶାଖା (୨୫୨୦୦୦) /** **ଋଣଗ୍ରହୀତାମାନେ: ୧) ଶ୍ରୀ ନବଘନ ମହାରଣା,** ପିତା: ଶ୍ରୀ ଦିନବନ୍ଧୁ ମହାରଣା, **୨) ଶ୍ରୀ ସୌମ୍ୟ ରଞ୍ଜନ ମହାରଣା,** ପିତା: ଶ୍ରୀ ନବଘନ ମହାରଣା, ଉଭୟଙ୍କ ଠିକଣା- ସା: ଗଣେଶ ନଗର, ପୋ: ମାନେଶ୍ୱର, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୫ / **ଜାମିନ୍‌ଦାର: ଶ୍ରୀ ଶଙ୍କର ପ୍ରସାଦ ଗୁପ୍ତା,** ପିତା: ଶ୍ରୀ ନଗେନ୍ଦ୍ର ପ୍ରସାଦ ଗୁପ୍ତା, ସା/ପୋ: ମାନେଶ୍ୱର, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୫ | ୦୪.୦୨.୨୦୨୫ / ୨୫.୦୪.୨୦୨୫ | ୩୧.୦୧.୨୦୨୫ ସୁଦ୍ଧା ଟ.୪,୮୦,୦୫୯.୦୬ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ଶ୍ରୀ ନବଘନ ମହାରଣା,** ପିତା: ଶ୍ରୀ ଦିନବନ୍ଧୁ ମହାରଣାଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୦/୩୮, ଚକ ପ୍ଲଟ୍ ନଂ.: ୩୦୬/୬୩୫, କ୍ଷେତ୍ର: ଏକର୦.୦୨୦ ଡିସିମିଲି ଏବଂ ଚକ ପ୍ଲଟ୍ ନଂ.: ୩୧୧/୬୩୬, କ୍ଷେତ୍ର: ଏକର୦.୦୬୦ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୮୦ଡିସିମିଲି,** ମୌଜା: ମାନେଶ୍ୱର, ତହସିଲ: ମାନେଶ୍ୱର, ଜିଲ୍ଲା: ସମ୍ବଲପୁର |
| **ସମ୍ବଲପୁର ଶାଖା (୦୪୦୧୨୦) /** **ଋଣଗ୍ରହୀତାମାନେ: ଶ୍ରୀମତୀ ପଦ୍ମିନୀ ମହାପାତ୍ର,** ସ୍ୱାମୀ: ଶ୍ରୀ ସତ୍ୟ ନାରାୟଣ ମହାପାତ୍ର **ଏବଂ ଶ୍ରୀ ସତ୍ୟ ନାରାୟଣ ମହାପାତ୍ରଙ୍କ ଆଇନଗତ ଉତ୍ତରାଧିକାରୀମାନେ,** ସା: ମାତୃ ବିହାର, ପୋ: ଦାନିପାଲି, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୪ | ୦୭.୧୨.୨୦୨୪ / ୨୯.୦୪.୨୦୨୫ | ୩୦.୧୧.୨୦୨୪ ସୁଦ୍ଧା ଟ.୧,୫୯,୭୫୭.୯୬ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ଶ୍ରୀ ସତ୍ୟ ନାରାୟଣ ମହାପାତ୍ର,** ପିତା: ଶ୍ରୀ ସ୍ୱପ୍ନେଶ୍ୱର ମହାପାତ୍ରଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୩୩/୧୬୩୯, ପ୍ଲଟ୍ ନଂ.: ୯୫୫/୫୬୩୦, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ମୌଜା: ସମ୍ବଲପୁର, ତହସିଲ/ଜିଲ୍ଲା: ସମ୍ବଲପୁର |

ତାରିଖ: ୨୯.୦୪.୨୦୨୫
ସ୍ଥାନ: ସମ୍ବଲପୁର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

यूनियन बैंक ऑफ इंडिया Union Bank of India
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୫, ଓଡ଼ିଶା, ଫୋନ୍-୦୬୮୦-୨୨୨୫୨୭୨

**ବିକ୍ରୟ ନୋଟିସ୍**
**(୩୦ ଦିନିଆ ନୋଟିସ୍)**
{ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| ଶାଖା ଏବଂ ଯୋଗାଯୋଗ ନଂ. / ଋଣଗ୍ରହୀତା/ କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ବନ୍ଧକଦାତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା/ବକେୟା ଦେୟ | ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| **କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/** **୧) ଅଜିତ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, ମେନ୍ ରୋଡ୍, ଟାଙ୍ଗଣାପଲ୍ଲି, ଗଞ୍ଜାମ-୭୬୧୦୦୩, **୨) ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ମେନ୍ ରୋଡ୍, ଟାଙ୍ଗଣାପଲ୍ଲି, ଗଞ୍ଜାମ-୭୬୧୦୦୩ | **ଶ୍ରୀ ଦୁର୍ଗା ମାଧବ ପଣ୍ଡା** (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲି, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି କିମ୍ବା ୫୨୩ ବର୍ଗଫୁଟ ଏବଂ ଏହାର ଚରିପାର୍ଶ୍ୱରେ- ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ୦୮.୦୪.୨୦୨୧ / ୧୮.୧୧.୨୦୨୧ / ୨୪.୦୪.୨୦୨୫ |
| **କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/** **୧) ଶ୍ରୀ ଅରୁଣ ଗୌଡ,** ପିତା: କାଶି ଗୌଡ, ସା: ଲାଠି, ଅଡା ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା, **୨) ଶ୍ରୀ କାଶି ଗୌଡ,** ସା: ଲାଠି, ଅଡା ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା, **୩) ସିମାଞ୍ଚଳ ଗୌଡ,** ସା: ଲାଠି, ଅଡା ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା | **ଅରୁଣ ଗୌଡ, କାଶି ଗୌଡ ଏବଂ ସିମାଞ୍ଚଳ ଗୌଡ** (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁଣ୍ଡା, ମେନ୍ ରୋଡ୍, ସୁକୁଣ୍ଡା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ: କାମନା ଗୌଡଙ୍କ ଗୃହ | ୦୭.୧୧.୨୦୧୭ / ୨୫.୦୪.୨୦୧୮ / ୨୪.୦୪.୨୦୨୫ |
| **କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/** **୧) ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, **୨) ଦିବ୍ୟ ଲୋଚନ ବେହେରା,** ସ୍ୱାମୀ: ଶତ୍ରୁଘନ ବେହେରା ଏବଂ **୩) ଶତ୍ରୁଘନ ବେହେରା,** ପିତା: ସୁବୁଦ୍ଧି ବେହେରା, ଉଭୟଙ୍କ ଠିକଣା- ଗ୍ରାମ: ହୁଣ୍ଡତ, ପୋ: ହଡାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ | ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୪୧ଡିସିମିଲି କିମ୍ବା ୧୭୮୬ ବର୍ଗଫୁଟ, ଏହାର ଚରିପାର୍ଶ୍ୱରେ- ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତୀ ସାସମଲଙ୍କ ଜମି, ଉତ୍ତର: ବିକ୍ରେତାଙ୍କ ଜମି, ଦକ୍ଷିଣ: ରାସ୍ତା | ୦୫.୦୫.୨୦୨୧ / ୦୨.୧୧.୨୦୨୧ / ୨୪.୦୪.୨୦୨୫ |
| **କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/** **୧) ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଅଲି କ୍ରିଷ୍ଣା ପଣ୍ଡିତ, ସା: ପ୍ରେମ ନଗର, ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, **୨) ସରୋଜିନୀ ପଣ୍ଡିତ,** ସ୍ୱାମୀ: ଅଲି କ୍ରିଷ୍ଣା ପଣ୍ଡିତ, ସା: ପ୍ରେମ ନଗର, ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ | **ସରୋଜିନୀ ପଣ୍ଡିତ** (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୮, ଗ୍ରାମ: ଦୁବପଲ୍ଲି, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୪୧ଡିସିମିଲି ଏବଂ ଏହାର ଚରିପାର୍ଶ୍ୱରେ- ପୂର୍ବ: ବିକ୍ରେତାଙ୍କ ଅବଶିଷ୍ଟ ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପାର୍ଟିଙ୍କ ଅବଶିଷ୍ଟ ଜମି | ୩୧.୦୮.୨୦୧୯ / ୧୬.୦୧.୨୦୨୦ / ୨୪.୦୪.୨୦୨୫ |
| **କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/** **୧) ଶ୍ରୀ ପବିତ୍ର ମୋହନ ପାଣିଗ୍ରାହୀ,** ପିତା: କେ. ବି. ପାଣିଗ୍ରାହୀ, ଗ୍ରାମ: ତେଣ୍ଟୁଆପଡ଼ା, ପୋ: ଡ଼ାବରାସିଙ୍ଗି, ନୂଆପଡ଼ା, ତେଣ୍ଟୁଆପଡ଼ା, ଗଞ୍ଜାମ, ଓଡ଼ିଶା-୭୬୧୦୧୧, **୨) ଶ୍ରୀ କୁଞ୍ଜ ବିହାରୀ ପାଣିଗ୍ରାହୀ,** ପିତା: ଶବର ପାଣିଗ୍ରାହୀ, ଗ୍ରାମ: ତେଣ୍ଟୁଆପଡ଼ା, ଜେ.ପି: ଜକର, ଥାନା: କେ. ନୂଆଗାଁ, ତେଣ୍ଟୁଆପଡ଼ା, ଗଞ୍ଜାମ, ଓଡ଼ିଶା-୭୬୧୦୧୧ | **ଶ୍ରୀ କୁଞ୍ଜ ବିହାରୀ ପାଣିଗ୍ରାହୀ**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୨୩୦, ପ୍ଲଟ୍ ନଂ.: ୧୪୭୮, ପରିମିତ କ୍ଷେତ୍ର: ଏକର୦.୦୧୫ଡିସିମିଲି ଏବଂ ଖାତା ନଂ.: ୨୧୧/୧୪୮, ପ୍ଲଟ୍ ନଂ.: ୧୪୮୦, ପରିମିତ କ୍ଷେତ୍ର: ଏକର୦.୦୧୫ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୩୦ଡିସିମିଲି,** ମୌଜା: ତେଣ୍ଟୁଆପଡ଼ା, ତହସିଲ: ଦିଗପହଣ୍ଡି, ଜକର ଆର.ଆଇ., ଏସ୍‌ଆରଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, **ପ୍ଲଟ୍ ନଂ. ୧୪୮୦**ର ଚରିପାର୍ଶ୍ୱରେ- ପୂର୍ବ: ଉମାଚନ୍ଦ୍ର ପାଣିଗ୍ରାହୀଙ୍କ ଗୃହ, ପଶ୍ଚିମ: ନିତ୍ୟାନନ୍ଦ ସାହୁଙ୍କ ଗୃହ, ଉତ୍ତର: ନିଜସ୍ୱ, ଦକ୍ଷିଣ: ରାସ୍ତା, **ପ୍ଲଟ୍ ନଂ. ୧୪୭୮**ର ଚରିପାର୍ଶ୍ୱରେ- ପୂର୍ବ: ଉମା ଚରଣ ପାଣିଗ୍ରାହୀଙ୍କ ଜି.ବି., ପଶ୍ଚିମ: ନିତ୍ୟାନନ୍ଦ ସାହୁଙ୍କ ଗୃହ, ଉତ୍ତର: ନିରଞ୍ଜନ ସାହୁଙ୍କ ଜମି, ଦକ୍ଷିଣ: ନିଜସ୍ୱ | ୨୭.୦୭.୨୦୨୩ / ୦୮.୧୦.୨୦୨୪ / ୨୪.୦୪.୨୦୨୫ |
| **ୟୁଏମ୍‌ଏଫ୍‌ବି ଶାଖା / ଫୋନ୍: ୯୬୨୮୬୬୧୯୯୯/** **୧) ମେସର୍ସ ଆଶା ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଜେ. ଆଶା,** ସା: ଗେଦଲ ନାଇଡୁ ପଲମ, ପାଲିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, **୨) ଜେ. ଆଶା,** ପିତା: ଜେ. ଦେବରାଜ ରାଓ, ପାଲିଆ ଲକ୍ଷ୍ମୀପୁର, କାଳିପଲି, ବଡ଼ପୁଟି, ଗଞ୍ଜାମ, ଓଡ଼ିଶା-୭୬୧୦୨୦, **୩) କି. ଡିଲେଶ୍ୱରୀ,** ସ୍ୱାମୀ: କି. ମହାଦେବ, ସା: ଗେଦଲ ନାଇଡୁ ପଲମ, ପାଲିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦ | **କି. ଡିଲେଶ୍ୱରୀ,** ସ୍ୱାମୀ: କି. ମହାଦେବଙ୍କ ନାମରେ ଥିବା ଜମି ଏବଂ ଗୃହ (ଘର)ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୨/୪୧୩୪, ପ୍ଲଟ୍ ନଂ.: ୨୭୫, କ୍ଷେତ୍ର: ଏକର୦.୨୪୮ ଡିସିମିଲି (ଘରବାରି), ରେଭିନ୍ୟୁ ମୌଜା: ଗେଦଲନାଇଡୁପଲମ, ତହସିଲ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା, ପିନ୍-୭୬୧୦୨୦, ଏହାର ଚରିପାର୍ଶ୍ୱରେ- ଉତ୍ତର: କି. ଡିଲେଶ୍ୱରୀଙ୍କ ଜମି ଯାହାର ପ୍ଲଟ୍ ନଂ. ୨୭୬/୪୪୮୬, ଦକ୍ଷିଣ: ପ୍ଲଟ୍ ନଂ. ୨୭୪, ପୂର୍ବ: ରାସ୍ତା, ପଶ୍ଚିମ: କାମେଶ୍ୱର ରାଓଙ୍କ ଜମି | ୧୪.୦୮.୨୦୨୪ / ୨୨.୧୦.୨୦୨୪ / ୨୪.୦୪.୨୦୨୫ |
| **ୟୁଏମ୍‌ଏଫ୍‌ବି ଶାଖା / ଫୋନ୍: ୯୬୨୮୬୬୧୯୯୯/** **୧) ମେସର୍ସ ଶ୍ରୀ ବାଲାଜୀ ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଜେ. ଦେବରାଜ ରାଓ,** ସା: ଗେଦଲ ନାଇଡୁ ପଲମ, ପାଲିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, **୨) ଜେ. ଦେବରାଜ ରାଓ,** ପିତା: ଜୋନିଙ୍ଗି ନରଶୟା, ପାଲିଆ ଲକ୍ଷ୍ମୀପୁର, କାଳିପଲି, ବଡ଼ପୁଟି, ଗଞ୍ଜାମ, ଓଡ଼ିଶା-୭୬୧୦୨୦, **୩) କି. ଡିଲେଶ୍ୱରୀ,** ସ୍ୱାମୀ: କି. ମହାଦେବ, ସା: ଗେଦଲ ନାଇଡୁ ପଲମ, ପାଲିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦ | **କି. ଡିଲେଶ୍ୱରୀ,** ସ୍ୱାମୀ: କି. ମହାଦେବଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୨/୪୧୬୧, ପ୍ଲଟ୍ ନଂ.: ୨୭୬/୪୪୮୬, କ୍ଷେତ୍ର: ଏକର୦.୧୯୦ଡିସିମିଲି (ଘରବାରି), ରେଭିନ୍ୟୁ ମୌଜା: ଗେଦଲନାଇଡୁପଲମ, ତହସିଲ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା, ପିନ୍-୭୬୧୦୨୦, ଏହାର ଚରିପାର୍ଶ୍ୱରେ- ଉତ୍ତର: କି. ଡିଲେଶ୍ୱରୀଙ୍କ ଜମି ଯାହାର ପ୍ଲଟ୍ ନଂ. ୨୭୬, ଦକ୍ଷିଣ: ପ୍ଲଟ୍ ନଂ. ୨୭୫, ପୂର୍ବ: ରାସ୍ତା, ପଶ୍ଚିମ: ଏସ୍ କାମେଶ୍ୱର ରାଓଙ୍କ ଜମି | ୧୪.୦୮.୨୦୨୪ / ୨୨.୧୦.୨୦୨୪ / ୨୪.୦୪.୨୦୨୫ |
| **ଭାବିନିପୁର ଶାଖା / ଫୋନ୍: ୭୮୯୪୧୧୯୯୧୦/** **୧) ବି. ଚନ୍ଦ୍ରେୟା,** ପିତା: ବୁରୁଡୁ ସତେୟା, ପଡା ପେଣ୍ଟପଲ୍ଲି, ବାହାଦୁର ପେଟା, ତୁରା, ଗଞ୍ଜାମ, ଓଡ଼ିଶା, **୨) ବି. ଲଚ୍ଛିମି ଆମ୍ମା,** ସ୍ୱାମୀ: ବି. ଚନ୍ଦ୍ରେୟା, ପଡା ପେଣ୍ଟପଲ୍ଲି, ବାହାଦୁର ପେଟା, ତୁରା, ଗଞ୍ଜାମ, ଓଡ଼ିଶା, **୩) ରବି ନାରାୟଣ ସାହୁ,** ପିତା: କୃଷ୍ଣ ଚନ୍ଦ୍ର ସାହୁ, ବିଜୟ ବିହାର, ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା | **ବି. ଲଚ୍ଛିମି ଆମ୍ମା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୧୧, ଖାତା ନଂ.: ୧୨୯୦/୯୮୭, କ୍ଷେତ୍ର: ଏକର୦.୦୨୫ଡିସିମିଲି, ରେଭିନ୍ୟୁ ମୌଜା: ତୁରା ପେଣ୍ଟପଲ୍ଲି, ପଡା ପେଣ୍ଟପଲ୍ଲି, ବାହାଦୁର ପେଟା, ତୁରା, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଏହାର ଚରିପାର୍ଶ୍ୱରେ- ପୂର୍ବ: ପି. ଏରାମ୍ମାଙ୍କ ଘର, ପଶ୍ଚିମ: ବି. ସତେୟାଙ୍କ ଘର, ଉତ୍ତର: ଦଣ୍ଡାସୀ ଷ୍ଟ୍ରିଟ୍, ଦକ୍ଷିଣ: ରାସ୍ତା | ୦୨.୦୧.୨୦୨୦ / ୨୯.୦୯.୨୦୨୧ / ୨୪.୦୪.୨୦୨୫ |
| **ନୀଳକଣ୍ଠନଗର ଶାଖା / ଫୋନ୍: ୭୮୯୪୫୨୯୨୭୨/** **୧) ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ରାମନଗର, ୨ୟ ଲେନ, କମାପଲ୍ଲି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୨, **୨) ନୀଳକଣ୍ଠ ମହାନ୍ତି,** ପିତା: ସୁଦର୍ଶନ ମହାନ୍ତି, ଶାନ୍ତିନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୧୮ | **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ**ଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଯାହାର ପ୍ଲଟ୍ ନଂ.: ୪୨୬୭/୧୫୬୩୯/୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଗୃହର ସମୁଦାୟ ପରିମିତ କ୍ଷେତ୍ର: ଏକର୦.୦୧୪ ଡିସିମିଲି, ଏହାର ଚରିପାର୍ଶ୍ୱରେ- ପୂର୍ବ: ନିଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ. ୪୨୪୪, ଦକ୍ଷିଣ: ରାସ୍ତା | ୦୬.୦୪.୨୦୨୦ / ୧୭.୧୧.୨୦୨୨ / ୨୪.୦୪.୨୦୨୫ |
| **ଗୋଷାଣୀନୂଆଗାଁ ଶାଖା / ଫୋନ୍: ୯୯୦୩୮୨୦୧୦୨/** **୧) ଶ୍ରୀମତୀ ମୁକ୍ତା ଦାସ,** ସ୍ୱାମୀ: ବନ ଦାସ, ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର-୭୬୦୦୦୧, **୨) ଚନ୍ଦ୍ରକଳା ରାଉତ,** ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର-୭୬୦୦୦୧, **୩) କେଦାର ରାଉତ,** ପିତା: ଚନ୍ଦ୍ରକଳା ରାଉତ, ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର-୭୬୦୦୦୧ | **ଶ୍ରୀମତୀ ମୁକ୍ତା ଦାସ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୫୧, ଖାତା ନଂ.: ୭୮୨, ରେଭିନ୍ୟୁ ମୌଜା: ବିଜିପୁର, ତହସିଲ: ବିଜିପୁର, ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ସାହି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୦୮ଡିସିମିଲି, ଏହାର ଚରିପାର୍ଶ୍ୱରେ- ପୂର୍ବ: ପଦ୍ମା ଦାସଙ୍କ ଘର, ପଶ୍ଚିମ: କୁନ୍ତଳା ଦାସଙ୍କ ଘର, ଉତ୍ତର: ସୁବୁଦ୍ଧି ସେଠୀଙ୍କ ଘର, ଦକ୍ଷିଣ: ରାସ୍ତା | ୨୮.୦୭.୨୦୨୨ / ୧୧.୧୦.୨୦୨୨ / ୨୪.୦୪.୨୦୨୫ |
| **ଦିଗପହଣ୍ଡି ଶାଖା / ଫୋନ୍: ୯୫୬୦୩୫୩୫୫୫ /** **୧) ମେସର୍ସ ଅଏଲଲେସ୍ ଫୁଡ୍ ଇଣ୍ଡଷ୍ଟ୍ରି, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ହିଙ୍ଗଳ ତିଳୋତମା ରେଡ୍ଡି,** ସା/ପୋ: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା-୭୬୧୦୧୨, **୨) ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡି,** ପିତା: ହିଙ୍ଗଳ ସୋମନାଥ ରେଡ୍ଡି, ସା/ପୋ: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା-୭୬୧୦୧୨ | **ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡି**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭୧୭, ଖାତା ନଂ.: ୬୬୯, ରେଭିନ୍ୟୁ ମୌଜା: ଗୋକର୍ଣ୍ଣପୁର, ତହସିଲ/ ଏସ୍‌ଆରଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୨୦ ଡିସିମିଲି କିମ୍ବା ୮୭୧ ବର୍ଗଫୁଟ, ଏହାର ଚରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଶିବରାମ ମହାରଣାଙ୍କ ଜମି, ପୂର୍ବ: ଏଚ୍ ରଘୁନାଥ ରେଡ୍ଡିଙ୍କ ଘର, ପଶ୍ଚିମ: ଏଚ୍ କସ୍ତୁରୀଙ୍କ ଘର | ୧୧.୧୦.୨୦୨୨ / ୧୫.୦୪.୨୦୨୩ / ୨୪.୦୪.୨୦୨୫ |
| **କୁଲ୍ଲାଡ଼ ଶାଖା / ଫୋନ୍: ୭୯୭୮୦୭୯୧୩୬ /** **୧) ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକ, ସା: ରାଇପଲି, ପୋ.: ତିଲିସିଙ୍ଗି, ଭାୟା: ଏମ୍. କୁଲାଡ଼, ଗଞ୍ଜାମ, ଓଡ଼ିଶା-୭୬୧୧୩୧, **୨) ବିଜୟ ନାୟକ,** ପିତା: ସହଦେବ ନାୟକ, ସା: ରାଇପଲି, ପୋ.: ତିଲିସିଙ୍ଗି, ଭାୟା: ଏମ୍. କୁଲାଡ଼, ଗଞ୍ଜାମ, ଓଡ଼ିଶା-୭୬୧୧୩୧ | **(୧) ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ବାଲିଆପଟା, ଏସ୍‌ଆରଓ/ ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୮/୧୦୦, ପ୍ଲଟ୍ ନଂ.: ୭୬୭/୧୨୦୮, କ୍ଷେତ୍ର: ଏକର୦.୨୦୦ ଡିସିମିଲି, ଏହାର ଚରିପାର୍ଶ୍ୱରେ- ପୂର୍ବ: ଉମା ଚରଣ ପ୍ରଧାନଙ୍କ ଜମି, ପଶ୍ଚିମ: ଶତ୍ରୁଘନ ପ୍ରଧାନଙ୍କ ଜମି, ଉତ୍ତର: ରବିନ୍ଦ୍ର ନାୟକଙ୍କ ପ୍ଲଟ୍ ନଂ. ୭୬୮, ଦକ୍ଷିଣ: ରାସ୍ତା, **(୨) ବିଜୟ ନାୟକ,** ପିତା: ସହଦେବ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ରାଇପଲି, ଏସ୍‌ଆରଓ/ ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୧୨୩, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର୦.୦୩୦ଡିସିମିଲି, ଏହାର ଚରିପାର୍ଶ୍ୱରେ- ପୂର୍ବ: ଲିଙ୍ଗରାଜ ପ୍ରଧାନଙ୍କ ଜମି, ଦକ୍ଷିଣ: କାଶିନାଥ ଗୌଡଙ୍କ ଜମି, ଉତ୍ତର: ତ୍ରିନାଥ ନାୟକଙ୍କ ଜମି, ପଶ୍ଚିମ: ରାସ୍ତା | ୩୦.୦୪.୨୦୨୧ / ୧୦.୧୨.୨୦୨୧ / ୨୪.୦୪.୨୦୨୫ |
| **ରମ୍ଭା ଶାଖା / ଫୋନ୍: ୮୭୭୦୪୧୩୦୦୫ /** **୧) ରଞ୍ଜନ କୁମାର ନାହାକ,** ପିତା: ରାମଚନ୍ଦ୍ର ନାହାକ, **୨) ଶ୍ରୀମତୀ ଗୁରୁବାରୀ ନାହାକ,** ସ୍ୱାମୀ: ରାମ ଚନ୍ଦ୍ର ନାହାକ (ବନ୍ଧକଦାତା ଏବଂ ଜାମିନଦାର), **୩) ବିକ୍ରମ କୁମାର ନାହାକ,** ପିତା: ହାଡୁ ବନ୍ଧୁ ନାହାକ, ସମସ୍ତଙ୍କ ଠିକଣା- ସା.: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମ, ଓଡ଼ିଶା-୭୬୧୦୨୮ | **ଶ୍ରୀମତୀ ଗୁରୁବାରୀ ନାହାକ,** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ସା: ମଧୁରଚୁଆ, ଥାନା: ରମ୍ଭାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାକି ଏନ୍‌ଏସି ମୁଖ୍ୟ ରାସ୍ତା, ହାଇସ୍କୁଲ ସାମ୍ନା, ମୌଜା: ମଧୁରଚୁଆ, ଥାନା: ରମ୍ଭା, ତହସିଲ: ଖଲ୍ଲିକୋଟ, ଗଞ୍ଜାମ, ଓଡ଼ିଶା, ପ୍ଲଟ୍ ନଂ.: ୫୧୩, ଖାତା ନଂ.: ୧୯୫ (ପୁରୁଣା), ଖାତା ନଂ.: ୩୧୨/୨୧୩ (ନୂତନ), ପରିମିତ କ୍ଷେତ୍ର: ଏକର୦.୦୩୬ଡିସିମିଲି, ଏହାର ଚରିପାର୍ଶ୍ୱରେ- ପୂର୍ବ: ରାମ ଚନ୍ଦ୍ର ନାହାକଙ୍କ ଗୃହ, ପଶ୍ଚିମ: ଭିକାରୀ ନାହାକଙ୍କ ଗୃହ, ଉତ୍ତର: ଯୋଗି ମହାପାତ୍ର, ଦକ୍ଷିଣ: ରାସ୍ତା | ୩୦.୦୪.୨୦୨୧ / ୦୫.୦୧.୨୦୨୨ / ୨୪.୦୪.୨୦୨୫ |
| **ଏସ୍‌ଏମ୍‌ଆଇଟି ଚଣ୍ଡିପଦର ଶାଖା / ଫୋନ୍: ୯୦୪୦୨୬୨୪୨୧ /** **୧) ସଞ୍ଜୟ ରାଉଳ,** ପିତା: ଧୋବା ରାଉଳ, ସା/ପୋ: ଚଣ୍ଡିପଦର, ଭାୟା: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩, **୨) ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର ବଡ଼ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ | ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର୦.୧୯ଡିସିମିଲି (୮୨୭ ବର୍ଗଫୁଟ), ପ୍ଲଟ୍ ନଂ.: ୨୫୯୩/୪୬୩୧, ଖାତା ନଂ.: ୭୬୧/୭୩୭, ରେଭିନ୍ୟୁ ମୌଜା: ଚଣ୍ଡିପଦର, ବଡ଼ ଷ୍ଟ୍ରିଟ୍, ଚଣ୍ଡିପଦର, ଜିଲ୍ଲା: ଗଞ୍ଜାମ, ଏହାର ଚରିପାର୍ଶ୍ୱରେ- ପୂର୍ବ: ଶ୍ରୀ ବୃନ୍ଦାବନ ରାଉଳଙ୍କ ସମ୍ପତ୍ତି, ପଶ୍ଚିମ: ମୋହନ ରାଉଳଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୩୦.୦୪.୨୦୨୧ / ୧୪.୧୨.୨୦୨୧ / ୨୪.୦୪.୨୦୨୫ |
| **ବେଲଗୁଣ୍ଠା ଶାଖା / ଫୋନ୍: ୭୦୦୮୫୩୯୭୦୬/** **୧) କୈଳାଶ ଚନ୍ଦ୍ର ଶତପଥି,** ପିତା: କୃପାସିନ୍ଧୁ ଶତପଥି, **୨) ବାସନ୍ତୀ ଶତପଥି,** ସ୍ୱାମୀ: କୈଳାଶ ଚନ୍ଦ୍ର ଶତପଥି, **୩) ଲକ୍ଷ୍ମୀକାନ୍ତ ଶତପଥି,** ପିତା: କୈଳାଶ ଚନ୍ଦ୍ର ଶତପଥି, ସମସ୍ତଙ୍କ ଠିକଣା- ସା: କୁମ୍ଭାପଡ଼ା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ | **ବାସନ୍ତୀ ଶତପଥି**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୮୯ ଏବଂ ୫୭୯୦, ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡ଼ା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୭୯ଡିସିମିଲି, ଏହାର ଚରିପାର୍ଶ୍ୱରେ- ପୂର୍ବ: ବାସନ୍ତୀ ଶତପଥିଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ୦୯.୦୪.୨୦୨୧ / ୧୪.୧୧.୨୦୨୧ / ୨୪.୦୪.୨୦୨୫ |
| **ବେଲଗୁଣ୍ଠା ଶାଖା / ଫୋନ୍: ୭୦୦୮୫୩୯୭୦୬/** **୧) ପ୍ରମୋଦ କୁମାର ଆରୁଖ,** ପିତା: ସ୍ୱ ଲିଙ୍ଗରାଜ ଆରୁଖ, ସା/ପୋ: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, **୨) କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ: ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, **୩) ସୁମନ୍ତ ଦିହୁଡ଼ି,** ପିତା: ସନ୍ୟାସୀ ଦିହୁଡ଼ି, ପୋ/ଥାନା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ପିନ୍-୭୬୧୧୨୦ | **ପ୍ରମୋଦ କୁମାର ଆରୁଖ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୪୦ଡିସିମିଲି, ଏହାର ଚରିପାର୍ଶ୍ୱରେ- ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ୦୧.୦୧.୨୦୨୦ / ୧୯.୧୧.୨୦୨୧ / ୨୪.୦୪.୨୦୨୫ |
| **ବେଲଗୁଣ୍ଠା ଶାଖା / ଫୋନ୍: ୭୦୦୮୫୩୯୭୦୬/** **୧) ରବିନ୍ଦ୍ରନାଥ ସେଠୀ,** ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା- ସା: କାଦପଡ଼ା, ପୋ ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, **୨) ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା- ସା: କାଦପଡ଼ା, ପୋ ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, **୩) ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲକୋ ଟାଉନସିପ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା | **ରବିନ୍ଦ୍ରନାଥ ସେଠୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ବାସୋପଯୋଗୀ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡ଼ା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚରିପାର୍ଶ୍ୱରେ- ପୂର୍ବ: ରୁଦ୍ର ନାରାୟଣ ପାତ୍ର ବିକ୍ରେତାଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ୦୮.୦୫.୨୦୧୮ / ୨୦.୦୯.୨୦୧୮ / ୨୪.୦୪.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାର ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର ୩୦ ଦିନ ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୯.୦୪.୨୦୨୫
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ରେଷ୍ଟୁରାଣ୍ଟରେ ନିଆଁ, ୨୨ ଜଳିଗଲେ

ବେଜିଂ, ୨୯।୪ (ପି.ଟି.)

ଚାଇନାର ଲିଆଓନିଙ୍ଗ୍ ରାଜ୍ୟ ଲିଆଓୟାଙ୍ଗ୍ ସହରର ଏକ ରେଷ୍ଟୁରାଣ୍ଟରେ ମଙ୍ଗଳବାର ନିଆଁ ଲାଗି ୨୨ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଏହି ଅଗ୍ନିକାଣ୍ଡରେ ୩ ଜଣ ଆହତ ହୋଇଥିବା ନେଇ ଚାଇନାର ସରକାରୀ ସମାଚାର ଏଜେନ୍ସି ଜିନ୍ହୁଆ ସୂଚନା ଦେଇଛି। ନିଆଁ ଲାଗିବା ପରେ ତୁରନ୍ତ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେମାନେ ଘଟଣାସ୍ଥଳରୁ ୨୨ଟି ମୃତଦେହକୁ ଜବତ କରିବା ସହ ୩ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାରକରି ହସ୍ପିଟାଲ ପଠାଇଥିଲେ। ତେବେ ଏହି ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଘଟଣାକୁ ନେଇ ତଦନ୍ତ ଜାରି ରହିଛି। ଚାଇନା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଏହି ଅଗ୍ନିକାଣ୍ଡକୁ ନେଇ ଶୋକ ପ୍ରକଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ମାସେ ମଧ୍ୟରେ ଏହା ଥିଲା ଚାଇନାର ଦ୍ୱିତୀୟ ବଡ଼ ଅଗ୍ନିକାଣ୍ଡ ଘଟଣା। ଗତ ୯ରେ ଚାଇନାର ହେବେଇ ରାଜ୍ୟର ଏକ ନର୍ସିଂହୋମରେ ନିଆଁ ଲାଗି ୨୦ ଜଣ ବୟସ୍କ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା।

### ଆମେରିକାରେ ସ୍ତ୍ରୀ, ପୁଅଙ୍କୁ ହତ୍ୟା ପରେ ଭାରତୀୟ ବ୍ୟବସାୟୀଙ୍କ ଆତ୍ମହତ୍ୟା


ହର୍ଷବର୍ଦ୍ଧନ


ଶ୍ୱେତା

ୱାଶିଂଟନ,୨୯।୪

ଆମେରିକାରେ ରହୁଥିବା ଭାରତୀୟ ପ୍ରଯୁକ୍ତି ଉଦ୍ୟୋଗୀ ହର୍ଷବର୍ଦ୍ଧନ ଏସ୍. କିକ୍କେରି ନିଜ ଘରେ ସ୍ତ୍ରୀ ଶ୍ୱେତା ପନ୍ୟମ ଓ ୧୪ ବର୍ଷର ପୁଅଙ୍କୁ ଗୁଳିକରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ଗତ ୨୪ ତାରିଖରେ ୱାଶିଂଟନର ନ୍ୟୁକାଷ୍ଟଲ୍‌ରେ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ତାଙ୍କର ଆଉ ଜଣେ ପୁଅ ବାହାରେ ରହୁଥିବାରୁ ବଞ୍ଚିଯାଇଛନ୍ତି। ୫୭ ବର୍ଷୀୟ ହର୍ଷବର୍ଦ୍ଧନ କ'ଣ ପାଇଁ ଏଭଳି ଚରମ ପଦକ୍ଷେପ ନେଲେ ତାହା ଜଣାପଡ଼ି ନାହିଁ। ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ସେନାକୁ ନିଷ୍ପତ୍ତି ନେବାର ପୂର୍ଣ୍ଣ ସ୍ୱାଧୀନତା

## ପହଲଗାମ୍ ଆକ୍ରମଣର ପ୍ରତିଶୋଧ ନେବ ଭାରତ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଏନ୍‌ଏସ୍‌ଏ ଅଜିତ ଡୋଭାଲ ଏବଂ ସିଡିଏସ୍ ଜେନେରାଲ ଅନିଲ ଚୌହାନ ଓ ସେନା ମୁଖ୍ୟମାନେ ଯୋଗଦେଇଛନ୍ତି।

ନୂଆଦିଲ୍ଲୀ,୨୯।୪(ପି.ଟି.)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଟାର୍ଗେଟ ସ୍ଥଳ ଓ ସମୟ ସମ୍ପର୍କିତ ନିଷ୍ପତ୍ତି ନେବାର ପୂର୍ଣ୍ଣ ସ୍ୱାଧୀନତା ସଶସ୍ତ୍ର ବଳର ରହିଥିବା ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ, ୩ ବାହିନୀର ମୁଖ୍ୟ ଉପସ୍ଥିତ ଥିଲେ। ଆତଙ୍କବାଦକୁ ମୁହଁତୋଡ଼ ଜବାବ ଦେବା ପାଇଁ ଏହା ଏକ ଜାତୀୟ ସଂକଳ୍ପ ବୋଲି ମୋଦି ସ୍ପଷ୍ଟ କରିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ସେ ସଶସ୍ତ୍ର ବଳର ପେସାଦାରି ସାମର୍ଥ୍ୟ ଉପରେ ସମ୍ପୂର୍ଣ୍ଣ ଆସ୍ଥା ପ୍ରକଟ କରିଛନ୍ତି। କାର୍ଯ୍ୟାନୁଷ୍ଠାନର ଲକ୍ଷ୍ୟସ୍ଥଳ ଓ ସମୟ ସମ୍ପର୍କରେ ସେମାନେ ନିଷ୍ପତ୍ତି ନେବାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। ବୈଠକରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ ମଧ୍ୟ ଉପସ୍ଥିତ ଥିଲେ।

ଗତ ୨୨ ତାରିଖରେ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୫ ପର୍ଯ୍ୟଟକଙ୍କ ସମେତ ୨୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣ ପଛରେ ଥିବା ଆତଙ୍କବାଦୀ ଓ ସେମାନଙ୍କ ପାକିସ୍ତାନୀ ପୃଷ୍ଠପୋଷକଙ୍କୁ ପାତାଳରୁ ଖୋଜି ବାହାର କରିବା ସହ ସେମାନଙ୍କ କଳ୍ପନା ବାହାରେ ଦଣ୍ଡ ଦେବା ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଜ୍ଞା କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ପୂର୍ବରୁ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନଙ୍କ ଅଧ୍ୟକ୍ଷତାରେ ଅନ୍ୟ ଏକ ବୈଠକ ବସିଥିଲା। ଉକ୍ତ ବୈଠକରେ ୩ ଅର୍ଦ୍ଧସାମରିକ ବାହିନୀ ଏବଂ ଅନ୍ୟ ସୁରକ୍ଷା ସଂଗଠନର ମୁଖ୍ୟମାନେ ଯୋଗଦେଇଥିଲେ। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଡିଜି ଦଲଜିତ ସିଂ ଚୌଧରୀ, ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ ଡିଜି ବ୍ରିଘୁ ଶ୍ରୀନିବାସନ,ଆସାମ ରାଇଫଲ୍ସ ଡିଜି ଲ୍ୟୁଟ୍‌ନାଣ୍ଟ ଜେନେରାଲ ବିକାଶ ଲାଖେର ଏବଂ ସଶସ୍ତ୍ର ସୀମା ବଳର ଅତିରିକ୍ତ ଡିଜି ଅନୁପମ ନିଲେକାର ଚନ୍ଦ୍ରା ଉପସ୍ଥିତ ଥିଲେ। ତେବେ ବୈଠକରେ କ'ଣ ଆଲୋଚନା ହୋଇଥିଲା, ତାହା ଜଣାପଡ଼ି ନାହିଁ।

### ଆକ୍ରମଣର ମାଷ୍ଟରମାଇଣ୍ଡ ହଶିମ୍ ମୁସା ପୂର୍ବତନ ପାକ୍ ସୈନ୍ୟ

ପହଲଗାମ୍ ଆକ୍ରମଣ ସହ ସମ୍ପୃକ୍ତ ୨ ପାକିସ୍ତାନୀ ଆତଙ୍କବାଦୀଙ୍କ ମଧ୍ୟରୁ ହଶିମ୍ ମୁସା ପାକିସ୍ତାନ ପାରା ଫୋର୍ସର ଜଣେ ପୂର୍ବତନ ନିୟମିତ ସୈନ୍ୟ ବୋଲି ତଦନ୍ତକାରୀମାନେ ଜାଣିବାକୁ ପାଇଛନ୍ତି। ପରେ ସେ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନରେ ସାମିଲ ହୋଇଥିଲେ। ସେ ୨୦୨୩ ସେପ୍ଟେମ୍ବରରେ ଭାରତରେ ଅନୁପ୍ରବେଶ କରିଥିବା ବିଶ୍ୱାସ କରାଯାଉଛି। ପ୍ରଥମେ ସେ ଶ୍ରୀନଗର ନିକଟ ବଡ଼ଗାମ ଜିଲାରେ ନିଜର ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇଥିଲେ। କଶ୍ମୀରରେ ଆତଙ୍କବାଦୀ ସଂଗଠନକୁ ସୁଦୃଢ଼ କରାଇବା ନିମନ୍ତେ ମୁସାଙ୍କୁ ଲଶ୍କର ସଂଗଠନରେ ସାମିଲ କରିବା ଲାଗି ପାକ୍ ସେନାର ସ୍ପେଶାଲ ସର୍ଭିସ ଗ୍ରୁପ୍ (ଏସ୍‌ଏସ୍‌ଜି) କହିଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଆକ୍ରମଣରେ ପାକ୍ ସେନା ଏବଂ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ସମ୍ପୃକ୍ତି ଥିବାର ଏହା ପ୍ରମାଣ ବୋଲି ସୁରକ୍ଷା ପ୍ରତିଷ୍ଠାନ କହିଛି। ଜଣେ ତାଲିମପ୍ରାପ୍ତ ପାରା କମାଣ୍ଡୋ ମୁସା ଅଣପାରମ୍ପରିକ ଯୁଦ୍ଧ ଏବଂ ଗୋପନ କାର୍ଯ୍ୟାନୁଷ୍ଠାନରେ ଏକ୍ସପର୍ଟ ବୋଲି ବିଶ୍ୱାସ କରାଯାଉଛି। ଏଭଳି କମାଣ୍ଡୋମାନେ ଅତ୍ୟାଧୁନିକ ଅସ୍ତ୍ର ପରିଚାଳନା କରିବାରେ ଧୁରନ୍ଧର। ପହଲଗାମ୍ ଆକ୍ରମଣକାରୀଙ୍କ ମଧ୍ୟରୁ ୩ ଜଣଙ୍କୁ ଚିହ୍ନଟ କରାଯାଇଛି। ହଶିମ ମୁସା ଓରଫ ସୁଲେଇମାନ ଏବଂ ଅଲି ଭାଇ ଓରଫ ତଲହା ଭାଇ ପାକିସ୍ତାନୀ ଆତଙ୍କବାଦୀ ହୋଇଥିବାବେଳେ ଅବିଦ ହୁସେନ୍ ଠୋକେର ଜମ୍ମୁ-କଶ୍ମୀର ଅନନ୍ତନାଗ ବାସିନ୍ଦା। ମୁସା ଏସ୍‌ଏସ୍‌ଜି କମାଣ୍ଡୋ ହୋଇଥିବା ୧୪ କଶ୍ମୀରୀ ଓଭରଗ୍ରାଉଣ୍ଡ ୱାର୍କର(ଓଜିଡବ୍ଲ୍ୟୁ)ଙ୍କ ମଧ୍ୟରୁ ଜଣେ ଜେରା ବେଳେ ସ୍ୱୀକାର କରିଛନ୍ତି। ଏହି ଓଜିଡବ୍ଲ୍ୟୁମାନେ ଆତଙ୍କବାଦୀଙ୍କୁ ଆକ୍ରମଣ ପାଇଁ ଆବଶ୍ୟକ ଲଜିଷ୍ଟିକ୍ ଯୋଗାଇବା ସହ ଆକ୍ରମଣ ସ୍ଥଳ ପର୍ଯ୍ୟବେକ୍ଷଣରେ ସହଯୋଗ କରିଥିଲେ। ୨୦୨୪ ଅକ୍ଟୋବରରେ ମଧ୍ୟ ଅନୁରୂପ ଢାଞ୍ଚାରେ ଆକ୍ରମଣ ହୋଇଥିଲା, ଯେଉଁଥିରେ ଜଣେ ଡାକ୍ତରଙ୍କ ସମେତ ୬ ଜଣ ବାହାର ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୨୪ର ୩ ଆକ୍ରମଣରେ ମୁସା ସାମିଲ ଥିବା ସେନା ସୂତ୍ରରୁ କୁହାଯାଇଛି।

### କାନାଡାରେ ମିଳିଲା ନିଖୋଜ ଭାରତୀୟ ଛାତ୍ରୀଙ୍କ ମୃତଦେହ


ବଂଶିକା

ଓଟ୍ଟାୱା, ୨୯।୪ (ପି.ଟି.)

କାନାଡାରେ ଜଣେ ଭାରତୀୟ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତା ଛାତ୍ରୀଙ୍କ ନାମ ବଂଶିକା (୨୧) ହୋଇଥିବାବେଳେ ସେ ପଞ୍ଜାବର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ଦବିନ୍ଦର ସୈନୀଙ୍କ ଝିଅ ବୋଲି ଜଣାପଡ଼ିଛି। ଓଣ୍ଟାରିଓ ରାଜ୍ୟର ଏକ ସମୁଦ୍ର କୂଳରୁ ତାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ଗତ ୩ ଦିନ ଧରି ନିଖୋଜ ଥିଲେ। ଏନେଇ ମଙ୍ଗଳବାର କାନାଡାସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ପଞ୍ଜାବର ଡେରାବସ୍ସୀ ନିବାସୀ ବଂଶିକା ନିଜର ମେଡିକାଲ ପଢ଼ା ପାଇଁ ଗତ ୨ ବର୍ଷ ଧରି କାନାଡାର ଓଟ୍ଟାୱାରେ ରହୁଥିଲେ। ବଂଶିକାଙ୍କ ମୃତ୍ୟୁକୁ ନେଇ ତଦନ୍ତ ଜାରି ରହିଛି ଏବଂ ତାଙ୍କ ପରିବାରକୁ ସବୁ ପ୍ରକାରର ସହଯୋଗ କରାଯିବ ବୋଲି ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି।

### ସଂସଦର ସ୍ୱତନ୍ତ୍ର ଅଧିବେଶନ ଦାବିକରି ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାହୁଲ, ଖାର୍ଗେ

ନୂଆଦିଲ୍ଲୀ, ୨୯।୪

ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଇବାକୁ ମଙ୍ଗଳବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ଏନେଇ ରାହୁଲ ଏକ୍ସ'ରେ ସୂଚନା ଦେଇ କହିଛନ୍ତି, ସେ ସଂସଦର ଉଭୟ ସଦନରେ ଯଥାଶୀଘ୍ର ସ୍ୱତନ୍ତ୍ର ଅଧିବେଶନ ଡକାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଚିଠି ଲେଖି ଦାବି କରିଛନ୍ତି। ଆତଙ୍କବାଦ ବିରୋଧରେ ଦେଶର ଏକତା ଓ ଦୃଢ଼ତାକୁ ପ୍ରଦର୍ଶନ କରିବା ପାଇଁ ସଂସଦର ସ୍ୱତନ୍ତ୍ର ଅଧିବେଶନ ନିତାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ପୂରା ଭାରତ ଆତଙ୍କବାଦ ବିରୋଧରେ ଏକଜୁଟ ରହିଛି, ଯାହା ପ୍ରଦର୍ଶନ କରାଯିବାର ଆବଶ୍ୟକତା ରହିଛି ବୋଲି ରାହୁଲ କହିଛନ୍ତି।

## 'ପାକିସ୍ତାନ ଜିନ୍ଦାବାଦ' କହିବାରୁ ପିଟି ମାରିଦେଲେ

ମାଙ୍ଗାଲୋର, ୨୯।୪

### ୧୫ ଗିରଫ

କର୍ନାଟକର ମାଙ୍ଗାଲୋର ଜିଲା କୁଡୁପ ଗ୍ରାମରେ ସୋମବାର ଏକ ସ୍ଥାନୀୟ କ୍ରିକେଟ ମ୍ୟାଚ୍ ଚାଲିଥିବା ବେଳେ ଜଣେ ବ୍ୟକ୍ତି 'ପାକିସ୍ତାନ ଜିନ୍ଦାବାଦ'ର ସ୍ଲୋଗାନ ଦେଇଥିଲେ। ଫଳରେ ସେଠାରେ ଉପସ୍ଥିତ ଥିବା ଲୋକେ ଠେଙ୍ଗା ଓ ବାଡ଼ିରେ ତାଙ୍କୁ ନିର୍ମମ ଭାବେ ପିଟିଥିଲେ। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ପୀଡ଼ିତଙ୍କ ପରିବାରର ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ସହ ମଙ୍ଗଳବାର ୧୫ ଜଣଙ୍କୁ ଗିରଫ କରିଛି। ୨୫ରୁ ଅଧିକ ଲୋକ ଏକସଙ୍ଗେ ମାଡ଼ ମାରିଥିବା ନେଇ ପୀଡ଼ିତଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ପୋଲିସ ମୃତକଙ୍କ ପରିଚୟ ସମ୍ପର୍କରେ ସୂଚନା ଦେଇନାହିଁ। ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଜାରି ରହିଛି ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଙ୍ଗଳବାର କର୍ନାଟକ ଗୃହ ମନ୍ତ୍ରୀ ଜି. ପରମେଶ୍ୱର କହିଛନ୍ତି। ଏଭଳି ଲିଞ୍ଚିଂ ଘଟଣା ନିଶ୍ଚିତ ଭାବେ ଚିନ୍ତାଜନକ ଏବଂ କର୍ନାଟକରେ ଏପରି ହିଂସାକୁ ଗ୍ରହଣ କରାଯିବ ନାହିଁ ବୋଲି ସେ କହିଛନ୍ତି। ଶାନ୍ତି ଏବଂ ସଦ୍‌ଭାବନା ବଜାୟ ରଖିବାକୁ ସେ ରାଜ୍ୟବାସୀଙ୍କୁ ଅପିଲ କରିଛନ୍ତି।

## କଶ୍ମୀରର ୪୮ ପର୍ଯ୍ୟଟନ ସ୍ଥଳ ବନ୍ଦ

ଶ୍ରୀନଗର,୨୯।୪



ପହଲଗାମ୍ ଆକ୍ରମଣ ପରେ ସୀମାରେ ଉତ୍ତେଜନା ବଢ଼ିଥିବାବେଳେ ସୁରକ୍ଷା ଦୃଷ୍ଟିରୁ କଶ୍ମୀର ଉପତ୍ୟକାର ୪୮ଟି ପର୍ଯ୍ୟଟନ ସ୍ଥଳକୁ ବନ୍ଦ କରିଦିଆଯାଇଛି। ବିପଦ ସମ୍ଭାବନାକୁ ଦୃଷ୍ଟିରେ ଏଭଳି ନିଷ୍ପତ୍ତି ନିଆଯାଇଥିବା କେତେଜଣ ଅଧିକାରୀ କହିଛନ୍ତି। ସୁରକ୍ଷା ସ୍ଥିତିର ସମୀକ୍ଷା କରାଯାଉଥିବାବେଳେ ଆଗାମୀ ଦିନରେ ଅଧିକ ପର୍ଯ୍ୟଟନ କେନ୍ଦ୍ରକୁ ବନ୍ଦ କରାଯାଇପାରେ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଗତ ୨୨ ତାରିଖରେ ଆତଙ୍କବାଦୀମାନେ ପହଲଗାମ୍‌ର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳରେ ଆକ୍ରମଣ କରିବାରୁ ୨୫ ଜଣ ପର୍ଯ୍ୟଟକ ଓ ଜଣେ ସ୍ଥାନୀୟ ଲୋକଙ୍କ ମୃତ୍ୟୁ ଘଟିଥିଲା। ପୁନର୍ବାର ଆକ୍ରମଣ ଆଶଙ୍କାରେ ପର୍ଯ୍ୟଟନ ସ୍ଥଳକୁ ବନ୍ଦ କରାଯାଇଛି। ଆକ୍ରମଣ ପରେ ବହୁସଂଖ୍ୟାରେ ପର୍ଯ୍ୟଟକ କଶ୍ମୀର ଛାଡ଼ିବା ସହ ବୁକିଂ ବାତିଲ କରିଛନ୍ତି। ଏଲ୍‌ଓସିରେ ପାକିସ୍ତାନୀ ସେନା କ୍ରମାଗତ ୫ ଦିନ ହେଲା ଅସ୍ତ୍ରବିରତି ଉଲ୍ଲଂଘନ କରି ଗୁଳିମାଡ଼ କରିଚାଲିଥିବାରୁ ସୀମାରେ ଉତ୍ତେଜନା ବୃଦ୍ଧି ପାଇଛି।

## ଅହମଦାବାଦର ମୁସଲମାନ ବସ୍ତିରେ ଚଢ଼ିଲା ବୁଲଡୋଜର

ଅହମଦାବାଦ, ୨୯।୪




ଅହମଦାବାଦ ମ୍ୟୁନିସ୍‌ପାଲ କର୍ପୋରେଶନ (ଏଏମ୍‌ସି) ଏବଂ ପୋଲିସ ପକ୍ଷରୁ ମଙ୍ଗଳବାର ଚନ୍ଦୋଲା ହ୍ରଦ ଅଞ୍ଚଳରେ ଗଢ଼ି ଉଠିଥିବା ମୁସଲମାନ ବହୁଳ ବସ୍ତିଗୁଡ଼ିକୁ ଭାଙ୍ଗିବା ପାଇଁ ବୁଲ୍‌ଡୋଜର ଅପରେଶନ ଆରମ୍ଭ ହୋଇଛି। କିଛିଦିନ ତଳେ ଏହି ଅଞ୍ଚଳରୁ ବେଆଇନ୍ ଭାବେ ଭାରତରେ ପ୍ରବେଶ କରିଥିବା ସନ୍ଦିଗ୍ଧ ବାଂଲାଦେଶୀମାନଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଇଥିଲା। ଅହମଦାବାଦ ପୋଲିସ କମିଶନର ଜି.ଏସ୍. ମଲିକ ସୂଚନା ଦେଇ କହିଛନ୍ତି, ଏଏମ୍‌ସି ନେତୃତ୍ୱରେ ଚନ୍ଦୋଲା ହ୍ରଦ ଅଞ୍ଚଳରେ ବେଆଇନ୍ ଭାବେ ଗଢ଼ି ଉଠିଥିବା ବସ୍ତିଗୁଡ଼ିକୁ ଭଙ୍ଗାଯିବାର ଅଭିଯାନ ଆରମ୍ଭ ହୋଇଛି। ଏଥିପାଇଁ ଘଟଣାସ୍ଥଳରେ ୨ ହଜାର ପୋଲିସ କର୍ମୀଙ୍କୁ ନିୟୋଜିତ କରାଯାଇଛି।

## କାନାଡା ନିର୍ବାଚନ: କାର୍ନିଙ୍କ ଦଳ ବିଜୟୀ

ଟରଣ୍ଟୋ,୨୯।୪

କାନାଡା ଜାତୀୟ ନିର୍ବାଚନରେ ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ଲିବେରାଲ ପାର୍ଟି ବିଜୟୀ ହୋଇଛି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଞ୍ଜରଭେଟିଭ୍ ପାର୍ଟି ନେତା ପିଏରେ ପୋଇଲିଏଭ୍ରେ ପରାଜିତ ହୋଇଛନ୍ତି। ନିର୍ବାଚନରେ ବିଜୟ ପାଇଁ କାର୍ନିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇବା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବାକୁ କହିଛନ୍ତି। ଲିବେରାଲ ପାର୍ଟିର ବିଜୟ ଦୁଇ ଦେଶର ଲୋକଙ୍କ ପାଇଁ ବଡ଼ ସୁଯୋଗ ଆଣିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅର୍ଥନୀତିଜ୍ଞରୁ ରାଜନୀତିକୁ ଆସିଥିବା କାର୍ନିଙ୍କ ନେତୃତ୍ୱରେ ଲିବେରାଲ ପାର୍ଟି ନିର୍ବାଚନ ଲଢ଼ିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଚାପ ଓ ବାଣିଜ୍ୟ ଯୁଦ୍ଧ ସତ୍ତ୍ୱେ କାର୍ନିଙ୍କ ନେତୃତ୍ୱରେ ଦଳ ବିଜୟୀ ହୋଇଛି।


ମାର୍କ କାର୍ନି

### ପରାଜିତ ଖଲିସ୍ତାନୀ ସପକ୍ଷବାଦୀ ନେତା ଜଗମିତ୍‌ଙ୍କ ଇସ୍ତଫା

ନିର୍ବାଚନରେ ଖଲିସ୍ତାନୀ ସପକ୍ଷବାଦୀ ଶିଖ୍ ନେତା ଜଗମିତ୍ ସିଂ ବୁର୍ନାବି ସେଣ୍ଟ୍ରାଲ ଆସନରୁ ହାରିଯାଇଥିବାବେଳେ ତାଙ୍କ ଦଳର ପାର୍ଲାମେଣ୍ଟ ଆସନ ସଂଖ୍ୟା ୭କୁ ହ୍ରାସ ପାଇଛି। ଫଳାଫଳରେ ବ୍ୟଥିତ ହୋଇ ଜଗମିତ୍ ତାଙ୍କ ନ୍ୟୁ ଡେମୋକ୍ରାଟିକ୍ ପାର୍ଟି (ଏନ୍‌ଡିପି)ର ମୁଖ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଜଗମିତ୍ ଓ ତାଙ୍କ ଦଳର ପରାଜୟ ଭାରତ ପାଇଁ ଏକ ବଡ଼ ବିଜୟ ବୋଲି କୁହାଯାଉଛି। ସମ୍ପୂର୍ଣ୍ଣ ଫଳାଫଳ ଆସି ନ ଥିବାବେଳେ ୩୪୩ ଆସନ ବିଶିଷ୍ଟ ପାର୍ଲାମେଣ୍ଟ ନିର୍ବାଚନରେ ଲିବେରାଲ ପାର୍ଟି ୧୬୮ ଆସନରେ ବିଜୟୀ କିମ୍ବା ଆଗରେ ରହିଛି, ଯାହାକି ସଂଖ୍ୟାଗରିଷ୍ଠତାଠାରୁ ୪ କମ୍। ଅନ୍ୟପକ୍ଷରେ କଞ୍ଜରଭେଟିଭ୍ ପାର୍ଟି ବହୁ ପଛରେ ରହିଛି। ଆମେରିକାର ଧମକକୁ ମିଳିତ ଭାବେ ମୁକାବିଲା କରିବା ଲାଗି କାର୍ନି ବିଜୟ ଭାଷଣରେ ଆହ୍ୱାନ ଦେଇଛନ୍ତି।

## ଫୁରସତ୍

# ଅଧାରୁ ମାଷ୍ଟର ଡିଗ୍ରୀ ଛାଡ଼ି ଷ୍ଟ୍ରିଟ୍ ଭେଣ୍ଡର

### ଦୈନିକ ୮ ହଜାର ରୋଜଗାର

ବେଜିଂ



ଅଧ୍ୟୟନରେ ପାରଙ୍ଗମ ଥିବା ଚାଇନାର ଫେଇ ୟୁ (୨୪)ମାଷ୍ଟର ଡିଗ୍ରୀ ପଢ଼ା ଅଧାରୁ ଛାଡ଼ି ଷ୍ଟ୍ରିଟ୍ ଫୁଡ୍‌ଷ୍ଟଲ୍ ଖୋଲି ଜୀବିକା ନିର୍ବାହ କରୁଛନ୍ତି।

ଏକ ଗରିବ ପରିବାରରୁ ଆସିଥିବା ଫେଇ ଚାଇନାର ପ୍ରତିଷ୍ଠିତ ସିଚୁଆନ ୟୁନିଭର୍ସିଟିରୁ ପବ୍ଲିକ୍ ହେଲ୍‌ଥରେ ଗ୍ରାଜୁଏଶନ କରିଥିଲେ। ୨୦୨୨ରେ ସେ ଚାଇନାର ପ୍ରତିଷ୍ଠିତ ଫୁଦାନ ବିଶ୍ୱବିଦ୍ୟାଳୟରେ ମାଷ୍ଟର ଡିଗ୍ରୀ ପାଇଁ ନାମ ଲେଖାଇଥିଲେ। ତେବେ ସେଠାରେ ଜଣେ ଶିକ୍ଷକଙ୍କ ନିଷ୍ଠୁର ବ୍ୟବହାର କାରଣରୁ ସେ ଡିପ୍ରେସନ୍‌କୁ ଚାଲିଯାଇଥିଲେ। ତେଣୁ ବର୍ଷକର ପଢ଼ା ପରେ ସେ ମାଷ୍ଟର ଡିଗ୍ରୀ କୋର୍ସକୁ ଅଧାରୁ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ଫେଇ କହିଛନ୍ତି, ଫୁଦାନ ବିଶ୍ୱବିଦ୍ୟାଳୟରେ ପଢୁଥିବା ବେଳେ ସେ ଅତ୍ୟନ୍ତ ଡିପ୍ରେସନ୍‌କୁ ଚାଲିଯାଇଥିଲେ। ସେତେବେଳେ ତାଙ୍କୁ ରାତିରେ ନିଦ ହେଉ ନ ଥିଲା। ଏପରି ସ୍ଥିତିରେ ସେ ଉକ୍ତ ୟୁନିଭର୍ସିଟିକୁ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ସେ ଅଧ୍ୟୟନ ପାଇଁ ଅନ୍ୟ ସ୍ଥାନରେ ଆବେଦନ କରିଥିଲେ। ଆମେରିକାରେ ଛାତ୍ରବୃତ୍ତି ସହ ଏକ ପିଏଚ୍‌ଡି ପ୍ରୋଜେକ୍ଟ ପାଇଁ ତାଙ୍କୁ ମନୋନୀତ ମଧ୍ୟ କରାଯାଇଥିଲା। ତେବେ ଏହି ଅଫର ତାଙ୍କ ପାଇଁ ଆବଶ୍ୟକଠାରୁ ଅଧିକ ମହଙ୍ଗା ଥିଲା। ତେଣୁ ପରବର୍ତ୍ତୀ ଅଧ୍ୟୟନ ପାଇଁ ଅସମର୍ଥ ହେବାରୁ ଫେଇ ନିଜର ଏକ ଷ୍ଟ୍ରିଟ୍ ଫୁଡ୍‌ଷ୍ଟଲ୍ ଖୋଲି ଅର୍ଥ ରୋଜଗାର କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ସିଚୁଆନ ୟୁନିଭର୍ସିଟି ସମ୍ମୁଖରେ ଏକ ଫୁଡ୍‌ଷ୍ଟଲ୍ ଖୋଲିଥିଲେ। ଫେଇ କହିଛନ୍ତି, ସେ ତାଙ୍କ ଫୁଡ୍‌ଷ୍ଟଲ୍ ପାଇଁ ଦୈନିକ ୪ ଘଣ୍ଟା ପ୍ରସ୍ତୁତି କରିଥାନ୍ତି। ସେହିପରି ୪ରୁ ୫ ଘଣ୍ଟା ମଧ୍ୟରେ ତାଙ୍କ ଦୋକାନର ସମସ୍ତ ଖାଦ୍ୟ ବିକ୍ରି ହୋଇଯାଇଥାଏ। ଏହିପରି ଭାବେ ସେ ଦିନକୁ ୮ରୁ ୯ ଘଣ୍ଟା ପରିଶ୍ରମ କରି ୯୫ ଆମେରିକୀୟ ଡଲାର (ପ୍ରାୟ ୮ ହଜାର ଟଙ୍କା) ରୋଜଗାର କରୁଥିବା ଫେଇ କହିଛନ୍ତି। ତେବେ ଉଚ୍ଚ ଶିକ୍ଷା ଅଧ୍ୟୟନର ଏକ ଭଲ ସୁଯୋଗକୁ ଫେଇ ନଷ୍ଟ କରି ଦେଇଥିବା କହି ଅନେକ ଲୋକ ତାଙ୍କୁ ଥଟ୍ଟା ପରିହାସ କରନ୍ତି। ଏସବୁକୁ ନେଇ ଫେଇ କହିଛନ୍ତି, ସେ ତାଙ୍କ ଫୁଡ୍‌ଷ୍ଟଲ୍ ସହ ଏବେ ଖୁସି ଅଛନ୍ତି। ଏହି କାର୍ଯ୍ୟ କରି ତାଙ୍କୁ ମାନସିକ ଶାନ୍ତି ମିଳୁଛି।

## ମେ ୨୨ରେ 'କ୍ରିମିନାଲ ଜଷ୍ଟିସ୍ ୪'

ମୁମ୍ବାଇ


ପଙ୍କଜ ତ୍ରିପାଠୀ

ବଲିଉଡ୍ ଅଭିନେତା ପଙ୍କଜ ତ୍ରିପାଠୀଙ୍କ ପ୍ରସିଦ୍ଧ କୋର୍ଟ ରୁମ୍ ଡ୍ରାମା ସିରିଜ୍ 'କ୍ରିମିନାଲ ଜଷ୍ଟିସ୍'ର ଚତୁର୍ଥ ସିଜନର ଟିଜର ମଙ୍ଗଳବାର ରିଲିଜ୍ ହୋଇଛି। ଟିଜରରେ ପଙ୍କଜଙ୍କୁ ପୁଣିଥରେ ତାଙ୍କ ପ୍ରସିଦ୍ଧ ଓକିଲ ମାଧବ ମିଶ୍ରାଙ୍କ ଭୂମିକାରେ ଦେଖିବାକୁ ମିଳିଛି। ଟିଜରର ପ୍ରଥମ ଦୃଶ୍ୟରେ ଅଭିନେତ୍ରୀ ସୁର୍‌ବିନ ଚାୱଲା ପଙ୍କଜଙ୍କୁ ସାହାଯ୍ୟ ମାଗି ତାଙ୍କୁ ଜଣେ ଓକିଲ ଦରକାର ବୋଲି କହୁଛନ୍ତି। ଏହାର ପରବର୍ତ୍ତୀ ଦୃଶ୍ୟରେ ଓକିଲ ଭାବେ ଏକ ମାମଲାର ବିଶ୍ଳେଷଣ କଲାବେଳେ ପଙ୍କଜ କହୁଛନ୍ତି, ''ଏହି ମାମଲା ଯେତେ ସହଜ ଦେଖାଯାଉଛି, ପ୍ରକୃତରେ ସେତେ ସହଜ ନୁହେଁ। ନ ହେଲେ ଏହି ମାମଲା ମୋ ପାଖକୁ ଆସି ନ ଥାନ୍ତା।'' ଟିଜରରେ ଅଭିନେତା ମହମ୍ମଦ ଜିଶାନ ଆୟୁବଙ୍କର ମଧ୍ୟ ଝଲକ ରହିଛି। ଏହି ଟିଜରରେ ପଙ୍କଜଙ୍କୁ ଏକ ପ୍ରେମସମ୍ପର୍କ ସହ ଜଡ଼ିତ ଚର୍ଚ୍ଚିତ ହତ୍ୟାକାଣ୍ଡର ରହସ୍ୟ ପର୍ଦ୍ଦାଫାଶ କରୁଥିବାର ଦେଖିବାକୁ ମିଳିଛି, ଯାହାକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି।

'କ୍ରିମିନାଲ ଜଷ୍ଟିସ୍' ସିରିଜ୍‌ର ନିର୍ମାତାଙ୍କ ପକ୍ଷରୁ ସୋସିଆଲ ମିଡିଆରେ ଏକ ପୋଷ୍ଟ କରାଯାଇ ଏହାର ଚତୁର୍ଥ ସିଜନର ଟିଜରକୁ ଜାରି କରାଯାଇଥିବା ସହ ଆସନ୍ତା ମେ' ୨୨ରୁ ଏହି ସିରିଜ୍ ଓଟିଟି ପ୍ଲାଟ୍‌ଫର୍ମ ଜିଓ ହଟଷ୍ଟାରରେ ଷ୍ଟ୍ରିମିଂ ହେବ ବୋଲି ସୂଚନା ଦିଆଯାଇଛି। ଏହି ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖାଯାଇଛି, ଆପଣଙ୍କର ପ୍ରିୟ ଓକିଲ ସାହେବ ମାଧବ ମିଶ୍ରା ପୁଣିଥରେ କୋର୍ଟ ରୁମ୍‌କୁ ଫେରୁଛନ୍ତି। ଆସନ୍ତା ମେ' ୨୨ରୁ କେବଳ ଜିଓ ହଟ୍‌ଷ୍ଟାରରେ। ପ୍ରକାଶ ଯେ, 'କ୍ରିମିନାଲ ଜଷ୍ଟିସ୍'ର ପ୍ରଥମ ସିଜନ ୨୦୧୯ରେ ରିଲିଜ୍ ହୋଇଥିଲା। ଏଥିରେ ପଙ୍କଜଙ୍କ ବ୍ୟତୀତ ଅଭିନେତା ବିକ୍ରାନ୍ତ ମେସି, ଜ୍ୟାକି ଶ୍ରଫ୍ ଏବଂ ଅଭିନେତ୍ରୀ ଅନୁପ୍ରିୟା ଗୋଏଙ୍କାଙ୍କୁ ଦେଖିବାକୁ ମିଳିଥିଲା। ଏହାର ଦ୍ୱିତୀୟ ସିଜନ୍ ୨୦୨୦ରେ ଏବଂ ତୃତୀୟ ସିଜନ୍ ୨୦୨୨ ଅଗଷ୍ଟରେ ରିଲିଜ୍ ହୋଇଥିଲା।

# ଆରଓଡିଟିଇପି ଯୋଜନା ବିସ୍ତାର କରିବାକୁ ଫିମିର ଅନୁରୋଧ

**ନୂଆଦିଲ୍ଲୀ,୨୯।୪**

ବର୍ତ୍ତମାନ ସମୟରେ ଯେଉଁଭଳି ଭାବେ ଦରବୃଦ୍ଧି ହେଉଛି, ଉଦ୍ୟୋଗ ବଞ୍ଚାଇବା ଓ ଶିଳ୍ପ ଅଭିବୃଦ୍ଧି ଆଶା କରିବା ଆଶଙ୍କା ମଧ୍ୟରେ ରହିଛିବ ବୋଲି ଆକଳନ କରାଯାଉଛି। କାରଣ ଭାରତୀୟ ଖଣିଜ ଶିଳ୍ପ ମହାସଂଘ (ଫିମି) ରପ୍ତାନି ଉତ୍ପାଦ ଉପରେ ଟିକସ ଛାଡ଼ ଯୋଜନାକୁ ତୁରନ୍ତ ବିସ୍ତାର କରିବାକୁ ସରକାରଙ୍କ ସହଯୋଗ ଆବଶ୍ୟକ କରିଛି। ଏପରିକି ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (ଏସ୍‌ଇଜେଡ୍)ରେ ଅବସ୍ଥିତ ଆଲୁମିନିୟମ୍-ଉତ୍ପାଦକ ୟୁନିଟଗୁଡ଼ିକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ରପ୍ତାନି ଉତ୍ପାଦ ଉପରେ ଶୁଳ୍କ କିମ୍ବା ଟିକସ ଛାଡ଼ (ଆରଓଡିଟିଇପି) ଯୋଜନାକୁ ତୁରନ୍ତ ବିସ୍ତାର କରିବାକୁ ଅନୁରୋଧ କରାଯାଇଛି। ଅପରପକ୍ଷରେ ଭାରତୀୟ ଆଲୁମିନିୟମ୍ ଶିଳ୍ପର ଏକୀକୃତ ଚାହିଦାକୁ ଦୃଢ଼ କରୁଥିବା ଏକ ପଦକ୍ଷେପରେ ଫିମି ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟକୁ ଏକ ଆନୁଷ୍ଠାନିକ ପ୍ରତିନିଧିତ୍ୱ ଦାଖଲ କରିଛି, ଯେଉଁଥିରେ ଅଗ୍ରିମ ପ୍ରାଧିକରଣ (ଏଏ) ଧାରକ, ରପ୍ତାନି ଭିତ୍ତିକ ୟୁନିଟ୍ (ଇଓୟୁଏସ୍) ଏବଂ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (ଏସ୍‌ଇଜେଡ୍)ରେ ଅବସ୍ଥିତ ଆଲୁମିନିୟମ୍-ଉତ୍ପାଦକ ୟୁନିଟଗୁଡ଼ିକ ପାଇଁ ରପ୍ତାନି ଉତ୍ପାଦ ଉପରେ ଶୁଳ୍କ କିମ୍ବା ଟିକସ ଛାଡ଼ (ଆରଓଡିଟିଇପି) ଯୋଜନାକୁ ତୁରନ୍ତ ବିସ୍ତାର କରିବାକୁ ଅନୁରୋଧ କରାଯାଇଛି। ୨୦୨୫ ଫେବୃଆରୀ ୫ ସପ୍ତାହରେ ଭାରତୀୟ ଆଲୁମିନିୟମ୍ ଆସୋସିଏଶନ୍ (ଏଏଆଇ) ଦ୍ୱାରା ଅର୍ଥମନ୍ତ୍ରୀଙ୍କୁ କରାଯାଇଥିବା ସମାନ ଆବେଦନ ପରେ ହୋଇଛି, ଯାହା ଏଏ/ଇଓୟୁ/ଏସଇଜେଡ ୟୁନିଟଗୁଡ଼ିକରୁ ଉତ୍ପନ୍ନ ହେଉଥିବା ଭାରତରୁ ପ୍ରାୟ ୪୫% ଆଲୁମିନିୟମ୍ ରପ୍ତାନିକୁ ପ୍ରତିଯୋଗିତାମୂଳକ ସୁରକ୍ଷିତ ରଖିବା ପାଇଁ ଆରଓଡିଟିଇପି ଲାଭର ଗୁରୁତ୍ୱକୁ ରେଖାଙ୍କିତ କରିଛି।



ଏପରିକି ବାଣିଜ୍ୟ ସଚିବ ସୁନୀଲ ବାର୍ଥୱାଲଙ୍କୁ ଫିମିର ପ୍ରତିନିଧିତ୍ୱ ମନ୍ତ୍ରଣାଳୟ ଦ୍ୱାରା ପ୍ରଗତିଶୀଳ ନୀତିଗତ ସଂସ୍କାରକୁ ପ୍ରଶଂସା କରିଛି। ୨୦୨୫ ଫେବୃଆରୀ ୫ ପରେ ଆରଓଡିଟିଇପି କଭରେଜରେ ବର୍ତ୍ତମାନର ବିଳମ୍ବ ଭାରତୀୟ ଆଲୁମିନିୟମ ଉତ୍ପାଦକମାନଙ୍କୁ କ୍ଷତିରେ ପକାଉଛି। ଏହି ୟୁନିଟଗୁଡ଼ିକ ଏମେଡେଡ୍ କର ଏବଂ ଶୁଳ୍କ ବହନ କରୁଛନ୍ତି, ଯାହା ସେମାନଙ୍କର ଉତ୍ପାଦନ ଖର୍ଚ୍ଚରେ ୫ରୁ ୧୦% ଏବଂ ଅନ୍ତର୍ଜାତୀୟ ବଜାରରେ ସେମାନଙ୍କର ପ୍ରତିଯୋଗିତାକୁ ହ୍ରାସ କରୁଛି। ସେହିଭଳି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ୨୦ ବିଲିୟନ ଡଲାରରୁ ଅଧିକ ନିବେଶ ଏବଂ ବାର୍ଷିକ ୪.୧ ନିୟୁତ ଟନ୍ କ୍ଷମତା ସହିତ ଭାରତୀୟ ଆଲୁମିନିୟମ କ୍ଷେତ୍ର ବିଶ୍ୱର ଦ୍ୱିତୀୟ ବୃହତ୍ତ ଉତ୍ପାଦକ ହୋଇଥିବାବେଳେ ଏଏ / ଇଓୟୁ / ଏସଇଜେଡ ୟୁନିଟଗୁଡ଼ିକରୁ ରପ୍ତାନି ପାଇଁ ଆରଓଡିଟିଇପି ଲାଭ ପୁନଃସ୍ଥାପିତ କରିବାରେ କୌଣସି ବିଳମ୍ବ ଉତ୍ପାଦନ ହ୍ରାସ, ଚାକିରି କ୍ଷତି ଏବଂ ଘରୋଇ ମୂଲ୍ୟ ବୃଦ୍ଧିରେ ବାଧା ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ପୂର୍ବରୁ ବାଣିଜ୍ୟ ମନ୍ତ୍ରଣାଳୟ ୨୦୨୪ ମାର୍ଚ୍ଚ ଓ ସେପ୍ଟେମ୍ବର ଏବଂ ୨୦୨୫ ମାର୍ଚ୍ଚ ୨୦ ବିଜ୍ଞପ୍ତି ମାଧ୍ୟମରେ ଆଲୁମିନିୟମ ୟୁନିଟଗୁଡ଼ିକୁ ଆରଓଡିଟିଇପି କଭରେଜ ବିସ୍ତାର କରିଥିଲା, ଯାହାର ଲାଭ କେବଳ ୨୦୨୫ ଫେବୃଆରୀ ୫ ପର୍ଯ୍ୟନ୍ତ ଲାଗୁ ହୋଇଛି। ଚଳିତ ବିଶ୍ୱ ବାଣିଜ୍ୟ ପ୍ରତିକୂଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ଫିମି ନିରନ୍ତରତା ଏବଂ ନୀତିଗତ ସ୍ୱଷ୍ଟତା ସୁନିଶ୍ଚିତ କରିବା ପାଇଁ ଏହି ତାରିଖ ପରେ ବିସ୍ତାରକୁ ସୂଚିତ କରିବାକୁ ମନ୍ତ୍ରଣାଳୟକୁ ଅନୁରୋଧ କରିଛି। ଶିଳ୍ପ ଏ ପର୍ଯ୍ୟନ୍ତ ୨୦୨୫ ଫେବୃଆରୀ ୬ଠାରୁ ପ୍ରଯୁଜ୍ୟତା ପାଇଁ ଆନୁଷ୍ଠାନିକ ବିଜ୍ଞପ୍ତି ପାଇଁ ଅପେକ୍ଷା କରିଛି। ଫିମି ଏବଂ ଏଏଆଇ ଉଭୟ ସମାନ ଚିନ୍ତାକୁ ପ୍ରତିଫଳିତ କରିବା ସହିତ ଆଲୁମିନିୟମ ଶିଳ୍ପ ଆଶା କରୁଛି, ସରକାର ସମତା ପୁନଃସ୍ଥାପନ କରିବା ତଥା ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ର ହେବା ପାଇଁ ଭାରତର ମହତ୍ତ୍ୱାକାଂକ୍ଷାକୁ ସମର୍ଥନ କରିବା ପାଇଁ ଶୀଘ୍ର କାର୍ଯ୍ୟ କରିବେ।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୨୯।୪**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୭୦ (୭୦.୦୧) ପଏଣ୍ଟ ବୃଦ୍ଧି ଘଟି ୮୦,୨୮୮ (୮୦,୨୮୮.୩୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୭ (୭.୪୫) ପଏଣ୍ଟ ବଢ଼ି ୨୪,୩୩୬ (୨୪,୩୩୫.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ୪ର୍ଥ ତ୍ରୈମାସରେ ୬୫୨କୋଟିର ଲାଭ

**ନୂଆଦିଲ୍ଲୀ,୨୯।୪(ଅଭୟ ଦାଶ)**

ୟୁକୋ ବ୍ୟାଙ୍କ୍ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର କାରବାର ଏବଂ ଆଗାମୀ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା ବେଳେ ୨୦୨୪-୨୫ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଆର୍ଥିକ ଫଳ। ଫଳକୁ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ବ୍ୟାଙ୍କ ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା (୪ର୍ଥ ତ୍ରୈମାସ) ୨୩.୯୮% ଅଭିବୃଦ୍ଧି ହାର ହାସଲ କରି ୬୫୨ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ଏହି ଅବଧି ମଧ୍ୟରେ ୫୨୬ କୋଟି ଟଙ୍କା ଥିଲା। ବ୍ୟାଙ୍କ୍ର ସକଳ ଅଗ୍ରୀମ ୨୫.୭୪% ବୃଦ୍ଧି ଘଟି ୧,୨୨,୬୧୩ କୋଟିରେ ପହଞ୍ଚିଛି। ମାର୍ଚ୍ଚ ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ବ୍ୟବସାୟିକ ଅଭିବୃଦ୍ଧି ୧୪.୧୨% ବୃଦ୍ଧି ଘଟି ୫,୧୩,୫୨୭ କୋଟିରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ସୁଧ ଆୟ ୨୩.୩୫% ବୃଦ୍ଧି ଘଟି ୨,୬୯୮ କୋଟିରେ ପହଞ୍ଚିଛି। ୪ର୍ଥ ତ୍ରୈମାସିକ ସୁଦ୍ଧା ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ ୩.୦୮% ବୃଦ୍ଧି ପାଇଥିବାବେଳେ ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ୧୮.୪୯% ବୃଦ୍ଧି ପାଇଛି। ବ୍ୟାଙ୍କ୍ର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍) ୯୬.୬୯ %ରେ ପହଞ୍ଚିଛି। ବ୍ୟାଙ୍କ୍ର ପରିଚାଳନାଗତ ଲାଭ ୩୩.୪୮% ଅଭିବୃଦ୍ଧି ହାର ୧,୬୯୯ କୋଟିରେ ପହଞ୍ଚିଛି। ବ୍ୟାଙ୍କ୍ର ମୋଟ୍ ଏନ୍‌ପିଏ ୭୭ ବିପିଏସ୍ ହ୍ରାସ ପାଇ ୨.୬୯%ରେ ପହଞ୍ଚିଛି। ବ୍ୟାଙ୍କ୍ର ନେଟ୍ ଏନ୍‌ପିଏ ୩୯ ବିପିଏସ୍ ହ୍ରାସ ପାଇ ୦.୫୦%ରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ୨୦୨୫ ମାର୍ଚ୍ଚ ଶେଷସୁଦ୍ଧା ୟୁକୋ ବ୍ୟାଙ୍କ୍ର ୩,୩୦୨ଟି ଘରୋଇ ଶାଖା ରହିଥିବାବେଳେ ହଂକଂ ଓ ସିଙ୍ଗାପୁରରେ ୨ଟି ଶାଖା ଏବଂ ଇରାନ୍‌ରେ ଗୋଟିଏ ପ୍ରତିନିଧି କାର୍ଯ୍ୟାଳୟ ରହିଛି। ଅପରପକ୍ଷରେ ବ୍ୟାଙ୍କର ୨,୫୨୨ଟି ଏଟିଏମ୍ ଓ ୧୦,୬୫୩ ଟି ବିସି ପଏଣ୍ଟ ରହିଛି।

UCO BANK
(A Govt. of India Undertaking)
Honours Your Trust

# ବଜାରରେ ଓପୋ ଏ୫ ପ୍ରୋ ୫ଜି

**ନୂଆଦିଲ୍ଲୀ,୨୯।୪**

ଓପୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ମଡେଲ 'ଓପୋ ଏ୫ ପ୍ରୋ ୫ଜି'ର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରି କି ଏହି ମଡେଲରେ ଶିଳ୍ପର ଅଗ୍ରଣୀ ଆଇପି୬୯, ଆଇପି୬୮ ଏବଂ ଆଇପି୬୬ ସାର୍ଟିଫିକେଶନ ରହିଛି, ଯାହା ଜଳ, ଧୂଳି ଓ ହାଇ-ପ୍ରେସର ଜେଟ ବିରୋଧରେ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରୁଛି। ଏଥିରେ ୧୮ ମଲ୍ଟି-ଲିକ୍ୱିଡ ରେଜିଷ୍ଟାନ୍ସ ପ୍ରୋଟେକ୍ସନ ମଧ୍ୟ ସାମିଲ ରହିଛି, ଯାହାକୁ ଲୁଣ ପାଣି, ଝୋଳ, କଫି ଭଳି ପ୍ରତିଦିନର ତରଳ ପଦାର୍ଥଗୁଡ଼ିକ ବିରୋଧରେ ସୁରକ୍ଷା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି।

# ଆଇଡିବିଆଇର ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୨୯।୪**

ଆଇଡିବିଆଇ ବ୍ୟାଙ୍କର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର ଆଗାମୀ କାର୍ଯ୍ୟକଳାପ ଓ କାରବାର ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ୨୦୨୪-୨୫ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ଏହି ଅବଧି ମଧ୍ୟରେ ବ୍ୟାଙ୍କର ନେଟ୍ ପ୍ରଫିଟ୍ ୨୦୫୧ କୋଟି ଟଙ୍କା ରହିଥିବାବେଳେ ବ୍ୟାଙ୍କ ବାର୍ଷିକ ଆଧାରରେ ୨୬%ର ଅଭିବୃଦ୍ଧି ହାସଲ କରିଛି। ଏପରିକି ୪ର୍ଥ ତ୍ରୈମାସିକରେ ବ୍ୟାଙ୍କର ପରିଚାଳନାଗତ ଲାଭ ୩୧୯୫ କୋଟି ଟଙ୍କା ଏବଂ ଏନ୍‌ଆଇଏମ୍ ୪% ଓ ନେଟ୍ ସୁଧ ଆୟ ୩୨୯୦ କୋଟି ଟଙ୍କା ରହିଛି। ସେହିପରି ୪ର୍ଥ ତ୍ରୈମାସିକରେ କଷ୍ଟ ଅଫ୍ ଡିପୋଜିଟ ୪.୮୩% ରହିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୪.୪୮% ଥିଲା। ବ୍ୟାଙ୍କର ସିଆର୍‌ଏଆର୍ ୨୫.୦୫% ରହିଥିବା ବେଳେ ବାର୍ଷିକ ଆଧାରରେ ଏହା ୨୭୯ ବିପିଏସ୍ ବୃଦ୍ଧି ପାଇଛି, ଏହି ତ୍ରୈମାସିକରେ ରିଟର୍ନ ଅନ୍ ଆସେଟ୍ସ (ଆରଓଏ) ୨୯ ବିପିଏସ୍ ବୃଦ୍ଧି ହୋଇ ୨.୧୧% ରହିଛି, ଯାହା ଗତ ଆର୍ଥିକ ବର୍ଷର ସମାନ ତ୍ରୈମାସିକରେ ୧.୮୨% ଥିଲା। ରିଟର୍ନ ଅନ୍ ଇକ୍ୱିଟି (ଆରଓଇ) ୨୦.୪୦% ରହିଛି, ଯାହା ବାର୍ଷିକ ୬୫ ବିପିଏସ୍ ବୃଦ୍ଧି ହୋଇଛି। ବ୍ୟାଙ୍କର ସୁଧ ଏନ୍‌ପିଏ ୨୦୨୪ ମାର୍ଚ୍ଚ ୩୧ର ୦.୩୪%ରୁ ୦.୧୫%କୁ ହ୍ରାସ ପାଇଛି। ମୋଟ ଏନ୍‌ପିଏ ୨.୯୮%କୁ ହ୍ରାସ ହୋଇଛି, ଯାହା ୨୦୨୪ ମାର୍ଚ୍ଚ ୩୧ରେ ୪.୫୩% ଥିଲା। ୪ର୍ଥ ତ୍ରୈମାସିକରେ ପିସିଆର ୯୯.୪୮% ରହିଛି, ଯାହା ୨୦୨୪ ମାର୍ଚ୍ଚ ୩୧ରେ ୯୯.୦୯% ରହିଥିଲା।

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE

E-mail Id:serw_balasore@yahoo.in, Ph.No.-06782/260318, Balia, Balasore

**"e" Procurement Notice for Road Work**

**Identification No.Online Tender-Road N.C.B. No.03 for 2025-26**

**Letter No.1122, Date:21.04.25**

**No.O-83:**1. Name of the Work :- (MMSY-TRIP). 2. Total No. of Work: 3 (Three) Nos. of Work. 3.Estimated Cost: Rs.583.59 Lakhs to 832.82 lakhs (Approximately). 4. Eligible Class of Contractor: As per annexure. 5. Period of Completion: As per Annexure. 6. Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No.03 | 28.04.2025 at 11.00 A.M. | 14.05.2025 Upto 5.00 P.M. | 13.05.2025 Upto 5.00 P.M. | 15.05.2025 at 11.00 A.M. | Will be Intimated Later |

•Further details can be seen from the website www.tendersodisha.gov.in

**Sd./- Chief Construction Engineer, R.W. Circle, Balasore**

## GOVERNMENT OF ODISHA, "e"-PROCUREMENT NOTICE WORKS DEPARTMENT

E-mail : ceworldbankprojects@gmail.com

**1st corrigendum to Bid Identification No. CE-BRIDGES-21/2024-25**

**No.B-68** : The tender for the work : Construction of H.L. Bridge over river Gunfa at Ch.31.900km of Chipat Junction to Baripada - Baghra road in the District of Mayurbhanj under State Plan for the year 2024-25" vide Bid Identification No.CE-BRIDGES-21/2024-25 is hereby cancelled due to Administrative reasons.

**Sd./- Chief Engineer, Bridges, Odisha, Bhubaneswar**

## OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL

Email - eedklpwd@gmail.com

**INVITATION FOR BIDS THROUGH e-Procurement**

Bid Identification No. SE DKL (R&B). 02/2025-26

**No.B-58** Invitation for Bids

1. The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below.
2. Nature of work : Electrical Works
3. No. of work : 02 Nos
4. Bid Cost : ₹ 6,000/-
5. Class of Contractor : 'HT' License
6. Availability of Bid Documents in the website : From 10.00 A.M. of 29.04.2025 to 5.00 P.M. of 13.05.2025
7. Date of Opening of Bid : Dt. 14.05.2025 at 11:00 A.M.
8. The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.

**Sd./- Superintending Engineer Dhenkanal (R&B) Division**

## ODISHA STATE SEEDS CORPORATION LIMITED

(A GOVERNMENT UNDERTAKING)
SANTARAPUR, BHUBANESWAR-751002
Tel-MD 0674-2340573, E-mail-mdosscltd456@gmail.com

**NIT No.OSSC/Mktg (Hort)-32/2025**

**e-Tender Call Notice for Procurement of TC Pomegranate Plantlet for the Year-2025-26**

**No.CAD-225:**OSSC Ltd., invites e-Tender from Producers only on item wise rate contract basis for Procurement of TC Pomegranate Plantlet for the Year-2025-26 in double cover system through online mode only for the work below.

| | |
|---|---|
| Name of the Work | Purchase of TC Pomegranate Plantlet for the Year-2025-26 |
| No. of Work | One |
| Availability of bid documents in portal | 15 hours on dt.28.04.2025 to 17 hours of dt.19.05.2025 |
| Last date of receipt of tender in portal | 17 hours of dt.19.05.2025 |
| Date and Time opening of Bid | 10.30 hrs of dt.20.05.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/ cancellation can also be seen in the said website.

**Sd./- Managing Director, OSSC Ltd.**

## ODISHA STATE SEEDS CORPORATION LIMITED

(A GOVERNMENT UNDERTAKING)
SANTARAPUR, BHUBANESWAR-751002
Tel-MD 0674-2340573, E-mail-mdosscltd456@gmail.com

**NIT No.OSSC/Mktg (Hort)-26/2025**

**e-Tender Call Notice for Procurement of Custard Apple Graft for the Year-2025-26**

**No.CAD-229:** OSSC Ltd., invites e-Tender from Producers having valid Nursery license on itemwise rate contract basis for Procurement of **Custard Apple Graft** for the Year-2025-26 in double cover system through online mode only for the work below.

| | |
|---|---|
| Name of the Work | Purchase of Custard Apple Graft for the Year-2025-26 |
| No. of Work | One |
| Availability of bid documents in portal | 15 hours on dt.28.04.2025 to 17 hours of dt.19.05.2025 |
| Last date of receipt of tender in portal | 17 hours of dt.19.05.2025 |
| Date and Time opening of Bid | 10.30 hrs of dt.20.05.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/ cancellation can also be seen in the said website.

**Sd./- Managing Director, OSSC Ltd.**

## KASTURBA GANDHI BALIKA VIDYALAYA (KGBV Type-IV) ODISHA ADARSHA VIDYALAYA: BODAPALASA,KEONJHAR SADAR

(Under the Department of S & ME, Govt. of Odisha)
AT-BODAPALASA, PO-BODAPALASA, BLOCK-SADAR, DIST.-KEONJHAR, PIN-758002
Email: kendujharsadar@oav.edu.in

**Advertisement No: 01/OAV-LJK/2025** **Date: 25.04.2025**

**TENDER CALL NOTICE**

**No.n-17:**Sealed tenders are invited from registered supplier / firms having own sale counter, valid GST Registration, PAN & IT certificate 2024-25 for supply of recurring/ non-recurring items/ articles for KGBV Type-IV Girls Hostel of OAV Bodapalasa, Keonjhar Sadar, Keonjhar. The Tender Paper containing detailed scope of work along with terms and conditions displayed at_**https://kendujhar.odisha.gov.in/. Last date of receipt of the Tender Paper by 09.05.2025 at 4 PM.**

The authority reserves the right to cancel all or any / part of the tender without assigning any reason thereof.

**By the Order of Chairman, VMDC**

**Sd./- Principal, OAV, Bodapalasa Keonjhar Sadar, Keonjhar**

## THE ODISHA STATE POLICE HOUSING & WELFARE CORPORATION LTD.

OPHWC
(A Government of Odisha Undertaking)
JANAPATH, BHOINAGAR, BHUBANESWAR-22

**No.CAD-246** Ph:0674-2541545, 2542921
E-mail: ophwc.od@nic.in, Website:www.ophwc.com/www.ophwc.nic.in
e-Procurement Notice No.02/OPHWC/2025-26

**INVITATION FOR BIDS (IFB)**

**The Chief Engineer (OSPH&WC), Odisha, Bhubaneswar invites Percentage rate bid in Double Cover System in ONLINE MODE only, for the works as detailed below:**

| | | |
|---|---|---|
| 1 | Nature of Work | Buildings Works |
| 2 | No. of Works | 17 Nos. |
| 3 | Value of Tender | Rs.53.92 Lakh to Rs.678.34 Lakh |
| 4 | Class of Contractor | 'B' Class to 'Spel' Class |
| 5 | Cost of Bid document (To be paid online) | Rs.11,800.00 |
| 6 | Availability of Bid documents in the website | Dt.28.04.2025 to Dt.13.05.2025 upto 5.00 P.M. |
| 7 | Last date/time of Receipt of Bids in the Portal | Dt.13.05.2025 upto 5.00 P.M. |
| 8 | Date of Opening Bid | Dt.14.05.2025 at 10.30 A.M. |
| 9 | Date of Technical Presentation (among qualified bidders only) | Date & Time will be notified after operning of the Technical Bid. |
| 10 | * The Bidders have to participate in ONLINE bidding only. Further details can also be seen from the website: https//tendersodisha.gov.in. Any addendum/corrigendum/cancellation of tender shall not be published in Newspaper and can only be seen in the said website. * The Authority reserves the right to reject any or all bids and terminate the tender process without assigning any reason thereof. | |

**Sd./- Chief Engineer (OSPH&WC)**

**N.B.: The quoted rate should be all inclusive but excluding G.S.T. as applicable Under works contract.**

## GOVT. OF ODISHA OFFICE OF THE SUPERINTENDING ENGINEER, MINOR IRRIGATION DIVISION, GAJAPATI

AT/PO : PARALAKHEMUNDI, DIST : GAJAPATI
PHONE NO. : 06815-222365, e-mail : eemi_gajapati@yahoo.co.in
eemigajapatiparalakhemundi@gmail.com

**e-Procurement Notice No. 1144 Date : 24/04/2025**

**BID IDENTIFICATION NO. MIDGJP-02/2025-26**

**No.A-93** : The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Double Cover Syatem in ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N)** from the eligible class of contractors.

| | | |
|---|---|---|
| 1 | Name of the work | **Construction of Check Dams under MATY Scheme-2024-25** |
| 2 | No. of works | **4 Nos. (Four)** |
| 3 | Estimated cost | **Rs.72.00 to 90.50 Lakhs** |
| 4 | Period of completion | **6 (Six)** calendar months (Including Rain Season) |
| 5 | Date and time of availability of bid documents in the portal | **From 10.00 Hours of 30.04.2025 to 17.00 Hours of 08.05.2025** |
| 6 | Last date/time for receipt of bids in the portal | **17.00 Hours of 08.05.2025** |
| 7 | Date of opening of Bid | **11.00 Hours on 09.05.2025** |
| 8 | Name and address of the Officer inviting Bid | Superintending Engineer, Minor Irrigation Division, Gajapati, At/Po - Paralakhemundi, Dist. - Gajapati, PIN - 761200 |

Further details can be seen from the e-procurement portal https://tendersodisha.gov.in

**Sd./- Er. Simachala Satapathy Superintending Engineer MI Division, Gajapati, Paralakhemundi**

## The Odisha Small Industries Corporation Ltd.

(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, Cuttack-753010, Odisha
Tel.No.:0671-2341204, 2342816, Fax:0671-2341875/2342561
e-mail:osicltd@gmail.com, osicmd@gmail.com
website:osicltd.in

**No.CAD-236:** OSIC GST No.21AAACO2101M1Z1

**NOTICE INVITING E-TENDER**

**NIT No. OSIC/RE Cell/971** **Date:24.04.2025**

Online tenders are invited through e-Tender portal (http://tenderorissa.gov.in) by the MANAGING DIRECTOR, ODISHA SMALL INDUSTRIES CORPORATION LIMITED for execution of work "Supply, Installation and comissioning of 250KVA, 11/0.4 KV Sub-station for 95 KW load at single point at OK&VI Board Campus, Bhubaneswar. The Tender document may be downloaded from the website http://tenderorissa.gov.in. The salient features of the tender are furnishing below. The bidders can participate in the e-procurement after necessary enrolment in the portal.

| | |
|---|---|
| Tender fee (online) | : Rs.7080.00 (inclusive of GST) (Non-refundable/ not transferable) |
| Earnest Money Deposit (online) | : Rs.22,000.00 (Separately) |
| Time Period for Supply | : Three (3) Months |
| Date of Commencement of the Tender | : Dt.29.04.2025 at 11.00 A.M. |
| Online Tender submission date & time upto | : Dt.19.05.2025 till 03.00 P.M. |
| Date of online opening of technical Bid | : Dt.20.05.2025 at 3.00 P.M. |

OSIC reserves the right to reject any or all the tenders without assigning any reason whatsoever OSIC also does not bind itself to accept the lowest offer. Any corrigendum / addendum/ information relating to this NIT will be uploaded in above website only which will not be published in Newspapers.

**Sd./- General Manager (O)**

## OFFICE OF THE CHIEF CONSERVATOR OF FORESTS TRAINING AND DEVELOPMENT, OLD SECRETARIAT, CUTTACK-753001

Telephone/Fax No. 2959551, e-mail Id - ccf.td@odisha.gov.in

**NOTICE INVITING BID**

**No.MM-13** : The Chief Conservator of Forests. (Training & Development), Cuttack on behalf of Principal Chief Conservator of Forests & HoFF. Odisha invites bids from eligible and experienced agencies for appointing a design consultant for Audio-Visual and Furnishing works at the State Forest Academy, Shyamasundarpur, Bhubaneswar.

The details of the bid documents can be downloaded from www.odishaforest.in

**Sd./- Chief Conservator of Forests Training and Development, Cuttack**

## ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କେବିକେ-୧, କ୍ଷୁଦ୍ର ଜଳସେଚନ ମଣ୍ଡଳ, ଭବାନୀପାଟଣା-୭୬୬୦୦୧

## OFFICE OF THE ADDITIONAL CHIEF ENGINEER KBK-I, MINOR IRRIGATION CIRCLE, BHAWANIPATNA DIST : KALAHANDI, PIN-766001

Tel. No. 06670-230443, (email : sekbkmi@yahoo.co.in)

**Letter No.-619** **Dated-23.04.2025**

**e-Procurement Notice**

**BID IDENTIFICATION NO-01 ACE KBK-I MIC /2025-26**

**No.A-74** : The Additional Chief Engineer, KBK-I, Minor Irrigation Circle, Bhawanipatna on behalf of Governor of Odisha invites **percentage rate bids in Double cover only in ONLINE mode** for the Construction of works detailed in the table from "B & A" Class Contractors registered with the State Government and contractors of equivalent Grade/ Class registered with Central Government / M.E.S. / Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.

1. Name of the works : Construction of Canal Lining of different Minor Irrigation Projects under the Scheme "Mukhya Mantri Canal Lining Yojana" (MMCLY) for the year 2025-26
2. Total No. of works : **02** (Two)
3. Estimated Cost : Varies from Rs. **167.66** lakh **to 205.78** lakh Approximately
4. Class of Contractor : Class **"B & A"**
5. Period of completion : **08 (Eight)** calendar months
6. Date & time of availability of Bid Document in the Portal for online bidding : **From 29.04.2025** at 10.00 A.M. to **08.05.2025** up to 5.00 P.M.
7. Last date/Time for receipt of Bid only in ONLINE : **08.05.2025** up to 5.00 P.M.
8. Date/Time of Opening of Technical Bid : **09.05.2025** at 9.00 A.M. at Office of the Additional Chief Engineer, KBK-I, Minor Irrigation Circle, Bhawanipatna
9. Date/Time of Opening of Financial Bid : **To be intimated through website after evaluation of Technical Bid**
10. Date of Transparent Lottery (if cases arise) : At 10.00 hrs onwards of Dt. **22.05.2025**
11. Name & Address of the Officer Inviting the Bid : Office of the Additional Chief Engineer, KBK-I, Minor Irrigation Circle, Bhawanipatna, Tel No. (06670)230443, e-Mail ID : sekbkmi@yahoo.co.in
12. Further details can be seen from the "e"Procurement Portal https://tendersodisha.gov.in

**Sd./- Additional Chief Engineer, KBK-I, M.I. Circle, Bhawanipatna**

## DISTRICT PROJECT OFFICE, SAMAGRA SHIKSHYA, BHADRAK

**No.1135/Civil/2025** **Dated 23.04.2025**

**NOTICE INVITING TENDER (NIT)**

**No.n-20:** Sealed tenders are invited from the reputed & potential Original Equipment Manufacturer (OEM)/ Distributers/ Authorized Firms of Odisha for supply of items for FLN compliant class rooms in 665 numbers of schools of Bhadrak District in two bid systems (Technical & Financial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & time of receipt of Bid | Date & Time of opening of Technical Bid |
|---|---|---|---|---|
| Supply of items for FLN Compliant Class Room of Bhadrak District | Rs.5,000/- | Rs.12,00,000/- | 22.05.2025 1.00 P.M. | 23.05.2025 11.00 A.M. |

The detailed BID document is available in the website www.osepa.gov.in & www.bhadrak.odisha.gov.in. Interested and eligible agency/ firm may download BID DOCUMENT from the above website and apply accordingly. Corrigendum/ addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept/ reject any full or part / all BID/ cancel the entire selection process at any stage without assigning any reason thereof.

**Sd./- Additional District Magistrate, Bhadrak District**

## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

obcc **No.CAD-223**

## ODISHA BRIDGE & CONSTRUCTION CORPORATION LIMITED

(A Government of Odisha Undertaking under Works Department)

**No. 4172** **Date:23.04.2025**
**File: SMT-2059**

**Corrigendum-1 to Bid Identification No.36/Tender/OBCC/2024-25 of the work "Renovation/ Restoration of Shree Gundicha Temple, Puri under ABADHA Scheme" issued vide letter No.2505, dtd.10.03.2025**

| Sl. No. | Schedule of Tender | As per NIT | As Modified |
|---|---|---|---|
| 1 | Date of availability in e-procurement portal | from 20.03.2025 | from dt.28.04.2025 |
| 2 | Last Date of pre-bid queries receipt | Upto 5.00 P.M. of 25.03.2025 | upto 05.00 P.M. of 03.05.2025 |
| 3 | Date of Pre-Bid Meeting | On 26.03.2025 | on 05.05.2025 |
| 4 | Last Date & Time of receipt of online bid | 08.04.2025 till 5.00 P.M. | 14.05.2025 till 5.00 P.M. |
| 5 | Date of opening of online technical bid | 09.04.2025 at 11.30 A.M. | 15.05.2025 at 11.30 A.M. |

6.Further details can be seen from the e-Procurement portal https://www.tendersodisha.gov.in.
7. OBCC has the right to accept or reject the Notice/ RFP / Proposal without assigning any reasons thereof.

**Sd./- EIC-cum-Managing Director**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ସମୀରା
ପରିବାରବର୍ଗ


ଶିବାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୟୁଜିସି ନେଟ୍ ଫର୍ମ ଆବେଦନର ଶେଷ ତାରିଖ ମେ ୭

ଭୁବନେଶ୍ୱର,୨୯।୪(ସୁଚିସ୍ମିତା ସାହୁ)

ନ୍ୟାଶନାଲ ଟେଷ୍ଟ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଜାତୀୟ ଯୋଗ୍ୟତା ପରୀକ୍ଷା (ଏନ୍‌ଇଟି)-୨୦୨୫ର ଜୁନ୍ ସେସନ ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି। ଛାତ୍ରୀଛାତ୍ରମାନେ ଏହି ପରୀକ୍ଷା ପାଇଁ ୱେବ୍‌ସାଇଟ ମାଧ୍ୟମରେ ପଞ୍ଜୀକରଣ କରିପାରିବେ। ଫର୍ମ ପଞ୍ଜୀକରଣ କରିବାର ଶେଷ ତାରିଖ ମେ ୭ ରହିଥିବା ବେଳେ ପରୀକ୍ଷା ନିମନ୍ତେ ଆବଶ୍ୟକ ଫି' ଜମା କରିବାର ସମୟସୀମା ମେ ୮ ରହିଛି। ଯଦି ଫର୍ମ ପଞ୍ଜୀକରଣ କରିବା ସମୟରେ କୌଣସି ଭୁଲ ହୁଏ ତେବେ ସଂଶୋଧନ ପାଇଁ ମେ ୯ରୁ ୧୦ ତାରିଖ ପର୍ଯ୍ୟନ୍ତ ୱେବ୍‌ସାଇଟ ଖୋଲା ରଖାଯିବ ବୋଲି ପ୍ରକାଶିତ ବିଜ୍ଞପ୍ତିରୁ ସୂଚନା ମିଳିଛି। ଆଡ୍‌ମିଟ୍ କାର୍ଡରେ ଉଲ୍ଲିଖିତ ଶିଫ୍ଟ ଉପରେ ଆଧାର କରି ୟୁଜିସି ନେଟ୍-୨୦୨୫ ପରୀକ୍ଷା ଜୁନ ୨୧ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପରୀକ୍ଷା ନିମନ୍ତେ ଏପର୍ଯ୍ୟନ୍ତ ଆଡମିଟ କାର୍ଡ ଏବଂ ସିଟି ସ୍ଲିପ ପାଇଁ ପ୍ରକାଶନ ତାରିଖ ଘୋଷଣା କରାଯାଇ ନାହିଁ। ଏହି ପରୀକ୍ଷା ଦେବା ଲାଗି ଅଣସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ୧୧୫୦, ଜେନେରାଲ ଇଡବ୍ଲ୍ୟୁଏସ୍/ ଓବିସି-ଏନ୍‌ସିଏଲ୍ ବର୍ଗର ପ୍ରାର୍ଥୀଙ୍କୁ ୬୦୦ ଏବଂ ଏସ୍‌ସି, ଏସ୍‌ଟି, ପିଡବ୍ଲ୍ୟୁଡି ଏବଂ ତୃତୀୟ ଲିଙ୍ଗ ବର୍ଗର ପ୍ରାର୍ଥୀଙ୍କୁ ୩୨୫ ଟଙ୍କା ଦେବାକୁ ପଡ଼ିବ। ୟୁଜିସି ନେଟ୍ ପରୀକ୍ଷାରେ ୮୫ଟି ପାଠ୍ୟକ୍ରମ ରହିଥିବା ବେଳେ ଏହାକୁ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ମୋଡ୍‌ରେ କରାଯିବ। ଏହି ପରୀକ୍ଷା ୩ ଘଣ୍ଟା ହେବ। ଛାତ୍ରୀଛାତ୍ରମାନେ ପେପର ୧ ଏବଂ ପେପର ୨ରେ ପରୀକ୍ଷା ଦେବେ। ଏହି ପରୀକ୍ଷାରେ କୌଣସି ନେଗେଟିଭ ମାର୍କିଂ ନାହିଁ ବୋଲି ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି।


## ଷଷ୍ଠ ଜନ୍ମଦିନ ଶୁଭେଚ୍ଛା



**ସମାଇରା ସାହୁ (ରିଦ୍ଧି)**
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାଆ, ଜେଜେବାପା, ଜେଜେମାଆ, ଦାଦୁ, ଦାଦି, ସା, ନାନା।
ଧ-୩୩୮

# ମନେ ପଡ଼ନ୍ତି

### ୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କୃଷ୍ଣମୋହନ ମହାନ୍ତି**
ଢାଉରଙ୍ଗ ସାହି, ସାକ୍ଷୀଗୋପାଳ, ପୁରୀ
ତିରୋଧାନ: ପବିତ୍ର ଅକ୍ଷୟତୃତୀୟା
ଆପଣଙ୍କ ଅମରାତ୍ମା ଶାନ୍ତିରେ ରହିଥାଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ: ପଙ୍କୁ, ଝିଅ-ଜ୍ୱାଇଁ, ପୁଅ-ବୋହୂ, ନାତୁଣୀ-ନାତି ଓ ଆତ୍ମୀୟସ୍ୱଜନମାନେ।
ଧ-୭୫୩୮୨

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସ୍ୱର୍ଣ୍ଣପ୍ରଭା ମହାନ୍ତି**
ପାରିବାସୁଦେଇପୁର, ବାଲିଅନ୍ତା, ଖୋର୍ଦ୍ଧା
ଆବିର୍ଭାବ: ୧୦।୦୬।୧୯୫୪
ତିରୋଧାନ: ୧୦।୦୫।୨୦୨୪
(ପବିତ୍ର ଅକ୍ଷୟ ତୃତୀୟା ଦିନ)
ଚାହୁଁ ଚାହୁଁ ୧ବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମ୍ଭମାନଙ୍କୁ ଅସହାୟ କରିଛି। ଆରପାରିରୁ ତୁମେ ଆଶୀର୍ବାଦ କାମନା କରିବା ସଙ୍ଗେ ସଙ୍ଗେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ହତଭାଗ୍ୟ ସ୍ୱାମୀ: ଉମେଶ ମହାନ୍ତି, ପୁତ୍ର: ଦିଲ୍ଲୁ, ତପୁ, ଝିଅ: ବେବି, ରୋଜି, ବୋହୂ: ରିନୁ, ମିନୁ, ଜ୍ୱାଇଁ: ପ୍ରଦୀପ୍ତ, ବାପି ଓ ନାତିନାତୁଣୀମାନେ।
ଧ-୭୬୪୪୬

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବ୍ରହ୍ମାନନ୍ଦ ମିଶ୍ର**
ଆବିର୍ଭାବ ୨୮/୦୭/୧୯୩୨ ଶ୍ରାବଣ ଦଶମୀ
ତିରୋଧାନ ୨୮/୦୪/୨୦୧୭ ଅକ୍ଷୟ ତୃତୀୟା
ଆପଣଙ୍କ ଅବର୍ତ୍ତମାନକୁ ସହଜରେ ବିଶ୍ୱାସ କରିହୁଏନା। ଚାହୁଁ ଚାହୁଁ ଆଠ ବର୍ଷ ବିତିଗଲା। ହେ କର୍ମଯୋଗୀ ଆପଣଙ୍କ ପ୍ରଦର୍ଶିତ ସ୍ୱାଭିମାନ, ସରଳ ଜୀବନ ଯାପନ, ନିଷ୍ପାପର କର୍ତ୍ତବ୍ୟ କର୍ମ ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।
ଶୋକସନ୍ତପ୍ତ
ଆତ୍ମୀୟସ୍ୱଜନ, ବନ୍ଧୁବର୍ଗ, ଅଗଣିତ ଛାତ୍ର-ଛାତ୍ରୀ ଓ ପରିବାରବର୍ଗ
ଧ-୭୬୮୧୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଇଂ. ଆକାଶ ପଟ୍ଟନାୟକ (ପିଣ୍ଟୁ)**
ସ୍ଥାନ- କ୍ରିଷ୍ଣା ଗାର୍ଡେନ, ଫେଜ୍-୧, ଜାଗମରା, ଭୁବନେଶ୍ୱର
ଆବିର୍ଭାବ: ୧୮।୦୩।୧୯୮୯
ତିରୋଧାନ: ୧୦।୦୫।୨୦୨୪
କେଉଁ ପରୀ ରାଇଜରେ ରହିଗଲୁରେ ଆମକୁ ତୁ ପର କରି। ତୋର ଯେତେ ଆତ୍ମୀୟସ୍ୱଜନ ଝୁରୁଛୁ ତୋ ଗୁଣ ସୁମରି। ତୋର ସରଳ ସ୍ୱଭାବ, ସୁନ୍ଦର ବ୍ୟକ୍ତିତ୍ୱ ଓ କର୍ତ୍ତବ୍ୟନିଷ୍ଠା ଆମ ସମସ୍ତଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଲୁହର ଦୀପାଳି ଜାଳି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ସ୍ଥାନ ଦେବାକୁ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ: ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୩୧୫

# Classified Everyday

0674-2580101, 9692975378



## MATRIMONIAL

### GROOM WANTED

Beautiful Karan girl 1997, 5'4", B.Tech Serving Software Engineer CTS Bangalore. "SUNASANSAR". 9937512659. D-76263



## REAL ESTATE

### SALE

Duplex sale with gated society AIIMS Hospital, Bhubaneswar. 8455909543, 7735579312. D-76262

Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492. D-200

ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834. D-76261



## CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397

## TO LET

Ground Floor Single Room with attached Toilet available at VSS Nagar for office space- 7873657633. D-314

## LOST

I, Somanath Mahasuar, S/o- Late Gopabandhu Mahasuar, resident of Plot No.- 2095, Samantarapur, P.O.- Oldtown, P.S.- Shri Lingaraj, Bhubaneswar, Dist.- Khordha, Odisha. The Original Property documents pertaining to Khata No.- 239, Plot No.- 115, measuring Ac 0.300 decimals out of Ac 1.100 decimals and further out of Ac 2.334 decimals has been completely destroyed due to eaten up by White Ants and it is beyond recovery. The property was purchased from Amiya Kumar Dwibedi and the sale deed was registered at District Sub-registrar Office, Khordha at Bhubaneswar on 08.09.1993, vide registered sale deed No.- 4090. Contact No- 8895826499. D-324

## AFFIDAVIT

By virtue of an affidavit sworn before the Executive Magistrate, Muniguda on dated 05.04.2025 (Sl. No.- 467/25), I, Sudhir Kumar Pradhan, S/o- Saheb Pradhan, At- Telephone Exchange Line, Gandhinagar, P.O./P.S.- Rayagada, Dist.- Rayagada, PIN- 765001 declare that I have changed my son's name, who is minor (09 years) from Aayusha Pradhan to Aayush Pradhan. Henceforth, he shall be known as Aayush Pradhan for all purposes. D-325

By virtue of an affidavit sworn before 333, dated 30.01.2025, I, DROUPADI PARIDA, Address: At-Odasamal, P.O.- Tadasaramahan sapur, P.S.-Chandanpur, Dist.-Puri, PIN-752012, Odisha declare that I have changed my name from DROUPATI DEI to DROUPADI PARIDA. Henceforth, I shall be known as DROUPADI PARIDA for all purposes.
DROUPADI PARIDA
(New Name) D-326

By virtue of an affidavit sworn dt. 22.04.2025, Parbati Durga & Rajani Durga both are D/o- Gopi Durga, At- Dhoben, P.S.- Narla, Dist.- Kalahandi, Mouza- Dhoben, Khata No.- 172/36 jointly recorded Parbati Durga, Rajani Durga, D/o- Gopi Durga in Aadhaar No.- XXXX XXXX 1187 recorded as Nalini Suna and Aadhaar No.- XXXX XXXX 0476 recorded as Amruta Barik. Nalini Suna & Parbati Durga, D/o- Gopi Durga belongs to one & same person, Amruta Barik & Rajani Durga, D/o- Gopi Durga belongs to one & same person. D-327

By virtue of an affidavit sworn before Executive Magistrate, Bhubaneswar, dated 22.04.2025, I am Rojalin Mahasuar declared that myself Rojalin Panda, At- Old Town, P.O.- Bhubaneswar, P.S.- Sri Lingaraj, Dist.- Khurda, PIN- 751002 at present after marriage myself changed my surname Rojalin Panda to Rojalin Mahasuar. The above two name are one and same. Henceforth I shall be known as Rojalin Mahasuar for all purpose. D-328

I, Mamata Debata, W/o- Ghanashyam Debata, resident Vill./P.O.- Arisandha, P.S.- Nimapada, Dist.- Puri, Odisha declared by this affidavit Sl. No.-24, Date- 8.04.2025 that now onwards I shall be known as Mamata Sawn for all future purposes. D-336

I, BHUBANANDA BHOI, S/o- KRUSHNA CHANDRA BHOI, R/o. AT/P.O.- Kabrapali, P.S.- Sadar, District.- Sambalpur, PIN- 768112, Odisha declare by this affidavit No.- 7757, dt.28.04.2025 that now onwards I shall be known as BHUBANA NANDA BHOI for all future purposes. D-329

By virtue of an affidavit CF No.-283, dated 29.04.2025 sworn before the Executive Magistrate, Sambalpur, I, Jalli Manjari Pradhan, W/o- Santosh Kumar Pradhan, R/o. Apartment No.-204, City Pride, Farm Road, Modipada, P.S.-Town, Dist.- Sambalpur declared that my name has been wrongly mentioned as Jolly Manjari Pradhan instead of Jalli Manjari Pradhan in the Educational Certificate of my daughter Ankita Pradhan vide Certificate Sl. No.- SSE/2013-0160295. That both Jalli Manjari Pradhan and Jolly Manjari Pradhan is the name of one and same person. D-330

By virtue of an affidavit sworn before the Notary Public, Kalahandi, dt. 16.04.2025, Niad Dip, W/o- Arjun Dip, D/o- Dengu Harijan, At- Balsinga, P.S.- Narla, Dist.- Kalahandi, Mouza- Balsinga, Khata No.- 194 recorded as Miad Harijan, D/o- Dengu Harijan in Aadhaar No.- XXXX XXXX 3317 recorded as Niad Dip, W/o- Arjun Dip. Niad Dip & Miad Harijan, D/o- Dengu Harijan belongs to one & same person. D-331

By virtue of an affidavit sworn before the Notary Public, Sambalpur, I, Soumyashree Nayak, D/o- Subodh Kumar Nayak, R/o. At./P.O.- Padiabahal, P.S.- Sadar, Dist.- Sambalpur, PIN- 768112 declare that in Matric Pass Certificate and Mark Sheet my mother's name has been wrongly mentioned as Jyoshmayee Nayak instead of Jyoshnamayee Nayak. That both the names is the name of one and same person. D-333

By virtue of an affidavit before Notary Public, Kantabanji on 29.4.2025 formerly I known as Anami Suna, D/o- Basudeb Suna which is mentioned in my Aadhaar Card, S.B.Account of Bank of Baroda, Kantabanji Branch and after marriage to Ghanashyam Bag my name is written as Keshari Bag, W/o- Ghanashyam Bag which is also updated my Aadhaar Card and now I treated as Keshari Bag W/o- Ghanashyam Bag and Anami Suna, D/o- Basudeb Suna of Village- Patimal, P.O.-Khagsa, P.S.- Kantabanji, Dist.- Balangir is same and one person and from today I will be known as Keshari Bag, W/o- Ghanashyam Bag in all purposes. D-334

By virtue of an affidavit sworn before the Executive Magistrate, Bhubaneswar, dated-28.04.2025, I, Nirupama Swain, Address: At-Kaithagadia, Jamusahi, Ranapur, Dist.-Nayagarh, PIN-752079, Odisha declare that I have changed my name from Nirupama Pradhan to Nirupama Swain. Henceforth, I shall be known as Nirupama Swain for all future purposes.
(Nirupama Swain) D-76817

By virtue of an affidavit before the Notary, Purushottampur, Ganjam, affidavit No.- A-22, dtd. 29.04.2025, I, Subhra Pati, W/o- Kamala Kanta Padhi of Village/P.O.- Ranajhalli, P.S.- Purushottampur, Dist.- Ganjam, Odisha, 761018 I declared that Subhra Pati and Subhra Padhi is one and same person in our locality. Henceforth, I shall be known as Subhra Pati, W/o- Kamala Kanta Padhi for all purpose. D-335

By virtue of an affidavit sworn before Executive Magistrate, Bhadrak, dated 06.03.2025, I, Prasanta Kumar Das, Village- Bankasahi, P.O./P.S./Dist.- Bhadrak, PIN- 756100 declare that I have changed my daughter's name from Pratiksha Das to Pranvi Das. Henceforth, she shall be known as Pranvi Das for all purposes.
Prasanta Kumar Das D-337

By virtue of an affidavit sworn before the Notary Public, Kalahandi dt. 16.04.2025, Purnami Rana, D/o- Narasingha Rana, At/P.O.- Ulikupa, P.S.- Narla, Dist.- Kalahandi, Mouza- Ulikupa, Khata No.- 29 recorded as Putani Rana, D/o- Narasingha Rana in Aadhaar No.- XXXX XXXX 0992 and her mother's Legal Heir Certificate recorded as Purnami Rana. Purnami Rana & Putani Rana, D/o- Narasingha Rana belongs to one & same person. D-332

I, Anjali Mahakur, D/o- Shridhara Karan, R/o. At- Pipalpadar, P.O.- Dhandamal, P.S./ Tahasil- Deogaon, Dist.- Balangir (Odisha), PIN- 767029 declare by this affidavit No.- 2790, dated 13.03.25 I have changed my former name from Anjali Khamari to Anjali Mahakur. Now onwards I shall be known as Anjali Mahakur for all purposes. D-339

I, Jharana Kharsel, D/o- Naga Rout, R/o. At./ P.O.- Mahimunda, P.S./ Tahasil- Puintala, Dist.- Balangir (Odisha), PIN- 767002 declare by this affidavit No.-380, dated 11.01.25, I have changed my former name from Dhain Kharsel to Jharana Kharsel. Now onwards I shall be known as Jharana Kharsel for all purposes. D-340

I, Sriya Mahakur, D/o- Chakradhar Mahakur, R/o At- Pipalpadar, P.O.- Dhandamal, P.S./ Tahasil- Deogaon, Dist.- Balangir (Odisha), PIN- 767029 declare by this affidavit No.- 2789, dated 13.03.25, I have changed my former name from Sriya Khamari to Sriya Mahakur. Now onwards I shall be known as Sriya Mahakur for all purposes. D-341

I, Bhumisuta Mahakur, D/o- Jahanath Dangr, R/o. At- Pipalpadar, P.O.- Dhandamal, P.S./ Tahasil- Deogaon, Dist.- Balangir (Odisha), PIN- 767029 declare by this affidavit No. 2791, dated 13.03.25, I have changed my former name from Bhumisuta Khamari to Bhumisuta Mahakur. Now onwards I shall be known as Bhumisuta Mahakur for all purposes. D-342


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ନିୟନ୍ତ୍ରଣ



ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ। କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

## ଭେଣ୍ଡି ବିହନ ଲଗାଇବା ସମୟରେ...



ଭେଣ୍ଡି ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ । ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ । ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ । ଅଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ଚୟନ କରନ୍ତୁ। ସେଗୁଡ଼ିକ ମଧ୍ୟରେ ରହିଛି- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪ । ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି.x ୩୦ ସେ.ମି. ରହିବା ଦରକାର । ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଭେଣ୍ଡି ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ ।

# ଡାଲୁଅ ଧାନ କାଟିବା ପୂର୍ବରୁ...

**ମେ' ମାସର କୃଷି ସୂଚନା**



ଡାଲୁଅ ଧାନର ଶତକଡ଼ା ୮୦ରୁ ୮୫ ଭାଗ କେଣ୍ଡା ପାଚିଯାଇଥିଲେ ଧାନ କାଟି ଦିଅନ୍ତୁ । ଧାନ କାଟିବା ପୂର୍ବରୁ ଶେଷ ଥର ପାଇଁ ବିଲରେ ଥିବା ମିଶା ଧାନ ବାଛି ଦିଅନ୍ତୁ। ଧାନ କାଟିବାର ୭ ଦିନ ପୂର୍ବରୁ କିଆରିରୁ ପାଣି ଶୁଖାଇ ଦିଅନ୍ତୁ । ଧାନ ଅମଳ ପରେ ୩-୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ଜମିର କିସମ ଅନୁସାରେ ଖରିଫ୍ ଧାନ ଚାଷ ପାଇଁ ଉପଯୁକ୍ତ ଅଧିକ ଅମଳକ୍ଷମ ଧାନବିହନ ସଂଗ୍ରହ କରନ୍ତୁ । କଟା ହୋଇ ନ ଥିବା ଡାଲୁଅ ଧାନରେ ଯେଉଁ ଅଞ୍ଚଳରେ ମାଟିଆ ଗୁଣ୍ଡି ବା ଚକଡ଼ା ପୋକ ଆକ୍ରମଣ ଦେଖାଯାଉଛି, ସେହି ସ୍ଥାନରେ ଆକ୍ରାନ୍ତ କ୍ଷେତରୁ ପାଣି କାଟି ଶୁଖାଇ ଦିଅନ୍ତୁ। ପ୍ରତି ୬ ଫୁଟ ବ୍ୟବଧାନରେ ପୂର୍ବ-ପଶ୍ଚିମ କରି ଧାନ ଗଛକୁ ଦୁଇପଟକୁ ଆଡ଼େଇ ଦେଇ ପାଖି କାଟନ୍ତୁ। ଗଛ ମୂଳକୁ ଲକ୍ଷ୍ୟ କରି ହେକ୍ଟର ପ୍ରତି ଫ୍ଲୋନିକାମିଡ୍ ୧୫୦ ଗ୍ରାମ୍ କିମ୍ବା ଡାଇନୋଟେଫ୍ୟୁରାନ୍ ୨୦୦ ଗ୍ରାମ୍ କିମ୍ବା ପାଇମେଟ୍ରୋଜିନ୍ ୩୦୦ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଡାଲି**

ମୁଗ ଓ ବିରି ଫସଲରେ ଛୁଇଁ ୮୦ ରୁ ୮୫ ଭାଗ ପାକଳ ହୋଇଥିଲେ ଅମଳ କରିଦିଅନ୍ତୁ । ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ସାଇତି ରଖନ୍ତୁ । ଖରାଟିଆ ବିରି ଓ ମୁଗ ଫୁଲଫଳ ଅବସ୍ଥାରେ ଥିଲେ ହାଲୁକା ଜଳସେଚନ କରନ୍ତୁ ।

**ନଳିତା**

ଏପ୍ରିଲ୍ ମାସରେ ବୁଣାଯାଇଥିବା ନଳିତା ୧୫ ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ ଓ ଗଛ ବହଳିଆ ହୋଇଥିଲେ ଗଛକୁ ଗଛ ୮ ସେ.ମି.ରୁ ୧୦ ସେ.ମି. ରଖି ପତଳା କରିଦିଅନ୍ତୁ । ନଳିତା ଗଛ ୧୧-୨୦ ଦିନ ହୋଇଗଲେ ଏକବୀଜପତ୍ରୀ ଘାସକୁ ନିୟନ୍ତ୍ରଣ କରିବା ପାଇଁ ଫସଲକୁ ୧୫-୨୦ ଦିନ ସମୟରେ ଟର୍ଗାସୁପର ତୃଣନାଶକ ୨ ମି.ଲି. x ଧନୁଭିଟ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଆଖୁ**

ଜଳସେଚନର ସୁବିଧା ଥିଲେ ଜମିକୁ କୋଡ଼ାଖୁସା କରି ହୁଡ଼ା ଟେକା ପୂର୍ବର ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର (୬୫ କି.ଗ୍ରା./ହେକ୍ଟର) ପ୍ରୟୋଗ କରନ୍ତୁ । ଜଳସେଚନର ସୁବିଧା ନ ଥିଲେ ପ୍ରଥମ ବର୍ଷା ପରେ ଏହି ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର ପ୍ରୟୋଗ କରି ହୁଡ଼ା ଟେକିବେ ।

**ତୈଳବୀଜ ଫସଲ**

**ରାଶି**

ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ। ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୦.୫ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫% ଏସ୍‌ଜି ମିଶାଇ ପ୍ରୟୋଗ କରନ୍ତୁ । ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖିଆସିଲେ ରାଶି ଅମଳ କରନ୍ତୁ।

**ଚିନାବାଦାମ**

ଚିନାବାଦାମ ଫସଲ ପାକଳ ହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ ଦେଇ ଅମଳ କରନ୍ତୁ ।

**ସୂର୍ଯ୍ୟମୁଖୀ**

ସୂର୍ଯ୍ୟମୁଖୀରେ କଳଙ୍କିରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଜୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ। ପତ୍ରଚିତା ରୋଗ ଥିଲେ ମଧ୍ୟ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପରଅକ୍ସିକ୍ଲୋରାଇଡ୍ / ଥାୟୋଫ୍ୟାନେଟ୍ ମିଥାଇଲ୍ ୧ ଗ୍ରାମ୍ / ଲିଟର ମିଶାଇ ସିଞ୍ଚନ କରନ୍ତୁ ।

**ପନିପରିବା ଚାଷ**

ଖରାଟିଆ ପନିପରିବା ଫସଲରେ ଜଳସେଚନ ଓ ରୋଗପୋକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦିଅନ୍ତୁ । ଶାଗ ଫସଲରୁ ଅଧିକ ଅମଳ ପାଇଁ ଜିଆଖତ ବ୍ୟବହାର କରି ମାଟିର ବତର ଅନୁସାରେ ଜଳସେଚନ କରନ୍ତୁ । ତରଭୁଜ ଅମଳ ପରେ ଜଳସେଚନର ସୁବିଧା ଥିଲେ ସେହି ଜମିରେ ଶାଗ, ପୋଇ, ବାଇଗଣ, ଗୁଆଁର, ଲଙ୍କା, ଭେଣ୍ଡି ଇତ୍ୟାଦି ଚାଷ କରନ୍ତୁ । ବର୍ଷା ଦିନରେ ବାଇଗଣ ଓ ଲଙ୍କାଚାଷ କରିବା ପାଇଁ ଚାରା ପକାନ୍ତୁ । ବାଇଗଣ ଓ ଲଙ୍କା ଚାରାର ଚେରକୁ ମିଶ୍ରିତ ଔଷଧ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ବିଶୋଧନ କରି ଲଗାନ୍ତୁ (ମିଶ୍ରିତ ଔଷଧ ଦ୍ରବଣରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧.୫ ଗ୍ରାମ୍ ଏବଂ କାର୍ବେଣ୍ଡାଜିମ୍ ୨୦ ଗ୍ରାମ୍ ୧୦ ଲିଟର ପାଣିରେ ମିଶାଇବେ)। କଲରା, କାକୁଡ଼ି, ଜହ୍ନି, ପୋଟଳ, ଲାଉ ଫସଲରେ ପତ୍ର ହଳଦିଆ ଦେଖାଦେଲେ ଶୀଘ୍ର ପ୍ରତିକାର ବ୍ୟବସ୍ଥା କରନ୍ତୁ ।

**ମସଲା ଜାତୀୟ ଫସଲ**

ବର୍ତ୍ତମାନ ଅଦା ଓ ହଳଦୀ ଲଗାଇବାର ପ୍ରକୃଷ୍ଟ ସମୟ । ଜମି ପ୍ରସ୍ତୁତ କରି ଅଦା ଓ ହଳଦୀ ଲଗାନ୍ତୁ । ଅନୁମୋଦିତ ଅଦା କିସମଗୁଡ଼ିକ ହେଲା- ସୁରଭି, ସୁରୁଚି, ସୁପ୍ରଭା । ବିହନର ପରିମାଣ ହେକ୍ଟର ପ୍ରତି ୧୫ରୁ ୧୭ କୁଇଣ୍ଟାଲ୍ । ଅନୁମୋଦିତ ହଳଦୀ କିସମଗୁଡ଼ିକ ହେଲା - ରଙ୍ଗ, ସୁରମା, ରୋମା, ରଶ୍ମି । ବିହନର ପରିମାଣ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ୍ ।

**ଗୋପାଳନ**

ଅଂଶୁଘାତ ପାଇଁ ସତର୍କ ଓ ସାବଧାନ ରୁହନ୍ତୁ । ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ । ଗୁହାଳକୁ ଥଣ୍ଡା ରଖିବା ସହିତ ସଙ୍କର ଜାତୀୟ ଗାଈ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ । ଖାଦ୍ୟରେ ୩୦-୫୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ। ଦିନ ୧୦ଟା ପରେ ଗୋରୁଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଜୁନ୍ ମାସରେ ବର୍ଷା ଆସିଯିବ ଓ ବର୍ଷାଋତୁରେ ସାହାଣ ଓ ବଜବଜିଆ ରୋଗ ଅଧିକ ହୁଏ। ତେଣୁ ବର୍ଷାଋତୁ ପୂର୍ବରୁ ମେ ମାସରେ ସମସ୍ତ ଗାଈ, ବଳଦ ଓ ମଇଁଷିଙ୍କୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ସାହାଣ, ବଜବଜିଆ ଓ ଫାଟୁଆ ରୋଗର ଟିକା ଦିଅନ୍ତୁ । ଦାନାକୁ ଯଥା ସମ୍ଭବ ସନ୍ଧ୍ୟା ସମୟରେ ଦେବାକୁ ଚେଷ୍ଟା କରନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର

## ଅଦା-ହଳଦୀ ଲଗାଇବା ପ୍ରଣାଳୀ



ଅଦା-ହଳଦୀ ଲଗାଇବା ସମୟରେ ଏକମିଟର ଚଉଡ଼ା ଓ ୨୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ । ଦୁଇ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ । ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ଏକ ମାସ ପୂର୍ବରୁ ଜମି ପ୍ରସ୍ତୁତ କରି ଖରାପଡ଼ିବାକୁ ଦିଆଯିବା ଉଚିତ । ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଙ୍ଗ୍) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ । ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।

## କୃଷି ଅନୁକୂଳ ପର୍ବ-ଅକ୍ଷୟ ତୃତୀୟା



ଡା. ବୀରକିଶୋର ପରିଡ଼ା

ପ୍ରତିବର୍ଷ ପରି ଚଳିତବର୍ଷ ଏପ୍ରିଲ ୩୦ ବୁଧବାର ଆମ ରାଜ୍ୟ ତଥା ଦେଶରେ ଏହି ମହାନ୍ କୃଷିଭିତ୍ତିକ ପର୍ବ 'ଅକ୍ଷୟ ତୃତୀୟା' ଉତ୍ସବ ପାରମ୍ପରିକ ରୀତିରେ ପାଳନ କରାଯାଉଛି। ବୈଶାଖ ଶୁକ୍ଳପକ୍ଷ ତୃତୀୟା ତିଥିରେ ଏହି ମହାନ୍ ପବିତ୍ର ପର୍ବକୁ ଅକ୍ଷୟ ତୃତୀୟା ଦିବସ ଭାବେ ଆମ ଚାଷୀଭାଇମାନେ ପାରମ୍ପରିକ ରୀତିରେ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି। ହଳ ଲଙ୍ଗଳ ହେଉଛି କୃଷି କାର୍ଯ୍ୟର ପ୍ରତୀକ ଏବଂ ପ୍ରଭୁ ଶ୍ରୀକୃଷ୍ଣଙ୍କ ଅଗ୍ରଜ ବଳଦେବଙ୍କର ମୁଖ୍ୟ ଆୟୁଧ। ବଳଦ ହେଉଛି ଆମର ଅନ୍ନଦାତା। ଆମ ରାଜ୍ୟ ତଥା ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ନେଇ କୃଷି ଓ କୃଷକର ଗୁରୁତ୍ୱକୁ ଉପଲବ୍ଧ କରି ଏହି ଦିବସଟିକୁ କୃଷକ ଦିବସ ରୂପେ ପାଳନ କରାଯାଇ ଆସୁଅଛି। ସାଧାରଣତଃ ଖରିଫ୍ ଋତୁ ଏହି ପବିତ୍ର ଦିବସ ଅକ୍ଷୟ ତୃତୀୟାଠାରୁ ହିଁ ଆରମ୍ଭ ହୋଇଥାଏ। ଏହି ପବିତ୍ର ପର୍ବ ଦିନ କୃଷକମାନଙ୍କର ଧାନ କ୍ଷେତରେ ଅଖିମୁଠି ଅନୁକୂଳ ହୁଏ । ଗୋଟିଏ କିଆରିରେ ପୁରୁଷାନୁକ୍ରମିକ ଭାବେ ସବୁ ବର୍ଷ ଅଖିମୁଠି ପଡ଼େ। ଏହାକୁ ଅଖିମୁଠି କିଆରି କୁହାଯାଏ। ଏହିଦିନ କୃଷକଙ୍କ ଗୃହିଣୀ ବାଡ଼ି, ବଗିଚା



ଓ ଅଗଣାରେ ନାନାପ୍ରକାର ଫଳଗଛ ସହିତ ପନିପରିବା ମଞ୍ଜି ଲଗାଇ ସେଗୁଡିକରୁ ଫଳ ପାଇବା ଆଶାରେ ବସୁମତୀଙ୍କୁ ପ୍ରଣାମ କରେ।

ଆମ ରାଜ୍ୟରେ ଆଗରୁ ଯେଭଳି ଚାଷୀଙ୍କ ଘରେ ଘରେ ବଡ଼ ବଡ଼ ହଳ ବଳଦମାନ ଗାଁ ଦାଣ୍ଡରେ ବନ୍ଧାହେବାର ଦେଖାଯାଉଥିଲା, ତାହା ଏବେ ଆଉ ଦେଖାଯାଉ ନାହିଁ। ବଳଦ ଗାଁରେ ଖୋଜିଲେ ଆଉ ମିଳୁନାହିଁ କହିଲେ ଚଳେ । ଗାଁମାନଙ୍କରେ ଟ୍ରାକ୍ଟର ଦ୍ୱାରା ଚାଷ କାର୍ଯ୍ୟକୁ ଚାଷୀଭାଇ ମାନେ ପ୍ରାୟ ଆଦରି ନେଉଛନ୍ତି। ବର୍ତ୍ତମାନ ବଳଦ ଦ୍ୱାରା ଗଭୀର ଚାଷ ପ୍ରଣାଳୀ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। କୃଷକର ଉନ୍ନତି ନିମନ୍ତେ ସରକାର ବଦ୍ଧ ପରିକର । ସେଥିପାଇଁ ରାଜ୍ୟ ସରକାର କୃଷି ବିଭାଗକୁ 'କୃଷି ଓ କୃଷକ ସଶକ୍ତୀକରଣ ବିଭାଗ' ନାମରେ ନାମିତ କରିଛନ୍ତି । ଆମ ରାଜ୍ୟର କୃଷି ବୈଜ୍ଞାନିକ ଓ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ, କୃଷକ ଭାଇମାନଙ୍କ ଅକ୍ଳାନ୍ତ ପରିଶ୍ରମରୁ ଆଜି ଆମ ରାଜ୍ୟ କୃଷି ଉତ୍ପାଦନ କ୍ଷେତ୍ରରେ ବିଭିନ୍ନ ସମ୍ମାନର ଅଧିକାରୀ ହେବା ସମ୍ଭବପର ହୋଇପାରିଛି।

ଆମ ରାଜ୍ୟରେ କୃଷକମାନଙ୍କର ସର୍ବାଙ୍ଗୀନ ଉନ୍ନତି ସହିତ କୃଷିର ବିକାଶ ପାଇଁ କର୍ନାଟକ ପରେ ଆମ ରାଜ୍ୟ ସରକାର ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରିଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ପଦକ୍ଷେପ । ଏହା ଫଳରେ କୃଷି ଓ କୃଷକର ବିକାଶ ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । କୃଷି ଓ କୃଷକର ଉନ୍ନତି ସହିତ ଆମ ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି ।

ଅକ୍ଷୟ ତୃତୀୟା ଦିନ ପ୍ରାତଃ ସକାଳେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଭୂମିପୂଜା, ଅଖିମୁଠି ଅନୁକୂଳ, ଭଜନ କୀର୍ତ୍ତନ, ସଭା ଓ କୃଷକମାନଙ୍କ ସମ୍ବର୍ଦ୍ଧନା ପ୍ରଦାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ତେଣୁ ଆମ ରାଜ୍ୟର ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ ପରିବର୍ତ୍ତିତ ଜଳବାୟୁକୁ ଆଖିଆଗରେ ରଖି ଦୃଢ଼ ମନୋବଳ ନେଇ ଚାଷକାର୍ଯ୍ୟ ଅବ୍ୟାହତ ରଖିବା ପାରିଲେ ଏହି ଅକ୍ଷୟ ତୃତୀୟା ଉତ୍ସବର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବା ସହିତ ଆମ ରାଜ୍ୟ ସର୍ବଭାରତୀୟ ସ୍ତରରେ କୃଷି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ରୂପେ ପରିଗଣିତ ହୋଇପାରିବ।

-ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## କୁକୁଡ଼ା ଘରର ଯତ୍ନ



କୁକୁଡ଼ା ଓ ବତକ ଘରକୁ ଶୁଖିଲା, ଥଣ୍ଡା ରଖନ୍ତୁ ଓ ମୁକ୍ତ ପବନ ଯିବା ଆସିବାର ସୁବିଧା କରନ୍ତୁ । ସନ୍ତୁଳିତ ଦାନା ତଥା ନିର୍ମଳ ଥଣ୍ଡା ପାଣି ଅଧିକ ପରିମାଣରେ ପିଇବାକୁ ଦିଅନ୍ତୁ । ଦିନକୁ ୨ ରୁ ୩ ଥର ପାଣି ବଦଳାନ୍ତୁ। ଦିନ ୧୧ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ା ଘର ଜାଲିରେ ଓଦାଅଖା ଟାଣନ୍ତୁ। ଦୁଇ ମାସରୁ ଅଧିକ ବୟସର ସବୁ କୁକୁଡ଼ାଙ୍କୁ ଆର୍.ଟୁ.ବି. ଟିକା ଦିଅନ୍ତୁ। ଦାନାକୁ ଯଥା ସମ୍ଭବ ସକାଳୁ ଏବଂ ସଂଧ୍ୟା ସମୟରେ ଦିଅନ୍ତୁ। ଦିନ ୧୦ଟା ପରେ ଦାନା ଦିଅନ୍ତୁ ନାହିଁ।

## ଛେଳିଙ୍କୁ ଟିକାକରଣ

ବର୍ତ୍ତମାନ ଗ୍ରୀଷ୍ମ ଦିନ। ତେଣୁ ଛେଳି ଓ ମେଣ୍ଢାଙ୍କୁ ଥଣ୍ଡା ପରିବେଶରେ ରଖନ୍ତୁ। ଦିନ ୧୦ଟା ପରେ ପଡ଼ିଆକୁ ଚରିବାକୁ ଛାଡ଼ନ୍ତୁ ନାହିଁ । ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ। ପି.ପି.ଆର୍. ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୧୦ ରୁ ୨୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଓ ମେଣ୍ଢାମାନେ ଦିନସାରା ଚରିଲେ ମଧ୍ୟ ମେ ମାସରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଏହି ମାସରେ ଦିନକୁ ୧୦୦ ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ।

## ଲୋଟଣି ଜାତୀୟ ଚିନାବାଦାମ ଚାଷ

ଲୋଟଣିଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ । ପ୍ରଥମେ ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୬୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ ।



## ମାଛଚାଷ ପାଇଁ ପୋଖରୀ ପ୍ରସ୍ତୁତି



ପୋଖରୀର ପାଣି ସ୍ତର କମିଗଲେ ପାଣି ଭର୍ତ୍ତି କରନ୍ତୁ । ଏକ ଏକର ବିଶିଷ୍ଟ ମାଛଚାଷ ପୋଖରୀରେ ପ୍ରତ୍ୟେକ ଦିନ ୩ କି.ଗ୍ରା. ୫୦୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୫୦୦ ଗ୍ରାମ୍ ଚିନାବାଦାମ ପିଡ଼ିଆ ମିଶ୍ରଣକୁ ପୋଖରୀରେ ପ୍ରୟୋଗ କରନ୍ତୁ । ବର୍ଷିକିଆ ଯାଆଁଳ ଚାଷ ପାଇଁ ଆଗ୍ରହୀ ଚାଷୀମାନେ ପୋଖରୀକୁ ଶୁଖାଇ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ। ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାରର ଜାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ । ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୁଚାରୁ ରୂପେ ବଢ଼ିଥାନ୍ତି ।

# ବନ୍ତଳା ଦମକଳ କେନ୍ଦ୍ର: ଶ୍ରେୟ ନେବାକୁ ରାଜନୀତି

ବନ୍ତଳା,୨୯।୪ (ସୁଶିତ ସାହୁ)



ଦମକଳ କେନ୍ଦ୍ର ନିକଟରେ ମଙ୍ଗଳବାର ବିଜେଡି ପକ୍ଷରୁ ଶ୍ରେୟ ନେବା ପାଇଁ ନେତା ଓ କର୍ମୀମାନେ ବ୍ୟାନର ଧରିଛନ୍ତି।

ଅନୁଗୋଳ ଜିଲା ଅନୁଗୋଳ ବ୍ଲକ ବେଡ଼ାଶାସନ ପଞ୍ଚାୟତ ଗୋହିରାପଶିଠାରେ ଅସ୍ଥାୟୀ ସେଡ୍‌ରେ କାର୍ଯ୍ୟକ୍ଷମ ହୋଇଥିବା ଦମକଳ କେନ୍ଦ୍ରକୁ ନେଇ ଜୋର୍ ଧରିଛି ରାଜନୀତି। ବହୁ ପ୍ରତୀକ୍ଷିତ ଦମକଳ କେନ୍ଦ୍ର ପ୍ରତିଷ୍ଠାର ପ୍ରକୃତ ଶ୍ରେୟ କାହାର, ତାହାକୁ ନେଇ ଭାଜପା ଓ ବିଜେଡି ମଧ୍ୟରେ ଆରମ୍ଭ ହୋଇଛି କସରତ। ଏପରି କି ଉଭୟ ଦଳର କର୍ମୀଙ୍କ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ରାଜନୈତିକ ବୟାନବାଜି ଜାରି ରହିଥିବାରୁ ଏହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନାଯୋଗ୍ୟ, ଅନୁଗୋଳ ଜିଲା ମହୋତ୍ସବ ଉଦ୍‌ଘାଟନ ସମାରୋହରେ ଯୋଗଦେଇ ୨୬ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ତଳା ଦମକଳ କେନ୍ଦ୍ରକୁ ଆଭାସୀ ମାଧ୍ୟମରେ ଲୋକାର୍ପଣ କରିଥିଲେ। ଏହା ପରଦିନ ଅର୍ଥାତ୍ ୨୭ ତାରିଖରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ପହଞ୍ଚି ଦମକଳ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ୨୪ ବର୍ଷରେ ବିଜେଡି ଯାହା କରିପାରି ନ ଥିଲା, ମାତ୍ର ୧୧ ମାସରେ ଭାଜପା ସରକାର ତାହା କରି ଦେଖାଇଲେ ବୋଲି ସାଧାରଣରେ ବାର୍ତ୍ତା ଦେବାକୁ ଏହି ନେତାମାନେ ଚେଷ୍ଟା କରିଥିଲେ। ହେଲେ ଏହି ଉଦ୍‌ଘାଟନୀ ପର୍ବର ଦିନଟିଏ ପରେ ଏହାର ଶ୍ରେୟ ନେବାକୁ ଆଗେଇ ଆସିଛନ୍ତି ବିଜେଡିର ସ୍ଥାନୀୟ ନେତୃବର୍ଗ। ମଙ୍ଗଳବାର ଦମକଳ କେନ୍ଦ୍ର ନିକଟରେ ବିଜୁ ଜନତା ଦଳର ଯୁବନେତା ଅରୁଣାଭ ସିଂହଙ୍କ ଆହ୍ୱାନରେ ଏକ ବୈଠକ କରାଯାଇ ବନ୍ତଳା ଅଞ୍ଚଳର ଦୀର୍ଘ ବର୍ଷର ଦାବି ଦମକଳ କେନ୍ଦ୍ର ସ୍ଥାପନ ପାଇଁ ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହ କରିଥିବା ପ୍ରଚେଷ୍ଟା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୩ ଅଗଷ୍ଟରେ ସରକାରୀ ଅନୁମୋଦନ ସହ ଅର୍ଥ ମଞ୍ଜୁରୀ କରିଥିଲେ ବୋଲି ଆଲୋଚନା କରିଥିଲେ। ଦମକଳ କେନ୍ଦ୍ର ପାଇଁ କର୍ମଚାରୀ ନିଯୁକ୍ତି ଓ ଗୃହ ନିର୍ମାଣ ନିମନ୍ତେ ପୂର୍ବ ବିଜେଡି ସରକାର ଅର୍ଥ ବିନିଯୋଗ ପାଇଁ ପଦକ୍ଷେପ ନେଇଥିଲେ ବୋଲି ଯୁବନେତା କର୍ମୀମାନଙ୍କୁ କହିବା ସହ ଏ ସମ୍ପର୍କିତ ସ୍ଲୋଗାନବାଜି ଦେଇଥିଲେ। ଦମକଳ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଶେଷ ଧନ୍ୟବାଦ ସହ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ୍ ସାହୁ, ବ୍ଲକ ବିଜେଡି ସଭାପତି ଦୁର୍ଯ୍ୟୋଧନ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ରାକେଶ ନନ୍ଦ, ବସଲା ପଞ୍ଚାୟତ ସଭାପତି ଭାବଗ୍ରାହୀ ସାହୁ, ବେଡ଼ାଶାସନ ପଞ୍ଚାୟତ ସଭାପତି ନିହାରକାନ୍ତ ସାହୁ, ସୁଜିତ ଗାହାଣ, ଦୟାନିଧି ସାହୁ, ଲୋକନାଥ ବେହେରା, ବିଜୟ ବେହେରା, ଚିଣ୍ଟୁ ସାହୁ, ଭୀମସେନ ସାହୁ, ସୁଶାନ୍ତ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଏ ସମ୍ପର୍କରେ ଜିଲା ଭାଜପା ସମ୍ପାଦକ ପ୍ରଭାତ ପ୍ରଧାନ କହିଛନ୍ତି, ବିଜେଡି କେବଳ କଥାରେ ଦମକଳ କେନ୍ଦ୍ର କଥା କହୁଛି। ସବୁ ଶ୍ରେୟ ଭାଜପାର। ବିଜେଡି ଯୁବନେତା ଅରୁଣାଭ ସିଂହ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନଙ୍କ ପାଇଁ ଦମକଳ କେନ୍ଦ୍ର ହୋଇଛି। ଏହାର ଶ୍ରେୟ କେବଳ ନବୀନଙ୍କୁ ଯିବ। ଭାଜପା କେବଳ ଗପ କହି ଲୋକଙ୍କୁ ଭୁଆଁ ବୁଲେଇ ଶିଖିଛି।

# ସ୍ୱତନ୍ତ୍ର ଅଧିବେଶନ ଲାଗି କଂଗ୍ରେସର ଆହ୍ୱାନ

**ଆତଙ୍କବାଦୀ ଆକ୍ରମଣ ଘଟଣା: ପ୍ରଧାନମନ୍ତ୍ରୀଙ୍କୁ ଖାର୍ଗେ, ମୁଖ୍ୟମନ୍ତ୍ରୀଙ୍କୁ କାଡାମଙ୍କ ପତ୍ର**

ଭୁବନେଶ୍ୱର,୨୯।୪(ରବିନାରାୟଣ ଜେନା)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ଏବେ କଂଗ୍ରେସ ପକ୍ଷରୁ ସ୍ୱତନ୍ତ୍ର ଅଧିବେଶନ ଆହୂତ ଲାଗି ଭାଜପା ସରକାରଙ୍କୁ ପତ୍ର ଲେଖି ଅନୁରୋଧ କରାଯାଇଛି। ଏନେଇ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋମବାର ପହଲଗାମ୍ ଆକ୍ରମଣ ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱତନ୍ତ୍ର ଅଧିବେଶନ ଲାଗି ପତ୍ର ଲେଖିଛନ୍ତି। ସେ ଦର୍ଶାଇଛନ୍ତି, ଏଭଳି ବର୍ବରୋଚିତ ଘଟଣାକୁ ନେଇ ତୁରନ୍ତ ଲୋକ ସଭା ଓ ରାଜ୍ୟ ସଭାରେ ସ୍ୱତନ୍ତ୍ର ଅଧିବେଶନ ବସିବାର ଆବଶ୍ୟକତା ରହିଛି।

ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଓଡ଼ିଶା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଲାଗି ଅନୁରୋଧ କରିଛନ୍ତି। କାଡାମ ପତ୍ରରେ ଦର୍ଶାଇଛନ୍ତି, ପହଲଗାମ୍‌ରେ ଚଳିତମାସ ୨୨ରେ ଘଟିଯାଇଥିବା ନରସଂହାର ସାରା ଦେଶ ତଥା ବିଶ୍ୱକୁ ସ୍ତମ୍ଭୀଭୂତ କରିଦେଇଛି। ସବୁଠାରୁ ଦୁଃଖଦ ଘଟଣା ହେଲା ଏହି ଆକ୍ରମଣରେ ଓଡ଼ିଶାର ଦୁଇଜଣଙ୍କ ଜୀବନ ଯାଇଛି। ତେଣୁ ରାଜନୈତିକ ଅଭିସନ୍ଧି ନ ରଖି କିଭଳି ମୃତକଙ୍କ ପରିବାରକୁ ଉଚିତ ସମ୍ମାନ, ସାହସ ଓ ନ୍ୟାୟ ମିଳିବ ତାକୁ ଦୃଷ୍ଟିରେ ରଖି ତୁରନ୍ତ ସ୍ୱତନ୍ତ୍ର ଅଧିବେଶନ ଆହୂତ ହେବାର ଆବଶ୍ୟକତା ରହିଛି ବୋଲି କାଡାମ କହିଛନ୍ତି। ସେ ଦର୍ଶାଇଛନ୍ତି, ସ୍ୱତନ୍ତ୍ର ଅଧିବେଶନ ଜରିଆରେ ବିଭିନ୍ନ ବିଧାନସଭା କ୍ଷେତ୍ରରୁ ପ୍ରତିନିଧିତ୍ୱ କରୁଥିବା ବିଧାୟକମାନେ ଏକତ୍ରିତ ହୋଇ ସେମାନଙ୍କର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିପାରିବେ। ଏହାସହିତ ମୃତକଙ୍କ ପରିବାର ପଛରେ ଶକ୍ତ ଭାବେ ସେମାନେ ଛିଡ଼ା ହୋଇଛନ୍ତି ବୋଲି ବାର୍ତ୍ତା ଯିବ ବୋଲି କାଡାମ କହିଛନ୍ତି।

# ସୂଚନା ଅଧିକାର ଆଇନ ଓ ସ୍ୱୟଂ-ପ୍ରକଟନୀୟ ସୂଚନା

ସୂଚନା ଅଧିକାର ଆଇନରେ ନାଗରିକମାନଙ୍କୁ ସୂଚନା ପ୍ରଦାନରେ ଦୁଇ ପ୍ରକାରର ବ୍ୟବସ୍ଥା ରହିଛି। ଗୋଟିଏ ଆଇନର ଧାରା-୪ ଓ ଅନ୍ୟଟି ଧାରା-୬। ଧାରା-୬ ଅନୁଯାୟୀ, ନାଗରିକଙ୍କୁ ସୂଚନା ପାଇଁ ଜନ କର୍ତ୍ତୃପକ୍ଷ (Public Authority)ଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ। କିନ୍ତୁ ଧାରା-୪ ଅନୁଯାୟୀ ପ୍ରତ୍ୟେକ ଜନ କର୍ତ୍ତୃପକ୍ଷ ବା ସରକାରୀ କାର୍ଯ୍ୟାଳୟ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ କାର୍ଯ୍ୟାଳୟ ସମ୍ପର୍କିତ ତଥ୍ୟ ତଥା ୧୭ ପ୍ରକାରର ସ୍ୱୟଂ-ପ୍ରକଟନୀୟ ସୂଚନା ପ୍ରକାଶ କରିବେ ଏବଂ ଅଧିକରୁ ଅଧିକ ତଥ୍ୟ ୱେବ୍‌ସାଇଟ୍‌ରେ ଜନସାଧାରଣଙ୍କ ଅବଗତି ନିମନ୍ତେ ସ୍ଥାନିତ କରିବେ। ଆଇନରେ ଏପରି ବ୍ୟବସ୍ଥା ରଖିବାର ଉଦ୍ଦେଶ୍ୟ ହେଉଛି, ଏହାଦ୍ୱାରା ନାଗରିକମାନେ ଅତ୍ୟନ୍ତ ସହଜ ଉପାୟରେ ତଥ୍ୟ ହାସଲ କରିପାରିବେ। ସେମାନଙ୍କୁ ସୂଚନା ପାଇବା ପାଇଁ ବାରମ୍ବାର ଦରଖାସ୍ତ କରିବାକୁ ପଡ଼ିବ ନାହିଁ।

ସ୍ୱୟଂ-ପ୍ରକଟନୀୟ ସୂଚନାଗୁଡ଼ିକ ହେଲା- ଜନ କର୍ତ୍ତୃପକ୍ଷର ପ୍ରତିଷ୍ଠା ବା ଗଠନର ଲକ୍ଷ୍ୟ, ଏହାର କର୍ମଚାରୀ ଓ ଅଧିକାରୀମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା, ପ୍ରତି କାର୍ଯ୍ୟ ସମ୍ପାଦନ ପାଇଁ ବିହିତ ମାନଦଣ୍ଡ ସମୂହ, ଏହାର ବିଧିବିଧାନ, ଅଫିସ ମଧ୍ୟରେ କାର୍ଯ୍ୟ କରୁଥିବା କମିଟିମାନ ଏବଂ ସେଗୁଡ଼ିକର ବୈଠକ ଓ ନିଷ୍ପତ୍ତିଗୁଡ଼ିକ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ କି ନା ତହିଁର ତଥ୍ୟ, ପ୍ରତି ଅଫିସର ଓ କର୍ମଚାରୀଙ୍କୁ ମିଳୁଥିବା ମାସିକ ଦରମା, ଭତ୍ତା ଓ ଅନ୍ୟାନ୍ୟ ସୁବିଧାସୁଯୋଗ, ପ୍ରତି କାର୍ଯ୍ୟକ୍ରମର ହିସାବ ଓ ହିତାଧିକାରୀ ତାଲିକା, ସୂଚନା ଆଶାୟୀ ନାଗରିକଙ୍କ ପାଇଁ ଉପଲବ୍ଧ ସୁବିଧା ସୁଯୋଗ ତଥା ଜନ ସୂଚନା ଅଧିକାରୀଙ୍କ ନାମ, ପଦବୀ ଓ ଅନ୍ୟାନ୍ୟ ବିବରଣୀ ଇତ୍ୟାଦି। ପ୍ରତ୍ୟେକ ଜନ କର୍ତ୍ତୃପକ୍ଷ ଏହି ସ୍ୱୟଂ-ପ୍ରକଟନୀୟ ସୂଚନାଗୁଡ଼ିକ ଅନ୍ତତଃ ବର୍ଷକୁ ଥରେ ନବୀକରଣ କରିବେ। କୌଣସି ବ୍ୟକ୍ତି ଚାହିଁବା ମୁତାବକ ସେ ଏହିସବୁ ସୂଚନାକୁ ନିରୀକ୍ଷଣ ଓ ତତ୍କ୍ଷଣାତ୍ ସଂଗ୍ରହ କରିପାରିବେ। ଏହି ସୂଚନା ତାଙ୍କୁ ମାଗଣାରେ ବା କେବଳ ମୁଦ୍ରଣ ମୂଲ୍ୟ ବିନିମୟରେ ଯୋଗାଇ ଦିଆଯିବ। ଏହା ସହିତ ପ୍ରତ୍ୟେକ ଜନ କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱପୂର୍ଣ୍ଣ ନୀତି ନିର୍ଦ୍ଧାରଣ କଲାବେଳେ ବା ଜନସାଧାରଣଙ୍କୁ ପ୍ରଭାବିତ କରୁଥିବା ନିଷ୍ପତ୍ତିମାନ ଗ୍ରହଣ କଲାବେଳେ ସମସ୍ତ ପ୍ରାସଙ୍ଗିକ ତଥ୍ୟାବଳୀକୁ ସ୍ୱେଚ୍ଛାକୃତ ଭାବେ ପ୍ରକାଶନ କରାଇବେ {ଧାରା-୪(୧)(ସି)}। ପୁଣି ପ୍ରତି ଜନକର୍ତ୍ତୃପକ୍ଷ ତାଙ୍କର ପ୍ରଶାସନିକ ବା କଳ୍ପ-ନ୍ୟାୟିକ (Administrative or Quasi-Judicial Decision) ନିଷ୍ପତ୍ତିଗୁଡ଼ିକର ଯୌକ୍ତିକତା ବିଷୟରେ ପ୍ରଭାବିତ ଜନସାଧାରଣଙ୍କୁ ଅବଗତ କରାଇବେ {ଧାରା-୪(୧)(ଡି)}।

ସୂଚନା ଅଧିକାର ଆଇନର ଏହି ପ୍ରମୁଖ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଇବା ପାଇଁ ରାଜ୍ୟ ସରକାର କେତେଗୁଡ଼ିଏ ପଦକ୍ଷେପ ନେଇଛନ୍ତି, ଯଥା ଓଡ଼ିଶା ସୂଚନା ଅଧିକାର ସଂଶୋଧନ ନିୟମାବଳୀ ୨୦୦୬ ପ୍ରଣୟନ କରିଛନ୍ତି। ଏହି ନିୟମାବଳୀ ଅନୁଯାୟୀ ପ୍ରତି ଜନ କର୍ତ୍ତୃପକ୍ଷଙ୍କ ଦପ୍ତରକୁ ସ୍ୱୟଂ-ପ୍ରକଟନୀୟ ସୂଚନାଗୁଡ଼ିକୁ ନିରୀକ୍ଷଣ କରିବାକୁ ଆସୁଥିବା ନାଗରିକମାନଙ୍କର ସବିଶେଷ ବିବରଣୀ ଲିପିବଦ୍ଧ କରି ରଖିବା ପାଇଁ ଏକ ରେଜିଷ୍ଟର ରହିବ। ଧାରା ୬ (୧) ଅଧୀନରେ ମିଳିଥିବା ଓ ଫଇସଲା ହୋଇଥିବା ଦରଖାସ୍ତଗୁଡ଼ିକ ବିଷୟରେ ସବିଶେଷ ତଥ୍ୟାବଳୀ ଫର୍ମ- 'ଏଫ୍'ର ଏକ ରେଜିଷ୍ଟରରେ ଲିପିବଦ୍ଧ ରହିବ ଏବଂ ଏହି ରେଜିଷ୍ଟର ସର୍ବସାଧାରଣଙ୍କ ନିରୀକ୍ଷଣ ପାଇଁ ଉନ୍ମୁକ୍ତ ରଖାଯିବ। କିନ୍ତୁ ରାଜ୍ୟରେ ପ୍ରାୟ କୌଣସି ଜନକର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଏହା ଦେଖିବାକୁ ମିଳେ ନାହିଁ। ଏହିସବୁ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ଅଧିକାଂଶ ସରକାରୀ ଅଧିକାରୀଙ୍କ ମଧ୍ୟରେ ଆଗ୍ରହ ପରିଲକ୍ଷିତ ହେଉ ନ ଥିବା ଦେଖିବାକୁ ମିଳୁଛି।

ରାଜ୍ୟ ସରକାର ୨୦୧୦ ମସିହାରୁ ଏକ ୱେବସାଇଟ୍ www.rtiodisha.in. କରିଛନ୍ତି। ଏହି ୱେବସାଇଟ୍‌ରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟର ୧୭ ପ୍ରକାରର ସ୍ୱୟଂ-ପ୍ରକଟନୀୟ ସୂଚନାଗୁଡ଼ିକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶିତ କରାଯିବାର ବ୍ୟବସ୍ଥା ରହିଛି। ଫଳରେ ନାଗରିକମାନେ ବିନା ଦରଖାସ୍ତରେ ଅନେକ ତଥ୍ୟ ପାଇପାରିବେ। ଆଶ୍ଚର୍ଯ୍ୟର ବିଷୟ, ଏହି ୱେବସାଇଟ୍ ଦେଖିଲେ ଜଣାଯାଏ, ଅନେକ ସରକାରୀ କାର୍ଯ୍ୟାଳୟର ତଥ୍ୟ ପୁରୁଣାକାଳିଆ ଓ ତାହାର ନବୀକରଣ କରାଯାଉନାହିଁ। ସେହିପରି ଏହିସବୁ ତଥ୍ୟଗୁଡ଼ିକ ଓଡ଼ିଆ ଭାଷାରେ ପ୍ରକଟନ କରିବାର ବ୍ୟବସ୍ଥା ଥିଲାବେଳେ ସରକାରୀ ସ୍ତରରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇପାରୁ ନାହିଁ। ଏହି ସବୁ ତଥ୍ୟ ଏବେ ବି ଇଂଲିଶ ଭାଷାରେ ଅଛି, ଯାହାକି ସାଧାରଣ ନାଗରିକମାନଙ୍କ ପାଇଁ ବୋଧଗମ୍ୟ ନୁହେଁ।

**ନୀତି**

ଗତ କିଛି ଦିନ ତଳେ ରାଜ୍ୟ ସରକାର ବିଭିନ୍ନ ଜନ କର୍ତ୍ତୃପକ୍ଷ ଦ୍ୱାରା ପ୍ରକାଶିତ ସ୍ୱୟଂ-ପ୍ରକଟନୀୟ ସୂଚନାର ନିରୀକ୍ଷଣ କରିବା ଏବଂ ଏଥିରେ ଥିବା ତ୍ରୁଟିବିଚ୍ୟୁତିର ସୁଧାର ଆଣିବା ପାଇଁ ତୃତୀୟ ପକ୍ଷ ଅଡିଟ୍ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ଏବଂ ଏ ସମ୍ପର୍କରେ ସମସ୍ତ ବିଭାଗକୁ ଚିଠି କରାଯାଇ ବିଭିନ୍ନ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ଅଡିଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ସର୍ବସାଧାରଣରେ ପ୍ରଶ୍ନ ଉଠେ, ଯଦି କୌଣସି ଜନ କର୍ତ୍ତୃପକ୍ଷ ବା ସରକାରୀ କାର୍ଯ୍ୟାଳୟ ସ୍ୱୟଂ-ପ୍ରକଟନୀୟ ସୂଚନା ପ୍ରକାଶନ କରିବାରେ ଅବହେଳା କରିଥାଏ, ତେବେ ତାଙ୍କ ବିରୋଧରେ ଦଣ୍ଡବିଧାନ କରାଯାଇପାରିବ କି ନାହିଁ? ବାସ୍ତବରେ ସୂଚନା ଆଇନର ଧାରା ୨୦ରେ ପି.ଆଇ.ଓ.ଙ୍କ ବିରୋଧରେ ସୂଚନା କମିଶନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ବୋଲି ବ୍ୟବସ୍ଥା ରହିଛି।

ଆମ ରାଜ୍ୟରେ ସ୍ୱୟଂ-ପ୍ରକଟନୀୟ ସୂଚନା ପ୍ରଦାନ ବ୍ୟବସ୍ଥା ଏବେ ବି ଠିକ୍ ଭାବେ କ୍ରିୟାଶୀଳ ହୋଇପାରିନାହିଁ। ତେଣୁ ରାଜ୍ୟ ସରକାର ଓ ସୂଚନା କମିଶନ ଉଭୟ ଆଇନର ଏହି ପ୍ରମୁଖ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ। ଏହାଦ୍ୱାରା ସାଧାରଣ ଲୋକେ ସରକାରୀ ଦପ୍ତରଗୁଡ଼ିକୁ ଇନ୍‌ସ୍ପେକ୍ସନ କରି ସହଜରେ ସୂଚନା ପାଇପାରିବେ। ସେମାନଙ୍କୁ ସୂଚନା ପାଇବା ପାଇଁ ଆବେଦନ କରି ୩୦ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ।

- ପ୍ରଦୀପ ପ୍ରଧାନ
ରାଜ୍ୟ ଆବାହକ, ଓଡ଼ିଶା ସୂଚନା ଅଧିକାର ଅଭିଯାନ
ମୋ-୯୯୩୭୮୪୩୪୮୨

## ଅପରାଧ

# ଛାତ୍ରୀଛାତ୍ରଙ୍କ ଅଜାଣତରେ ଶିକ୍ଷା ଋଣ ଅଭିଯୋଗ

**କଳାହାଣ୍ଡି ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି**

ଭବାନୀପାଟଣା,୨୯।୪(ଉତ୍ତମ କୁମାର ଦାଶ)


ଏସ୍‌ପିଙ୍କୁ ଫେରାଦ ହେବାକୁ ଆସିଥିବା ଛାତ୍ରୀଛାତ୍ର।

ତଫସିଲଭୁକ୍ତ ଜାତି(ଏସ୍‌ସି) ଏବଂ ତଫସିଲଭୁକ୍ତ ଜନଜାତି(ଏସ୍‌ଟି) ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ସରକାର ଆର୍ଥିକ ସହାୟତା ଦେଉଛନ୍ତି। ଏହାଦ୍ୱାରା ସେମାନେ ପାଠପଢ଼ା ପ୍ରତି ଆକୃଷ୍ଟ ହୋଇ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ। ହେଲେ ଭବାନୀପାଟଣା ଉଦିତ ନାରାୟଣପୁରସ୍ଥିତ କଳାହାଣ୍ଡି ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (କେଏସ୍‌ଇଟି)ର ଏସ୍‌ସି ଏସ୍‌ଟି ପିଲାଙ୍କୁ ମିଳୁଥିବା ଟଙ୍କା ହଡ଼ପ କରାଯାଇଥିବା ନେଇ ସଙ୍ଗୀନ ଅଭିଯୋଗ ଆସିଛି। ଛାତ୍ରୀଛାତ୍ରଙ୍କ ଅଜଣାତରେ ଶିକ୍ଷାଋଣ କରାଯାଇ ଟଙ୍କା ଉଠାଯାଇଥିବା, ଅଧିକାଂଶ ପିଲା ହଷ୍ଟେଲରେ ରହୁଥିବା ଦର୍ଶାଇ ମିଳୁଥିବା ସରକାରୀ ସହାୟତା ଅର୍ଥ ଉଠାଣ ହୋଇଥିବା ନେଇ କେତେଜଣ ଛାତ୍ରୀଛାତ୍ର ମଙ୍ଗଳବାର କେଏସ୍‌ଇଟିର ଅଧ୍ୟକ୍ଷା ଓ ନିର୍ଦ୍ଦେଶକଙ୍କ ନାମରେ ଅଭିଯୋଗ ଆଣି ଏସ୍‌ପିଙ୍କୁ ଫେରାଦ ହୋଇଛନ୍ତି।

ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁଯାୟୀ, କଳାହାଣ୍ଡି କେଏସ୍‌ଇଟିରେ ଅଧ୍ୟୟନ କରୁଥିବା ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ସରକାର ବାର୍ଷିକ ୩୬, ୫୦୦ ଟଙ୍କା ଦେଉଛନ୍ତି। ଏହି କଲେଜରେ ଏସ୍‌ସି ଏସ୍‌ଟି ପିଲାଙ୍କ ଇଞ୍ଜିନିୟରିଂ ଡିପ୍ଲୋମା ପାଇଁ ବାର୍ଷିକ ୨୬, ୫୦୦ ଟଙ୍କା ଫି' ଥିବାବେଳେ ସ୍କୁଲ କର୍ତ୍ତୃପକ୍ଷ ସମସ୍ତ ୩୬, ୫୦୦ ଟଙ୍କା ଉଠାଇଥିବା ଛାତ୍ରୀଛାତ୍ର ଜାଣିବାକୁ ପାଇଥିଲେ। ପିଲାମାନେ ହଷ୍ଟେଲରେ ରହୁଥିବା ଦର୍ଶାଇ ସମସ୍ତ ଟଙ୍କା ଉଠାଇ ନିଆଯାଇଛି। କଲେଜ କର୍ତ୍ତୃପକ୍ଷ ପିଲାଙ୍କ ପାଇଁ ଆସୁଥିବା ସରକାରୀ ସହାୟତା ଅର୍ଥ ଉଠାଇବା ସହ ସେମାନଙ୍କ ନାମରେ ଶିକ୍ଷାଋଣ ମଧ୍ୟ ଉଠାଇଛନ୍ତି। ସେହିପରି ମାଗଣାରେ ଉଚ୍ଚଶିକ୍ଷା ପାଉଥିବାରୁ ପିଲା ଓ ସେମାନଙ୍କ ଅଭିଭାବକ କାଗଜପତ୍ରରେ ଦସ୍ତଖତ କରୁଥିଲେ ବୋଲି ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଏବେ ବ୍ୟାଙ୍କ ଓ କୋର୍ଟ ନୋଟିସ ପାଇବା ପରେ ପିଲାଙ୍କ ପରିବାର ଲୋକେ ସ୍କୁଲ କର୍ତ୍ତୃପକ୍ଷଙ୍କ ଚକ୍ରାନ୍ତ ଜାଣିପାରିଥିଲେ ବୋଲି ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି। ନବରଙ୍ଗପୁର ଜିଲାର ଚାଟିଗୁ ପାର୍ଥ ବେପାରୀ, କଳାହାଣ୍ଡି ଜିଲା କେଗାଁ ଥାନା ବୋର୍ଡାର ପ୍ରଦୀପ କୁମାର ଯାନୀ, କୁତୁରାବାହାଲି ଗ୍ରାମର ଅଶୋକ କୁମାର ବାଗ, ଭବାନୀପାଟଣା ସଦର ଥାନା ହଲଦିଗଡ଼ର ଜୟଦେବ ବାଗ, ଗୋଲାମୁଣ୍ଡା ଥାନା ଗୁଦୁ ଡୁଗୁମାର ଜୟନ୍ତୀ ସାଗର ପ୍ରମୁଖ ଛାତ୍ର ସେମାନଙ୍କ ନାମରେ ଶିକ୍ଷାଋଣ କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଏପରି ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ନାମରେ ଏଭଳି କରାଯାଇଥିବା ଏହି ଛାତ୍ରମାନେ ପ୍ରକାଶ କରିଛନ୍ତି। କେଏସ୍‌ଇଟିରେ ପ୍ରାୟ ୭୭୦ ଇଞ୍ଜିନିୟରିଂରେ ଡିପ୍ଲୋମା ପଢୁଥିବାବେଳେ ଏଏନ୍‌ଏମ୍ ୬୦ ଜଣ ପଢୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷା ଶୁଭଶ୍ରୀ ତ୍ରିପାଠୀଙ୍କୁ ପଚାରିବାରୁ ସେ ଛୁଟିରେ ଅଛନ୍ତି। ଅଧ୍ୟକ୍ଷା ଋଣ ଦିଅନ୍ତି ନାହିଁ, ବ୍ୟାଙ୍କ ଋଣ ଦିଏ ଓ ଶାଖା ପରିଚାଳକ ଏହାର ଯାଞ୍ଚ କରନ୍ତି। କେତେଜଣ ଲୋକ ବଦନାମ କରିବାକୁ ତାଙ୍କୁ ଏଭଳି ହାରାସ୍‌ମେଣ୍ଟ କରୁଥିବା ସେ କହିଛନ୍ତି। କଲେଜ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ମିଶ୍ରଙ୍କୁ ତାଙ୍କ ଫୋନ ନମ୍ବର ୯୪୩୭୦୯୧୦୯୨ରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ଯୁବକଙ୍କ ଗଳାକାଟି ହତ୍ୟା

**୨ ଅଟକ, ପୋଲିସର ଛାନଭିନ ଜାରି**

ଚିକିଟି,୨୯।୪(ପ୍ରକାଶ ଚନ୍ଦ୍ର ସାହୁ)


ବଳରାମ ମହାଙ୍କୁଡ (ଫାଇଲ ଫଟୋ)

ବ୍ରହ୍ମପୁର ପୋଲିସ ଜିଲା କେ. ନୂଆଗାଁ ଥାନା ଚିକିଟି ଫାଣ୍ଡି ଅନ୍ତର୍ଗତ ଧାନଘର ଛକ ଠାରୁ ମା' ବାଳକୁମାରୀ ମନ୍ଦିର ଯିବା ରାସ୍ତାର ଏକ ପୋଖରୀ ନିକଟରେ ଜଣେ ଯୁବକଙ୍କ ଗଳାକାଟି ହତ୍ୟା କରାଯାଇଛି। ମୃତକ ହେଲେ ରାମଚନ୍ଦ୍ରପୁର ପଞ୍ଚାୟତ ରାମପୁର ଗ୍ରାମର ବଳରାମ ମହାଙ୍କୁଡ (୩୫)। ତାଙ୍କ ବାପା ବାଲ୍ମୀକି ମହାଙ୍କୁଡଙ୍କ ଅଭିଯୋଗ ପରେ କେ.ନୂଆଗାଁ ଥାନାରେ ନଂ.୧୪୭/୨୫ରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ପୁଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ବାଲ୍ମୀକି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରୁଥିବା ପୋଲିସ ଧାନଘର ଅଞ୍ଚଳର ଦୁଇଜଣଙ୍କୁ ଧରିଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ବଳରାମଙ୍କ କାହାସହିତ ଶତ୍ରୁତା ନ ଥିବା ପରିବାର ଲୋକେ କହୁଥିବା ବେଳେ ପୋଲିସ ଘଟଣାର ଛାନଭିନ ଜାରି ରଖି ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ପ୍ରାଥମିକ ତଦନ୍ତରୁ ବଳରାମଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ମୃତକଙ୍କ ପକେଟରୁ ମିଳିଥିବା ମୋବାଇଲ ଅପରାଧୀଙ୍କୁ ଚିହ୍ନଟ କରାଇବାରେ ସହାୟକ ହେବ। ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ କହିଛନ୍ତି।

ଖବରରୁ ଜଣାପଡିଛି, ବଳରାମ ରାଜ୍ୟ ବାହାରେ ଏକ କମ୍ପାନୀରେ କାମ କରୁଥିଲେ। ମାସେ ତଳେ ସେ ଗାଁକୁ ଫେରି ତାଙ୍କ ପିକଅପ୍ ଭ୍ୟାନ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। କିଛିଦିନ ହେଲା ସେ ଏକ ବୁଲେଟ୍ ମୋଟରସାଇକେଲ (ନଂ.ଓଡ଼ି ୦୭ ଏଭି-୫୩୫୯) କିଣିଥିଲେ। ସୋମବାର ରାତିରେ ଚିକିଟିପେଣ୍ଠ ଗ୍ରାମରେ ରହୁଥିବା ଭଉଣୀଙ୍କ ଘରକୁ ଯାଉଛି କହି ବଳରାମ ଘରୁ ବୁଲେଟ ନେଇ ଯାଇଥିଲେ। ମାତ୍ର ସକାଳେ ରାସ୍ତା କଡରୁ ତାଙ୍କ ମୃତଦେହ ମିଳିଥିଲା। ପୋଲିସ ତଦନ୍ତ ବେଳେ ଘଟଣାସ୍ଥଳରୁ ବଳରାମଙ୍କ ବୁଲେଟ ଓ ମୋବାଇଲ ଫୋନ ଜବତ କରିଛି। ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, କେ.ନୂଆଗାଁ ଆଇଆଇସି କିଶୋର ସାମଲ, ଚିକିଟି ଫାଣ୍ଡି ଅଧିକାରୀ ରଞ୍ଜିତ ମହାପାତ୍ର ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି। ମୃତଦେହ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।

## ଗଞ୍ଜେଇ ଜବତ, ସମିତିସଭ୍ୟଙ୍କ ବାପା ଗିରଫ

ଝାରସୁଗୁଡା, ୨୯।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା କୋଲାବିରା ବ୍ଲକ ରଘୁନାଥପାଲି ପଞ୍ଚାୟତ ଅଧୀନ ପାଇକପଡା ଗ୍ରାମର ଏକ ଘରେ ମଙ୍ଗଳବାର ଅବକାରୀ ବିଭାଗ ଚଢ଼ାଉ କରି ୨ କେଜି ୪୫୦ ଗ୍ରାମ୍ ଗଞ୍ଜେଇ ଜବତ କରିଛି। ଏହି ବେଆଇନ ନିଶା କାରବାରରେ ସମ୍ପୃକ୍ତ ରଘୁନାଥପାଲି ସମିତିସଭ୍ୟଙ୍କ ବାପା ବୀରେନ୍ଦ୍ର ନାଇକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବୀରେନ୍ଦ୍ର ତାଙ୍କ ଘରେ ଗଞ୍ଜେଇ ରଖିଥିବା ଖବରପାଇ ଝାରସୁଗୁଡା ଅବକାରୀ ବିଭାଗ ଏସ୍‌ଆଇ ଗୋବିନ୍ଦ ନାଇକ ଟିମ୍ ସହାୟତାରେ ଚଢ଼ାଉ କରିଥିଲେ। ଏହି ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ତେବେ ଗଞ୍ଜେଇ କିଏ ବିକ୍ରି କରୁଥିଲେ ସେ ନେଇ ତଦନ୍ତ ଜାରି ରହିଛି।

## ବନ୍ଧୁକ ଧରି ମଜାମସ୍ତି ବେଳେ ଫୁଟିଲା

**ରାଜଗାଙ୍ଗପୁରରେ ଗୁଳିକାଣ୍ଡ, ଯୁବକ ଆହତ**

ରାଜଗାଙ୍ଗପୁର,୨୯।୪(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବାଣ୍ଟୁପଡ଼ାଠାରେ ମଙ୍ଗଳବାର ଅପରାହ୍ନ ୩ଟାରେ ଗୁଳିକାଣ୍ଡ ଘଟି ଜଣେ ଯୁବକ ଆହତ ହୋଇଛନ୍ତି। ୫ଜଣ ସାଙ୍ଗ ବନ୍ଧୁକ ଧରି ମଜାମସ୍ତି କରୁଥିବା ବେଳେ ଗୁଳିଫୁଟି ଏଭଳି ଅଭାବନୀୟ ଘଟଣା ଘଟିଥିଲା। ଏଥିରେ ରାଜଗାଙ୍ଗପୁର ଇଦଗାହା ମହଲାର ମହମ୍ମଦ ସାମ୍‌ସେର(୧୯) ଆହତ ହୋଇଥିଲେ।

ସୂଚନା ମୁତାବକ, ସାମ୍‌ସେର ଓ ଆନ୍ୟ ୪ଜଣ ମିଶି ସହରର ବାଣ୍ଟୁପଡ଼ାଠାର ନିଶାସକ୍ତ ଅବସ୍ଥାରେ ଏକ ବନ୍ଧୁକ ଧରି ଟ୍ରାଏଲ କରୁଥିଲେ। ଏହି ସମୟରେ ହଠାତ୍ ବନ୍ଧୁକରୁ ଗୁଳି ଫୁଟି ଯାଇଥିଲା। ଫଳରେ ଗୁଳିଟି ସାମ୍‌ସେରଙ୍କ ବାମହାତରେ ବାଜିଥିଲା। ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ରାଜଗାଙ୍ଗପୁର ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ରାଉରକେଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। କେଉଁ କାରଣରୁ ଯୁବକମାନେ ବନ୍ଧୁକ ଟ୍ରାଏଲ କରୁଥିଲେ ଜଣାପଡ଼ି ନ ଥିବା ବେଳେ ରାଜଗାଙ୍ଗପୁର ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଡାହାଣୀ ସନ୍ଦେହରେ ମହିଳାଙ୍କୁ ହତ୍ୟା

ବିଶୋଇ(ଅମିତ ଦାସ)/ରାଇରଙ୍ଗପୁର (ମାନସ ମହାନ୍ତି),୨୯।୪

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ଜୁଡ଼ିଆ ଗ୍ରାମରେ ମଙ୍ଗଳବାର ଅପରାହ୍ନ ୩ଟାରେ ଡାହାଣୀ ସନ୍ଦେହକୁ ନେଇ ଏକ ଅଭାବନୀୟ ଘଟଣା ଘଟିଛି। ସମ୍ପର୍କୀୟ ପୁତୁରା ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଖୁଡ଼ୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିବା ଚର୍ଚ୍ଚାର ବିଷୟ ହୋଇଛି। ମୃତ ମହିଳା ହେଲେ ଶାକର ହେମ୍ବ୍ରମ(୫୭)। ଅଭିଯୁକ୍ତ ଦୁଲାରାମ ହେମ୍ବ୍ରମ(୨୮)ଙ୍କୁ ପୋଲିସ ଗିରଫ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଦୁଲାରାମଙ୍କ ୫ ବର୍ଷ ପୁଅର ମୃତ୍ୟୁ ହେବା ପରେ ସେ ତାଙ୍କ ଖୁଡ଼ୀ ଶାକରଙ୍କୁ ଡାହାଣୀ ସନ୍ଦେହ କରିଆସୁଥିଲେ। ମଙ୍ଗଳବାର ଶାକର ଖାଇସାରି ପିଣ୍ଡାରେ ବସିଥିବା ବେଳେ ଦୁଲାରାମ ଏକ ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ପ୍ରବଳ ରକ୍ତସ୍ରାବ ହେବା ସହ ଘଟଣାସ୍ଥଳରେ ଶାକରଙ୍କ ମୃତ୍ୟୁ ହୋଇଥିଲା। ପରେ ଅଭିଯୁକ୍ତ ଥାନାରେ ପହଞ୍ଚି ଅପରାଧ ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ହତ୍ୟା ମାମଲା(ନଂ.୮୩/୨୫) ରୁଜୁ କରିଛି।

# ପ୍ରତିଶୋଧ ପାଇଁ ପ୍ରେମିକାଙ୍କ ନ୍ୟୁଡ୍ ଫଟୋ ଭାଇରାଲ


ଗିରଫ ଅଭିଯୁକ୍ତ ସୁମିତ କୁମାର ଦାସ।

**ଅଭିଯୁକ୍ତ ପ୍ରେମିକ ଗିରଫ**

ଭୁବନେଶ୍ୱର,୨୯।୪(ସତ୍ୟଜିତ୍ ରାଉତ)

ସମ୍ପର୍କରେ ତିକ୍ତତା ପରେ ପ୍ରତିଶୋଧ ପରାୟଣ ହୋଇପଡିଥିଲେ ପ୍ରେମିକ। ପ୍ରେମିକାଙ୍କ ନାଁରେ ସୋସିଆଲ ମିଡିଆରେ ଫେକ୍ ଆଇଡି ଖୋଲି ନଗ୍ନ(ନ୍ୟୁଡ) ଫଟୋ ଛାଡ଼ିଥିଲେ। ଏହି ଘଟଣାରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହେଲେ ଭଦ୍ରକ ଜିଲା ଧୁଷୁରୀ ଥାନା ଅନ୍ତର୍ଗତ ଭଣ୍ଡାରୀପଡ଼ା ଗାଁର ସୁମିତ କୁମାର ଦାସ। ସୋମବାର ରାତିରେ କୋର୍ଟ ଚାଲାଣ କରାଯାଇଥିବାବେଳେ ସୁମିତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମାମଲା ଅନୁଯାୟୀ, ୪ରୁ ୫ ବର୍ଷ ହେବ ଅଭିଯୋଗକାରିଣୀ ଭଦ୍ରକର ଯୁବତୀ ଅଭିଯୁକ୍ତ ସୁମିତଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ। ପରେ ସୁମିତ ମିଥ୍ୟା ଆରୋପ ଲଗାଇ ପୀଡ଼ିତା ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଗାଳିଗୁଲଜ କରିଥିଲେ। ଏହି କାରଣରୁ ଯୁବତୀ ଜଣକ ତାଙ୍କଠାରୁ ଦୂରେଇ ଯାଇଥିଲେ। ଫଳରେ ସୁମିତ ରାଗିଯିବା ସହ ତାଙ୍କଠାରୁ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ବିଭିନ୍ନ ଉପାୟରେ ପ୍ରେମିକା ଓ ତାଙ୍କ ପରିବାର ଲୋକଙ୍କୁ ହଇରାଣ କରିଥିଲେ। ପ୍ରେମିକାଙ୍କ ନାଁରେ ସୁମିତ ଫେସବୁକରେ ୨ଟି ଓ ଇନ୍‌ଷ୍ଟାଗ୍ରାମରେ ଗୋଟିଏ ଫେକ୍ ଆକାଉଣ୍ଟ ଖୋଲିଥିଲେ। ଏଡିଟ୍ କରି ପ୍ରେମିକାଙ୍କ ନ୍ୟୁଡ ଫଟୋ ଶେୟାର କରିଥିଲେ। ୭ ମାସ ହେଲା ସୁମିତ ଏଭଳି ନିର୍ଯାତନା ଦେଉଥିଲେ। ଭୁବନେଶ୍ୱରରେ ଚାକିରି କରୁଥିବା ପ୍ରେମିକା ଜଣକ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏପ୍ରିଲ ୧୦ରେ ପୋଲିସ ଏକ ମାମଲା (ନଂ.୬୦/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# କୋଲକାତାର ଦୃଢ଼ ବ୍ୟାଟିଂ



ଶଟ୍ ଖେଳିବା ଅବସରରେ ରିଙ୍କୁ ସିଂ।

ଦିଲ୍ଲୀ,୨୯।୪

ଚଳିତ ଆଇପିଏଲ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଓ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା କେକେଆର୍ ପ୍ରତିପକ୍ଷ ଦିଲ୍ଲୀ ସମ୍ମୁଖରେ ୨୦୫ ରନର ଟାର୍ଗେଟ ଧାର୍ଯ୍ୟ କରିଛି।

ଟସ୍ ଜିତି ଦିଲ୍ଲୀ ଦଳର ଅଧିନାୟକ ଅକ୍ଷର ପଟେଲ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା କୋଲକାତାକୁ ରହମାନୁଲା ଗୁରବାଜ ଓ ସୁନୀଲ ନାରିନ ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୁହେଁ ୩ ଓଭରରେ ୪୮ ରନ କରିଥିଲେ। ଗୁରବାଜ ୧୨ ବଲରେ ୫ ଚୌକା ଓ ୧ ଛକା ସହିତ ୨୬ ଏବଂ ନାରିନ ୧୬ ବଲରେ ୨ ଲେଖାଏ ଚୌକା ଓ ଛକା ସହିତ ୨୭ ରନ କରି ଆଉଟ୍ ହୋଇଥିଲେ। ନଂ-୩ରେ ଆସିଥିବା ଅଧିନାୟକ ଅଜିଙ୍କ୍ୟ ରାହାନେ ୧୪ ବଲରେ ୪ ଚୌକା ଓ ୧ ଛକା ସହିତ ୨୬ ରନ କରିଥିଲେ। ଭେଙ୍କଟେଶ ଆୟାର (୭) ପ୍ରଭାବୀ ଇନିଂସ ଖେଳିବାରେ ବିଫଳ ହୋଇଥିଲେ। ଏହାପରେ ଅଙ୍ଗକ୍ରିଶ ରଘୁବଂଶୀ ଓ ରିଙ୍କୁ ସିଂ ପଞ୍ଚମ ଉଇକେଟରେ ୬୧ ରନ ଯୋଡ଼ିଥିଲେ। ରଘୁବଂଶୀ ୩୨ ବଲରେ ୪୪ (୩ ଚୌକା ଓ ୨ ଛକା) ଏବଂ ରିଙ୍କୁ ୨୫ ବଲରେ ୩୬ (୩ ଚୌକା ଓ ୧ ଛକା) ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ଆନ୍ଦ୍ରେ ରସେଲ ୨ ଚୌକା ଓ ୧ ଛକା ସହିତ ୧୭ ରନ କରି ଦଳୀୟ ସ୍କୋରକୁ ୨୦୦ ପାର ପହଞ୍ଚାଇଥିଲେ। ଫଳରେ କେକେଆର୍ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୦୪ ରନ କରିବାକୁ ସକ୍ଷମ ହୋଇଛି। ଦିଲ୍ଲୀ ପକ୍ଷରୁ ମିଚେଲ ଷ୍ଟାର୍କ ୩ ଉଇକେଟ ନେଇଥିବା ବେଳେ ଅକ୍ଷର ପଟେଲ ଓ ବିପ୍ରଜ ନିଗମ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୨୦୪/୯ (ଅଙ୍ଗକ୍ରିଶ ରଘୁବଂଶୀ-୪୪, ରିଙ୍କୁ ସିଂ-୩୬, ସୁନୀଲ ନାରିନ-୨୭, ରହମାନୁଲା ଗୁରବାଜ-୨୬,ମିଚେଲ ଷ୍ଟାର୍କ-୨/୪୩, ଅକ୍ଷର ପଟେଲ-୨/୨୭, ବିପ୍ରଜ ନିଗମ-୨/୪୧)।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ଚେନ୍ନାଇ ବନାମ ପଞ୍ଜାବ**

ସ୍ଥାନ: ଚେନ୍ନାଇ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୦ | ୧୨ | +୦.୮୮୯ |
| ଗୁଜରାଟ ଟାଇଟନ୍ସ | ୯ | ୬ | ୩ | ୦ | ୧୨ | +୦.୭୪୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୬ | ୩ | ୦ | ୧୨ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୯ | ୫ | ୩ | ୧ | ୧୧ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୫ | ୧ | ୭ | +୦.୨୧୨ |
| ରାଜସ୍ଥାନ ରୟାଲ୍ସ | ୧୦ | ୩ | ୭ | ୦ | ୬ | -୦.୩୪୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | -୧.୧୦୩ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୨ | ୭ | ୦ | ୪ | -୧.୩୦୨ |

# ଓଡ଼ିଶାରେ ତୃଣମୂଳ ସ୍ତରରୁ ଭଲିବଲର ବିକାଶ ହେବ

ଭୁବନେଶ୍ୱର,୨୯।୪(ଅନାଦି କର)

କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସୋମବାର ତାଙ୍କର ସୁଇଜରଲାଣ୍ଡ ଗସ୍ତରେ ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ (ଏଫ୍‌ଆଇଭିବି) ଓ ଭଲିବଲ ଫେଡେରେଶନ ସହିତ ଏହାର ମୁଖ୍ୟ କାର୍ଯ୍ୟାଳୟରେ ଲମ୍ବା ସମୟ ଧରି ବିଚାର ବିମର୍ଶ କରିଛନ୍ତି। ଅଚ୍ୟୁତ ସାମନ୍ତଙ୍କୁ ଏଫ୍‌ଆଇଭିବି ପକ୍ଷରୁ ଆମନ୍ତ୍ରଣ କରାଯାଇଥିଲା।

ଏଫ୍‌ଆଇଭିବି ଅଧିକାରୀଙ୍କ ସହ ହୋଇଥିବା ଏହି ବୈଠକରେ ଭାରତ ତଥା ନିର୍ଦ୍ଦିଷ୍ଟ ଭାବେ ଓଡ଼ିଶାରେ ଥିବା ସ୍କୁଲରେ ତୃଣମୂଳ ସ୍ତରରୁ ଭଲିବଲ କ୍ରୀଡ଼ାର ବିକାଶ ଆଲୋଚନାର ମୁଖ୍ୟ ବିଷୟ ବସ୍ତୁ ଥିଲା। ଏହି ବୈଠକରେ ଡ. ସାମନ୍ତଙ୍କ ସହିତ ଏଫ୍‌ଆଇଭିବି ଭଲିବଲ ଫାଉଣ୍ଡେଶନ ସଭାପତି ଡ. ଆରି ଗ୍ରାକା, ଏଫ୍‌ଆଇଭିବି ସଭାପତି ଫାବିଓ ଆଜେଭେଡୋ ଓ ଏଫ୍‌ଆଇଭିବି ଡାଇରେକ୍ଟର ଜେନେରାଲ ଷ୍ଟିଭ ଟୁଟନ ଯୋଗ ଦେଇଥିଲେ। ଏହି ବୈଠକ ଅବସରରେ ଏଫ୍‌ଆଇଭିବି ଭାରତରେ ଭଲିବଲ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଲାଗି କିଟ ଓ କିସଠାରେ ବହୁ ସେଣ୍ଟର ଅଫ ଏକ୍ସିଲେନ୍ସ ପ୍ରତିଷ୍ଠା କରାଯାଇଥିବା ଘୋଷଣା କରାଯାଇଛି। ଏହି ସେଣ୍ଟରଗୁଡ଼ିକ ଉଭୟ ଖେଳାଳି ଓ କୋଚ୍‌ଙ୍କୁ ଅତ୍ୟାଧୁନିକ ଟ୍ରେନିଂ ଯୋଗାଇବ। ଏଥିସହିତ ଭଲିବଲ କୋଚ୍ ଓ ରେଫରୀମାନଙ୍କ ଲାଗି ଏକ ଏକାଡେମୀକ ପ୍ରୋଗ୍ରାମ କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ ଓଡ଼ିଶାର ୪୦୦ ସ୍କୁଲକୁ ସାମିଲ କରିବା ଲାଗି ଏଫ୍‌ଆଇଭିବି ପ୍ରତିବଦ୍ଧ। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ସ୍କୁଲକୁ ଭଲିବଲ ଓ ନେଟ୍ସ ପ୍ରଦାନ କରାଯିବ। ଭାରତରେ ଉପକୂଳ ଅଞ୍ଚଳରେ ବିଚ ଭଲିବଲକୁ ପ୍ରୋତ୍ସାହନ ଦେବା ଲାଗି ଏଫ୍‌ଆଇଭିବି କୋଚ ମଧ୍ୟ ଯୋଗାଇବ। ପ୍ରତ୍ୟେକ ବର୍ଷ ଓଡ଼ିଶାରେ ଭଲିବଲର ବିକାଶ ଲାଗି ନିଆଯାଉଥିବା ପଦକ୍ଷେପକୁ ରିଭ୍ୟୁ କରିବା ଲାଗି ଏଫ୍‌ଆଇଭିବି କିଟ୍ ଓ କିସ ପରିଦର୍ଶନ କରିବେ। ଆଲୋଚନାରେ ସନ୍ତୋଷ ବ୍ୟକ୍ତ କରି ଡ. ସାମନ୍ତ କହିଛନ୍ତି ଯେ, ଏହି ସହଭାଗୀଦାରିତା ଯୋଗୁ ଓଡ଼ିଶାରେ ଉଭୟ ଭଲିବଲ ଓ ବିଚ୍ ଭଲିବଲ କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ଆସିବ ଏବଂ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାବାନ ଖେଳାଳିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇପାରିବ।



ଏଫ୍‌ଆଇଭିବି ଅଧିକାରୀଙ୍କ ସହ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।


## ରାପିଡ୍‌ରେ ଚିଦାମ୍ବରମ ମିଳିତ ପ୍ରଥମ

**ୱ୍ରସ (ପୋଲାଣ୍ଡ), ୨୯।୪ (ପି.ଟି.):** ଭାରତୀୟ ଗ୍ରାଣ୍ଡ ମାଷ୍ଟର ଅରବିନ୍ଦ ଚିଦାମ୍ବରମ ତାଙ୍କ ଫାଇନାଲ ଗେମ୍‌ରେ ଫ୍ରେଞ୍ଚ ଖେଳାଳି ଅଲିରେଜା ଫିରୋଜାଙ୍କୁ ପରାସ୍ତ କରିବା ଦ୍ୱାରା ଏଠାରେ ଚାଲିଥିବା ସୁପରବେଟ୍ ରାପିଡ୍ ଓ ବ୍ଲିଜ୍ ଟୁର୍ନାମେଣ୍ଟର ରାପିଡ୍ ବିଭାଗରେ ୧୧ ପଏଣ୍ଟ ସହ ମିଳିତ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଗ୍ରାଣ୍ଡ ଚେସ୍ ଟୁର୍‌ର ଅଂଶବିଶେଷ ଏହି ଟୁର୍ନାମେଣ୍ଟରେ ଭାରତୀୟ ୱାଇଲ୍ଡ କାର୍ଡ ଖେଳାଳି ଫିରୋଜା ଓ ସ୍ଲୋଭେନିଆର ଭ୍ଲାଡିମିର ଫିଦୋସିଭଙ୍କ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଷ୍ଟାର ପ୍ରଦର୍ଶନକାରୀ ଆର. ପ୍ରଜ୍ଞାନନ୍ଦ ଇଭେଣ୍ଟରେ ଦୃଢ ପ୍ରତ୍ୟାବର୍ତ୍ତନ ସହ ମିଳିତ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ସେ ଗତ ଦୁଇ ରାଉଣ୍ଡ ଖେଳରେ ଯଥାକ୍ରମେ ରୋମାନିଆର ଡେଭିଡ୍ ଗାଭ୍ରିଲେସ୍କୁ ଓ ଡୁଡାଙ୍କ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଥିଲେ। ଭାରତୀୟ ଖେଳାଳି ୧୦ ପଏଣ୍ଟ ସହ ଆମେରିକୀୟ ଖେଳାଳି ଲେଭନ ଆରୋନିଆନଙ୍କ ସହ ମିଳିତ ୪ର୍ଥ ସ୍ଥାନରେ ରହିଛନ୍ତି।

# ପର୍ସେଲ ୧୮ ମାସ ବାସନ୍ଦ

ସିଡ୍‌ନୀ, ୨୯।୪ (ଏପି)

ଡୋପିଂ ନିରୋଧୀ ନିୟମକୁ ଉଲ୍ଲଂଘନ କରିଥିବା ଅଭିଯୋଗରେ ଦୁଇଥର ଗ୍ରାଣ୍ଡସ୍ଲାମ ଡବଲ୍ସ ଚାମ୍ପିୟନ ମାକ୍ସ ପର୍ସେଲ ୧୮ ମାସ ବାସନ୍ଦ ଦଣ୍ଡକୁ ଗ୍ରହଣ କରିଛନ୍ତି। ଇଣ୍ଟରନ୍ୟାଶନାଲ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସି (ଆଇଟିଆଇଏ) ମଙ୍ଗଳବାର ଏହା ପ୍ରକାଶ କରିଛି। ଜଣେ ପ୍ରଫେଶନାଲ ଆଥ୍‌ଲେଟ ୧୨ ଘଣ୍ଟା ମଧ୍ୟରେ ସର୍ବାଧିକ ୧୦୦ ମିଲିଲିଟର ପର୍ଯ୍ୟନ୍ତ ଭିଟାମିନର ଶିରାଭ୍ୟାସ ଇନ୍‌ଫ୍ୟୁଜନ ବ୍ୟବହାର କରିବାକୁ ଅନୁମତି ରହିଛି, ଯାହା ଶରୀରକୁ ଅଧିକ ଶକ୍ତିଶାଳୀ କରିଥାଏ। ତେବେ ଅଷ୍ଟ୍ରେଲିଆର ଏହି ୨୭ବର୍ଷୀୟ ଖେଳାଳି ଏହାଠାରୁ ୫୦୦ ମିଲିଲିଟରରୁ ଅଧିକ ଇନ୍‌ଫ୍ୟୁଜନ ବ୍ୟବହାର କରିଥିଲେ। ଏହି ମାମଲାରେ ଗତ ଡିସେମ୍ବର ମଧ୍ୟଭାଗରେ ପର୍ସେଲଙ୍କୁ ତୁରନ୍ତ ସାମୟିକ ବାସନ୍ଦ କରାଯାଇଥିଲା। ଏକ ତଦନ୍ତ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପର୍ସେଲ କହିଛନ୍ତି, ସେ ଜଣେ ପ୍ରଫେଶନାଲ ଖେଳାଳି ହୋଇଥିବାରୁ ଇନ୍‌ଫ୍ୟୁଜନ ୧୦୦ ମିଲିଟରୁ କମ୍ ହେବା ଆବଶ୍ୟକ ବୋଲି ସେ କ୍ଲିନିକ୍‌କୁ ଜଣାଇଥିଲେ। ତେଣୁ ସେ ଜାଣିଶୁଣି ଏହି ଭଲକାର୍ଯ୍ୟ କରିନାହାନ୍ତି। ତଦନ୍ତ କାର୍ଯ୍ୟରେ ସହଯୋଗ କରିବା ସହ ଆବଶ୍ୟକ ତଥ୍ୟ ଯୋଗାଇଦେଇଥିବାରୁ ପର୍ସେଲଙ୍କ ଦଣ୍ଡର ପରିମାଣ ୨୫% ହ୍ରାସ କରାଯାଇଥିଲା।



## ଖୁବ୍ ଶୀଘ୍ର ଭାରତୀୟ ଦଳରେ ବୈଭବ

**ପାଟନା,୨୯।୪:** ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଆଉ ବର୍ଷେ କି ଦୁଇ ବର୍ଷ ମଧ୍ୟରେ ଭାରତୀୟ ଟି୨୦ ଦଳରେ ସ୍ଥାନ ପାଇପାରନ୍ତି ବୋଲି ତାଙ୍କ ପିଲାଦିନର କୋଚ୍ ମନୀଷ ଓଝା ଆଶା ବ୍ୟକ୍ତ କରିଛନ୍ତି। ସୂର୍ଯ୍ୟବଂଶୀ ସୋମବାର ୩୮ ବଲରେ ୧୦୧ ରନର ଇନିଂସ ଖେଳି ୧୪ ବର୍ଷ ଓ ୩୨ ଦିନ ବୟସରେ ଆଇପିଏଲ୍‌ର ସର୍ବକନିଷ୍ଠ ଶତକ ହାସଲକାରୀ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଜଣେ କୋଚ୍ ଭାବେ ଏହା ମୋ ପାଇଁ ଗର୍ବିତ କଲା ଭଳି ମୁହୂର୍ତ୍ତ। କ୍ରୀଡ଼ା କ୍ଷେତ୍ରରେ ଶକ୍ତିଶାଳୀ ନ ଥିବା ବିହାର ଭଳି ରାଜ୍ୟ ଲାଗି ଏହା ଏକ ସୂର୍ଯ୍ୟଙ୍କ ଆଲୋକ ଭଳି। ସେ ଅନେକ ଲୋକଙ୍କୁ ମୋଟିଭେଟ କରିବେ। ସେ ଭାରତର କ୍ରିକେଟ ମ୍ୟାପ୍‌ରେ ବିହାରକୁ ସ୍ଥାନିତ କରିଛନ୍ତି। ମୋ ମତରେ ସେ ଯଦି ଏଭଳି ଖେଳିବା ଜାରି ରଖନ୍ତି, ତେବେ ତାଙ୍କୁ ବର୍ଷେ କି ଦୁଇ ବର୍ଷରେ ନିଶ୍ଚିତ ଭାବେ ଭାରତୀୟ ଟି୨୦ ଦଳରେ ସ୍ଥାନ ମିଳିବ ବୋଲି ଓଝା କହିଛନ୍ତି। ଏତଦ୍ ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ଆମେ ତାଙ୍କୁ ପ୍ରଶିକ୍ଷଣ ଦେଇଛୁ। ହେଲେ ତାଙ୍କ ପାଖରେ ଜନ୍ମରୁ ପ୍ରତିଭା ଥିଲା। ତାଙ୍କ ପାଖରେ ଶିଖିବାର ମାନସିକତା ରହିଛି। ଯାହାବି ତାଙ୍କୁ କୁହାଯାଏ, ସେ ତାହାକୁ ତୁରନ୍ତ ଶିଖି ନିଅନ୍ତି। ସେ ଆରମ୍ଭରୁ ଖୁବ ଆଗ୍ରେସିଭ ଖେଳାଳି ଥିଲେ। ସେ ଶଟ୍ ଖେଳିବାକୁ ଭଲ ପାଆନ୍ତି। ଏକଦା ସେ ମୋତେ କହିଥିଲେ ଯେ, ଯଦି ମୁଁ ଛକା ମାରିପାରିବି, ତେବେ ମୋତେ ସିଙ୍ଗଲ କିମ୍ବା ଡବଲ ନେବା ଦରକାର ନାହିଁ।



ଏସୀୟ ଜୁ-ଜିତ୍ସୁ ପ୍ରତିଯୋଗିତା ପାଇଁ ମନୋନୀତ ୪ ଓଡ଼ିଆ ଖେଳାଳି କର୍ମକର୍ତ୍ତାଙ୍କ ସହ।

# ଭାରତୀୟ ଦଳରେ ୪ ଓଡ଼ିଆ

ଭୁବନେଶ୍ୱର,୨୯।୪(ଅନାଦି କର)

**ଏସୀୟ ଜୁ-ଜିତ୍ସୁ ପ୍ରତିଯୋଗିତା**

ଆସନ୍ତା ମେ' ୨୧ରୁ ୨୫ ତାରିଖ ମଧ୍ୟରେ ଜୋର୍ଡାନଠାରେ ନବମ ଏସୀୟ ଜୁ-ଜିତ୍ସୁ ପ୍ରତିଯୋଗିତା ହେବାକୁ ଯାଉଛି। ଏଥିଲାଗି ଗତ ୨୭ ତାରିଖରେ ଉତ୍ତରାଖଣ୍ଡର ହଲଦ୍ୱାନୀଠାରେ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ଏସୀୟ ଜୁ-ଜିତ୍ସୁ ପଦକ ବିଜେତା ଅନୁପମା ସ୍ୱାଇଁଙ୍କ ବ୍ୟତୀତ ପୁରୁଷ ବରିଷ୍ଠ ୭୭ କେଜି ବର୍ଗରେ ସନ୍ତୋଷ ସିଂ, ପୁରୁଷ ବରିଷ୍ଠ ୬୯ କେଜି ବର୍ଗରେ ସ୍ୱରାଜ ଯାନୀ ଓ ପୁରୁଷ ବରିଷ୍ଠ ୬୨ କେଜି ବିଭାଗରେ ଦେବାଶିଷ ସାମନ୍ତରାଏଙ୍କୁ ଭାରତୀୟ ଦଳରେ ମନୋନୀତ କରାଯାଇଛି। ଗତ ୫ଟି ଏସୀୟ ପ୍ରତିଯୋଗିତାର ପଦକ ବିଜେତା ଓ ଏସିଆନ ଗେମ୍ସରେ ଭାଗ ନେଇଥିବା ଅନୁପମା ସ୍ୱାଇଁ ଆସନ୍ତା ଏସୀୟ ପ୍ରତିଯୋଗିତାରେ ବରିଷ୍ଠ ମହିଳା ୫୨ କେଜି ବର୍ଗରେ ଭାଗ ନେବେ।

ଉତ୍ତରାଖଣ୍ଡର ହଲଦ୍ୱାନୀରେ ଅନୁଷ୍ଠିତ ଜୁ-ଜିତସୁ ପ୍ରଶିକ୍ଷଣ ଶିବିରରେ ହୋଇଥିବା ଏନ୍‌ଆଇ-ୱାଜା ବିଭାଗର ଗ୍ରେଡ-ଏ ରେଫରୀ ପରୀକ୍ଷାରେ ଓଡ଼ିଶାର ତନେଶ ପୁନୀତ ଲେଙ୍କା ଓ ସ୍ୱରାଜ ଯାନୀ କୃତକାର୍ଯ୍ୟ ହୋଇଛନ୍ତି। ଭାରତୀୟ ଦଳରେ ମନୋନୀତ ସମସ୍ତ ପ୍ରତିଯୋଗୀ ଓ ରେଫରୀଙ୍କୁ ଓଡ଼ିଶା ଜୁ-ଜିତସୁ ସଂଘ ତରଫରୁ ଶୁଭେଚ୍ଛା ଦିଆଯାଇଛି।

## ଇଣ୍ଡୋନେସିଆଠାରୁ ହାରି ଭାରତର ବିଦାୟ

**ଜିଆମେନ୍, ୨୯।୪ (ପି.ଟି.):** ଭାରତର ସିଙ୍ଗଲ୍ସ ଷ୍ଟାର ଖେଳାଳି ପି.ଭି ସିନ୍ଧୁ ଓ ଏଚ୍‌ଏସ୍ ପ୍ରଣୟଙ୍କର ପ୍ରଦର୍ଶନ ପୁଣି ନୈରାଶ୍ୟଜନକ ରହିଛି। ମଙ୍ଗଳବାର ବିଡବ୍ଲ୍ୟୁଏଫ୍ (ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ) ସୁଦିରମାନ କପ୍ ଫାଇନାଲ୍ସର ଗ୍ରୁପ୍ 'ଡି'ରେ ଇଣ୍ଡୋନେସିଆ ୪-୧ରେ ନିକଟରୁ ହାରିଯାଇଛି ଭାରତ। ଏଥିସହିତ ଦଳ ଟୁର୍ନାମେଣ୍ଟରୁ ବିଦାୟ ନେଇଛି। ରବିବାର ଦଳ ଏହାର ଓପନିଂ ମ୍ୟାଚ ଡେନମାର୍କଠାରୁ ୪-୧ରେ ପରାଜିତ ହୋଇଥିଲା। ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବାକୁ ହେଲେ ଦଳକୁ ମଙ୍ଗଳବାର ଏହି ମ୍ୟାଚ ଜିତିବା ଜରୁରୀ ଥିଲା। ଭାରତ ଏହାର ଶେଷ ଗ୍ରୁପ୍ ମ୍ୟାଚ ଇଂଲଣ୍ଡ ବିପକ୍ଷରେ ଖେଳିବ।

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

କଲମ୍ବୋ, ୨୯।୪ (ପି.ଟି.)

ଭେଟେରାନ ଅଫ୍-ସ୍ପିନର ସ୍ନେହ ରାଣାଙ୍କ ପ୍ରଥମ ୫ ଉଇକେଟ ସଫଳତା ସହାୟତାରେ ଭାରତ ଏଠାରେ ଚାଲିଥିବା ଏକ ଅନ୍ତର୍ଜାତୀୟ ଦିନିକିଆ ମହିଳା କ୍ରିକେଟ ସିରିଜରେ ଦକ୍ଷିଣ ଆଫ୍ରିକାକୁ ୧୫ ରନରେ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଭାରତୀୟ ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ଦଳ ରବିବାର ଏହାର ଓପନିଂ ମ୍ୟାଚରେ ଶ୍ରୀଲଙ୍କାକୁ ୯ଉଇକେଟରେ ହରାଇ ଦେଇଛି। ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଉଦୀୟମାନ ଷ୍ଟାର

**ମହିଳା ତ୍ରିରାଷ୍ଟ୍ରୀୟ କ୍ରିକେଟ ସିରିଜ**

ଖେଳାଳି ପ୍ରତୀକା ରାଓ୍ୱଲଙ୍କ ୭୮ ଏବଂ ଅଧିନାୟିକା ହରମନପ୍ରୀତ କୌର (୪୧) ଓ ଜେମିମା ରୋଡ୍ରିଗ୍ସ (୪୧)ଙ୍କ ଅବଦାନ ବଳରେ ୫୦ ଓଭରରେ ୬ ଉଇକେଟ ବିନିମୟରେ ୨୭୬ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଓପନର ତାଜ୍ମିମ ବ୍ରିଟ୍ (୧୦୯)ଙ୍କ ଆକର୍ଷଣୀୟ ଶତକ ସହାୟତାରେ ୪୯.୨ ଓଭରରେ ୨୬୧ ରନ କରିବାରେ ସମର୍ଥ ହୋଇଥିଲା। ଅଫ୍ ସ୍ପିନର ରାଣା ତାଙ୍କ ୧୦ ଓଭର ବୋଲିଂରେ ୪୩ ରନ ବିନିମୟରେ ୫ଉଇକେଟ ଅକ୍ତିଆର କରିଥିଲେ। ସେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ପ୍ରତୀକା ରାଓ୍ୱଲ

**ସଂକ୍ଷିପ୍ତ ସ୍କୋର**

ଭାରତ ମହିଳା: ୫୦ ଓଭରରେ ୨୭୬/୬ (ପ୍ରତୀକା ରାଓ୍ୱଲ-୭୮, ହରମନପ୍ରୀତ୍ କୌର-୪୧, ଜେମିମା ରୋଡ୍ରିଗ୍ସ-୪୧)। ଦକ୍ଷିଣ ଆଫ୍ରିକା ମହିଳା: ୪୯.୨ ଓଭରରେ ୨୬୧ (ତାଜ୍ମିମ ବ୍ରିଟ୍ସ-୧୦୯, ସ୍ନେହ ରାଣା-୫/ ୪୩)।

## ରେକର୍ଡ ଭାଙ୍ଗିଲେ ପ୍ରତୀକା ରାଓ୍ୱଲ

**କଲମ୍ବୋ,୨୯।୪:** ଭାରତର ଉଦୀୟମାନ ବ୍ୟାଟିଂ ସେନସେଶନ ପ୍ରତିକା ରାଓ୍ୱଲ ମଙ୍ଗଳବାର ଦ୍ରୁତତମ ବ୍ୟାଟର ଭାବେ ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ୫୦୦ ରନ ପୂରଣ କରିଛନ୍ତି। ଶ୍ରୀଲଙ୍କାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ କ୍ରିକେଟ ସିରିଜରେ ମଙ୍ଗଳବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ୭୮ ରନର ଇନିଂସ ଖେଳିବା ଅବସରରେ ସେ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ଏଥିସହିତ ସେ ଦୀର୍ଘ ବର୍ଷ ହେଲା ଇଂଲଣ୍ଡର ମହାନ୍ ଖେଳାଳି ଚାର୍ଲଟ ଏଡ୍‌ୱାର୍ଡ୍ସଙ୍କ ନାମରେ ରହିଥିବା ରେକର୍ଡ ଭଙ୍ଗ କରିଛନ୍ତି। ଚାର୍ଲଟ ୧୯୯୭ରେ ୯ଟି ଇନିଂସରେ ୫୦୦ ରନ ପୂରଣ କରିଥିଲେ। ୨୪ ବର୍ଷୀୟା ପ୍ରତିକା ଏପର୍ଯ୍ୟନ୍ତ ୮ଟି ଦିନିକିଆ ମ୍ୟାଚ୍‌ରେ ଉଲ୍ଲେଖନୀୟ ୮୧.୭୧ ଆଭରେଜ ଓ ୯୨.୭୧ ଷ୍ଟ୍ରାଇକ୍‌ରେଟରେ ୫୭୨ ରନ କରିଛନ୍ତି। ଏଥିରେ ଏକ ଶତକ ଓ ୫ଟି ଅର୍ଦ୍ଧଶତକ ରହିଛି।

# କିଟ୍, ଭଦ୍ରକ, ଢେଙ୍କାନାଳ ବିଜୟୀ

ଭୁବନେଶ୍ୱର, ୨୯।୪ (ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ପ୍ରିଲିମିନାରୀ ଲିଗ୍ ଦ୍ୱିତୀୟ ପର୍ଯ୍ୟାୟରେ କିଟ୍, ଭଦ୍ରକ ଓ ଢେଙ୍କାନାଳ ସେମାନଙ୍କ ମ୍ୟାଚରେ ବିଜୟୀ ହୋଇଛନ୍ତି। ମଙ୍ଗଳବାର ବୋଲରମାନଙ୍କ ଆଧିପତ୍ୟ ଦେଖିବାକୁ ମିଳିଛି। କଟକ ରେଭେନ୍‌ଶା ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ଜଗତ୍‌ସିଂହପୁର ବିପକ୍ଷରେ କିଟ୍ ୭ ଉଇକେଟରେ ବିଜୟ ଲାଭ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଜଗତ୍‌ସିଂହପୁର ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ମାତ୍ର ୫୭ରନ କରିଥିଲା। ବିପକ୍ଷ ଦଳର ସଫଳ ବୋଲର ବର୍ଷା ସିଂ ୧୦ ରନ ବିନିମୟରେ ୩ ଉଇକେଟ ନେଇଥିଲେ। ଜବାବରେ କିଟ୍ ୯.୫ ଓଭରରେ ୩ ଉଇକେଟ ହରାଇ ୫୮ରନ କରି ମ୍ୟାଚ ଜିତିଥିଲା। ଏଥିରେ ବର୍ଷା ସିଂ ଅଲରାଉଣ୍ଡ ପ୍ରଦର୍ଶନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୩ଟି ଉଇକେଟ ନେବା ସହ ୧୯ରନ (୨୨ ବଲ୍) କରିଥିଲେ।

ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଭଦ୍ରକ ୮ ଉଇକେଟରେ ବୌଦ୍ଧକୁ ପରାସ୍ତ କରିଛି। ବୌଦ୍ଧ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୪୬ ରନ କରିଥିଲା। ବିପକ୍ଷ ଦଳର ଅନନ୍ୟା ରାଉତ(୪-୩-୨-୩) ଓ ନମ୍ରତା ସ୍ୱାଇଁ (୪-୨-୪-୩) ୩ଟି ଲେଖାଏ ଉଇକେଟ ନେଇଥିଲେ। ଭଦ୍ରକ ୪.୫ ଓଭରରେ ୨ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଅନନ୍ୟା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଡ୍ରିମ୍ସ ଗ୍ରାଉଣ୍ଡରେ କଳାହାଣ୍ଡି ବିପକ୍ଷରେ ଢେଙ୍କାନାଳ ୯ ଉଇକେଟରେ ବିଜୟୀ ହୋଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା କଳାହାଣ୍ଡି ୧୯.୩ ଓଭରରେ ୨୮ରନ କରି ଅଲଆଉଟ ହୋଇଯାଇଥିଲା। ବିପକ୍ଷ ଦଳର ବର୍ଷା ବେହେରା (୪-୩-୧-୩) ଓ ସାଇତ୍ରିସା ପ୍ରଧାନ (୪-୧-୭-୩) ତିନୋଟି ଲେଖାଏ ଉଇକେଟ ନେଇଥିଲେ। ଢେଙ୍କାନାଳ ୪.୩ ଓଭରରେ ୧ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏଥିରେ ବର୍ଷା ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ଅନନ୍ୟା ରାଉତ



ବର୍ଷା ସିଂ



ବର୍ଷା ବେହେରା

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


Symphony®
Thinking of Tomorrow
ମା' ତ ଜଣେ ହିଁ ଅଛନ୍ତି
ଆଉ ତାଙ୍କ ପାଇଁ କେବଳ ରିମ୍‌ଝିମ୍ କୁଲିଂ
0* COST EMI
DOWN PAYMENT
PROCESSING FEE
*T&C Apply
Diet 3D 55i+
MRP (1N) : ₹13,599/-
Silenzo 100
MRP (1N) : ₹19,999/-
Arctic Circle 100
MRP (1N) : ₹18,499/-
Sumo 75 XL
MRP (1N) : ₹15,499/-
Touch 50
MRP (1N) : ₹10,999/-
Available at all leading outlets &
PATRA ELECTRONICS
RAJ ELECTRONICS
GUPTA DISTRIBUTORS
BHARAT ELECTRONICS & HOME APPLIANCES
Reliance digital
croma A TATA Enterprise
amazon
Flipkart
Symphony e-Shop
shop.symphonylimited.com
SHOP HERE
For Trade Enquiries and More Details, Contact : 87996 32726, 9337784286, 7227054734
Customer Care : 9510976161
For bulk enquiries : institutional@symphonylimited.com